# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୬/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, March 26/2025 | Page 16 | ₹ 7.00

୫୧ଶ ଭାଗ ୧୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 120 | ମୂଲ୍ୟ ₹୭/-





**ଶ୍ରେୟସ ଆୟରଙ୍କ ପ୍ରଭାବୀ ବ୍ୟାଟିଂ**

ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଆକର୍ଷଣୀୟ ଅପରାଜିତ ୯୭ ରନ କରିଛନ୍ତି ପଞ୍ଜାବ କିଙ୍ଗ୍ସ ଅଧିନାୟକ ଶ୍ରେୟସ ଆୟର। **୧୬**

**୧୦** **'ରେଡ୍ ୨': ରିତେଶଙ୍କ ଲୁକ୍ ଉପରୁ ପରଦା ଉଠିଲା**

ଅଭିନେତା ଅଜୟ ଦେବଗନ ଓ ରିତେଶ ଦେଶମୁଖଙ୍କ ଆଗାମୀ ଫିଲ୍ମ 'ରେଡ୍ ୨'ର ଦ୍ୱିତୀୟ ପୋଷ୍ଟରକୁ ମଙ୍ଗଳବାର ଜାରି କରାଯାଇଛି।




# ୩ ମାସରେ ଜଳିଲାଣି ୩,୦୩୩ ହେକ୍ଟର ଜଙ୍ଗଲ

## ବନାଗ୍ନିରେ ଓଡ଼ିଶା ଦ୍ୱିତୀୟ: ମନ୍ତ୍ରୀ ଖୁଣ୍ଟିଆ

ଭୁବନେଶ୍ୱର,୨୫।୩ (ରବିନାରାୟଣ ଜେନା)

ଚଳିତ ବର୍ଷ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସରକାର ପାନୀୟଜଳ ଓ ଅଂଶୁଘାତ ମୁକାବିଲାକୁ ଗୁରୁତ୍ୱ ଦେଉଛନ୍ତି। ହେଲେ ପ୍ରକୃତିର ସୁରକ୍ଷା ଅଭାବରୁ ଜଙ୍ଗଲାଞ୍ଚଳ ହୁତୁ ହୁତୁ ହୋଇ ଜଳୁଛି। ବିଗତ ବର୍ଷଗୁଡ଼ିକରେ ଯେତିକି ପରିମାଣର ଜଙ୍ଗଲ ଜଳିଥିବା ରେକର୍ଡ ରହିଛି ଚଳିତବର୍ଷ ଏହା ଢେର୍‌ଗୁଣରେ ବୃଦ୍ଧି ପାଇବ ବୋଲି ଏବେଠାରୁ ଆଶଙ୍କା କରାଯାଉଛି। ଗ୍ରୀଷ୍ମଋତୁ ସରିବାକୁ ଆଉ ପ୍ରାୟ ୪ ମାସ ବାକି ରହିଛି, ହେଲେ ଇତିମଧ୍ୟରେ ୩ ହଜାରରୁ ଅଧିକ ହେକ୍ଟର ଜଙ୍ଗଲ ଜଳି ପାଉଁଶ ହୋଇସାରିଲାଣି। ଜଙ୍ଗଲ ନିଆଁ ଦ୍ୱାରା ପ୍ରଭାବିତ ହେଉଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଚଳିତବର୍ଷ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି।

ମଙ୍ଗଳବାର ବିଧାୟକ ରମେଶଚନ୍ଦ୍ର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଖୁଣ୍ଟିଆ କହିଛନ୍ତି, ଗତ ତିନିମାସରେ ୩୦୩୩.୨୭ ହେକ୍ଟର ଜଙ୍ଗଲ ଜଳିସାରିଲାଣି। ରାଜ୍ୟରେ ଜଙ୍ଗଲ ନିଆଁ ମୁଖ୍ୟତଃ ଭୂପୃଷ୍ଠୀୟ। ଏଣୁ ନିଆଁ ଦ୍ୱାରା ନଷ୍ଟ ହୋଇଥିବା ଜଙ୍ଗଲ ବର୍ଷାଋତୁରେ ପୁନଃଜୀବିତ ହୋଇଥାଏ। ୨୦୨୧ରେ ସର୍ବାଧିକ ୨୮ ହଜାର ୫୬୯ ହେକ୍ଟର ଜଙ୍ଗଲ ଜଳିଯାଇଥିଲା। ସେହିଭଳି ୨୦୨୨ରେ ୮ ହଜାର ୪୩୮ ହେକ୍ଟର ଜଙ୍ଗଲ ଜଳି ପାଉଁଶ ହୋଇଥିବାବେଳେ ୨୦୨୩ ରେ ଏହି ସଂଖ୍ୟା ବଢ଼ି ୯ ହଜାର ୭୧୧ ହେକ୍ଟରରେ ପହଞ୍ଚିଥିଲା। ସେହିପରି ୨୦୨୪ରେ ବନାଗ୍ନି ୪୦୬୭ ହେକ୍ଟରକୁ ଖସିଥିଲା। ଗତ ଚାରିବର୍ଷରେ ସର୍ବମୋଟ୍ ୫୦ ହଜାର ୮୦୦ରୁ ଅଧିକ ହେକ୍ଟର ଜଙ୍ଗଲ ଜଳି ପାଉଁଶ ହୋଇଯାଇଥିବାବେଳେ ଚଳିତବର୍ଷ ଏହି ପରିମାଣ ୩୦୩୩.୨୭ ହେକ୍ଟର ରହିଛି।

ମନ୍ତ୍ରୀ ଖୁଣ୍ଟିଆ ପୁଣି କହିଛନ୍ତି, ବନାଗ୍ନିକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଜଙ୍ଗଲ ଅଗ୍ନି ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ସମସ୍ତ ଜିଲାରେ ଡିଷ୍ଟ୍ରିକ୍ଟ ଆକ୍ସନ ☞ପୃଷ୍ଠା-୪

**ବିଶୃଙ୍ଖଳିତ ଆଚରଣ: ୧୨ କଂଗ୍ରେସ ବିଧାୟକ ନିଲମ୍ବିତ**

# ନିଲମ୍ବନରୁ ହାଇଡ୍ରାମା

ଓଡ଼ିଶାରେ ଭାଜପା ସରକାର କ୍ଷମତାକୁ ଆସିବା ପରଠୁ ମହିଳା ବିରୋଧୀ ଅପରାଧ ବଢ଼ିବାରେ ଲାଗିଥିବା ଅଭିଯୋଗ ଆଣି କଂଗ୍ରେସ ଗୃହ କମିଟି ଗଠନ ଦାବିରେ ଅଟଳ ରହିଛି। ଏହି ଦାବିକୁ ନେଇ ମାର୍ଚ୍ଚ ୧୦ରୁ କଂଗ୍ରେସ ସଦସ୍ୟମାନେ ବିଧାନସଭାରେ ହଟ୍ଟଗୋଳ କରି ଗୃହକୁ ଏକପ୍ରକାର ଅଚଳ କରିଦେଇଛନ୍ତି। ମଙ୍ଗଳବାର ମଧ୍ୟ ସେମାନେ ଘଣ୍ଟ, ବାଜା, ଗିନି, ବଂଶୀ ଆଦି ବଜାଇ ପ୍ରତିବାଦ କରିଥିଲେ। ଏପରି କି ବିରୋଧୀ ସଦସ୍ୟ ହୋହଲ୍ଲା କରି ଭାଜପା ସଦସ୍ୟଙ୍କ ସହ ମୁହାଁମୁହିଁ ହୋଇଥିଲେ। ବିଧାନସଭାରେ ଚରମ ବିଶୃଙ୍ଖଳିତ ଆଚରଣ ପାଇଁ କଂଗ୍ରେସ ସଦସ୍ୟଙ୍କୁ ନିଲମ୍ବନ ଦାବିରେ ଅପରାହ୍ନରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ପ୍ରସ୍ତାବ ଆଗତ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ଏହାକୁ ଗ୍ରହଣ କରିବା ସହ କଂଗ୍ରେସର ୧୪ ସଦସ୍ୟଙ୍କ ମଧ୍ୟରୁ ୧୨ ଜଣଙ୍କୁ ଗୃହରୁ ୭ ଦିନ ପାଇଁ ନିଲମ୍ବନ କରିଛନ୍ତି। ଏହି କାର୍ଯ୍ୟାନୁଷ୍ଠାନକୁ କଂଗ୍ରେସ ସଦସ୍ୟମାନେ ଅଗଣତାନ୍ତ୍ରିକ ଦର୍ଶାଇ ରାତିରେ ବାଚସ୍ପତିଙ୍କ ପୋଡିୟମ୍ ତଳେ ଧାରଣା ଦେଇଥିବାବେଳେ ବାହାରେ ଦଳୀୟ ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପିସିସି ସଭାପତି ଭକ୍ତ ଚରଣ ଦାସ, ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ନରସିଂହ ମିଶ୍ର ଓ ଜୟଦେବ ଜେନାଙ୍କ ସମେତ ଯୁବ, ଛାତ୍ର ଓ ମହିଳା କଂଗ୍ରେସର ଅନେକ କର୍ମୀ ବିଧାନସଭାକୁ ପ୍ରବେଶ ଉଦ୍ୟମ କରୁଥିବାବେଳେ ସେମାନଙ୍କୁ ସୁରକ୍ଷାକର୍ମୀ ଅଟକାଇଥିଲେ। ଏହାକୁ ନେଇ କଂଗ୍ରେସ ନେତା ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଏବଂ ପରେ ହାତାହାତି ହୋଇଥିଲା। ବିଧାନସଭାର ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ଏହାର ଚତୁଃପାର୍ଶ୍ୱରେ ବିଏନ୍‌ଏସ୍ ୧୬୩ ଧାରା ଜାରି ସହ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ରିପୋର୍ଟ ଲେଖାଯିବା ବେଳକୁ ବିଧାନସଭା ବାହାରେ ବିକ୍ଷୋଭରତ କେତେଜଣ କଂଗ୍ରେସ କର୍ମୀ ଓ ନେତାଙ୍କୁ ପୋଲିସ ଉଠାଇନେଉଥିବା ଦେଖାଯାଇଛି।



ବିଧାନସଭା ବାହାରେ ମଙ୍ଗଳବାର ରାତିରେ ବିକ୍ଷୋଭରତ କଂଗ୍ରେସ କର୍ମୀଙ୍କୁ ପୋଲିସ ଉଠାଇ ନେଉଛି।

ଭୁବନେଶ୍ୱର,୨୫।୩(ସୁନିତ୍ ମିଶ୍ର)

**■ ସୁରକ୍ଷାକର୍ମୀ-କଂଗ୍ରେସ କର୍ମୀ ଧସ୍ତାଧସ୍ତି ■ ଦଳର ବହୁ କର୍ମୀ ଗିରଫ**

କଂଗ୍ରେସର ୧୨ ସଦସ୍ୟ ଆସନ୍ତା ୭ କାର୍ଯ୍ୟଦିବସ ଲାଗି ବିଧାନସଭାରୁ ନିଲମ୍ବିତ ହୋଇଛନ୍ତି। ଗୃହରେ ଚରମ ବିଶୃଙ୍ଖଳା କରୁଥିବା ଅଭିଯୋଗ ଅଣାଯାଇ ସେମାନଙ୍କୁ ନିଲମ୍ବନ କରାଯାଇଛି। ମଙ୍ଗଳବାର ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଦସ୍ୟମାନେ ନାରୀ ସୁରକ୍ଷା ପ୍ରସଙ୍ଗ ଉଠାଇ ଘଣ୍ଟ, ବାଜା, ଗିନି ଏବଂ ଝାଞ୍ଜ ବଜାଇ ସେମାନଙ୍କ ପ୍ରତିବାଦ ଆରମ୍ଭ କରିଥିଲେ। ଏହି ସମୟରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଗୃହରେ ପ୍ରତିଦିନ ଚରମ ବିଶୃଙ୍ଖଳା କରିଆସୁଥିବା ଏବଂ ମଙ୍ଗଳବାର ପ୍ରଥମାର୍ଦ୍ଧରେ ଗୃହରେ ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ କରିଥିବା କଂଗ୍ରେସର ୧୨ ଜଣ ସଦସ୍ୟଙ୍କୁ ନିଲମ୍ବନ କରିବା ଲାଗି ପ୍ରସ୍ତାବ ଆଗତ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ଏହାକୁ ଗ୍ରହଣ କରିବା ସହ କଂଗ୍ରେସର ୧୨ ସଦସ୍ୟଙ୍କୁ ☞ପୃଷ୍ଠା-୪

# ଘରେ ନିଆଁ ଲଗାଇ ୧୧ମାସର ଝିଅକୁ ଜାଳିଦେଲେ ବାପା

ଢେଙ୍କାନାଳ/ସାତମାଇଲ,୨୫।୩ (ରତନ ନାୟାର/ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ବାଲିମୀ ଥାନା ବାରସିଙ୍ଗା ଗ୍ରାମ ମୁଣ୍ଡାସାହିରେ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ଅଶାନ୍ତିରୁ ଘରେ ନିଆଁ ଲଗାଇ ୧୧ମାସର ଶିଶୁକନ୍ୟାକୁ ଜାଳିଦେଇଛନ୍ତି ବାପା। ପୋଲିସ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ବାପାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ବାରସିଙ୍ଗା ଗ୍ରାମ ମୁଣ୍ଡାସାହିର ଭରତ ସାହୁଙ୍କ ସାନପୁଅ ବଣି ଓରଫ ବାବୁଲି ସାହୁ ମଙ୍ଗଳବାର ମଧ୍ୟାହ୍ନରେ ପାରିବାରିକ ଅଶାନ୍ତିରୁ ସ୍ତ୍ରୀ ସୁଭଦ୍ରା ସାହୁଙ୍କୁ ମାଡ଼ମାରି ନିର୍ଯାତନା ଦେବା ସହ ଘରୁ ବାହାର କରିଦେଇଥିଲେ। କିନ୍ତୁ ଘରେ ଶୋଇଥିବା ୧୧ମାସର ଶିଶୁକନ୍ୟାଙ୍କୁ ମା' ନେଇପାରିନଥିଲେ। ପରେ ବାବୁଲି ଘରେ ନିଆଁ ଲଗାଇ ଦେଇଥିଲେ। ଗ୍ରାମବାସୀ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ସେମାନେ ଆସି ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ହାନିଲାଭର ହିସାବ**






# ୨୦୨୪ରେ ରାଜ୍ୟରେ ୩,୦୫୪ ବଳାତ୍କାର ମାମଲା

**ଗୃହ ବିଭାଗ ଶ୍ୱେତପତ୍ର ଜାରି**

ଭୁବନେଶ୍ୱର,୨୫।୩(ସୁନିତ୍ ମିଶ୍ର)

୨୦୨୪ରେ ମୋଟ୍ ୩୦୫୪ଟି ବଳାତ୍କାର ମାମଲା ପଞ୍ଜୀକରଣ ହୋଇଥିଲା। ସେଥିମଧ୍ୟରୁ ୨୯୮୬ଟି ମାମଲାର ସତ୍ୟତା ରହିଛି। ତନ୍ମଧ୍ୟରୁ ୧୯୪୮ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ସରିଛି। ସେହିପରି ୨୦୨୪ରେ ମୋଟ୍ ୧୭,୮୦୫ଟି ଚୋରି ମାମଲା ପଞ୍ଜୀକୃତ ହୋଇଛି। ସେଥିରୁ ୧୭,୪୭୧ଟି ମାମଲା ସତ୍ୟ। ବର୍ଷ ଶେଷସୁଦ୍ଧା ୫୨୪୫ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ସରିଛି। ଏହିସବୁ ଘଟଣା ଲାଗି ୭,୧୭୮ ଜଣଙ୍କୁ ଗିରଫ କରାଯାଇଛି। ଏହି ସମୟରେ ଚୋରି ହୋଇଥିବା ୧୨୭,୦୪,୮୩,୨୩୦ ଟଙ୍କାରୁ ୨୯,୧୯,୮୬,୬୦୭ ଟଙ୍କା ଉଦ୍ଧାର କରାଯାଇଛି। ରାଜ୍ୟରେ ଏହି ସମୟ ମଧ୍ୟରେ ୬,୩୦୭ଟି ଠକେଇ ମାମଲା ରୁଜୁ ହୋଇଛି। ସେଥିରୁ ୬,୦୮୯ଟି ମାମଲାର ସତ୍ୟତା ରହିଛି। ଯୌତୁକଜନିତ ନିର୍ଯାତନାରେ ୨୦୨୪ରେ ୪,୬୨୨ଟି ମକଦ୍ଦମା ମଧ୍ୟରୁ ୨,୮୬୫ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ ☞ପୃଷ୍ଠା-୪

# ଶିବସେନାକୁ ପୁଣି କଟାକ୍ଷ କଲେ କୁନାଲ କାମ୍‌ରା

**କମେଡିଆନ୍‌ଙ୍କୁ ଦେଶବିଦେଶରୁ ସମର୍ଥନ**

ନୂଆଦିଲ୍ଲୀ,୨୫।୩



ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ଶିନ୍ଦେଙ୍କୁ ଥଟ୍ଟା କରିବାକୁ ଯାଇ ବିବାଦୀୟ ମନ୍ତବ୍ୟ ଦେଇଥିବା ଷ୍ଟାଣ୍ଡଅପ୍ କମେଡିଆନ୍ କୁନାଲ କାମ୍‌ରାଙ୍କୁ ମୁମ୍ବାଇର ଖାର୍ ଥାନା ପୋଲିସ ସମନ ଜାରି କରି ମଙ୍ଗଳବାର ହାଜର ହେବାକୁ କହିଥିଲା। କମେଡିଆନ୍ ହାଜର ହେବା ପାଇଁ ଅଧିକ ସମୟ ମାଗିଥିବାବେଳେ ମଙ୍ଗଳବାର ସୋସିଆଲ ମିଡିଆରେ ଏକ ନୂଆ ଭିଡିଓ ପୋଷ୍ଟ କରି ଶିବସେନାକୁ ଟାର୍ଗେଟ କରିଛନ୍ତି। କାମ୍‌ରାଙ୍କ ବ୍ୟଙ୍ଗ ପ୍ରଦର୍ଶନ ରାଜନୈତିକ ବିବାଦ ସୃଷ୍ଟି କରିଥିବାବେଳେ ସାରା ବିଶ୍ୱରୁ ତାଙ୍କୁ ☞ପୃଷ୍ଠା-୪

# ରାସ୍ତା କାମ ବେଳେ ରୋଲରକୁ ଧକ୍କାଦେଲା ହାଇୱା: ୩ ମୃତ

କାମାକ୍ଷାନଗର,୨୫।୩ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ରେଙ୍ଗୁଳା ସତସଙ୍ଗ କେନ୍ଦ୍ର ସମ୍ମୁଖରେ ସୋମବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ରାସ୍ତାକାମରେ ନିୟୋଜିତ ଜଣେ ପୂର୍ତ୍ତ ବିଭାଗର କର୍ମଚାରୀ ଓ ୨ ଶ୍ରମିକ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ପ୍ରତ୍ୟେକ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

କାମାକ୍ଷାନଗର-ଢେଙ୍କାନାଳ ପୂର୍ତ୍ତ ବିଭାଗ ରାସ୍ତାର ରେଙ୍ଗୁଳା ସତସଙ୍ଗ କେନ୍ଦ୍ର ସମ୍ମୁଖରେ ପିଚୁକାମ କରାଯାଉଥିଲା। ଏଥିରେ ଶ୍ରମିକମାନେ ନିୟୋଜିତ ଥିବାବେଳେ କାମ ତଦାରଖ କରିବା ପାଇଁ ପୂର୍ତ୍ତ ବିଭାଗ କର୍ମଚାରୀ ନିୟୋଜିତ ଥିଲେ। ସୋମବାର ବିଳମ୍ବିତ ରାତିରେ ଏକ ହାଇୱା ଦ୍ରୁତଗତିରେ ☞ପୃଷ୍ଠା-୪




A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in




# ୪ ଜିଲା ପାଇଁ ହିଟ୍‌ୱେଭ୍ ସତର୍କତା

**ଭୁବନେଶ୍ୱର,୨୫ା୩ (ଅନୁରାଧା ମହାରଣା)**

ରାଜ୍ୟରେ ଗତ କିଛିଦିନ ଧରି କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ଲାଗିରହିଥିବା ବେଳେ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ପାଇଥିଲା। ତେବେ ମଙ୍ଗଳବାରଠାରୁ ରାଜ୍ୟର ପାରଦ ଉପରମୁହାଁ ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଆସନ୍ତା ୪ଦିନ ମଧ୍ୟରେ ଦିନ ତାପମାତ୍ରା ୨ରୁ ୬ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଆସନ୍ତା ୨ଦିନ ମଧ୍ୟରେ ରାତି ତାପମାତ୍ରା ମଧ୍ୟ ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ। ଅନ୍ୟପଟେ ୨୯ ଓ ୩୦ ତାରିଖରେ ହିଟ୍‌ୱେଭ୍ ନେଇ ୪ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସବୁ ଜିଲା ମଧ୍ୟରେ ବଲାଙ୍ଗୀର, କଳାହାଣ୍ଡି, ସମ୍ବଲପୁର ଓ ସୁବର୍ଣ୍ଣପୁର ରହିଛି। ମଙ୍ଗଳବାର ଚାନ୍ଦବାଲି, ଗୋପାଳପୁର, ପୁରୀ, ବଲାଙ୍ଗୀର ଓ ଜଗତ୍‌ସିଂପୁରରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଅନୁଗୋଳରେ ରାତି ତାପମାତ୍ରା ସର୍ବନିମ୍ନ ୧୮ ଡିଗ୍ରୀ ଏବଂ ବୌଦ୍ଧରେ ଦିନ ତାପମାତ୍ରା ସର୍ବାଧିକ ୩୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।






# ଗଞ୍ଜେଇ ରଖି ୩ ଆଇଆର୍‌ବି ଯବାନ ଗିରଫ

**କନ୍ଧମାଳ,୨୫ା୩ (ଆଦିତେଶ୍ୱର ମିଶ୍ର)**

ଗଞ୍ଜେଇ ରଖିବା ଅଭିଯୋଗରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ବାରାକ୍‌ରେ ରହୁଥିବା ୩ ଆଇଆର୍‌ବି ଯବାନଙ୍କୁ ଗିରଫ କରାଯାଇଛି। ଗିରଫ ଯବାନମାନେ ହେଲେ ମୟୂରଭଞ୍ଜ ଜିଲା ବାରିପଦା ଥାନା ଡୁଲାଦରଧାନଗରର କୁନାର ସିଂ(୩୫), ବୌଦ୍ଧ ଜିଲା ଘଣ୍ଟାପଡ଼ା ଥାନା ଆମ୍ବଗାଁର ତ୍ରିଲୋଚନ ରଣା(୩୪) ଏବଂ ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଘସରମାଲ ଗ୍ରାମର ନୀଲମ ବାର୍ଲା। ସେମାନଙ୍କ ନିକଟରୁ ୧୫ କେଜି ୯୩୦ ଗ୍ରାମ୍ ଗଞ୍ଜେଇ ଜବତ ହୋଇଛି। ଏ ନେଇ ମନମୁଣ୍ଡା ଥାନାରେ ଏକ ମାମଲା (ନଂ.୧୧୯/୨୫) ରୁଜୁ ପରେ ୩ ଯବାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଅନ୍ୟପକ୍ଷେ ଏହି ଘଟଣାରେ ବୌଦ୍ଧ ଏସ୍‌ପି ରାହୁଲ ଗୋୟଲ ମନମୁଣ୍ଡା ଥାନାଧିକାରୀ ତରୁଣ ତପନ ବେହେରାଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରିଛନ୍ତି। ସେହିପରି ମନମୁଣ୍ଡା ଥାନାଧିକାରୀ ଭାବେ ବାଉଁଶୁଣୀ ଥାନାଧିକାରୀ ଅଞ୍ଜଳି ବିଶ୍ୱାଳଙ୍କୁ ବଦଳି କରାଯାଇଥିବା ବେଳେ ବାଉଁଶୁଣୀ ଥାନାଧିକାରୀ ଭାବେ କନ୍ଧମାଳ ଥାନାରେ ଥିବା ଏସ୍‌ଆଇ ଜ୍ଞାନେନ୍ଦ୍ର କୁମାର ମିଶ୍ରଙ୍କୁ ବଦଳି କରାଯାଇଛି।

ମିଳିଥିବା ସୂଚନା ଅନୁସାରେ, ଆଣ୍ଟି ମାଓବାଦୀ ଅପରେଶନ ପାଇଁ



ଜବତ ଗଞ୍ଜେଇ ଓ ଗିରଫ ୩ ଆଇଆର୍‌ବି ଯବାନ।

**ବଦଳିଲେ ମନମୁଣ୍ଡା ଥାନା ଅଧିକାରୀ**

ମନମୁଣ୍ଡା ଥାନାରେ ଏକ ପ୍ଲାଟୁନ ଆଇଆର୍‌ବି ଯବାନ ନିୟୋଜିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଯବାନ ଗଞ୍ଜେଇ ରଖିଥିବା ନେଇ ଏସ୍‌ପି ଗୋୟଲ ଜାଣିବାକୁ ପାଇଥିଲେ ଏବଂ ଏକ ସ୍ୱତନ୍ତ୍ର ଟିମ୍ କରି ସୋମବାର ମନମୁଣ୍ଡା ଥାନା ବାରାକ୍‌ରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଉକ୍ତ ୩ ଜଣ ଯବାନ ପାଖରେ ଗଞ୍ଜେଇ ରଖିଥିବା ଜଣାପଡ଼ିଥିଲା। ଯବାନ କୁନାରଙ୍କ ବ୍ୟାଗ୍‌ରୁ ୫ କେଜି ୧୦୦ ଗ୍ରାମ୍, ତ୍ରିଲୋଚନଙ୍କ ବ୍ୟାଗ୍‌ରୁ ୭ କେଜି ୭୮୦ ଗ୍ରାମ୍ ଏବଂ ନୀଲମଙ୍କଠାରୁ ୩ କେଜି ୫୦ ଗ୍ରାମ୍ ଗଞ୍ଜେଇ ଜବତ ହୋଇଥିଲା। ପରେ ଉକ୍ତ ଗଞ୍ଜେଇକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା।

# ନିର୍ବାଚନୀ ଖର୍ଚ୍ଚ ବିବରଣୀ ଦେଇନାହାନ୍ତି ୧୪ ବିଧାୟକ ପ୍ରାର୍ଥୀ: ସିଇଓ

**ଭୁବନେଶ୍ୱର,୨୫ା୩ (ରବିନାରାୟଣ ଜେନା)**

ରାଜ୍ୟରେ ନିର୍ବାଚନ କିଭଳି ତ୍ରୁଟିପୂର୍ଣ୍ଣ ଓ ଶୃଙ୍ଖଳିତ ହେବ ସେନେଇ ମଙ୍ଗଳବାର ଅପରାହ୍ଣରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର୍. ସନ୍ଥଗୋପାଲନ୍ ରାଜନୈତିକ ଦଳଗୁଡ଼ିକ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଗୋପାଲନ୍ କହିଛନ୍ତି, ୨୦୨୪ ନିର୍ବାଚନରେ ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ୧୪ ବିଧାୟକ ପ୍ରାର୍ଥୀ ସେମାନଙ୍କ ନିର୍ବାଚନୀ ଖର୍ଚ୍ଚ ବିବରଣୀ ଦାଖଲ କରିନାହାନ୍ତି। ସେ ଆହୁରି କହିଥିଲେ, ନିରନ୍ତର ଅଦ୍ୟତନ ପ୍ରକ୍ରିୟା ସମୟରେ ସମସ୍ତ ଦାବି ଏବଂ ଆପତ୍ତି ଜନପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୨୨ କିମ୍ବା ୨୩ ସହିତ ନିର୍ବାଚନ ପଞ୍ଜୀକରଣ ନିୟମ, ୧୯୬୦ର ନିୟମ ୨୬ ସହିତ ଦାଖଲ କରାଯିବା ଆବଶ୍ୟକ। ଏହି ଦାବି ଏବଂ ଆପତ୍ତି ଉପଯୁକ୍ତ ଫର୍ମ–ଫର୍ମ ୬, ୬ଏ, ୭ କିମ୍ବା ୮ ଯେପରି ପ୍ରଯୁଜ୍ୟ, ବ୍ୟବହାର କରି ନକଲ ଭାବରେ ଦାଖଲ କରାଯିବା ଉଚିତ। ଭୋଟର ନାମାଙ୍କନ ଚାହୁଁଥିବା ବ୍ୟକ୍ତିମାନଙ୍କୁ ଠିକଣା ଏବଂ ବୟସ ପ୍ରମାଣପତ୍ର ପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ ସହ ଏକ ପାସ୍‌ପୋର୍ଟ ଆକାରର ରଙ୍ଗିନ ଫଟୋ ପ୍ରଦାନ କରିବାକୁ ପଡ଼ିବ। ସେମାନେ ଭୋଟର ହେଲ୍ପଲାଇନ ଆବେଦନ ମାଧ୍ୟମରେ ଫର୍ମ ୬ ଜରିଆରେ କିମ୍ବା ବୁଥ୍‌ସ୍ତରୀୟ ଅଧିକାରୀଙ୍କ ନିକଟରେ ଏକ ହାର୍ଡକପି ଦାଖଲ କରି ଭୋଟର ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ସଂଶୋଧନ, ବାସସ୍ଥାନ ସ୍ଥାନାନ୍ତର, ଭୋଟର ତାଲିକାରେ ପ୍ରବେଶଗୁଡ଼ିକୁ ଅପ୍‌ଡେଟ୍ କରିବା, ଭୋଟର ପରିଚୟପତ୍ର ବଦଳାଇବା କିମ୍ବା ଭିନ୍ନକ୍ଷମ ବ୍ୟକ୍ତି ଚିହ୍ନଟ କରିବା ପାଇଁ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ଆବେଦନ କରି କିମ୍ବା ସେ ସ୍ୱତଃପ୍ରବୃତ୍ତ ଭାବେ ଆରମ୍ଭ କରିପାରନ୍ତି। ତଥାପି, ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କେବଳ ଏକ ଆବେଦନ ଦ୍ୱାରା କରାଯାଇପାରିବ ; ନିର୍ବାଚନ ପଞ୍ଜୀକରଣ ଅଧିକାରୀ ନିଜସ୍ୱ ଉଦ୍ୟମରେ ନାମ ଯୋଡ଼ିପାରିବେନାହିଁ। ନିୟମ ୧୬ ଅନୁଯାୟୀ ସଂଶୋଧନ ଅବଧି ପରି ନିରନ୍ତର ଅପ୍‌ଡେଶନ ସମୟରେ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ ପ୍ରାପ୍ତ ଦାବି ଏବଂ ଆପତ୍ତିଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରନ୍ତିନାହିଁ। ଏହା ବଦଳରେ ପ୍ରତ୍ୟେକ ଦାବି କିମ୍ବା ଆପତ୍ତିର ଗୋଟିଏ କପି ସାଧାରଣ ଯାଞ୍ଚ ପାଇଁ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରଦର୍ଶିତ ହୁଏ। ଆପତ୍ତି ପୋଷ୍ଟିଂ ତାରିଖରୁ ସାତଦିନ ମଧ୍ୟରେ ଦାଖଲ କରାଯାଇପାରିବ। ସାତଦିନର ଅବଧି ପରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଦାବି ଏବଂ ଆପତ୍ତିଗୁଡ଼ିକର ସମୀକ୍ଷା ଏବଂ ପ୍ରକ୍ରିୟାକରଣ କରନ୍ତି। ବୁଥ୍‌ସ୍ତରୀୟ ଏଜେଣ୍ଟମାନେ ଭୋଟର ତାଲିକାରେ ପ୍ରବେଶଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା, ବାଦ୍ ଦେବା, ସଂଶୋଧନ କରିବା ଏବଂ ସ୍ଥାନାନ୍ତର କରିବା ପାଇଁ ଆବେଦନ ଦାଖଲ କରିବାରେ ଯୋଗ୍ୟ ନାଗରିକମାନଙ୍କୁ ସହାୟତା କରିବା ପାଇଁ ମତଦାନ କେନ୍ଦ୍ରରେ ବୁଥ୍‌ସ୍ତରୀୟ ଅଧିକାରୀ ସହିତ କାର୍ଯ୍ୟ କରିଥାନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ଗୋପାଲନ୍ ସମସ୍ତ ରାଜନୈତିକ ଦଳକୁ ଜିଲାସ୍ତରରେ ସେମାନଙ୍କର ପ୍ରତିନିଧିମାନଙ୍କ ଅଦ୍ୟତନ ଯୋଗାଯୋଗ ବିବରଣୀ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ।

**ରାଜନୈତିକ ଦଳ ସହ ଗୋପାଲନ୍‌ଙ୍କ ବୈଠକ**

ବୈଠକରେ ବିଜେଡି ମୁଖପାତ୍ର ଅମର ପଟ୍ଟନାୟକ, କଂଗ୍ରେସର ଶିବାନନ୍ଦ ରାୟ, ସିପିଆଇଏମ୍‌ର ଦୁଷ୍ମନ୍ତ କୁମାର ଦେବ, ବିଏସ୍‌ପିର ମଧୁସୂଦନ ଯାଦବ, ଆପ୍‌ର ସୁଦୀପ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।






# ଅଗ୍ନିକାଣ୍ଡରେ ନାବାଳକ ଜୀବନ୍ତ ଦଗ୍ଧ



ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

**ରାଉରକେଲା,୨୫ା୩ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର–୭ ଥାନା ଅଧୀନ ସେକ୍ଟର–୬ ଅଞ୍ଚଳରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଏହି ଅଞ୍ଚଳରେ ଥିବା ଟେଲିଫୋନ ଭବନ ନିକଟ ଦୁର୍ଗା ମଣ୍ଡପରେ ଅଗ୍ନିକାଣ୍ଡ ଯୋଗୁ ଜଣେ ନାବାଳକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତ ନାବାଳକ ହେଲେ ସେକ୍ଟର–୬ସ୍ଥିତ ବିବେକାନନ୍ଦପାଲିର ଅଜୟ ମହାରଣାଙ୍କ ପୁଅ ବାଦଲ ମହାରଣା(୧୨)। ଏ ନେଇ ସେକ୍ଟର–୭ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ଜବତକରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ଏସ୍‌ଆଇ ଶିବ ପ୍ରସାଦ ଆଇଚ ସୂଚନା ଦେଇଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ମିଳିଥିବା ସୂଚନା ଅନୁସାରେ, ଗତବର୍ଷ ଦୁର୍ଗାପୂଜା ସରିବା ପରେ ସେକ୍ଟର–୬ ଟେଲିଫୋନ ଭବନ ନିକଟ ଦୁର୍ଗାମଣ୍ଡରେ ତାଲା ପଡ଼ିଥିଲା। ପୂଜାମଣ୍ଡପରେ କିଛି କାଠ ସାମଗ୍ରୀ ସେଠାରେ ରହିଥିଲା ଏବଂ ପିଲାମାନେ ଗଳାବାଟରେ ଉକ୍ତ ମଣ୍ଡପକୁ ଯାଇ ପ୍ରତିଦିନ ଖେଳନ୍ତି। ମଙ୍ଗଳବାର ପୂର୍ବାହ୍ନରେ ବାଦଲଙ୍କ ସମେତ ୫ଜଣ ଶିଶୁ ସେଠାରେ ଖେଳୁଥିଲା ବେଳେ କୌଣସି କାରଣରୁ ମଣ୍ଡପରେ ଅଗ୍ନିକାଣ୍ଡ ହୋଇଥିଲା। ଏହି ସମୟରେ ୪ଜଣ ଶିଶୁ ସେଠାରୁ ପଳାଇ ଆସିଥିବାବେଳେ ବାଦଲ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)କୁ ପଠାଇଥିଲା। ସେଠାରେ ଡାକ୍ତର ବାଦଲଙ୍କୁ ମୃତ ଘୋଷଣା କରିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।




**ମେଡିକାଲ କଲେଜରେ ରାଗିଂ: ୩ ବର୍ଷରେ ୫୧ ମୃତ**

ନୂଆଦିଲ୍ଲୀ,୨୫।୩: ୨୦୨୨ରୁ ୨୦୨୪ ମଧ୍ୟରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜରେ ରାଗିଂ ଯୋଗୁ ୫୧ ଛାତ୍ରଛାତ୍ରୀଙ୍କ ଜୀବନ ଯାଇଛି। ଏହି ସମୟରେ ରାଜସ୍ଥାନର କୋଟାରେ ଥିବା କୋଚିଂ ସେଣ୍ଟରଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ୫୭କୁ ବଢ଼ିଥିବା ସୋସାଇଟି ଏଗେନଷ୍ଟ ଭାଓଲେନ୍ସ ଇନ୍ ଏଜୁକେଶନ ପକ୍ଷରୁ ପ୍ରକାଶିତ 'ଷ୍ଟେଟ୍ ଅଫ୍ ରାଗିଂ ଇନ୍ ଇଣ୍ଡିଆ ୨୦୨୨-୨୪' ରିପୋର୍ଟରେ ଦର୍ଶାଯାଇଛି। ମେଡିକାଲ କଲେଜଗୁଡ଼ିକୁ ଏଥିରେ ରାଗିଂର ହଟ୍‌ସ୍ପଟ୍ ଭାବେ ଚିହ୍ନଟ କରାଯାଇଛି। ୧,୯୪୬ଟି କଲେଜରୁ ୩,୧୫୬ଟି ରାଗିଂ ଅଭିଯୋଗ ନ୍ୟାଶନାଲ ଆଣ୍ଟି-ରାଗିଂ ହେଲ୍ପଲାଇନ୍ ଜରିଆରେ ପଞ୍ଜୀକୃତ ହୋଇଥିବାବେଳେ ୩୮.୬% ଅଭିଯୋଗ ମେଡିକାଲ କଲେଜଗୁଡ଼ିକରୁ ଆସିଛି।



ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ସସ୍ତ୍ରୀକ ମଙ୍ଗଳବାର ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)।

## ଚାନ୍ଦିପୁରରେ କ୍ଷେପଣାସ୍ତ୍ର ପରୀକ୍ଷଣ ଆଜି | ସ୍ଥାନାନ୍ତର ହେବେ ୬ ଗାଁର ୩୨୦୦ ବାସିନ୍ଦା

ବାଲେଶ୍ୱର,୨୫।୩ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଚାନ୍ଦିପୁର ଆଇଟିଆର ଏଲ୍‌ସି-୩ କ୍ଷେପଣାସ୍ତ୍ର ଘାଟିରୁ ବୁଧବାର ହେବାକୁ ଥିବା କ୍ଷେପଣାସ୍ତ୍ର ପରୀକ୍ଷଣ ପରିଚାଳନା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏହି ପରୀକ୍ଷଣ ପାଇଁ ନିର୍ଦ୍ଧାରିତ ହୋଇଥିବା ସାଢ଼େ ୨ କି.ମି. ପରିଧି ଅଞ୍ଚଳର ଜନସାଧାରଣଙ୍କ ସ୍ଥାନାନ୍ତର ଓ ସୁରକ୍ଷା ନିମନ୍ତେ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ପି ରାଜ ପ୍ରସାଦ, ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ ସିଂହ, ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସ, ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ, ବାଲେଶ୍ୱର ଭାରପ୍ରାପ୍ତ ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଜୟଦେବକସବା ପାହି ଓ ସାହାଜାନଗର ପାହି ଅଞ୍ଚଳରୁ ୧୧୫୦, ଭୀମପୁର ପାହି ଓ ଦୁଣ୍ଡରାପାହିରୁ ୯୧୫ ଏବଂ ଖଡୁପାହି, କୁସୁମୁଳୀରୁ ୧୧୩୫ ଲୋକ ମିଶି ମୋଟ୍ ୩୨ଶହ ବାସିନ୍ଦାଙ୍କୁ ସ୍ଥାନାନ୍ତର ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଛି। ଜୟଦେବକସବା ପାହି ଓ ସାହାଜାନନଗର ପାହି ଜନସାଧାରଣଙ୍କ ନିମନ୍ତେ ଜୟଦେବକସବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ଭୀମପୁର ଓ ଦୁଣ୍ଡରା ପାହିର ଜନସାଧାରଣଙ୍କ ନିମନ୍ତେ ଭୀମପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ଖଡୁପାହି ଓ କୁସୁମୁଳୀ ପାହିର ଜନସାଧାରଣଙ୍କ ନିମନ୍ତେ ଖଡୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ଅସ୍ଥାୟୀ ଶିବିର ନିର୍ମାଣ କରାଯାଇଛି। ଏହି ସମସ୍ତ ଅସ୍ଥାୟୀ ଆଶ୍ରୟସ୍ଥଳୀଗୁଡ଼ିକରେ ସ୍ଥାନାନ୍ତରିତ ଲୋକଙ୍କ ସହଜତା ପାଇଁ ଶହେରୁ ଊର୍ଦ୍ଧ୍ୱ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଉକ୍ତ ଅଞ୍ଚଳଗୁଡ଼ିକରେ ଗତ ୨ ଦିନରୁ ଡାକବାଜିଯନ୍ତ୍ର ଦ୍ୱାରା ଜନସାଧାରଣଙ୍କୁ ବୁଧବାର ପୂର୍ବାହ୍ନ ୬ଟାରୁ ସ୍ଥାନାନ୍ତର ଓ କ୍ଷେପଣାସ୍ତ୍ର ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଶିବିରରେ ରହିବାକୁ ସୂଚନା ଦିଆଯାଇଛି। ଏହି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ଜନସାଧାରଣଙ୍କ ନିମନ୍ତେ ଜଳଖିଆ ଏବଂ ମଧ୍ୟାହ୍ନଭୋଜନ ଆଇଟିଆର ପକ୍ଷରୁ ପ୍ରଦାନ କରାଯିବ। ଯୋଗ୍ୟ ହିତାଧିକାରୀଙ୍କ ପ୍ରାପ୍ୟ ଟଙ୍କା ପୂର୍ବାହ୍ନ ୧୧ଟା ସୁଦ୍ଧା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।




ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀଗଣ।

## ବାସିଖାଦ୍ୟ ଖାଇ ୧୩ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ

**ଖୋଲାନ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ କନ୍ୟାଶ୍ରମ**

ଟିଟିଲାଗଡ଼,୨୫।୩(ଶରତ ମିଶ୍ର)

ବାସିଖାଦ୍ୟ ଖାଇ ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ୍ ଅନ୍ତର୍ଗତ ଖୋଲାନଠାରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ କନ୍ୟାଶ୍ରମର ୧୩ଜଣ ଛାତ୍ରୀ ମଙ୍ଗଳବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ଖୋଲାନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ମୀନକେତନ କିଷାନ ସୂଚନା ଦେଇଛନ୍ତି।

କନ୍ୟାଶ୍ରମରେ ରବିବାର ଯେଉଁ ମିଲ୍ ଦିଆଯାଇଥିଲା ସେଥିରେ ମାଛ ତରକାରି ଥିଲା। ତେବେ ଖାଇବାର କିଛି ସମୟ ପରେ କେତେଜଣ ଛାତ୍ରୀଙ୍କ ପେଟ କାଟିବା ସହ ଝାଡ଼ାବାନ୍ତି ହୋଇଥିଲା। ସୋମବାର ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ଅପରାହ୍ନରେ ୫ ଜଣଙ୍କୁ ଚିକିତ୍ସା କରାଯାଇଥିବା ବେଳେ ଜଣେ ଛାତ୍ରୀଙ୍କୁ ସାଲାଇନ୍ ଲାଗିଥିଲା। କିନ୍ତୁ ମଙ୍ଗଳବାର ଆଉ ୧୩ ଜଣ ଛାତ୍ରୀ ଗୁରୁତର ହେବାରୁ ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କ'ଣ ଖାଇଥିଲ ବୋଲି ପଚାରିବାରୁ ଆକ୍ରାନ୍ତ ଛାତ୍ରୀମାନେ ମାଛ ଖାଇବା ପରେ ଝାଡ଼ାବାନ୍ତି ହୋଇଥିଲା ବୋଲି ଡାକ୍ତରଙ୍କୁ କହିଥିଲେ। ଖବର ପାଇ ଖୋଲାନ ସରପଞ୍ଚ ନରେଶ ଅଗ୍ରୱାଲ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତେବେ ଖାଇବାକୁ ଦିଆଯାଇଥିବା ମାଛ ବାସି ହୋଇଥିବାରୁ ଏଭଳି ଅଘଟଣ ଘଟିଲା ନା ଅନ୍ୟ କୌଣସି କାରଣ ପାଇଁ ହେଲା ତା'ର ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ସରପଞ୍ଚ ଅଗ୍ରୱାଲ କହିଛନ୍ତି। ଟିଟିଲାଗଡ଼ ବିଡିଓ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

## ହାଇକୋର୍ଟରେ ସିପାହି, କନ୍‌ଷ୍ଟେବଲ୍ ନିଯୁକ୍ତି ମାମଲା | ବୟସସୀମା ୩ ବର୍ଷ କୋହଳ

କଟକ,୨୫।୩(କାର୍ତ୍ତିକ ସାହୁ)

ଓଡ଼ିଶା ପୋଲିସରେ ସିପାହି, କନ୍‌ଷ୍ଟେବଲ୍ ପଦରେ ନିଯୁକ୍ତି ନିମନ୍ତେ ବୟସ ସୀମା ୩ ବର୍ଷ କୋହଳ କରାଯିବା ନେଇ ରାଜ୍ୟ ସରକାର ହାଇକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଉଭୟ ପକ୍ଷ ଏହି ନିଷ୍ପତ୍ତିରେ ରାଜି ହେବା ପରେ ହାଇକୋର୍ଟ ମାମଲାର ଅନ୍ତ ଘଟାଇଛନ୍ତି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଏବଂ ବିଚାରପତି ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏହି ରାୟ ଦେଇଛନ୍ତି। ମାମଲାର ବିବରଣୀ ଅନୁସାରେ, ଓଡ଼ିଶା ପୋଲିସ୍‌ର ଓଏସ୍‌ପି, ଆଇଆର୍, ଏସ୍‌ଆଇଆର୍, ସ୍ପେଶାଲ୍ ସିକ୍ୟୁରିଟି ବାଟାଲିଅନ୍‌ରେ ୧୩୬୦ଟି ସିପାହି, କନ୍‌ଷ୍ଟେବଲ୍ ପଦବୀ ପୂରଣ ପାଇଁ ଷ୍ଟେଟ୍ ସିଲେକ୍ସନ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୪ ଜାନୁଆରୀ ପହିଲା ସୁଦ୍ଧା ପ୍ରାର୍ଥୀଙ୍କ ସର୍ବନିମ୍ନ ବୟସସୀମା ୧୮ ଏବଂ ସର୍ବାଧିକ ବୟସ ସୀମା ୨୩ ବର୍ଷ ଧାର୍ଯ୍ୟ ହୋଇଥିଲା। ୨୦୧୮ରେ ଶେଷଥର ପାଇଁ କନ୍‌ଷ୍ଟେବଲ୍, ସିପାହି ପଦବୀ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କୋଭିଡ୍ ପାଇଁ ଆଉ ଏହି ପଦବୀ ପୂରଣ ଲାଗି ବିଜ୍ଞପ୍ତି ପ୍ରକାଶ ନ ପାଇ ୬ ବର୍ଷ ପରେ ୨୦୨୪ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଫଳରେ ଅନେକ ପ୍ରାର୍ଥୀ ବୟସସୀମା କଟକଣା ପାଇଁ ଏହି ପଦବୀ ନିମନ୍ତେ ଆବେଦନ କରିପାରି ନ ଥିଲେ। ଫଳରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୨୦୨୪ ଡିସେମ୍ବର ୫ରେ ଏହି ମାମଲାର ରାୟ ପ୍ରକାଶ କରି ଉକ୍ତ ଆଶାୟୀ ପ୍ରାର୍ଥୀଙ୍କୁ ବୟସ ସୀମାରେ ୱାନ୍ ଟାଇମ୍ କୋହଳ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ବିରୋଧ କରି ରାଜ୍ୟ ସରକାର ରିଟ୍‌ରେ ହାଇକୋର୍ଟଙ୍କୁ ଆସିଥିଲେ।

## ଗୋଆରେ ଓଡ଼ିଆ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଭୋଗରାଇ, ୨୫।୩(ପ୍ରଦୀପ ଦାସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ହୁଗୁଳି ପଞ୍ଚାୟତ ଗାଜିପୁର ଗ୍ରାମର ବିମଳ ଦାସଙ୍କର ପୁଅ ବିଷ୍ଣୁପଦ ଦାସ(୨୭)ଙ୍କର ମୃତଦେହ ସୋମବାର ଗୋଆସ୍ଥିତ କାଲାମଗୁଡ଼ ସହରରେ ଥିବା ଏକ ଭଡ଼ା ଘରୁ ସନ୍ଦେହଜନକ ଅବସ୍ଥାରେ ଜବତ ହୋଇଛି। ସ୍ଥାନୀୟ ଯୁବକମାନେ ତାଙ୍କୁ ଡାକ୍ତରଖାନା ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ମଙ୍ଗଳବାର ଅପରାହ୍ନରେ ବିଷ୍ଣୁପଦଙ୍କ ମୃତଦେହ ବ୍ୟବଚ୍ଛେଦ ହେବା ପରେ ସେଠାରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତଦେହକୁ ଗାଁକୁ ଅଣାଯିବାର ବ୍ୟବସ୍ଥା କରାଯାଇଛି। ବିଷ୍ଣୁପଦ ପ୍ରାୟ ୮ ବର୍ଷ ଧରି ଗୋଆ ହୋଟେଲରେ କାର୍ଯ୍ୟ କରି ଆସୁଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହା ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ସେଠାକାର ପୋଲିସ ଏକ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଜାରି ରଖିଛି।

## ୩ ମାଓବାଦୀ ନିହତ

ମାଲକାନଗିରି,୨୫।୩ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡା ଜିଲାରେ ପୋଲିସ ସହ ଗୁଳି ବିନିମୟରେ ୩ ମାଓବାଦୀ ନିହତ ହୋଇଛନ୍ତି। ମଙ୍ଗଳବାର ସକାଳେ ସୁରକ୍ଷା ବାହିନୀ ଦାନ୍ତେୱାଡା ଓ ବିଜାପୁର ସୀମାରେ ପାଟ୍ରୋଲିଂ କରୁଥିବାବେଳେ ଜଙ୍ଗଲରେ ମାଓବାଦୀମାନେ ଗୁଳି ଚଳାଇଥିଲେ। ମାଓବାଦୀମାନେ ଛତ୍ରଭଙ୍ଗ ଦେବା ପରେ ସୁରକ୍ଷାକର୍ମୀ ସର୍ଚ୍ଚ ଅପରେଶନ କରି ଡିକେଏସ୍‌ଜେଡିସିଏମ୍ କମାଣ୍ଡର ସୁଧୀର ଓରଫ ମୁରଲୀଙ୍କ ସହ ୩ ମାଓବାଦୀଙ୍କ ମୃତଦେହ ଜବତ କରିଥିଲେ। ଅନ୍ୟ ୨ ଜଣଙ୍କ ମୃତଦେହ ମାଓବାଦୀମାନେ ନେଇ ଯାଇଥିବା ସନ୍ଦେହ କରାଯାଉଛି।

## ଭୋଜି, ୩ ହଜାର ଟଙ୍କା ଦେଇ ଜାତିରେ ମିଶିଲେ ମହିଳା



ମହିଳାଙ୍କ ଶୁଦ୍ଧି କର୍ମ ଚାଲିଛି।

**ଏବେ ବି ବଞ୍ଚିଛି ଜାତିପ୍ରଥା**

**ସ୍ୱାମୀଙ୍କ ଦଶାହରେ ଶୁଦ୍ଧି କରାଯାଇ ମହିଳାଙ୍କୁ ଜାତିରେ ମିଶାଇଲା ପରଜା ସମାଜ**

ନବରଙ୍ଗପୁର,୨୫।୩ (ସଦାଶିବ ପ୍ରହରାଜ)

ନବରଙ୍ଗପୁରରେ ଏବେ ବି ବଞ୍ଚିରହିଛି ଜାତିପ୍ରଥା। ଅନ୍ୟତ୍ର ବିବାହ କରିବା ପରେ ଜାତିରୁ ବାହାର କରିଦିଆଯାଉଛି। ନିକଟରେ ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ଅନ୍ୟ ଜାତିରେ ବିବାହ କରିବା ଅଭିଯୋଗରେ ଭତରା ସମାଜ ତାଙ୍କୁ ଓ ତାଙ୍କ ପରିବାରକୁ ୧୨ ବର୍ଷ ବାସନ୍ଦ କରିଥିଲେ। ଏବେ ଏହିଭଳି ଏକ ଘଟଣା ପୁଣି ଥରେ ନବରଙ୍ଗପୁର ଜିଲାରେ ଘଟିଛି। ନବରଙ୍ଗପୁର ସହର ଇଚ୍ଛାବତୀଗୁଡ଼ାର ଜଣେ ଯୁବତୀ ଅନ୍ୟ ଜାତିରେ ବିବାହ କରିବାରୁ ତାଙ୍କୁ ପରଜା ସମାଜ ଜାତିରୁ ବାହାର କରିଦେଇଥିଲା। ଏହା ମଧ୍ୟରେ ଉକ୍ତ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ଦଶାହରେ ବିଭିନ୍ନ ଦେବଦେବୀଙ୍କୁ ପୂଜାର୍ଚ୍ଚନା ପରେ ମହିଳାଙ୍କୁ ଶୁଦ୍ଧି କରାଯାଇଛି। ଜାତିରେ ମାନ୍ୟତା ଦେବା ପାଇଁ ତାଙ୍କୁ ଭୋଜି ଦେବାକୁ ପଡ଼ିଛି। ଏଭଳିକି ଜାତିରେ ମିଶିବା ପାଇଁ ୩ ହଜାର୧ ଟଙ୍କା ମଧ୍ୟ ଦେଇଥିବା ଜଣାପଡ଼ିଛି।

ଇଚ୍ଛାବତୀଗୁଡ଼ା ସାହିର ମଙ୍ଗଳଦେଇ ଜାନୀ ପୁଟପର୍ତ୍ତି ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ହସ୍ତଶିଳ୍ପ ଦୋକାନ କରିଥିବା ହରିୟାଣାର ସଚିନ ଭଦ୍ରାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟେ ବିବାହ କରିଥିଲେ। ତେବେ ୧୦ ବର୍ଷ ହେବ ଉଭୟ ନବରଙ୍ଗପୁର ଆସି ଏକ ଭଡ଼ାଘରେ ରହିଲେ। ୧୫ ତାରିଖରେ ସଚିନ ଋଷିକେଶ ଯାଇଥିବାବେଳେ ସେଠାରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳଦେଇ ଅନ୍ୟ ସମ୍ପ୍ରଦାୟରେ ବିବାହ କରିଥିବାରୁ ପରଜା ସମ୍ପ୍ରଦାୟରେ ତାଙ୍କୁ ସ୍ୱୀକୃତି ମିଳି ନ ଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ନିଜର ବୋଲି ଆଉ କେହି ନ ଥିବାରୁ ପୁଣି ନିଜ ସମ୍ପ୍ରଦାୟରେ କିଭଳି ସ୍ୱୀକୃତି ମିଳିବ ସେ ନେଇ ନବରଙ୍ଗପୁର ପରଜା ସମାଜ ବିକାଶ ପରିଷଦ ସହ କଥା ହୋଇଥିଲେ। ଏହାପରେ ତାଙ୍କ ଭଡ଼ାଘରେ ଦେବଦେବୀଙ୍କୁ ପୂଜା କରାଯାଇଥିଲା। ବୁଢାରାଜା, ଭଣ୍ଡାରଘରଣୀ, କଳା ଧରଣୀ ଓ ମୁଣ୍ଡା ଦେବତାଙ୍କୁ ପୂଜା କରାଗଲା। ମଙ୍ଗଳଦେଇଙ୍କୁ ପରଜା ସମାଜର ରୀତିନୀତି ଅନୁଯାୟୀ ଆମ୍ବଛାଲି, ଆମ୍ବଡାଳ, ଦୂବ, ଗଙ୍ଗାଜଳ, କ୍ଷୀର, ମହାଶୁଦ୍ଧି ଆଦି ଢାଳି ପବିତ୍ର କଷା ପାଣିରେ ଶୁଦ୍ଧି କରାଗଲା। ଜାତିରେ ମିଶିବା ପାଇଁ ମଙ୍ଗଳଦେଇ ପରଜା ସମାଜକୁ ଏକ ଭୋଜି ଦେବା ସହ ୩ହଜାର ୧ ଟଙ୍କା ଦେଇଥିଲେ। ଏହାପରେ ମଙ୍ଗଳଦେଇଙ୍କୁ ପରଜା ସମାଜରେ ମଙ୍ଗଳବାରରୁ ମିଶାଯାଇଛି ବୋଲି ସଂଘ ସଭ୍ୟ ବନମାଳୀ ଚାଲାଣ, ସମାଜର ସଭାପତି ଭଗବାନ ଜାନୀ, ପରଜା ସମାଜର ଭାତ ନାୟକ, ସଦା ଜାନୀ କହିଛନ୍ତି।





ଜିଏସ୍ଟି ସୁଧ ଏବଂ ଜରିମାନା କ୍ଷମା ଯୋଜନା

ସିଜିଏସ୍ଟି ଅଧିନିୟମର ଧାରା ୧୨୮ଏ ଅଧୀନରେ ଆରମ୍ଭ କରାଯାଇଛି

ଆର୍ଥିକ ବର୍ଷ ୨୦୧୭-୧୮, ୨୦୧୮-୧୯ ଏବଂ ୨୦୧୯-୨୦ ନିମନ୍ତେ ଧାରା ୭୩ ଅଧୀନରେ ଉଠାଯାଇଥିବା ଦାବିଗୁଡ଼ିକ ସଂକ୍ରାନ୍ତରେ ସୁଧ କିମ୍ବା ଜରିମାନା କିମ୍ବା ଉଭୟର ସର୍ତ୍ତମୂଳକ କ୍ଷମା ଯୋଗାଇବା ପାଇଁ ସିଜିଏସ୍ଟି ଅଧିନିୟମରେ ଧାରା ୧୨୮ଏ ସନ୍ନିବେସିତ ହୋଇଛି ।

ଜିଏସ୍ଟି କାର୍ଯ୍ୟାନ୍ୱୟନ କରାଯିବାର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଟିକସଦାତାମାନେ ସମ୍ମୁଖୀନ ହୋଇଥିବା ଅସୁବିଧାଗୁଡ଼ିକୁ ବିଚାରକୁ ନେଇ ସିଜିଏସ୍ଟି ଅଧିନିୟମରେ ସଂଶୋଧନ କରାଯାଇଛି:

- ଆର୍ଥିକ ବର୍ଷ ୨୦୧୭-୧୮, ୨୦୧୮-୧୯ ଓ ୨୦୧୯-୨୦ ପାଇଁ ସିଜିଏସ୍ଟି ଅଧିନିୟମର ଧାରା ୭୩ ଅଧୀନରେ ଜାରି କରାଯାଇଥିବା ଡିମାଣ୍ଡ ନୋଟିସଗୁଡ଼ିକ ପାଇଁ ସୁଧ ଏବଂ ଜରିମାନା କ୍ଷମା ଯୋଗାଇବା ପାଇଁ ।

TAX

ଏପରି ମାମଲା ଯେଉଁଠି ଟିକସଦାତା ତା୩୧।୦୩।୨୦୨୫ରିଖ ସୁଦ୍ଧା ନୋଟିସରେ ଦାବି କରାଯାଇଥିବା ଟିକସର ପୂର୍ଣ୍ଣ ରାଶି ପୈଠ କରିଦିଅନ୍ତି

ସମ୍ବନ୍ଧିତ ଫର୍ମଗୁଡ଼ିକ ଜୁନ୍ ୩୦, ୨୦୨୫ ସୁଦ୍ଧା ଦାଖଲ କରାଯିବା ନିହାତି ଜରୁରୀ

ଏହି ସମୟରେଖା ବ୍ୟବସାୟ ସଂସ୍ଥାଗୁଡ଼ିକୁ ଯୋଜନାର ଅନୁପାଳନ କରିବା ପାଇଁ ପର୍ଯ୍ୟାପ୍ତ ସମୟ ଦେବା ସହିତ ଭାରି ସୁଧ ଓ ଜରିମାନା ବିନା ଜିଏସ୍ଟି ଅନୁପାଳନର ନିୟମିତକରଣ କରିବା ନିମନ୍ତେ ପ୍ରୋତ୍ସାହିତ କରିଥାଏ ।

ଜିଏସ୍ଟି ସୁଧ ଏବଂ ଜରିମାନା କ୍ଷମତା ଯୋଜନା ସହିତ ନିଜର ଅନୁପାଳନ ଯାତ୍ରାକୁ ସହଜ କରନ୍ତୁ!

ଅଧିକ ବିବରଣୀ ପାଇଁ ଦୟାକରି ସିଜିଏସ୍ଟି ଅଧିନିୟମ, ୨୦୧୭ର ଧାରା ୧୨୮ଏ, ତା୦୮।୧୦।୨୦୨୪ରିଖର ଅଧିସୂଚନା ନଂ.୨୦/୨୦୨୪-କେନ୍ଦ୍ରୀୟ ଟିକସ ଏବଂ ତା୧୫।୧୦।୨୦୨୪ରିଖର ସର୍କୁଲାର ନଂ. ୨୩୮/୩୨/୨୦୨୪-ଜିଏସ୍ଟି ଦେଖନ୍ତୁ

କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

CBC 15502/13/ 0012 /2425

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ

@cbicindia @cbic_india @cbicindia @CBICINDIA CBIC India

ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏ ସବୁକିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି- ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି- ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ- ତେବେ ତୁମେ ସବୁ କିଛି ହରାଇ ବସିବ। -ଶ୍ରୀଅରବିନ୍ଦ



# ହାନିଲାଭର ହିସାବ

ଯୁଦ୍ଧବିରତି ପରେ ଗାଜା ଉପରେ ପୁଣି ଇସ୍ରାଏଲ ଆକ୍ରମଣ କରିବା ଆରମ୍ଭ କରିଦେଇଛି। ୨୪ ମାର୍ଚ୍ଚରେ ଇସ୍ରାଏଲ ସେନା ଗାଜାରେ ବୋମାମାଡ଼ କରିବାରୁ ୬୧ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଏହି ଆକ୍ରମଣରେ ଦକ୍ଷିଣ ଗାଜାର ଖାନ୍ ୟୁନିସ୍‌ସ୍ଥିତ ସର୍ବବୃହତ୍ ହସ୍ପିଟାଲ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଆଗକୁ ମଧ୍ୟପ୍ରାଚ୍ୟକୁ ଘୋର ବିପଦ ମାଡ଼ି ଆସୁଛି ବୋଲି ଆଶଙ୍କା କରାଗଲାଣି। ଇତିମଧ୍ୟରେ ଇସ୍ରାଏଲ ଓ ହମାସ୍ ମଧ୍ୟରେ ଚାଲିଥିବା ଯୁଦ୍ଧର ବିରତି ପାଇଁ ଇଜିପ୍ଟ ପୁନଃ ପ୍ରସ୍ତାବ ଦେଇଛି। କିନ୍ତୁ ଏ ଦିଗରେ କିଭଳି ଅଗ୍ରଗତି ହେବ ତାହା ସମ୍ଭବତଃ ଆମେରିକା ଓ ଚାଇନା ଉପରେ ନିର୍ଭର କରୁଛି ବୋଲି ଆଲୋଚନା ହେଲାଣି। କାରଣ ଡୋନାଲ୍ଡ ଟ୍ରମ୍ପ୍ ରାଷ୍ଟ୍ରପତି ହେବା ପରେ ଯୁଦ୍ଧବିରତି କରି ମଧ୍ୟପ୍ରାଚ୍ୟ ଉପରେ ନିଜର ହୁକୁମାତି ଜାହିର କରିବାକୁ ଲକ୍ଷ୍ୟ ରଖିଥିଲେ। ଏବେ ଇସ୍ରାଏଲ ପୁନଃ ଆକ୍ରମଣ କରିବା ପଛରେ ଟ୍ରମ୍ପ୍‌ଙ୍କ ସମ୍ପୂର୍ଣ୍ଣ ସମର୍ଥନ ରହିଛି। ଆମେରିକୀୟ ଇହୁଦୀମାନଙ୍କ ଲବି ଅତ୍ୟନ୍ତ ଶକ୍ତିଶାଳୀ ଓ ସେମାନେ ଧନୀ। ତାଙ୍କ ଚାପରେ ଜୋ ବାଇଡେନ୍‌ଙ୍କ ପ୍ରଶାସନ ପୂର୍ବରୁ ଇସ୍ରାଏଲ୍‌କୁ ସବୁପ୍ରକାର ସହଯୋଗ ଦେଇଆସୁଥିଲା। ଯେତେବେଳେ ପଟ୍ଟ ପରିବର୍ତ୍ତନ ହେବ ବୋଲି ସ୍ପଷ୍ଟ ବୁଝାପଡ଼ିଲା ସେତେବେଳେ ସେହି ଆମେରିକୀୟ ଇହୁଦୀମାନେ ଟ୍ରମ୍ପ୍‌ଙ୍କ ନିର୍ବାଚନରେ ଅର୍ଥ ଲଗାଇଲେ। ଏମିତିରେ ଟ୍ରମ୍ପ୍ ଜଣେ ମୁସଲମାନ ବିରୋଧୀ ନେତା ଭାବେ ପୃଥିବୀରେ ଜଣାଶୁଣା। ତାଙ୍କ ଶାସନ ଆସିବା ମାତ୍ରକେ ୟୁକ୍ରେନ୍‌ରେ ଶାନ୍ତି ପାଇଁ ଚେଷ୍ଟାକରି ବନ୍ଧୁ ତଥା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ମାରାତ୍ମକ ଗାତରୁ ବଞ୍ଚାଇବାକୁ ଚେଷ୍ଟା କରୁଥିବା ଟ୍ରମ୍ପ୍ ଅନ୍ୟପଟେ ଇସ୍ରାଏଲ୍‌କୁ ବିପୁଳ ସାମରିକ ସହଯୋଗ ଦେଇ ଯୁଦ୍ଧକୁ ବଢ଼ାଇବାରେ କାର୍ଯ୍ୟ କରିଚାଲିଛନ୍ତି। ଅନ୍ତର୍ଜାତୀୟ ରାଜନୀତିରେ ଆମେରିକାର ଭୂମିକା ଏକ ଆମୂଳଚୂଳ ପରିବର୍ତ୍ତନ କରୁଥିବା ଭଳି ମନେହୁଏ। ମନେରଖିବାକୁ ହେବ ଯେ ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ଜୋ ବାଇଡେନ୍‌ଙ୍କ ପ୍ରଶାସନ ଚେଷ୍ଟା କରିଥିଲା। ଲୋକଦେଖାଣିଆ ଭାବେ ସେହି ଚୁକ୍ତିକୁ ସମ୍ମାନ ଦିଆଯାଇ ସ୍ୱଳ୍ପ ସମୟ ପାଇଁ ଯୁଦ୍ଧ ବନ୍ଦ କରାଯାଇଥିଲା। କିଛି ସପ୍ତାହ ପୂର୍ବେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ସିଧାସଳଖ ହମାସ୍‌କୁ ଧମକାଇ କହିଥିଲେ, ପ୍ରତ୍ୟେକଟି ଇସ୍ରାଏଲ୍ ପଣବନ୍ଦୀଙ୍କୁ ମୁକ୍ତ କର, ନଚେତ୍ ତୁମ ଉପରେ ନିଆଁ ବର୍ଷିବ। ଟ୍ରମ୍ପ୍‌ଙ୍କ ଏହି ଖେଳ ଚାଲିଥିଲା ବେଳେ ପୁଟିନ୍ ତାଙ୍କ ନାକ ପର୍ଯ୍ୟନ୍ତ ୟୁକ୍ରେନ୍ କାଦୁଅରେ ଫସିଯାଇଥିବା ବେଳେ ଚାଇନା ତା'ର ଭିନ୍ନ ଲକ୍ଷ୍ୟରେ ଆଗେଇଚାଲିଛି। ବିଶେଷକରି ମଧ୍ୟପ୍ରାଚ୍ୟରେ ଚାଇନାର ଭୂମିକା ଭବିଷ୍ୟତରେ ଏକ ପଠନୀୟ ବିଷୟବସ୍ତୁ ହେବ।

ଚାଇନା ମଧ୍ୟପ୍ରାଚ୍ୟରେ ହେଉଥିବା ସଂଘର୍ଷରେ ପକ୍ଷ ନ ରହି ସେଠାକାର ଅର୍ଥନୈତିକ ପରିମଣ୍ଡଳରୁ ଲାଭ ଉଠାଇବା ଲକ୍ଷ୍ୟରେ କାର୍ଯ୍ୟ ଜାରି ରଖିଛି। ବିଶ୍ୱବାସୀ ଜାଣିଛନ୍ତି ଯେ ମଧ୍ୟପ୍ରାଚ୍ୟ ବିଶେଷକରି ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ତୈଳ ସମୃଦ୍ଧ ଓ ସେଥିରୁ ମୁଖ୍ୟତଃ ଲାଭାଂଶ ଉଠାଇଥାଆନ୍ତି। ସେଥିପାଇଁ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସେଠାକାର ତୈଳ ସମ୍ପଦ ଉପରେ ତୀକ୍ଷ୍ଣ ନଜର ରଖିଥାଆନ୍ତି। କିନ୍ତୁ ଡିସେମ୍ବର ୨୦୨୪ରେ 'ୱେଷ୍ଟ ଏସିଆନ୍ ଆଣ୍ଡ ଆଫ୍ରିକାନ୍ ଷ୍ଟଡିଜ୍' ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ଉପସାଗରୀୟ ଅଞ୍ଚଳ ଏବେ ଅଣ-ତୈଳ କ୍ଷେତ୍ର ଯଥା- କୃତ୍ରିମ ବୁଦ୍ଧିମତ୍ତା(ଏଆଇ), ନବୀକରଣୀୟ ଶକ୍ତି, ମାନୁଫାକ୍ଚରିଂ ଏବଂ ପର୍ଯ୍ୟଟନର ବିକାଶକୁ ଆଞ୍ଚଳିକ ଉନ୍ନତିର ପ୍ରମୁଖ ଚାବିକାଠି ବୋଲି ଧରିନେଲେଣି। ସମ୍ଭବତଃ ଏହି ଦିଗକୁ ଚାଇନା ଅନିଶାକରି ମଧ୍ୟପ୍ରାଚ୍ୟରେ ତା'ର ଉପସ୍ଥିତି ଜାହିର କରିବାରେ ଲାଗିପଡ଼ିଛି। ନିକଟ ଅତୀତରେ ଚାଇନା ଅତ୍ୟାଧୁନିକ ଏଆଇ 'ଡିପ୍‌ସିକ' ବିକଶିତ କରିବା ପରେ ତାହା ଆମେରିକାର ପ୍ରଯୁକ୍ତି ଦୁନିଆକୁ ବଡ଼ ଆହ୍ୱାନ ହୋଇଯାଇଛି। ଯେହେତୁ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ଅଣ-ତୈଳ କ୍ଷେତ୍ରକୁ ବ୍ୟବହାରକରି ସମୃଦ୍ଧ ହେବାକୁ ଚାହୁଁଛନ୍ତି, ସ୍ୱାଭାବିକ ଭାବେ ସେମାନେ ଚାଇନା ମୁହାଁ ହେଉଥିବା ଲକ୍ଷ୍ୟ କରାଯାଉଛି। କାରଣ ଆଗାମୀ ସମୟ ପାରମ୍ପରିକ ଯୁଦ୍ଧଠାରୁ ଦୂରେଇଯାଇ ଏଆଇ ନିୟନ୍ତ୍ରିତ ଲଢ଼େଇ ଆଡ଼କୁ ଅଗ୍ରସର ହେଉଛି। ହୁଏତ ଚାଇନା ଏହି କଥାକୁ ଭଲ ଭାବେ ବୁଝି ପୃଥିବୀର ନୂତନ ବୃହତ୍ ଶକ୍ତି ବା ସୁପରପାୱାର ହେବା ପାଇଁ ନିଅଁ ପକାଉଛି।

ଏହି ପରିପ୍ରେକ୍ଷୀରେ ଭୂରାଜନୈତିକ ଓ ଅର୍ଥନୈତିକ ସ୍ଥିତିକୁ ଦେଖିଲେ ଭାରତ ନିଜର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ଗୁରୁତ୍ୱ ହରାଇବସୁଛି। ଯେହେତୁ ଟ୍ରମ୍ପ୍ ପ୍ରଶାସନ ଏବେ ଅଧିକ ଘରମୁହାଁ ହୋଇ ଆମେରିକାକୁ ପ୍ରାଧାନ୍ୟ ଦେଉଛି, ସେଥିପାଇଁ ତାଇୱାନ୍ ଓ ବାଂଲାଦେଶ ଭଳି କେତେକ ଦେଶ ଉପରୁ ତା'ର ଦୃଷ୍ଟି ଦୂରେଇଗଲାଣି। ସେହି ଶୂନ୍ୟସ୍ଥାନକୁ ଅତି ଶୀଘ୍ର ଚାଇନା ଦ୍ୱାରା ପୂରଣ କରିଦିଆଯିବାର ଲକ୍ଷ୍ୟ କରାଯାଉଛି। ଉଦାହରଣ ସ୍ୱରୂପ ବାଂଲାଦେଶରେ ଶେଖ୍ ହସିନାଙ୍କ ସରକାରକୁ ହଟାଇ ଆମେରିକାର ସମର୍ଥନ ମହମ୍ମଦ ୟୁନୁସ୍‌ଙ୍କ ପଛରେ ରହିଥିଲା। ସେହି ରାଜନୀତିକୁ କୌଣସି ଭାବେ ବୁଝିପାରି ନ ଥିବା ଭାରତର ଶାସନ ବ୍ୟବସ୍ଥା ଏବେ ସେଠାରେ ଆମେରିକା ବିଦାହୋଇ ଚାଇନା ପଶୁଥିବାର ଦେଖିବାକୁ ପାଉଛି। ଦିଲ୍ଲୀରେ ଶେଖ୍ ହସିନା ବସିଥିବା ବେଳେ ମହମ୍ମଦ ୟୁନୁସ୍‌ଙ୍କର ବେଜିଂ ସାଙ୍ଗରେ ଘନିଷ୍ଠତା ସ୍ପଷ୍ଟ ଭାବେ ବୃଦ୍ଧି ପାଉଛି। ଏଥିରୁ ବୁଝିବାକୁ ହେବ ଯେ ଭାରତର ଶାସନ ବ୍ୟବସ୍ଥା ଅନ୍ତର୍ଜାତୀୟ ରାଜନୀତିକୁ ବୁଝିବାରେ ଅକ୍ଷମ।

ଏଭଳି ପ୍ରଚ୍ଛଦପଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ପୋଡ୍‌କାଷ୍ଟରେ କହିଛନ୍ତି, ଚାଇନା ସହ ସମ୍ପର୍କକୁ ସ୍ୱାଭାବିକ କରିବା ଲାଗି ଚେଷ୍ଟା କରାଯାଉଛି। କିନ୍ତୁ ବାସ୍ତବ ସତ୍ୟ ହେଉଛି ଚାଇନା ଅନ୍ତର୍ଜାତୀୟ ରାଜନୀତିରେ ଯେଉଁ ସ୍ତରରେ ପହଞ୍ଚିଲାଣି ସେଠାରେ ଭାରତ ସହ ଘନିଷ୍ଠ ସମ୍ପର୍କ ସୃଷ୍ଟିକରିବା ପଛରେ ବ୍ୟବସାୟିକ ହାନିଲାଭର ହିସାବ ମୁଖ୍ୟ ଗୁରୁତ୍ୱ ଧାରଣ କରିବ। ସେଥିରେ ଭାରତ କେଉଁଭଳି ବୁଝାମଣା କରିପାରିବ ତାହା ଭବିଷ୍ୟତ ହିଁ କହିବ।

# ରାଜନେତାଙ୍କ ଲଣ୍ଠନ ଉପାଖ୍ୟାନ



କିଶୋର ଚନ୍ଦ୍ର ବେହେରା

ଅତ୍ୟାଧୁନିକ ବିଜ୍ଞାନ ଓ କାରିଗରି ବିଦ୍ୟା ଡିଜିଟାଲ ଯୁଗରେ ଅଲୋଡ଼ା ହୋଇପଡ଼ିଥିବା ଡିବିରି, ଲଣ୍ଠନ, ଚେମେଣି ଓ ମହମବତି ଏବେ ପୁଣି ଖୋଜା ପଡ଼ିଛି। ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ସମୟରେ ଏସବୁ ପାରମ୍ପରିକ ସାମଗ୍ରୀକୁ ଲୋକେ ପୁଣି ଏକତ୍ରିତ କରିଥାନ୍ତି। ଆଲୋକ ପ୍ରଦାନ କରୁଥିବା ଏକ ଉପକରଣ, ଯେଉଁଥିରେ ବତିର ଚାରିପଟେ ଏକ ଗୋଲ କାଚ ଲଗା ହୋଇଥାଏ ଏବଂ ତେଲ ରଖିବା ନିମନ୍ତେ ଏକ ଆଧାର ଥାଏ। ଯେଉଁ ସମୟରେ ଆମ ନିକଟରେ ବିଦ୍ୟୁତ୍ ଅପହଞ୍ଚ ଥିଲା ସେତେବେଳେ ଲୋକେ କିରୋସିନରେ ଡିବିରି ବତି ହେଉ କିମ୍ବା ଦିହୁଡି ଲଗାଇ ଅନ୍ଧାରକୁ ଦୂରେଇ ପାରୁଥିଲେ L ବହୁ ବର୍ଷ ଧରି ନିପଟ ମଫସଲ ଗ୍ରାମ କିମ୍ବା ଛୋଟ ଛୋଟ ସହରଗୁଡ଼ିକରେ ଆଲୋକୀକରଣ ବ୍ୟବସ୍ଥାର ଅଭାବ ଦେଖାଦେଇଥିଲା। ବସ୍ତିଗୁଡ଼ିକରେ ବସବାସ କରୁଥିବା ଲୋକେ ବିଭିନ୍ନ ଉପାୟରେ ଅନ୍ଧାରକୁ ଦୂର କରିବା ପାଇଁ ଯଥାସମ୍ଭବ ପ୍ରୟାସ କରୁଥିଲେ। ଅପହଞ୍ଚ ଇଲାକା ତଥା ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ଲୋକେ ରାତିର ଘନ ଅନ୍ଧକାର ଭିତରେ ମୁଣ୍ଡ ଗୁଞ୍ଜି ରହୁଥିଲେ। ଦିନରେ ସୂର୍ଯ୍ୟଙ୍କ ଆଲୁଅରେ ପେଟ ପାଟଣା ପାଇଁ ଖାଦ୍ୟ ଅନ୍ୱେଷଣ ହେଉ କିମ୍ବା ଚାଷ ଜମିରେ କାମ କରି ସନ୍ଧ୍ୟା ବେଳକୁ ଘରକୁ ଫେରି କ୍ଳାନ୍ତ ଶରୀରକୁ ବିଶ୍ରାମ ଦେବା ପାଇଁ ତତ୍ପର ହେଉଥିଲେ। ସଞ୍ଜ ନଇଁଲେ ଘରେ ଘରେ ପଡ଼ି ଯାଉଥିଲା ତାଟି କବାଟ। କିଛି ଲୋକ ଡିବିରି ବତିରେ ପାଠ ପଢ଼ିବା ହେଉ କି ରୋଷେଇ କରିଆସୁଥିଲେ। ଧୂଆଁରେ ଘର ଭର୍ତ୍ତି ହୋଇଯାଉଥିଲା। ସମୟ କ୍ରମେ ଗାଁ ଗଣ୍ଡାର କୁଶଳୀ କାରିଗର ଲୁହାରେ ତିଆରି ଚିମିଳି ସହିତ ଲଣ୍ଠନକୁ ତିଆରି କରି ଲୋକଙ୍କ ଆବଶ୍ୟକତା ମେଣ୍ଟାଇବାରେ ସମର୍ଥ ହୋଇଥିଲେ। ଲଣ୍ଠନ ବିଭିନ୍ନ ପ୍ରକାର ଯେମିତି କିରୋସିନ, ପେଟ୍ରୋମାକ୍ସ କିମ୍ବା ବିଦ୍ୟୁତ୍ ଚାଳିତ ଆଲୋକ ଉପକରଣ ହୋଇପାରେ। କିନ୍ତୁ ଓଡ଼ିଶାରେ ଲଣ୍ଠନ କହିଲେ ସାଧାରଣତଃ କିରୋସିନଚାଳିତ ଲଣ୍ଠନକୁ ବୁଝାଯାଏ। ଲଣ୍ଠନ ଭିତରେ ମହମବତି, କିରୋସିନ ସଳିତା, ପେଟ୍ରୋମାକ୍ସ ମେଣ୍ଟଲ କିମ୍ବା ବିଦ୍ୟୁତ୍ ବତି ଆଲୋକର ଉତ୍ସ ଭାବରେ ବ୍ୟବହାର ହୋଇଥାଏ। ଖୋଲା ଆଲୋକ ଉତ୍ସ ଯେମିତି ମହମବତି କିମ୍ବା ଡିବିରି ବତିରୁ ଅନେକ ପ୍ରକାରେ ଅଗ୍ନି ବିପତ୍ତି ହେବାର ସମ୍ଭାବନା ଥିବା ବେଳେ ଲଣ୍ଠନ ଏକ ନିରାପଦ ବତି ଭାବରେ ବ୍ୟବହାର କରାଯାଇଥାଏ। ପ୍ରକୃତରେ ଲଣ୍ଠନର ଉଦ୍ଭାବନ ନିରାପଦ ଆଲୋକ ପାଇବା ଉଦ୍ଦେଶ୍ୟରେ ହିଁ ହୋଇଥିଲା।



ଅଧିକନ୍ତୁ ଘର ବାହାରେ ଲଣ୍ଠନର ଆଲୋକ ଉପରେ ପବନର ପ୍ରଭାବ ବିଶେଷ ନ ଥାଏ।

ଅନ୍ଧାର ରାତିକୁ ଦୂର କରିବା ପାଇଁ ଯେଉଁ ଲଣ୍ଠନର ବ୍ୟବହାର ସମାଜରେ ବହୁଳ ପରିମାଣରେ ହେଉଥିଲା, ତାକୁ ନେଇ ଅନେକ କବି, ନାଟ୍ୟକାର, ଗୀତିକାର, ପ୍ରାବନ୍ଧିକ ଓ ଚିତ୍ରଶିଳ୍ପୀ ନିଜ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ରାତିରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ କିମ୍ବା ଦିନସାରା ଅକ୍ଳାନ୍ତ ପରିଶ୍ରମରୁ ନିଜକୁ ହାଲୁକା କରିବା ପାଇଁ ଯେଉଁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥାଏ ସେତେବେଳେ ଲଣ୍ଠନର ଆବଶ୍ୟକତା ପଡ଼ିଥାଏ। କାଳକ୍ରମେ ଭାରତ ସରକାରଙ୍କ ନିର୍ବାଚନ ଆୟୁକ୍ତ ଏହାକୁ ରାଜନୈତିକ ଦଳର ଚିହ୍ନ ରୂପେ ସ୍ୱୀକୃତି ପ୍ରଦାନ କରିଥିଲେ। ୧୯୯୭ରେ ଜାତୀୟ ଜନତା ଦଳରୁ ଅଲଗା ହେବାପରେ ଲାଲୁ ପ୍ରସାଦ ଯାଦବ ବିହାରରେ ପ୍ରଥମ ଥର ପାଇଁ ରାଷ୍ଟ୍ରୀୟ ଜନତା ଦଳ ଗଠନ କରିଥିଲେ ଏବଂ ଏହାର ଦଳୀୟ ଚିହ୍ନ ଥିଲା ଲଣ୍ଠନ। ସେ ହିଁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲେ। ଏହାପରେ ଲଗାତର ଏହି ଦାୟିତ୍ୱ ତୁଲାଇ ଆସୁଛନ୍ତି। ଏପରି କି ଚାରା ଘୋଟାଲାରେ ଅଭିଯୁକ୍ତ ଥିବାବେଳେ ମଧ୍ୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସାଧାରଣ ନିର୍ବାଚନ, ରାଜ୍ୟ ବିଧାନସଭାର ନିର୍ବାଚନ ଓ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ପରସ୍ପର ରାଜନୈତିକ ଦଳ ପରସ୍ପରକୁ ଆକ୍ଷେପ ଓ ପ୍ରତିଆକ୍ଷେପ କରି ସମାଲୋଚନା କରିଥାନ୍ତି 'ଦିନବେଳେ ଲଣ୍ଠନ ଦେଖାଇବା' କଥା କାରଣ ସୂର୍ଯ୍ୟାଲୋକରେ ଲଣ୍ଠନ ଜଳିବା ଦ୍ୱାରା ନିଜର ଅସ୍ତିତ୍ୱ ହରାଇଥାଏ। ଦଳୀୟ ପ୍ରାର୍ଥୀଙ୍କ ପ୍ରତିଶ୍ରୁତି କିଛି ଜନତା ଜନାର୍ଦ୍ଦନ ମତଦାତାମାନେ ଏହାକୁ ଗ୍ରହଣ କରିଥିବା ବେଳେ କିଛି ଏହାକୁ ଅଗ୍ରାହ୍ୟ କରିଥାନ୍ତି। ଆମ ଦେଶରେ ୧୯୫୨ ମସିହା ପ୍ରଥମ ସାଧାରଣ ନିର୍ବାଚନଠାରୁ ଆରମ୍ଭ କରି ସଂପ୍ରତି ବିଧାନସଭା ନିର୍ବାଚନ ହେଉ କିମ୍ବା ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ଓ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନ ନିର୍ବାଚନ ଭୋଟଦାନ କକ୍ଷରେ ଲଣ୍ଠନର ଆବଶ୍ୟକତା ପଡ଼ିଥାଏ। ଭୋଟଦାନ କକ୍ଷରେ ଲଣ୍ଠନର ବ୍ୟବହାରକୁ ନେଇ ଅନେକ ଆଲୋଚନା ମଧ୍ୟରେ ପ୍ରଥମତଃ ଭୋଟଦାନ କକ୍ଷଟି ଅନ୍ଧକାର ଥିବାରୁ ଏହାକୁ ଆଲୋକିତ କରାଯାଏ; ଯାହାଫଳରେ ମତଦାତା ନିଜର ଜନପ୍ରତିନିଧି ଚିହ୍ନଟିକୁ ଜାଣିବା ପାଇଁ ସହଜ ହୋଇଥାଏ। ଦ୍ୱିତୀୟତଃ ଭାରତୀୟ ପରମ୍ପରାରେ ଦୀପର ଆଲୋକ ସତ୍ୟ, ଧର୍ମ ଓ ପରମ୍ପରାର ପ୍ରତୀକ ବୋଲି ବିଶ୍ୱାସ କରାଯାଇଥାଏ। ମତଦାତା ନିଜର ଭୋଟ ଖଣ୍ଡିକ କାହାକୁ ସାବ୍ୟସ୍ତ କଲେ କେବଳ ନିର୍ଜୀବ ଲଣ୍ଠନ ଦୀପ ହିଁ ଦେଖିଥାଏ, ତା' ବ୍ୟତିରେକ ଅନ୍ୟ କିଏ ଦେଖି ନ ଥାନ୍ତି।

ଯେଉଁ ଲଣ୍ଠନକୁ ସାକ୍ଷୀ ରଖି ସାଧାରଣ ଜନତାଟିଏ ନିଜର ମତ ସାବ୍ୟସ୍ତ କରିଥିଲା, ସେହି ଲଣ୍ଠନ ଏବେ ନିର୍ବାଚିତ ଜନପ୍ରତିନିଧିଙ୍କ ହାତରେ। ଏଭଳି ରୋଚକ ପରିସ୍ଥିତି ଦେଖିବାକୁ ମିଳୁଛି ଚଳିତବର୍ଷ ବଜେଟ ଅଧିବେଶନରେ। ଓଡ଼ିଶାବିରୋଧୀ ମନ୍ତବ୍ୟ ଦେଇଥିବା ବିଧାୟକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜୁ ଜନତା ଦଳ ଦାବି କରିଛି। ଏହାସହ ଅଭିନବ ଉପାୟରେ ଲଣ୍ଠନ ଧରି ମୁଖ୍ୟମନ୍ତ୍ରୀ କୁଆଡ଼େ ଗଲେ ବୋଲି ଖୋଜିଥିଲେ ବିଜେଡି ବିଧାୟକ। ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ପାଖରେ ଲଣ୍ଠନ ଧରି ଖୋଜିଥିଲେ ବିଜେଡି ବିଧାୟକ। ଏହାପରେ ବିଜେଡି ବିଧାୟକମାନେ ବିଧାନସଭାରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ତଳେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରି ପ୍ରତିବାଦ କରିଥିଲେ । ଯେଉଁଠି ରାତିର ଅନ୍ଧାରକୁ ଦୂର କରିବା ପାଇଁ ଲଣ୍ଠନର ଆବଶ୍ୟକତା ପଡ଼ିଥାଏ କିନ୍ତୁ ୨୪ଘଣ୍ଟା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ବିଧାନସଭାରେ ଲଣ୍ଠନର ଆବଶ୍ୟକତା ପଡ଼ିଲା ଏହା ସାଧାରଣରେ ପ୍ରଶ୍ନବାଚୀ। ଏହାକୁ ନେଇ ଯୁବ ମତଦାତା ଗୋଷ୍ଠୀ କହନ୍ତି, ଆମେ ତ ଘରେ ଲଣ୍ଠନ ଦେଖିନାହୁଁ, ବାହାରକୁ ଗଲେ ହୋଟେଲ କିମ୍ବା ପାର୍କରେ ରଖାଯାଇଥିବାର ଦେଖିବାକୁ ମିଳୁଥିଲା, ସେ ଯାହାହେଉ ବର୍ତ୍ତମାନ ଗଣତନ୍ତ୍ର ମନ୍ଦିରରେ ଏହା ଦେଖିବାକୁ ମିଳିଲାଣି। ଏହାକୁ ନେଇ ରାଜନୈତିକ ଗବେଷକମାନେ ମତପ୍ରକାଶ କରିଛନ୍ତି ଗତ ୧୯ତମ ସାଧାରଣ ନିର୍ବାଚନ ଓ ୧୮ତମ ରାଜ୍ୟ ବିଧାନସଭା ନିର୍ବାଚନ ସମୟରେ ଭୋଟଦାନ କକ୍ଷରେ କିରୋସିନ ବ୍ୟବହୃତ ଲଣ୍ଠନ ବ୍ୟବହାର ନ କରି ବ୍ୟାଟେରିଜନିତ ଲଣ୍ଠନ ବ୍ୟବହାର ଏହାର ପରିଣାମ ବୋଲି ମତପୋଷଣ କରୁଛନ୍ତି। ଏଥିରୁ ସ୍ପଷ୍ଟ ହୋଇଗଲା କି ପରବର୍ତ୍ତୀ ପିଢ଼ି ପାଇଁ ଇତିହାସ ପାଲଟିବନି ପାରମ୍ପରିକ ଲଣ୍ଠନ।

**ଅଧ୍ୟାପକ, ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ, ନନ୍ଦପୁର, କୋରାପୁଟ**
**ମୋ: ୯୪୩୭୯୫୫୫୬୮**

# ନୀରବଘାତକ



ବିଦ୍ୟାଧର ମହାରଣା

ଭାରତରେ ୧୪ କୋଟି ଲୋକ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଧାରିତ ବାୟୁଗୁଣ ସୂଚକାଙ୍କର ୧୦ ଗୁଣ ପ୍ରଦୂଷିତ ବାୟୁ ସେବନ କରନ୍ତି, ଯାହା ଫଳରେ ପ୍ରତିବର୍ଷ ୨୦ ଲକ୍ଷ ଲୋକ ଅକାଳ ମୃତ୍ୟୁବରଣ କରନ୍ତି। ବାୟୁ ପ୍ରଦୂଷଣକୁ ସାଧାରଣତଃ ବାୟୁଗୁଣ ସୂଚକାଙ୍କ ହିସାବରେ ପ୍ରକାଶ କରାଯାଏ। ବାୟୁମଣ୍ଡଳରେ ଅତି କ୍ଷୁଦ୍ର କଣିକାର ଆକାରକୁ ୨.୫ ମାଇକ୍ରୋମିଟର କିମ୍ବା ୧୦ଆକାରରେ ପ୍ରକାଶ କରାଯାଏ, ଯାହାକୁ ପିଏମ୍ ୨.୫ ବା ପିଏମ୍୧୦ କୁହାଯାଏ। ଏକ ଘନମିଟର ବାୟୁରେ ମାଇକ୍ରୋଗ୍ରାମ ହିସାବରେ ବାୟୁ ପ୍ରଦୂଷଣ ପ୍ରକାଶ କରାଯାଏ। ଭାରତରେ ୨୦୨୪ ମସିହାରେ ହାରାହାରି ୫୦.୬ ମାଇକ୍ରୋଗ୍ରାମ କଣିକା ପ୍ରତି ଘନମିଟର ବାୟୁରେ ଥିଲା, ଯାହା ୨୦୨୩ ମସିହାର ୫୪.୪ ତୁଳନାରେ ସାମାନ୍ୟ କମ୍ ଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ସୂଚକାଙ୍କକୁ ୬ ଶ୍ରେଣୀରେ ବିଭକ୍ତ କରେ। ଯେଉଁ ସହର ବା ଦେଶରେ ଏହା ୫.୧ରୁ ୧୦ ମଧ୍ୟରେ ରହେ ତାହା ନିର୍ଦ୍ଧାରିତ ମାନଠାରୁ ୨-୨ ଗୁଣ ଅଧିକ ବୋଲି ବିବେଚନା କରାଯାଏ। ଏହି ମାନ ଯଦି ୫୦ରୁ ଅଧିକ ରହେ ତେବେ ତାକୁ ୧୦ ଗୁଣ ଅଧିକ ବୋଲି ବିଚାର କରାଯାଏ। ୨୦୨୫ ମସିହାରେ ମେଘାଳୟ ବିରନିହାଟରେ ଏହା ୧୨୮.୨, ଦିଲ୍ଲୀରେ ୧୦୮.୩ ଓ ଫରିଦାବାଦରେ ୧୦୧.୨ ରେକର୍ଡ କରାଯାଇଛି। ଭାରତରେ ୩୫% ସହରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଧାରିତ ମାନଠାରୁ ୧୦ ଗୁଣ ଅଧିକ ବାୟୁ ପ୍ରଦୂଷିତ ହେବାର ପ୍ରକାଶ କରାଯାଇଛି। ବାୟୁରେ ଅଧିକ ପିଏମ୍ ୨.୫ ଥିଲେ ହୃଦ୍‌ରୋଗ, ଆଜ୍‌ମା ଓ ଓଜନ କମି ଯାଏ। ଏପରି ପ୍ରଦୂଷିତ ବାୟୁ ଶ୍ୱାସନଳିରେ ପ୍ରବେଶ କରି ମୃତ୍ୟୁର କାରଣ ହେଉଛି। ଏପରି ନୀରବ ଘାତକ ଆମ ଦେଶର କିପ୍ରକାର ବିପଦ ଆଗକୁ ସୃଷ୍ଟି କରିବ ତାହା ସହଜରେ ଅନୁମେୟ।

ବାୟୁ ପ୍ରଦୂଷଣର ମୁଖ୍ୟ କାରଣଗୁଡ଼ିକ ହେଲା ଶିଳ୍ପ ଯୋଗୁ ବାୟୁମଣ୍ଡଳକୁ ତ୍ୟାଗ କରାଯାଉଥିବା ଅଙ୍ଗାରକାମ୍ଳ ବାଷ୍ପ, ରାସ୍ତାରେ ଚାଲୁଥିବା ଗାଡ଼ିମୋଟର ଯୋଗୁ ନିର୍ଗତ ହେଉଥିବା କାର୍ବନ ମନୋକ୍ସାଇଡ ଓ ଅଙ୍ଗାରକାମ୍ଳ ବାଷ୍ପ, ନିର୍ମାଣ ଯୋଗୁ ବାୟୁମଣ୍ଡଳକୁ ନିର୍ଗତ ଧୂଳିକଣା, ଅଳିଆ ଆବର୍ଜନା ପୋଡ଼ା, ବିଜୁଳି ଶକ୍ତି ପାଇଁ କୋଇଲା ଜାଳେଣି ଓ ରୋଷେଇ ଲାଗି ଜାଳେଣି। ବାୟୁ ପ୍ରଦୂଷଣ ଆମ ଶରୀରରେ ଶ୍ୱାସନଳିଜନିତ ରୋଗ, ହୃଦ୍‌ରୋଗ ଓ ଅକାଳ ମୃତ୍ୟୁ କରିଥାଏ। ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୁଅନ୍ତି ବୟସ୍କ ଓ ଶିଶୁ। ବାୟୁମଣ୍ଡଳରେ ଅମ୍ଳ ବୃଷ୍ଟି ଯୋଗୁ ଜଙ୍ଗଲ, ହ୍ରଦ, ମୃତ୍ତିକା ଓ ଜୈବବିବିଧତା ମଧ୍ୟ ପ୍ରଭାବିତ ହୁଏ, ଯାହାକି ପରିସଂସ୍ଥାରେ ଅସ୍ଥିରତା ସୃଷ୍ଟି କରେ। ସହରାଞ୍ଚଳରେ ବାୟୁପ୍ରଦୂଷଣ ରୋକିବା ପାଇଁ ବହୁ ଅର୍ଥ ବ୍ୟୟବରାଦ ଆବଶ୍ୟକ ପଡ଼େ। ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଭାରତରେ ୧୯୮୧ରେ ପ୍ରଣୀତ ହୋଇଥିଲେ ମଧ୍ୟ ଦୁର୍ବଳ କାର୍ଯ୍ୟକ୍ରମ ଯୋଗୁ ଏହା ସଫଳ ହେଲା ନାହିଁ। ୨୦୧୫ ରେ ଭାରତ ସରକାର ଆଇଆଇଟି କାନପୁର ସହାୟତାରେ ଜାତୀୟ ବାୟୁଗୁଣମାନ ସୂଚକାଙ୍କ ଆରମ୍ଭ କଲେ। ୨୦୧୯ ମସିହାରେ ଜାତୀୟ ନିର୍ମଳବାୟୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ମୋଟାମୋଟି ୨୦-୩୦% ପିଏମ୍ ୨.୫ ଓ ୧୦କୁ ୨୦୨୪ ସୁଦ୍ଧା ହ୍ରାସ କରିବାର ଲକ୍ଷ୍ୟଧାର୍ଯ୍ୟ କରାଗଲା। ଏହାକୁ ତୁଳନା କରିବା ପାଇଁ ୨୦୧୭କୁ ମୂଳ ବର୍ଷ ଧରାଗଲା। ଏହାକୁ ଭାରତର ୧୦୨ ଅଧିକ ପ୍ରଦୂଷିତ ସହରରେ କାର୍ଯ୍ୟକାରୀ କରିବାକୁ ସ୍ଥିର କରାଗଲା। ଏହା ବ୍ୟତୀତ ୧୬୦୦ କିଲୋମିଟର ଦୈର୍ଘ୍ୟ ଓ ୫ କିଲୋମିଟର ପ୍ରସ୍ଥବିଶିଷ୍ଟ ଆରାବଳୀ ପାର୍ବତ୍ୟ ଅଞ୍ଚଳ କଡ଼ରେ ଗୁଜରାଟଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ୧୩୦ କୋଟି ବୃକ୍ଷରୋପଣ କରି ଏକ ସବୁଜ ପ୍ରାଚୀର ନିର୍ମାଣ ୧୦ବର୍ଷରେ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖାଗଲା।



ଏପରି ଏକ ନୀରବଘାତକ ପଞ୍ଝାରୁ ରକ୍ଷା ପାଇବା ପାଇଁ ଉଭୟ ସରକାର ଓ ଜନସାଧାରଣ କେତେକ ବଳିଷ୍ଠ କାର୍ଯ୍ୟକ୍ରମ ସମ୍ପାଦନ କରିବା ଅତ୍ୟନ୍ତ ଜରୁରୀ ମନେହୁଏ। ପ୍ରଥମରେ ଶିଳ୍ପ ଓ ଯାନବାହନଗୁଡ଼ିକରୁ ବାୟୁ ପ୍ରଦୂଷଣକାରୀ ବାଷ୍ପ ନିର୍ଗମନକୁ ସୀମିତ କରିବା ପାଇଁ ନୀତି ଓ ନିୟନ୍ତ୍ରଣ ଆବଶ୍ୟକ। ଦ୍ୱିତୀୟରେ ବ୍ୟକ୍ତିଗତ ଗାଡ଼ିମୋଟର ପରିବର୍ତ୍ତେ ସର୍ବସାଧାରଣ ପରିବହନ ବ୍ୟବସ୍ଥା ଏବଂ ବିଶେଷ କରି ବିଦ୍ୟୁତ୍ ଚାଳିତ ଗାଡ଼ିରେ ଯାତାୟାତ କରିବାକୁ ସମସ୍ତଙ୍କୁ ଅନୁରୋଧ କରିବା ଜରୁରୀ। ତୃତୀୟରେ ଜୀବାଶ୍ମ ଆଧାରିତ ଶକ୍ତି ପରିବର୍ତ୍ତେ ନବୀକରଣ ଯୋଗ୍ୟ ଶକ୍ତି ହିସାବରେ ସୌର ଶକ୍ତି, ପବନ ଶକ୍ତି ଓ ହାଇଡ୍ରୋ ପାୱାର ବ୍ୟବହାର କଲେ ବାୟୁ ପ୍ରଦୂଷଣ ଯଥେଷ୍ଟ ହ୍ରାସ ପାଇବ। ଚତୁର୍ଥରେ ସହରାଞ୍ଚଳରେ ଯଥେଷ୍ଟ ବୃକ୍ଷରୋପଣ ସହିତ ପାର୍କ, ଜଳାଶୟ ଇତ୍ୟାଦି ରଖାଗଲେ ଅଙ୍ଗାରକ ପୃଥକୀକରଣ ହୋଇ ବାୟୁ ପ୍ରଦୂଷଣ ହ୍ରାସ ପାଇବ। ପଞ୍ଚମରେ ଗୃହ ଓ ରାସ୍ତା ନିର୍ମାଣ ସମୟରେ ଧୂଳିକଣା ଯେପରି ବାୟୁମଣ୍ଡଳକୁ ନ ବ୍ୟାପେ ସେଥିପ୍ରତି ଯତ୍ନବାନ ହେବା ସହିତ ଅଳିଆ ଆବର୍ଜନା ନ ପୋଡି ଏଗୁଡିକ ନିରାପଦ ସ୍ଥାନକୁ ଉଠାଇନେବା ପ୍ରୟୋଜନ । ଘରେ ରୋଷେଇ ପାଇଁ ଧୂମହୀନ ଚୁଲା କିମ୍ବା ଗ୍ୟାସ୍ ଚୁଲା ବ୍ୟବହାରକୁ ବାଧ୍ୟତାମୂଳକ କରିବା ଆବଶ୍ୟକ। ବୟସ୍କ ବ୍ୟକ୍ତି ଓ ରୋଗୀମାନେ ରାସ୍ତାରେ ଚାଲିବା ବେଳେ ସୁରକ୍ଷିତ ମାସ୍କ ବ୍ୟବହାର କଲେ ବହୁ ଉପକାର ପାଇବେ ଓ ପ୍ରଦୂଷଣଜନିତ ରୋଗରୁ ମୁକ୍ତି ପାଇବେ। ଷଷ୍ଠରେ ଜଙ୍ଗଲ ନିଆଁ ଲିଭାଇବା ପାଇଁ ସାମୂହିକ ବ୍ୟବସ୍ଥା ଓ ଫସଲ ଅବଶେଷ ପୋଡିବା ବନ୍ଦ ପାଇଁ ଆଇନ ପ୍ରଣୟନ କରିବାକୁ ହେବ। ଯେତେଦୂର ସମ୍ଭବ ଆମକୁ ଅଧିକ ସଂଖ୍ୟକ ବୃକ୍ଷରୋପଣ କରିବାକୁ ହେବ। ବୃକ୍ଷ ବାୟୁମଣ୍ଡଳରୁ ବିଷାକ୍ତ ବାଷ୍ପ ଶୋଷଣ କରି ଅମ୍ଳଜାନ ଯୋଗ କରେ। ଏହା ମଧ୍ୟ ଧୂଳିକଣାଗୁଡ଼ିକ ଶୋଷଣ କରିବା ଯୋଗୁ ଆମେ ବାୟୁ ପ୍ରଦୂଷଣରୁ ରକ୍ଷା ପାଉ। ସାଧାରତଃ ବୃକ୍ଷ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ, ସଲ୍‌ଫର ଡାଇ ଅକ୍ସାଇଡ, ନାଇଟ୍ରୋଜେନ ଡାଇ ଅକ୍ସାଇଡ ଓ ଓଜୋନ ଗ୍ୟାସ୍ ଶୋଷିଦେଇ ବାୟୁକୁ ପ୍ରଦୂଷଣମୁକ୍ତ କରେ। ଗଛର ବଲ୍କଳ ଓ ପତ୍ର ବାୟୁମଣ୍ଡଳର ଧୂଳିକଣିକା ଗ୍ରହଣ କରି ବାୟୁକୁ କଳାଧୂଆଁ ମୁକ୍ତ କରେ। ଏହା ବ୍ୟତୀତ ଗଛ ପ୍ରଚୁର ଅମ୍ଳଜାନ ତ୍ୟାଗ କରେ। ଗଛର ଛାୟା ଯୋଗୁ ପରିବେଶ ଶୀତଳ ରହେ। ନିମ, ବର ଓ ଓସ୍ତ ଗଛ ବାୟୁମଣ୍ଡଳକୁ ପ୍ରଚୁର ଅମ୍ଳଜାନ ତ୍ୟାଗ କରନ୍ତି। ଏହି କାରଣରୁ ବୃକ୍ଷରୋପଣ ଏକ ମହତ୍ କାର୍ଯ୍ୟ ହିସାବରେ ପରିଗଣିତ। ପରିଶେଷରେ ଗୋଷ୍ଠୀ ସମ୍ପ୍ରଦାୟଙ୍କୁ ବାୟୁ ପ୍ରଦୂଷଣର ଉତ୍ସ, ପ୍ରଭାବ ଓ ନିରାକରଣ ବ୍ୟବସ୍ଥା ସମ୍ବନ୍ଧରେ ସଚେତନତା ସୃଷ୍ଟି ସହିତ ଶିକ୍ଷା ଓ ସହାୟତା ଦିଆଯିବା ଆବଶ୍ୟକ। ନିଜ ଗୃହ ଚାରିପାଖ ପରିଷ୍କାର ରଖିବା ସହିତ ମିଳିମିଶି ସର୍ବସାଧାରଣ ଯାନ କିମ୍ବା ସମୂହ ଭାବରେ ଯାତାୟାତ କରିବା ପାଇଁ ଉତ୍ସାହିତ କରିବା ଉଚିତ। ମନେରଖିବାକୁ ହେବ ଯେ ବାୟୁପ୍ରଦୂଷଣ ରୋକିବା ପାଇଁ ସରକାରୀ, ବେସରକାରୀ ଓ ବ୍ୟକ୍ତିଗତ ସ୍ତରରେ ଏକୀଭୂତ କାର୍ଯ୍ୟକ୍ରମ କେବଳ ଏପରି ଏକ ନୀରବଘାତକକୁ ପ୍ରତିହତ କରିବାରେ ସମର୍ଥ ।

**କଳିଙ୍ଗନଗର, ଘାଟିକିଆ, ଭୁବନେଶ୍ୱର**
**ମୋ: ୯୪୩୭୦୭୧୧୯୦**

## ଏଇ ଭାରତରେ

ଅତ୍ୟାଧୁନିକ ଜୀବନଶୈଳୀରେ ଜଳର ବ୍ୟବହାର ବୃଦ୍ଧି ଯୋଗୁ ପ୍ରତିଦିନ ଅତ୍ୟଧିକ ଜଳ ନଷ୍ଟ ହେଉଛି, ଯାହା ଆଗାମୀ ସମୟ ପାଇଁ ଶୁଭଙ୍କର ନୁହେଁ। ଏବେ ଗୋଟିଏ ପରିବାରରେ ପ୍ରତିଦିନ ହାରାହାରି ୫୦ ଲିଟର ପାଣି ନଷ୍ଟ ହେଉଛି ଏବଂ ଏହାକୁ ରୋକିବା ପାଇଁ ଦିଲ୍ଲୀର ୧୮ ବର୍ଷୀୟା ମନ୍ନତ କୌର ତିଆରି କରିଛନ୍ତି ଏକ ଗ୍ରେୱାଟର ରିସାଇକ୍ଲିଂ ସିଷ୍ଟମ। ତାଙ୍କର ଏହି ରିସାଇକ୍ଲିଂ ସିଷ୍ଟମ ଷ୍ଟକହୋମ ଜୁନିୟର ୱାଟର ପ୍ରାଇଜ (୨୦୨୪) ପାଇଛି । ଏହି ସିଷ୍ଟମରେ ଗାଧୁଆ, ରୋଷେଇରେ ବ୍ୟବହୃତ ୫୦% ପାଣି ବଞ୍ଚାଇପାରୁଛି। ମନ୍ନତଙ୍କୁ ଯେତେବେଳେ ୧୦ ବର୍ଷ ବୟସ ହୋଇଥିଲା ସେତେବେଳେ ଜଳ ସଙ୍କଟ ଦୂର କରିବା ଲାଗି ସେ ନଷ୍ଟ ହେଉଥିବା ଜଳର ପୁନଃ ଉପଯୋଗ ଉପାୟ ସମ୍ପର୍କରେ ଚିନ୍ତା କରିଥିଲେ। ମନ୍ନତଙ୍କ ଦ୍ୱାରା ନିର୍ମିତ ଗ୍ରେୱାଟର ରିସାଇକିଲିଂ ସିଷ୍ଟମର ଫିଲଟର ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ପ୍ରାକୃତିକ। ସେଥିରେ ସେ ଅଙ୍ଗାର, ଲେମ୍ବୁ ଚୋପା ଓ କିଛି ଷ୍ଟୋନ୍ ବ୍ୟବହାର କରିଛନ୍ତି। ପାଣି ଫିଲ୍‌ଟର ହେବା ପରେ ତାହାକୁ ବଗିଚା କିମ୍ବା ଗାଡ଼ି ଧୁଆ କାମରେ ବ୍ୟବହାର କରାଯାଉଛି। ଏହା ଯୋଗୁ ମାସକୁ ୫୦୦୦ ଲିଟର ପିଇବା ପାଣି ମଧ୍ୟ ବଞ୍ଚିପାରୁଛି। ମନ୍ନତ ତିଆରି କରିଥିବା ପ୍ରଥମ ରିସାଇକ୍ଲିଂ ସିଷ୍ଟମଟିକୁ ଆଇଆଇଟି ମାଡ୍ରାସ କମ୍ପିଟିଶନରେ ଭାଗ ନେବା ପରେ ସେଠାକର ପ୍ରଫେସର ଇନ୍ଦୁମତି ନାମ୍ବି ତାଙ୍କୁ ମାର୍ଗଦର୍ଶନ କରିଥିଲେ, ଯାହାଫଳରେ ଏହାର ଏକ ବିକଶିତ ମଡେଲ ସେ ପ୍ରସ୍ତୁତ କରିବାକୁ ସକ୍ଷମ ହୋଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ମାର୍ଚ୍ଚ ୧୯୭୬

- ଖଗାରିଆରେ ଏକ ଯାତ୍ରୀବାହୀ ବସ୍ ଖାଲକୁ ଖସିପଡ଼ିବାରୁ ୧୦ ଯାତ୍ରୀଙ୍କ ମୃତ୍ୟୁ।
- ମଧ୍ୟପ୍ରଦେଶ ବିଧାନସଭାର କଂଗ୍ରେସ ସଭ୍ୟ କହ୍ନୟାଲାଲ୍ ନାଗୋରୀଙ୍କ ନିର୍ବାଚନକୁ ସୁପ୍ରିମ୍‌କୋର୍ଟ ସିଦ୍ଧ ଘୋଷଣା କରିଛନ୍ତି।
- ଜାତୀୟକରଣ କରାଯାଇଥିବା କୋଇଲା ଖଣିଗୁଡ଼ିକ ଶ୍ରମିକମାନଙ୍କ କଲ୍ୟାଣ ନିମିତ୍ତ ୧୧ କୋଟିର ଏକ ନୂତନ ଯୋଜନା ପ୍ରସ୍ତୁତ।

## ସୁ-ଡୋ-କୁ

su do ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | 8 | | | | | | | |
| 6 | | | 2 | | 5 | 9 | 8 | |
| | | | | | | 6 | | 5 |
| | | | | | | 1 | | |
| 2 | | 8 | | | 1 | | 9 | |
| | | | | | | 7 | 3 | 4 |
| | | | 8 | | | | | |
| | 4 | | 3 | | | | | |
| 3 | | | | 9 | 2 | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 8 | 7 | 3 | 5 | 4 | 6 | 2 |
| 4 | 7 | 2 | 8 | 6 | 1 | 3 | 5 | 9 |
| 6 | 3 | 5 | 4 | 9 | 2 | 8 | 7 | 1 |
| 7 | 4 | 3 | 2 | 1 | 6 | 5 | 9 | 8 |
| 2 | 9 | 6 | 3 | 5 | 8 | 1 | 4 | 7 |
| 5 | 8 | 1 | 9 | 4 | 7 | 6 | 2 | 3 |
| 8 | 5 | 9 | 1 | 2 | 4 | 7 | 3 | 6 |
| 3 | 6 | 7 | 5 | 8 | 9 | 2 | 1 | 4 |
| 1 | 2 | 4 | 6 | 7 | 3 | 9 | 8 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ରହ୍ମଗିରି ଥାନାରେ ଅବ୍ୟବସ୍ଥା

ମହାଶୟ,

ପୁରୀ ଜିଲାର ବ୍ରହ୍ମଗିରି ଥାନା ଏକ ବୃହତ୍ ଗ୍ରାମାଞ୍ଚଳ ଥାନା ଏବଂ ପୁରୀ-ସାତପଡ଼ା ରାସ୍ତାର ମଧ୍ୟବର୍ତ୍ତୀ ସ୍ଥଳରେ ଅଛି। ଏହି ଅଞ୍ଚଳରେ ପ୍ରଭୁ ଶ୍ରୀ ଅଲାରନାଥଙ୍କ ଉପସ୍ଥିତି କାରଣରୁ ଆଇନ ଶୃଙ୍ଖଳା ଦୃଷ୍ଟିରୁ ଏହି ପୋଲିସ ଷ୍ଟେଶନର ଯଥେଷ୍ଟ ଗୁରୁତ୍ୱ ରହିଛି । ତେବେ ଦୁଃଖର ବିଷୟ ଯେ ପ୍ରତିଦିନ ଦିବା ୨ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଏତେ ବଡ଼ ଥାନା କର୍ମଚାରୀ ଶୂନ୍ୟ ହୋଇ ଖାଇଗୋଡ଼ଉଛି ଏବଂ ଜଣେ ମାତ୍ର ସିପାହି (ଓପି) ଗେଟ୍ ପାଖେ ଜଗି କାହାକୁ ଥାନା ଭିତରକୁ ଯିବାକୁ ଦେଉନାହାନ୍ତି । ଯେତେ ଯେତେ ନୂଆ ଇନ୍ସପେକ୍ଟର, ଆଇଆଇସି ଏହି ଥାନାରେ ଯୋଗ ଦେଉଛନ୍ତି, ସେମାନେ ସଦାସର୍ବଦା କ୍ୱାର୍ଟରରେ ଅବସ୍ଥାନ କରୁଛନ୍ତି ବୋଲି ଅଧସ୍ତନ କର୍ମଚାରୀଙ୍କଠୁ ସୂଚନା ମିଳୁଛି । କ୍ୱଚିତ୍ ଜମାଦାର ଜଣେ ଗେଟ୍ ପାଖେ ରହି ଦରଖାସ୍ତ ରଖିଲେ ବି ସମାଧାନ ଓ କାର୍ଯ୍ୟାନୁଷ୍ଠାନ ଜିରୋ ।

**-ଦୁର୍ଗା ପ୍ରସାଦ ତ୍ରିପାଠୀ, ପୁରୀ**

## ଚିରନ୍ତନୀ

ଚାଲିଛି ଏକା ବିପଥେ ପଥେ
ନାହିଁରେ ସାହା ସାଥୀ,
ଚାଲିଛି ଏକା ନ ମାନି ଖରା
ବରଷା ଦିନ ରାତି।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଜିଲା ମୁଖ୍ୟ ଚିକିତ୍ସାଳୟରୁ ବିଚାରାଧୀନ କଏଦୀ ଫେରାର**

**ଢେଙ୍କାନାଳ,(ରତନ ନାୟାର):** ଢେଙ୍କାନାଳ ଜେଲ୍‌ରୁ ମଙ୍ଗଳବାର ମଧ୍ୟାହ୍ନରେ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ବିଚାରାଧୀନ କଏଦୀ ଦୁଷ୍ମନ୍ତ ସାହୁ (୩୭) ଫେରାର ହୋଇଯାଇଛନ୍ତି। ଦୁଷ୍ମନ୍ତଙ୍କୁ ନେଇ ଆସିଥିବା ପୋଲିସ ଓ ଜେଲ କର୍ମଚାରୀ ବହୁ ଖୋଜାଖୋଜି କରି ମଧ ତାଙ୍କୁ ପାଇନାହାନ୍ତି।



# ଋଣ ଛାଡ଼ ପାଇଁ ସ୍ୱାମୀଙ୍କୁ ମୃତ ଘୋଷଣା

## ୪ ମହିଳାଙ୍କୁ ଗିରଫ କଲା ପୋଲିସ



ଋଣ ଛାଡ଼ ପାଇଁ ସ୍ୱାମୀଙ୍କ ଜାଲ୍ ମୃତ ପ୍ରମାଣ ପତ୍ର ଦେଇ ଗିରଫ ହୋଇଥିବା ୪ ମହିଳା।

ଗୋରଖପୁର (ଉତ୍ତରପ୍ରଦେଶ),୨୫।୩

ଗ୍ରାମାଞ୍ଚଳ ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସେମାନଙ୍କୁ କମ୍ ସୁଧ ହାରରେ ଋଣ ପ୍ରଦାନ କରାଯାଉଛି। ଏପରି କି କେତେକ କ୍ଷେତ୍ରରେ ସୁଧ ମଧ ଛାଡ଼ କରାଯାଉଛି। ହେଲେ ବେଳେବେଳେ ଏହାର ଦୁରୁପଯୋଗ କରାଯାଉଥିବା ଦେଖିବାକୁ ମିଳୁଛି। ନିକଟରେ ଉତ୍ତରପ୍ରଦେଶ ଗୋରଖପୁର ଅଞ୍ଚଳରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଋଣ ଛାଡ଼ ପାଇଁ କେତେଜଣ ମହିଳା ସେମାନଙ୍କ ଜୀବିତ ସ୍ୱାମୀଙ୍କ ଜାଲ୍ ମୃତ ପ୍ରମାଣପତ୍ର ବାହାର କରି ବ୍ୟାଙ୍କରେ ଦାଖଲ କରିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ପୋଲିସ ୪ଜଣ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଏଥିରେ ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ, ସେନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁସାରେ, ଇଣ୍ଡସଇଣ୍ଡ ବ୍ୟାଙ୍କର ଏକ ସବ୍‌ସିଡିଆରି ଭାରତ ଫାଇନାନ୍‌ସିଆଲ୍ ଇନ୍‌କ୍ଲୁଜନ ଲିମିଟେଡରୁ କେତେଜଣ ମହିଳା ଗ୍ରୁପ୍ ଲୋନ୍ ବା ଗୋଷ୍ଠୀ ଋଣ ନେଇଥିଲେ। ମହିଳାମାନଙ୍କୁ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ ଏହି ଋଣ ଯୋଗାଇ ଦିଆଯାଇଥିଲା। ଏପରି କି ଋଣ ପରିଶୋଧ ସମୟରେ ଯଦି କୌଣସି ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟେ, ତେବେ ସେମାନଙ୍କୁ ଋଣର ବାକି କିସ୍ତି ଛାଡ଼ ସହ ପୂର୍ବରୁ ଦେଇଥିବା କିସ୍ତିକୁ ଫେରସ୍ତ କରିବାର ନିୟମ ରହିଥିଲା। ଏହାର ସୁଯୋଗ ନେଇ ଋଣ ବୋଝରୁ ମୁକ୍ତି ପାଇବା ଲାଗି ୪ଜଣ ମହିଳା ସେମାନଙ୍କ ସ୍ୱାମୀ ଜୀବିତ ଥାଇ ସୁଦ୍ଧା ଜାଲ୍ ମୃତ ପ୍ରମାଣପତ୍ର ସଂଗ୍ରହ କରିଥିଲେ। ଉକ୍ତ ମୃତ ଜାଲ୍ ପ୍ରମାଣପତ୍ରକୁ ବ୍ୟାଙ୍କରେ ଦାଖଲ କରି ଋଣ ଛାଡ଼ ପାଇଁ ଆବେଦନ କରିଥିଲେ। ଏପରି କି ସେମାନେ ପୂର୍ବରୁ ଭରିଥିବା କିସ୍ତି ଫେରିପାଇବା ପାଇଁ ବ୍ୟାଙ୍କରେ ଆବେଦନ ମଧ କରିଥିଲେ। ବ୍ୟାଙ୍କ ତରଫରୁ ଯାଞ୍ଚ ସମୟରେ ଉକ୍ତ ମୃତ ପ୍ରମାଣପତ୍ର ଜାଲ୍ ବୋଲି ଜଣାପଡ଼ିଥିଲା। ପରେ ଏନେଇ ବ୍ୟାଙ୍କ ପକ୍ଷରୁ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ଘଟଣାର ତଦନ୍ତ କରି ଗତ ରବିବାର ୪ମହିଳାଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଅନ୍ୟ କାହାରି ସମ୍ପୃକ୍ତି ରହିଛି, ସେନେଇ ପୋଲିସ ତଦନ୍ତ ଜାରି ରଖିବା ସହ ମୃତ ପ୍ରମାଣ ପତ୍ର ଯୋଗାଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛି।

# ପିଇଓ ସ୍ତ୍ରୀଙ୍କ ସମେତ ସ୍ୱାମୀ ଗିରଫ

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲାଞ୍ଚ





ଭିଜିଲାନ୍ସ ହାତରେ ଧରାପଡ଼ିଥିବା ପିଇଓ ନୂପୁର ସେଠ୍ ତାଙ୍କ ସ୍ୱାମୀ ବେଦପ୍ରକାଶ ବିଶ୍ୱାଳ ଏବଂ ଜବତ ଟଙ୍କା

ବରଗଡ଼,୨୫।୩ (ପ୍ରେମାନନ୍ଦ ଖମାରୀ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲାଞ୍ଚ ନେଉଥିବାବେଳେ ମଙ୍ଗଳବାର ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଝାନ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ନୁରା ଓରଫ୍ ନୂପୁର ସେଠ ଏବଂ ତାଙ୍କ ସ୍ୱାମୀ ବେଦପ୍ରକାଶ ବିଶ୍ୱାଳ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କ ପାଖରୁ ଲାଞ୍ଚରେ ବ୍ୟବହୃତ ରାସାୟନିକ ପ୍ରଲେପଦିଆ ୫ହଜାର ଟଙ୍କା ଜବତ ହୋଇଛି। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଏକ ମାମଲା(ନଂ-୩/୨୦୨୫) ରୁଜୁ କରି ଏହି ଦମ୍ପତିଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଝାନ ଗ୍ରାମର ନିଳାମ୍ବର ନାଏକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ଆବେଦନ କରିଥିଲେ। ନିଳାମ୍ବର ଜଣେ ଯୋଗ୍ୟ ହିତାଧିକାରୀ ହୋଇଥିଲେ ସୁଦ୍ଧା ତାଙ୍କୁ ତାଲିକାଭୁକ୍ତ କରିବା ପାଇଁ ପିଇଓ ସେଠ ତାଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ନିଳାମ୍ବର ଭିଜିଲାନ୍ସଠାରେ ଅଭିଯୋଗ କରିଥିଲେ।

# ଗଞ୍ଜେଇ ଚାଲାଣ ବେଳେ ପୋଲିସକୁ ଗୁଳି, ୮ ଗିରଫ

ଜୟପୁର,୨୫।୩(ପବନ ପାଣିଗ୍ରାହୀ)

ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ କଞ୍ଜେଇ ମାଳିଗୁଡା ରାସ୍ତାରେ ମଙ୍ଗଳବାର ଚଢ଼ାଉକରି ୮ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫମାନେ ହେଲେ ଉମୁରି ଗ୍ରାମର କାର୍ତ୍ତିକ ବାଘ, ରଞ୍ଜିତ ବାଘ, ଗୌତମ ବାଘ, ସୋନୁ ମଙ୍ଗରିଆ, ବଡକାଉଡି ଗ୍ରାମର ରବୀନ୍ଦ୍ର ବାରିକ, ଆର୍‌ଏମ୍‌ସି କଲୋନି ନବରଙ୍ଗପୁରର ରବୀନ୍ଦ୍ର ସାମଲ, ଗରୁଡଗୁଡା ଗ୍ରାମର କର୍ଣ୍ଣ ହରିଜନ ଓ ବିହାରର ରାହୁଲ କୁମାର। ଅଭିଯୁକ୍ତଙ୍କଠାରୁ ୩୪୦ କେଜି ୪ ଶହ ଗ୍ରାମ ଗଞ୍ଜେଇ, ବହୁ ବିଳାସପୂର୍ଣ୍ଣ ଗାଡ଼ି, ୧୦ଟି ମୋବାଇଲ, ୭୯୫ଟଙ୍କା, ୨ଟି ଦେଶୀ ପିସ୍ତଲ ଓ ୫ ଜୀବନ୍ତ ଗୁଳି ଜବତ ହୋଇଥିବା ନେଇ ମଙ୍ଗଳବାର ଜୟପୁର ଏସ୍‌ଡିପିଓ ପାର୍ଥ କଶ୍ୟପ, କୋରାପୁଟ ଏସ୍‌ପି ରୋହିତ ବର୍ମା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

**REQUIRED URGENTLY**
କଟକ ମହାନଗର ଅଞ୍ଚଳ ରେ ପେଟ୍ରୋଲ ପମ୍ପପାଇଁ
REFUEL CAFÉ Coffee & Espresso
**Experience Salesman (M/F)** ଆବଶ୍ୟକ।
Contact: 9437167600, 8637206825

**VACANCY**
**OM Surgical and Chemicals**
needs Accountants having knowledge of Tally and Accounting Software, GST returns filling, compliances and minimum requirement of Income Tax, (Salary negotiable).
Send CV at omsurgical@yahoo.co.in
**Mob. No.: 9437014935**

# ତାମିଲନାଡୁରେ ୩ ଓଡ଼ିଆ ଶ୍ରମିକଙ୍କୁ ଅପହରଣ

ପାତ୍ରପୁର,୨୫।୩ (ଉମା ଚରଣ ନେପାକ)

ତାମିଲନାଡୁରେ ୩ଜଣ ଓଡ଼ିଆ ଦାଦନ ଶ୍ରମିକଙ୍କୁ କେତେ ଜଣ ଦୁର୍ବୃତ୍ତ ଅପହରଣ କରି ନେଇ ନିର୍ଯାତନା ଦେଇଛନ୍ତି। ସେମାନଙ୍କଠାରୁ ୫୫ ହଜାର ଟଙ୍କା ପାଇବା ପରେ ସେମାନଙ୍କୁ ଛାଡିଥିବା ଜଣାପଡ଼ିଛି। ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ସୁରଙ୍ଗୀ ପଞ୍ଚାୟତ ସିନ୍ଧିପଙ୍କ ଗ୍ରାମର ଭୀମ ବେହେରା, ତୁମ୍ପା ପଞ୍ଚାୟତ ଗଙ୍ଗାପୁର ଗ୍ରାମର କୃଷ୍ଣ କାର୍ଜି ଓ ଚୁନା କାର୍ଜି ୩ଜଣ ଯୁବକ ଦାଦନ ଖଟିବାକୁ କେରଳ ଯାଉଥିଲେ। ଟ୍ରେନରେ କେତେଜଣ ଦୁର୍ବୃତ୍ତ ସେଲାମ ଷ୍ଟେଶନରେ ସେମାନଙ୍କୁ ଏକ ଭିଜିଟିଂ କାର୍ଡ ଦେଇ ଏକ ବିସ୍କୁଟ କାରଖାନାରେ କାମ କରିବା ପାଇଁ ଶ୍ରମିକ ଆବଶ୍ୟକ ଥିବା କହିଥିଲେ। ତେବେ ତିନି ଯୁବକ କେରଳରେ ପହଞ୍ଚି ସେଠାରେ ଯେଉଁ କମ୍ପାନୀକୁ କାମ କରିବାକୁ ଯାଇଥିଲେ କାମ ତୁଳନାରେ ଦରମା କମ ହେବାରୁ ସେମାନେ ପାଇଥିବା ଭିଜିଟିଂ କାର୍ଡରେ ଥିବା ଫୋନ ନଂ.ରେ ଯୋଗାଯୋଗ କରିଥିଲେ। କାର୍ଡ ଦେଇଥିବା ବ୍ୟକ୍ତି ସେମାନଙ୍କୁ ସେଲାମ ଷ୍ଟେଶନରେ ପହଞ୍ଚିବାକୁ କହିଥିଲେ। ଭୀମ, କୃଷ୍ଣ ଓ ଚୁନା ସେଲାମ ଷ୍ଟେଶନରେ ପହଞ୍ଚି ଫୋନ କରିବାରୁ ଦୁଇ ଜଣ ବ୍ୟକ୍ତି ଏକ କାରରେ ଆସି ସେମାନଙ୍କୁ ନେଇ ଯାଇଥିଲେ। ଷ୍ଟେଶନରୁ ପ୍ରାୟ ଦୁଇ/ତିନି ଘଣ୍ଟା ଜଙ୍ଗଲ ରାସ୍ତାରେ ନେବା ପରେ ଗୋଟିଏ ବନ୍ଦ କୋଠରିଠାରେ ପହଞ୍ଚି ସେମାନଙ୍କୁ ସେଠାରେ ରଖି ନିସ୍ତୁକ ମାଡ଼ ମାରି ଜଣକ ପିଛା ୧୫ ହଜାର ଟଙ୍କା ଲେଖାଏ ଏକ ଘଣ୍ଟା ଭିତରେ ଦେବାକୁ କହିଥିଲେ। ଯଦି ଟଙ୍କା ଦେବାରେ ବିଳମ୍ବ ହୁଏ ତେବେ ପ୍ରତି ଅଧ ଘଣ୍ଟାକୁ ୫ ହଜାର ଲେଖା ଟଙ୍କା ଅଧିକ ଦାବି କରିଥିଲେ। ପ୍ରଥମେ ଭୀମ ଘରକୁ ଫୋନ କରି ୧୫ ହଜାର ଟଙ୍କା ଫୋନ ପେ ମାଧ୍ୟମରେ ସେମାନଙ୍କୁ ଦେଇଥିଲେ। ଅନ୍ୟ ଦୁଇ ଜଣଙ୍କ ଅଧ ଘଣ୍ଟା ବିଳମ୍ବ ହେବାରୁ ୨୦ ହଜାର ଟଙ୍କା ପୈଠ କରିବାକୁ ବାଧ ହୋଇଥିଲେ। ମୋଟ ୫୫ ହଜାର ଟଙ୍କା ପାଇବା ପରେ ଦୁର୍ବୃତ୍ତମାନେ ସେମାନଙ୍କୁ ଆଖିରେ କଳାପଟି ବାନ୍ଧି ଆଣି ମୁଖ୍ୟ ରାସ୍ତାରେ ଛାଡି ସେଠାରୁ ଫେରାର ହୋଇଯାଇଥିଲେ। ଏହି ୩ଜଣ କୌଣସି ପ୍ରକାରେ ନିଜ ଗ୍ରାମରେ ପହଞ୍ଚି ଏବେ ଅସୁସ୍ଥ ହୋଇପଡି ଚିକିତ୍ସାଧୀନ ଅଛନ୍ତି। ତେବେ ଏନେଇ ଥାନାରେ ଅଭିଯୋଗ ହୋଇନାହିଁ।

# ପରିବାରର ୪ଜଣଙ୍କୁ ଆଜୀବନ ଜେଲ

## ଅନୁପ ବେହେରା ହତ୍ୟା ମାମଲା

ଭୁବନେଶ୍ୱର,୨୫।୩ (ସତ୍ୟଜିତ୍ ରାଉତ)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ଷଣ୍ଢପୁର ଗ୍ରାମ ଦଳିତ ସାହିରେ ସଂଘବଦ୍ଧ ଭାବେ ଅନୁପ ବେହେରାଙ୍କୁ ହତ୍ୟା ସହ ପରିବାର ଲୋକଙ୍କୁ ଆକ୍ରମଣ ମାମଲାରେ ୭ବର୍ଷ ପରେ ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ବନ୍ଦନା କର ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ପରିବାରର ୪ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ହାଲୁ ବେହେରା ଓ ତାଙ୍କ ପୁଅ ଗୋପିଆ ଓରଫ ଗୋପୀନାଥ ବେହେରା, ନାଲୁ ବେହେରା ଓ ତାଙ୍କ ପୁଅ କାହ୍ନା ଓରଫ ମୃଣାଳ ବେହେରା। ୧୬ଜଣଙ୍କ ସାକ୍ଷ୍ୟ ଓ ପ୍ରଯୁଜ୍ୟ ୨୦ଟି ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତମାନଙ୍କୁ କୋର୍ଟ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରତ୍ୟେକ ଦୋଷୀଙ୍କୁ ୨୫ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ଆଦେଶ ହୋଇଛି। ଜରିମାନା ଅନାଦାୟ ଅଧିକ ଏକବର୍ଷ ଲେଖାଏ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଶୁଣାଇଛନ୍ତି। ତେବେ ଏହି ମାମଲାରେ ପରିବାରର ସରୁଆ ବେହେରା ନାମକ ଅଭିଯୁକ୍ତଙ୍କ ବିଚାର ଚାଲିଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଅନୁପଙ୍କ ଭଉଣୀଙ୍କୁ କାହ୍ନା ବିଭିନ୍ନ ସମୟରେ ସର୍ବସାଧାରଣ ସ୍ଥାନରେ କମେଣ୍ଟ ମାରୁଥିଲେ। ଏହାକୁ ନେଇ ଦୁଇ ପରିବାର ମଧ୍ୟରେ ବିବାଦ ଲାଗିରହିଥିଲା। ଅନୁପ ଏହି ଘଟଣାକୁ ଅଧିକ ବିରୋଧ କରିବାରୁ ଅପରପକ୍ଷ ପରିବାର ଲୋକେ ରାଗ ରଖି ବୀଭତ୍ସ କାଣ୍ଡ ଘଟାଇବାକୁ ଯୋଜନା କରିଥିଲେ। ସାହିର କିଛି ଦୂରରେ ଅନୁପଙ୍କ ଭାଇ ସ୍ୱରୂପଙ୍କର ଏକ ପାନ ଦୋକାନ ଥିଲା। ୨୦୧୭ ସେପ୍ଟେମ୍ବର ୨ ତାରିଖ ରାତିରେ ସ୍ୱରୂପ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ସେ ଅନୁପଙ୍କୁ ରାତିରେ ଦୋକାନରେ ଶୋଇବା ପାଇଁ କହିଥିଲେ। ସେହି ଅନୁଯାୟୀ, ଅନୁପ ବାଇକ୍ ଯୋଗେ ରାତି ପ୍ରାୟ ୧୨ଟାରେ ଦୋକାନକୁ ଯାଉଥିବାବେଳେ ଦୋଷୀ ୪ଜଣଙ୍କ ସମେତ ପ୍ରାୟ ୧୧ଜଣ ତାଙ୍କୁ ପିଛା କରିଥିଲେ। ସେମାନେ ମିଳିତ ଭାବେ ଭୁଜାଲି ଓ ଖଣ୍ଡାରେ ଅନୁପଙ୍କୁ ଆକ୍ରମଣ କରିଥିଲେ। ଅନୁପଙ୍କ ଚିତ୍କାର ଶୁଣି ଭାଇ ସନ୍ଦୀପ, ସ୍ୱରୂପ ଓ ମା’ ମୀନା ଘଟଣାସ୍ଥଳକୁ ଦୌଡ଼ିଯିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ମଧ ଆକ୍ରମଣ କରିଥିଲେ। ଖବର ପାଇ ପିସିଆର୍ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଜଟଣୀ ହସ୍ପିଟାଲକୁ ନେଇଥିଲା। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସେମାନଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଥିଲେ। ସେଠାରେ ଅନୁପଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଥିବା ସନ୍ଦୀପ ଓ ତାଙ୍କ ମା’ଙ୍କୁ କଟକ ଏସ୍‌ସିବି ପଠାଯାଇଥିଲା। ଏନେଇ ସ୍ୱରୂପଙ୍କ ଏତଲାକ୍ରମେ ଜଟଣୀ ଥାନା ପୋଲିସ ୨୦୧୭ ସେପ୍ଟେମ୍ବର ୩ରେ ଏକ ମାମଲା (ନଂ. ୩୪୦/୨୦୧୭) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ସଲିଳ କୁମାର ପ୍ରଧାନ ପରିଚାଳନା କରୁଥିଲେ।

# ବିଷ ପିଇ ଆତ୍ମହତ୍ୟା କଲେ ପ୍ରେମୀଯୁଗଳ

## ପରକୀୟା ପ୍ରୀତିର କରୁଣ ପରିଣତି

ରାୟଗଡ଼ା,୨୫।୩ (ଆଶିଷ ରଞ୍ଜନ ପଣ୍ଡା)

ପରକୀୟା ପ୍ରୀତି ଧରାପଡ଼ିବା ପରେ ଲୋକଲଜ୍ଜା ଭୟରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମକରି ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି ପ୍ରେମୀଯୁଗଳ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ସହରର ରୟତ କଲୋନି ସପ୍ତମ ଲାଇନ୍‌ରେ। ମୃତକ ହେଲେ କେ.ରମେଶ (୪୨) ଓ ଜଣେ ୨୪ ବର୍ଷୀୟ ଯୁବତୀ। ଏ ନେଇ ରାୟଗଡ଼ା ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି କେକେବିକେ କହିଁର ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରାୟଗଡ଼ା ରୟତ କଲୋନିର ସପ୍ତମ ଲାଇନରେ କେ.ରମେଶ ନାମକ ଜଣେ ବିବାହିତ ବ୍ୟକ୍ତି ରହୁଥିଲେ। ପଡ଼ୋଶୀଭାବେ ରହୁଥିବା ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେମାନଙ୍କ ପ୍ରେମ ସମ୍ପର୍କ ବିଷୟରେ ଉଭୟଙ୍କ ପରିବାର ଲୋକେ ଜାଣିବା ପରେ ବାରଣ କରିଥିଲେ। ଲୋକଲଜ୍ଜାକୁ ଭୟକରି ପ୍ରେମୀଯୁଗଳ ମଙ୍ଗଳବାର ସକାଳେ ଭଡ଼ାଘରେ ବିଷ ପିଇ ଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ କେ.ରମେଶଙ୍କ ମୃତ୍ୟୁ ହୋଇଥିବା ବେଳେ ସନ୍ଧ୍ୟାରେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIIBBS 2025012, ତା.19.03.2025ରିଖ

**କାର୍ଯ୍ୟର ନାମ:** ନୟାଗଡ଼ ଏବଂ ଦୁବୁନା ମଧ୍ୟରେ ନୂଆ ଲାଇନ୍: ବ୍ୟବହାର ଅନୁପଯୋଗୀ PSC ସ୍ଲିପରଗୁଡ଼ିକ ଦ୍ୱାରା ଜମି ବାଉଣ୍ଡାରୀ ପୋଷ୍ଟଗୁଡ଼ିକର ବ୍ୟବସ୍ଥା ସହିତ ସମ୍ପୃକ୍ତ ବିଭାଗ/ମନ୍ତ୍ରଣାଳୟଗୁଡ଼ିକର ପ୍ରଚଳିତ ଅଧିନିୟମ/ନିୟମ ଅନୁଯାୟୀ ଘରୋଇ/ସରକାରୀ/ଜଙ୍ଗଲ ଜମିର ଅଧିଗ୍ରହଣ/ପୃଥକୀକରଣ/ପରିବର୍ତ୍ତନ ନିମନ୍ତେ ଜମି ଅଧିଗ୍ରହଣ ପ୍ରସ୍ତାବ ଗୁଡ଼ିକର ପ୍ରସ୍ତୁତି ଏବଂ ଜମା କରିବା ତଥା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 36.82 ଲକ୍ଷ, **EMD (ଟଙ୍କାରେ):** 73,600/-, **କାର୍ଯ୍ୟ ଶେଷ ହେବା ଅବଧି:** 12 (ବାର)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.10.04.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀ କୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-189/CH/24-25

# ରାଜା ଚକ୍ରଙ୍କ ଘରେ ପୁଣି ଯାଞ୍ଚ

କେନ୍ଦୁଝର,୨୫।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଗନ୍ଧମାର୍ଦ୍ଦନ ଲୋଡିଂ କୋଅପରେଟିଭ ସୋସାଇଟିରେ ଅନିୟମିତତା ଅଭିଯୋଗରେ ଗିରଫ ବିଜେଡି ନେତା ରାଜା ଚକ୍ରଙ୍କ କେନ୍ଦୁଝରେ ସହର ଜଗନ୍ନାଥପୁରରେ ଥିବା ଘରେ ମଙ୍ଗଳବାର ପୂର୍ବାହ୍ନରେ ପୁଣି ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଯାଞ୍ଚ କରାଯାଇଛି। ଚଢ଼ାଉର କାରଣ ଓ କ’ଣ ତଥ୍ୟ ମିଳିଲା ତାହାର ଠିକ୍ ସୂଚନା କ୍ରାଇମ ବ୍ରାଞ୍ଚ ପକ୍ଷରୁ ମିଳିନାହିଁ। ତେବେ ଦୀର୍ଘ ସମୟ ଧରି ଘରେ ୩ ଜଣିଆ ଟିମ୍ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଟିମ୍‌କୁ କିଛି କାଗଜପତ୍ର ଓ ତଥ୍ୟ ମିଳିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଗନ୍ଧମାର୍ଦ୍ଦନ ଲୋଡିଂ କୋଅପରେଟିଭ ସୋସାଇଟି, ଶୁଆକାଟିରେ ହୋଇଥିବା ଆର୍ଥିକ ଅନିୟମତତାକୁ ନେଇ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ତଦନ୍ତ ପରେ ରାଜା ଚକ୍ରଙ୍କ ସମେତ ପ୍ରାୟ ୫ ଜଣଙ୍କୁ ଗିରଫ କରାଯାଇଛି। ନିକଟରେ ରାଜା ଚକ୍ରଙ୍କୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ନେଇ ପଚରାଉଚରା କରିଥିଲା। ପଚରାଉଚରା ସମୟରେ କୌଣସି ତଥ୍ୟ ପାଇବା ପରେ ଟିମ୍ ପୁଣି ତାଙ୍କ ଘରକୁ ଆସି ଯାଞ୍ଚ କରିଥିବା ସନ୍ଦେହ କରାଯାଉଛି।

**ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ**
ଅନ୍‌ସାରୀ ନଗର, ନୂଆଦିଲ୍ଲୀ - ୧୧୦୦୨୯
ପରୀକ୍ଷା ଉପବିଭାଗ
ବିଜ୍ଞାପନ ନଂ. ୩୮/୨୦୨୫

**ଏଆଇଆଇଏମ୍‌ଏସ୍, ନୂଆଦିଲ୍ଲୀ ନିମନ୍ତେ ଗ୍ରୁପ୍-ଏ (ଆର୍‌ଇଜିଏ)-୨୦୨୫ ଲାଗି ନିଯୁକ୍ତି ପରୀକ୍ଷା**

ଏଆଇଆଇଏମ୍‌ଏସ୍, ନୂଆଦିଲ୍ଲୀ ନିମନ୍ତେ ବିଭିନ୍ନ ଗ୍ରୁପ୍-ଏ (ଅଣ-ଅଧ୍ୟାପନା) ପଦବୀରେ ନିଯୁକ୍ତି ଲାଗି ଭାରତୀୟ ନାଗରିକଙ୍କଠାରୁ ଅନ୍‌ଲାଇନ୍ ଆବେଦନ ଆହ୍ୱାନ କରାଯାଉଛି। ପଦବୀଗୁଡ଼ିକର ବିବରଣୀ ଏବଂ ଯୋଗ୍ୟତା ଏଆଇଆଇଏମ୍‌ଏସ୍ ୱେବ୍‌ସାଇଟ୍, ଅର୍ଥାତ୍ www.aiimsexams.ac.inରେ ଉପଲବ୍ଧ ବିଜ୍ଞାପନରେ ଦେଖାଯାଇପାରିବ। ପରୀକ୍ଷା କେବଳ ଅନ୍‌ଲାଇନ୍ (ସିବିଟି) ପଦ୍ଧତିରେ ସଞ୍ଚାଳନ କରାଯିବ ଓ ତତ୍‌ପଶ୍ଚାତ୍ ଯୋଗ୍ୟ ପ୍ରାର୍ଥୀମାନଙ୍କ ଯୋଗ୍ୟତା ଯାଞ୍ଚ ଏବଂ ଯୋଗ୍ୟ ପ୍ରାର୍ଥୀମାନଙ୍କର ସାକ୍ଷାତକାର କରାଯିବ।

| ଆବେଦନ ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ | |
|---|---|
| ଆରମ୍ଭ ତାରିଖ | ବନ୍ଦ ହେବା ତାରିଖ |
| ୧୧ ମାର୍ଚ୍ଚ, ୨୦୨୫ (ମଙ୍ଗଳବାର) | ୧୦ ଏପ୍ରିଲ, ୨୦୨୫ ଅପରାହ୍ନ ୫.୦୦ ଘଟିକା (ଗୁରୁବାର) |

| ନିଯୁକ୍ତି ପରୀକ୍ଷାର ତାରିଖ | | |
|---|---|---|
| ପରୀକ୍ଷା ତାରିଖ | ପରୀକ୍ଷାର ଅବଧି | ପରୀକ୍ଷାର ସହର |
| ସମ୍ଭାବ୍ୟ ଭାବେ ଏପ୍ରିଲ, ୨୦୨୫ର ଶେଷ ସପ୍ତାହ | ପ୍ରବେଶ ପତ୍ର ସହିତ ଘୋଷଣା କରାଯିବ | କେବଳ ଦିଲ୍ଲୀ/ଏନ୍‌ସିଆର୍ |

**ଗୁରୁତ୍ୱପୂର୍ଣ୍ଣ:** ସମସ୍ତ ଆବେଦନକାରୀ ନିୟମିତ ଭାବେ ଏଆଇଆଇଏମ୍‌ଏସ୍ ୱେବ୍‌ସାଇଟ୍, ଅର୍ଥାତ୍ www.aiimsexams.ac.in ପରିଦର୍ଶନ କରିବା ଆବଶ୍ୟକ କାରଣ ପରବର୍ତ୍ତୀ ସମସ୍ତ ଶୁଦ୍ଧିପତ୍ର/ଯୋଗପତ୍ର/ଅପଡେଟ୍ସ କେବଳ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବ।

CBC 17112/12/0064/2425 ସ୍ୱା./- ସହକାରୀ ନିୟନ୍ତ୍ରକ (ପରୀକ୍ଷା)

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**E/M LIGHT MACHINERY TUBE WELL & GATE DIVISION SAKRI, BILASPUR (C.G.)**
**e-Procurement Tender Notice**
eProcurement Portal: https://eproc.cgstate.gov.in
**(SECOUND-CALL)**

**System Tender No. 166246/NIT No. 16/SAC/2024-25 Dated: 24.03.2025**

Online tenders are invited for the following works upto 11.04.2025 at 17.30 hour.

Name of Work: Construction work of Sankara Mega Lift Irrigation Project under Baramkela Block of Raigarh Distt. (Presently Sarangarh - Bilaigarh).

Porbable Amount of Contract: Rs.1163.37 Lakhs

(Probable Amount of Contract based on SOR 22.08.2022)

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date 01.04.2025 at 17.31 hours (IST) onwards**.

**Note:** 1. All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.

2. It is mandatory for the tenderer to use the certificate issued for Pre Bid Qualification (Valid upto 30.09.2025) in the year 2024 in this tender.

Sd./- Executive Engineer
E/M L.M.T.W. & Gate Division
Sakri, Bilaspur (C.G.)

S-242506130/5

**ଟେଣ୍ଡର ନୋଟିସ୍**
**ଗୋରଖନାଥ ମହାପ୍ରଭୁ, ଛପଡ଼ା (କେରେକେରା), ଜି.: ଜଗତ୍‌ସିଂହପୁର**

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୫-୨୬ ମସିହା ପାଇଁ ତା୦୫।୦୪।୨୦୨୫ରିଖଠାରୁ ତା୩୧।୦୩।୨୦୨୬ରିଖ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁଙ୍କର ଭୋଗ, ଦୀପ, ଫୁଲ ଦୋକାନ ଓ ଯାଁବାଳ ପାଇଁ ତା୦୨।୦୪।୨୦୨୫ରିଖ ବୁଧବାର ଦିନ ଜିଲ୍ଲାପାଳ, ଜଗତ୍‌ସିଂହପୁରଙ୍କ କାର୍ଯ୍ୟାଳୟଠାରେ ନିଲାମ କରାଯିବ।

ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ.୨୦୦୦.୦୦ଙ୍କା (ଦୁଇ ହଜାର ଟଙ୍କା) ମୂଲ୍ୟରେ ତା୨୭।୦୩।୨୦୨୫ରିଖଠାରୁ ତା୨୯।୦୩।୨୦୨୫ରିଖ ଦିବା ୧୧ଘଟିକାରୁ ଦିବା ୧୨ ଘଟିକା ମଧ୍ୟରେ ପାଇପାରିବେ।

ଟେଣ୍ଡର ଫର୍ମ ସହିତ ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁଙ୍କ ନାମରେ ଥିବା ସାଁପୁର ଷ୍ଟେଟ୍ ବ୍ୟାଙ୍କ ଶାଖା ଆକାଉଣ୍ଟ ନଂ. 30252661878 କିମ୍ବା ସହରହାଟ ମୂଳିସିଂହ ଇଣ୍ଡିଆନ୍ ଓଭରସିସ୍ ବ୍ୟାଙ୍କ ଶାଖା ଆକାଉଣ୍ଟ ନଂ. 347801000002220ରେ ଅମାନତ ଦୁଇଲକ୍ଷ ଟଙ୍କା ଜମାକରି ବ୍ୟାଙ୍କ ଜମା ରସିଦ୍ ଟଙ୍କାର ପ୍ରମାଣପତ୍ର ସହିତ ମନ୍ଦିର କାର୍ଯ୍ୟାଳୟରେ ବ୍ୟାଙ୍କ ଜମା ରସିଦ ଦେଖାଇ ମନ୍ଦିରରୁ ପାଇଥିବା ରସିଦ ତା୦୨।୦୪।୨୦୨୫ରିଖ ଦିବା ୧୨ ଘଟିକା ମଧ୍ୟରେ ଜିଲ୍ଲାପାଳ, ଜଗତ୍‌ସିଂହପୁରଙ୍କ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ପକାଇବେ। ତା୦୨।୦୪।୨୦୨୫ରିଖ ଦିବା ଘ.୧୨.୩୦ମି. ସମୟରେ ଜଗତ୍‌ସିଂହପୁର ଜିଲ୍ଲାପାଳ କିମ୍ବା ଜିଲ୍ଲାପାଳଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ।

ସବିଶେଷ ବିବରଣୀ ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ।

ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ
ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁ
ମନ୍ଦିର, ଛପଡ଼ା (କେରେକେରା)

झारखण्ड स्टेट फॉरेस्ट डेवलपमेंट कॉरपोरेशन लिमिटेड
(झारखण्ड सरकार का उपक्रम)
का0: अपर प्रधान मुख्य वन संरक्षक–सह–प्रबन्ध निदेशक, झारखण्ड राज्य वन विकास निगम लि0, 455/A, रोड नं0–5, अशोक नगर, राँची।

E-mail – md_jsfdc@yahoo.co.in / mdjsfdc@gmail.com TOLL FREE NO. 18008891131

ई–निविदा सूचना संख्या ल0 व0 प0 प0 (के0 प0)–04 / 2025

वर्ष 2025 मौसम में झारखण्ड राज्य में संग्रहित होनेवाली केन्दू पत्ती की अग्रिम बिक्री हेतु ई–निविदा

अतिअल्पकालीन ई–निविदा सूचना

विगत वर्ष की भांति वर्ष 2025 मौसम में झारखण्ड में संग्रहित होने वाली केन्दू पत्ती की प्रचयवार "शुद्ध एक मुश्त राशि" के आधार पर अग्रिम बिक्री हेतु ऑनलाईन ई–निविदायें आमंत्रित की जाती हैं। निविदायें वेब पोर्टल www.jharkhandtenders. gov.in पर ऑनलाईन निम्न विवरण अनुसार प्राप्त की जायेंगी।

| निविदा चक्र (निविदा रिफरेन्स सं0) | समय | निविदा अभिलेख डाउनलोड एवं समर्पण की तिथि | निविदा खोलने की तिथि |
|---|---|---|---|
| चौबीसवाँ चक्र (KL/24/2025) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 29.03.2025 04.04.2025 | 07.04.2025 |
| पच्चीसवाँ चक्र (KL/25/2025) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 08.04.2025 12.04.2025 | 15.04.2025 |

क्रेता पंजीकरण पत्र, निविदा शुल्क, सत्यंकर राशि, निविदाकार का करारनामा, आयकर विभाग द्वारा निर्गत PAN की अभिप्रमाणित प्रति, पिछले तीन लेखा वर्षो के आयकर रिटर्न की अभिप्रमाणित प्रतियाँ, GST निबंधन संख्या के प्रमाण–पत्र की अभिप्रमाणित प्रति, विगत् लेखा वर्ष के GST रिटर्न की प्रति तथा अपलोड किये गये अन्य दस्तावेज की एक–एक प्रति निविदादाता निविदा खुलने की तिथि के एक दिन पूर्व (11.00 बजे पूर्वाह्न) तक प्रमण्डलीय प्रबन्धक के कार्यालय में जमा करेंगे। समस्त इच्छुक निविदाकारों को ऑनलाईन निविदा भरने हेतु Digital Signature Certificate प्राप्त करना अनिवार्य है।

विस्तृत जानकारी यथा निविदा प्रपत्र, लॉट सूची, निविदाकार का करारनामा, निविदा से संबंधित शर्तें एवं बंधेज आदि वेब साईट www.jharkhandtenders.gov.in पर देखा जा सकता है। ऑनलाईन निविदा समर्पित करने के पूर्व निविदा प्रक्रिया की पूर्ण जानकारी प्राप्त कर लें। अधिक जानकारी के लिये वन निगम के प्रमण्डलीय/अंचलीय कार्यालयों से तथा वन निगम मुख्यालय के निम्न पदाधिकारी/कर्मी से भी सम्पर्क कर सकते हैं :–

(1) उप निदेशक (विपणन), राँची, 8986653797
(2) उप निदेशक (मुख्यालय), राँची, 9431402051
(3) श्री प्रसून कुमार, FPI, राँची, 9153989366
(4) TOLL FREE NO. 18008891131

ह0/–
अपर प्रधान मुख्य वन संरक्षक–सह–प्रबन्ध निदेशक, झारखण्ड राज्य वन विकास निगम लि0, राँची।

PR 349158 Jharkhand State Forest Development Corp Ltd(24-25)D

**ODISHA COAL AND POWER LTD.**
Odisha Coal and Power Limited OCPL
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 / 0674-2300664

**TENDER NOTICE**

**NIT No.: OCPL/MCMP/SER-133/2025** **Dt.: 26.03.2025**

Sealed bids in prescribed format are invited from reputed Companies/Firms/Agencies for execution of the following work:

| Sl. No. | Name of the Work | Cost of Tender Paper | Last Date of Sale/ Download of Tender Document | Date of Submission/ Opening |
|---|---|---|---|---|
| 1 | Renovation of Pond and construction of Bathing Ghat at R&R Colony 1&2, Construction of Market Pindi at Village Sarbahal and Construction of Kirtan Mandap at Village Laikera, Hemgir, Sundargarh, Odisha. | Rs.1,000/- (Rupees One Thousand Only) including GST @ 18% | 21.04.2025 | 03.00 P.M./ 03.30 P.M. on 28.04.2025 |

Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in

Sd./- Sr. Manager (Commercial & Contracts)

**ଛାତ୍ରୀଛାତ୍ର ବାଣ୍ଟିଲେ ଦହିପଣା**

ଅସ୍ତରଙ୍ଗ,(ମମତା ଜେନା)- ଚୈତ୍ର ମାସର ଦ୍ୱିତୀୟ ମଙ୍ଗଳବାର ମା' ମଙ୍ଗଳାଙ୍କ ଦ୍ୱିତୀୟ ପାଳି ଅବସରରେ ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜଳଛତ୍ର ତଥା ଦହିପଣା ବଣ୍ଟନ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିବା ପରେ ଦହିପଣା ପିଇ ତୃଷ୍ଣା ମେଣ୍ଟାଇଥିଲେ। କାର୍ଯ୍ୟକ୍ରମକୁ ଅଧକ୍ଷ ଦିଲୀପ କୁମାର ସେନାପତି ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଅଧାପିକା, ଅଧାପକ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

# ପୋଖରୀର ଦୂଷିତ ଜଳ ପିଉଛନ୍ତି ଲୋକେ

**କଣାସ,୨୫।୩(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକର କେତୋଟି ସ୍ଥାନରେ ନଦୀଗୁଡ଼ିକରେ ପାଇପ୍ ଜଳ ଯୋଗାଣ ବସାଯାଇ କେତୋଟି ହାତଗଣତି ଗ୍ରାମକୁ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଚାଲୁ ରହିଛି। ଏଥିମଧ୍ୟରୁ ଦୟାନଦୀର ବେଣାଗାଁ ନିକଟରେ ଏକ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ବସାଯାଇ ବେଣାଗାଁ, ଦୟାବିହାର, ଡିମିରି, ବିଶ୍ୱାଳିପଡ଼ା, ଜଳିଆପଡ଼ା, କଣାସ, କୃଷ୍ଣନଗର, ପୋତାଘର, ସିରେଇ ଗ୍ରାମକୁ ଜଳ ଯୋଗାଣ କାର୍ଯ୍ୟ ଚାଲୁଛି। ଗତ ଶୁକ୍ରବାର ବର୍ଷା ଓ ବଜ୍ରପାତ ଯୋଗୁ କାର୍ଯ୍ୟ କରୁଥିବା ମୋଟରଟି ପୋଡ଼ିଯାଇଥିଲା। ହେଲେ ମୋଟର ଚଳାଉଥିବା କର୍ମଚାରୀ ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ଶନିବାର ଖବର ନ ଦେଇ ରବିବାର ଦେଇଥିଲେ। ତେବେ ଗତ ୪ ଦିନ ଧରି ଜଳ ଯୋଗାଣ ବନ୍ଦ


ଜଣେ ମହିଳା ବ୍ୟବହାର ପାଇଁ ପୋଖରୀରୁ ପାଣି ନେଉଛନ୍ତି।

**୪ ଦିନ ହେଲା ପାଇପ୍ ଜଳ ଯୋଗାଣ ବନ୍ଦ**

ହେବାରୁ ସ୍ଥାନୀୟ ଲୋକେ ବାଧ ହୋଇ ଗ୍ରାମଗୁଡ଼ିକରେ ଥିବା ପୋଖରୀର ଦୂଷିତ ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଞ୍ଜନ ସାମନ୍ତରାୟଙ୍କୁ ପଚାରିବାରେ, ମୋଟର ପୋଡ଼ି ଯାଇଥିବା ଖବର ବିଳମ୍ବରେ ମିଳିବାରୁ ପୋଡ଼ିଯାଇଥିବା ମୋଟର ଖୋଲାହୋଇ ସୋମବାର ମରାମତି ପାଇଁ ଯାଇଛି। ମଙ୍ଗଳବାର ନୂଆ ମୋଟର ଲଗାଯାଇଛି। ଜଳ ଯୋଗାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଯନ୍ତ୍ରୀ କହିଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୫।୩।୨୦୨୫

| | |
|---|---|
| ୫,୩୧,୫୦୪ ଟଙ୍କା | |
| ସୁନା | ୧.୫୫୦ ଗ୍ରାମ୍ |
| ରୁପା | ୫ ଗ୍ରାମ୍ |

## ସଂକ୍ଷେପରେ

### ପାଳିଆ ସେବକଙ୍କୁ ଛୁଇଁଦେବାରୁ ଶ୍ରୀବିଗ୍ରହଙ୍କ ମହାସ୍ନାନ

**ପୁରୀ,୨୫।୩(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିରରେ ମଙ୍ଗଳବାର ଶ୍ରୀବିଗ୍ରହଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ନୀତି ସମୟରେ ପାଳିଆ ସେବାୟତଙ୍କୁ ଅନ୍ୟଜଣେ ସେବାୟତ ଛୁଇଁଦେବାରୁ ମହାପ୍ରଭୁଙ୍କ ମହାସ୍ନାନ ହୋଇଥିବା ଜଣାପଡ଼ିଛି। ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ମହାପ୍ରଭୁଙ୍କ ନୀତି ଆରମ୍ଭ ହୋଇଥିଲା। ଭିତର ଶୋଧ, ମଙ୍ଗଳ ଆଳତି ସମ୍ପନ୍ନ ହୋଇ ମଇଲମ ନୀତି ଅନୁଷ୍ଠିତ ହେଉଥିବା ସମୟରେ ସିଂହାସନ ଉପରେ ଥିବା ପାଳିଆ ସେବାୟତଙ୍କୁ ଅନ୍ୟ ଜଣେ ସେବାୟତ ଛୁଇଁ ଦେଇଥିଲେ। ଫଳରେ ମହାସ୍ନାନ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ମହାସ୍ନାନ ପାଇଁ ପ୍ରାୟ ୧ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ମହାସ୍ନାନ ଲାଗି ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା। ମହାସ୍ନାନ ପରେ ଅବକାଶ ପୂଜା ଆରମ୍ଭ ହୋଇଥିଲା। ମହାସ୍ନାନ ନୀତି ପାଇଁ ଭକ୍ତମାନେ ପ୍ରାୟ ୧ଘଣ୍ଟା ଧରି ଦର୍ଶନରୁ ବଞ୍ଚିତ ହୋଇଥିଲେ। ମହାସ୍ନାନ ପରେ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା।

### ଘରୁ ଯୁବତୀ ନିଖୋଜ ଅଭିଯୋଗ

**ନିମାପଡ଼ା,୨୫।୩(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୮ ବର୍ଷୀୟା ଯୁବତୀ ଘରୁ କେଉଁଆଡ଼େ ନିଖୋଜ ହୋଇଯାଇଥିବା ସୋମବାର ତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ନଂ.୮୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ ୨୨ ତାରିଖରେ ଯୁବତୀଙ୍କ ବୋଉ ଭୁବନେଶ୍ୱରସ୍ଥିତ ଏକ ମେଡିକାଲକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗରେ ଯୁବତୀ ଜଣଙ୍କ ଘରର ଟ୍ରଙ୍କ ଭାଙ୍ଗି ୩ ହଜାର ଟଙ୍କା ନେଇ କେଉଁଆଡ଼େ ପଳାଇଛନ୍ତି। ଯୁବତୀଙ୍କୁ ସ୍ଥାନୀୟ ଅଞ୍ଚଳର ସିପୁ ସାହୁ ନାମକ ଜଣେ ଯୁବକ ଅପହରଣ କରି କେଉଁଆଡ଼େ ନେଇଯାଇଥିବା ତାଙ୍କ ବୋଉ ଅଭିଯାଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଏନେଇ ଯୁବକଙ୍କ ପରିବାରରେ ଯୁବତୀଙ୍କ ମା' ପଚାରିବାରେ, ତାଙ୍କ ପରିବାରବର୍ଗ ମହିଳାଙ୍କୁ ଗାଳିଗୁଲଜ କରି ଧମକଚମକ ଦେଇଥିବା ସେ ପୋଲିସ ଆଗରେ କହିଛନ୍ତି। ନିଖୋଜକୁ ୪ ଦିନ ବିତି ଯାଇଥିଲେ ମଧ୍ୟ ଯୁବତୀଙ୍କ କୌଣସି ସନ୍ଧାନ ମିଳି ନ ଥିବାରୁ ଖୋଜି ଆଣିବାକୁ ସେ ନିବେଦନ କରିଛନ୍ତି।

# ଲାଞ୍ଚ ନେଇ ଫସିଲେ ଆର୍‌ଆଇ, ସହଯୋଗୀ

**ଭୁବନେଶ୍ୱର/ଅସ୍ତରଙ୍ଗ,୨୫।୩ (ସତ୍ୟଜିତ୍ ରାଉତ/ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଜମିଜମା ସଂକ୍ରାନ୍ତୀୟ ଇନ୍‌କ୍ୱାରି ରିପୋର୍ଟ ଦେବାକୁ ୭ହଜାର ଟଙ୍କା ଲାଞ୍ଚ ନେବାବେଳେ ପୁରୀ ଜିଲା ଅସ୍ତରଙ୍ଗ ତହସିଲ୍ ଅଧୀନ କେନ୍ଦ୍ରାପଟି ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଦୀପ୍ତିରଞ୍ଜନ ମହାପାତ୍ର ଓ ତାଙ୍କର ଜଣେ ସହଯୋଗୀ ମଙ୍ଗଳବାର ଭିଜିଲାନ୍ସ ଜାଲରେ ଫସିଛନ୍ତି। ସହଯୋଗୀ ଜଣକ ହେଲେ ସମ୍ପଦ କୁମାର ଦାସ। ଭିଜିଲାନ୍ସ ଟିମ୍ ଅଭିଯୁକ୍ତଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଛି। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୩/୨୦୨୫) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ ଅଟକ ରଖାଯିବା ସହ ଅଧିକ ପଚରାଉଚରା କରାଯାଉଥିବା ସୂଚନା ଦିଆଯାଇଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ଅସ୍ତରଙ୍ଗ ନମାରୋ ଗ୍ରାମର ପ୍ରତାପ ସାହୁ ତାଙ୍କ ବାପାଙ୍କ ନାଁରେ ଥିବା ଏକ ଘରବାଡ଼ି ପ୍ଲଟ୍‌କୁ ବିକ୍ରି ପାଇଁ ଜିଲା ନିବନ୍ଧକ (ଡିଏସ୍‌ଆର୍)ଙ୍କ ନିକଟରେ


ଆର୍‌ଆଇ ଦୀପ୍ତିରଞ୍ଜନ ମହାପାତ୍ର ।

ଆବେଦନ କରିଥିଲେ। ତେବେ ଉକ୍ତ ଜମିରେ କୌଣସି ବାସଗୃହ ଅଛି କି ନାହିଁ ସନ୍ଦେହ ହେବାରୁ ଡିଏସ୍‌ଆର୍ ଏହାର ଯାଞ୍ଚ ରିପୋର୍ଟ ପାଇଁ ତହସିଲ୍ ଅଫିସକୁ ଚିଠି କରିଥିଲେ। ତେବେ ଉକ୍ତ ଘରବାଡ଼ି ଜମିର ଅନୁସନ୍ଧାନ କରି ହୋମଷ୍ଟେଡ୍ (ଘରବାରି) ଯାଞ୍ଚ ରିପୋର୍ଟ ଦେବାକୁ ତହସିଲଦାରଙ୍କ ପକ୍ଷରୁ ଆର୍‌ଆଇଙ୍କୁ ନିର୍ଦ୍ଦେଶ ହୋଇଥିଲା। ହେଲେ ଏପଟେ ଉକ୍ତ ଯାଞ୍ଚ ରିପୋର୍ଟ ଦେବାକୁ ପ୍ରତାପ ବାରମ୍ବାର ଅନୁରୋଧ କରୁଥିବାବେଳେ ମାସେ ହେବ ଆର୍‌ଆଇ ଦିନ ଗଡ଼ାଇ

**ଭିଜିଲାନ୍ସ ଚଢ଼ାଉ**

ଚାଲିଥିଲେ। ଏଥିପାଇଁ ଆର୍‌ଆଇ ତାଙ୍କ ସହଯୋଗୀ ସମ୍ପଦଙ୍କ ଜରିଆରେ ୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶେଷରେ କୌଣସି ଉପାୟ ନ ପାଇ ପ୍ରତାପ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସର ୫ଜଣିଆ ଟିମ୍ ମଙ୍ଗଳବାର ଅପରାହ୍ନରେ ଆର୍‌ଆଇ କାର୍ଯ୍ୟାଳୟରେ ଚଢ଼ାଉ କରି ଲାଞ୍ଚନେବାବେଳେ ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା। ପରେ ଏହି ଘଟଣାରେ ଦୀପ୍ତିରଞ୍ଜନଙ୍କ ବାସଭବନ ଓ ଅଫିସ ରୁମରେ ଚଢ଼ାଉ ହେଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ଉଭୟଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ୨୦୨୧ ମସିହାରେ ଦୀପ୍ତିରଞ୍ଜନ ଅସ୍ତରଙ୍ଗ ରାଜସ୍ୱ କାର୍ଯ୍ୟାଳୟରେ ନକଲି ଅଫିସର ବସାଇ ଲାଞ୍ଚ ନେଉଥିବା ଅଭିଯୋଗ ହେବା ପରେ ୩ ଘଣ୍ଟା ମଧ୍ୟରେ ସେ ଅନ୍ୟତ୍ର ବଦଳି ହୋଇଥିଲେ।

## ୫୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ

**ପୁରୀ,୨୫।୩(ଅଜିତ୍ କୁମାର ମହାନ୍ତି)**

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ୫୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ନୀତିକାନ୍ତି, ଶ୍ରୀମନ୍ଦିରର ବିଭିନ୍ନ ପ୍ରକଳ୍ପଗୁଡ଼ିକର ପରିଚାଳନା ସହ ଜଗନ୍ନାଥପ୍ରେମୀ ଭକ୍ତଙ୍କ ସୁବିଧା ସୁଯୋଗ ଉଦ୍ଦେଶ୍ୟରେ ଏହି କର୍ପସ ଜମା ପ୍ରଦାନ କରିବା ପାଇଁ ଗତବର୍ଷ ଶାସନକୁ ଆସିବାମାତ୍ରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ପ୍ରଥମ କ୍ୟାବିନେଟ୍ ବୈଠକରେ ହିଁ ପ୍ରସ୍ତାବଟି ପାରିତ ହୋଇଥିଲା। ବଜେଟ ବ୍ୟବସ୍ଥା ହେବା ପରେ ଏବେ ବିଧିବଦ୍ଧ ଭାବେ ଏହି ପାଣ୍ଠି ଶ୍ରୀମନ୍ଦିର ପି.ଏଲ୍.(ପ୍ରଫିଟ୍ ଆଣ୍ଡ ଲସ୍) ଆକାଉଣ୍ଟକୁ ପ୍ରଦାନ କରାଯାଇଛି। ଏଥିନିମନ୍ତେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରାଜ୍ୟ ସରକାରଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି।

## ତଦନ୍ତପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ : ଏସ୍‌ପି

**ପୁରୀ,୨୫।୩(ଅଜିତ୍ କୁମାର ମହାନ୍ତି)**

ଋଣ ଦେବାକୁ କହି ଲୋକଙ୍କଠାରୁ କୋଟି କୋଟି ଟଙ୍କା ହଡ଼ପ କରିବା ଘଟଣାରେ ଚନ୍ଦନପୁର ଥାନା ପୋଲିସ ଜଣେ ମହିଳାଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଥିଲା। ଉକ୍ତ ଘଟଣାକୁ ନେଇ ଏସ୍‌ପି ଭିନୀତ୍ ଅଗ୍ରୱାଲ କହିଛନ୍ତି, ଚନ୍ଦନପୁର ଥାନାରେ ୪୦/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ମହିଳାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଲୋନ୍ କରାଇଦେବା ଆଳରେ ବହୁ ଲୋକଙ୍କ ଠାରୁ ଅଭିଯୁକ୍ତ ଜଣଙ୍କ ଟଙ୍କା ଠକେଇ କରିଛନ୍ତି। ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ନେଇ ତଦନ୍ତ ମଧ୍ୟ କରାଯାଉଛି। ମହିଳାଙ୍କ ନିକଟରୁ ଚେକ୍ ଓ ଆକାଉଣ୍ଟକୁ ସିଜ୍ କରାଯାଇଛି। ଠକେଇ ହୋଇଥିବା ଲୋକଙ୍କୁ ଯେପରି ଟଙ୍କା ଫେରସ୍ତ କରାଯାଇପାରିବ ସେ ନେଇ ବ୍ୟବସ୍ଥା କରାଯାଉଛି। ଏହି ଭାଇରାଲ୍ ଫଟୋର ସତ୍ୟାସତ୍ୟ ଉପରେ ତଦନ୍ତ ଜାରି ରହିଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଏସ୍‌ପି ଅଗ୍ରୱାଲ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଭିଜିତ୍


@ ଶ୍ରୀକାନ୍ତ


@ ଗୋବର୍ଦ୍ଧନ


@ ଦୀପକ


@ ସ୍ୱାଗତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବନ୍ୟପ୍ରାଣୀ ସଂରକ୍ଷଣ ପିଚୁରାସ୍ତା ପାଲଟିଛି ଅଳିଆଗଦା

**କୋଣାର୍କ,୨୫।୩(ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ଅଞ୍ଚଳର ମାଛ, ମାଂସ ବ୍ୟବସାୟରୁ ବାହାରୁଥିବା ଅଳିଆ ଆବର୍ଜନାକୁ ବ୍ୟବସାୟୀମାନେ କୋଣାର୍କ-ପୁରୀ ରାସ୍ତାର ହେଲିପ୍ୟାଡ୍ ନିକଟସ୍ଥ ବନ୍ୟପ୍ରାଣୀ ସଂରକ୍ଷଣ ପିଚୁ ରାସ୍ତାର ଉଭୟ ପାର୍ଶ୍ୱରେ ପକାଉଛନ୍ତି। ଫଳରେ ସେଠାରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏହି ସମସ୍ୟା ଯୋଗୁ ପରିବେଶ ପ୍ରଦୂଷଣ ସହ ଏକ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇ ପରିବେଶ ପ୍ରତି ପ୍ରତିକୂଳ ପ୍ରଭାବ ପକାଉଥିବା ନେଇ ପରିବେଶବିତ୍‌ଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ପଡ଼ିରହିଥିବା ଅଳିଆ ଆବର୍ଜନାକୁ ସଫେଇ କରିବା ସହ ଏକ ଗାତ ଖୋଳି ପୋତିଦେବାକୁ


ବନ୍ୟପ୍ରାଣୀ ସଂରକ୍ଷଣ ପିଚୁରାସ୍ତାରେ ପଡ଼ିଛି ଅଳିଆ।

**ଏନ୍‌ଏସି ପ୍ରଶାସନ ଦୃଷ୍ଟି ଦେବାକୁ ଇଡିସି କମିଟିର ଦାବି**

ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ମା' ଜାଗେଶ୍ୱରୀ ଇଡିସି କମିଟି ସଭାପତି ସୁବାସ ଚନ୍ଦ୍ର ବେଉରା ଓ ୫ ନଂ. କାଉନ୍‌ସିଲର ନୀହାର ରଞ୍ଜନ ବେଉରା ପ୍ରମୁଖ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ବେଆଇନ ଭାବେ ବନ୍ୟପ୍ରାଣୀ ସଂରକ୍ଷଣ ପିଚୁ ରାସ୍ତାରେ ଆବର୍ଜନା ନ ପକାଇବା ପାଇଁ ବ୍ୟବସାୟୀଙ୍କୁ ନୋଟିସ୍ ଜାରି କରି ତାଗିଦା କରିବାକୁ ମା' ଜାଗେଶ୍ୱରୀ ଇକୋ ଡେଭେଲପମେଣ୍ଟ କମିଟି ସଭାପତି ଓ ସଦସ୍ୟ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ନିବେଦନ କରିଛନ୍ତି।

# ଚିକିତ୍ସା ଅବହେଳାରୁ ନବଜାତ ଶିଶୁ ମୃତ୍ୟୁ ଅଭିଯୋଗ

**କାକଟପୁର,୨୫।୩(ଶୁଭଦର୍ଶନ ମିଶ୍ର)**

ପୁରୀ ଜିଲା କାକଟପୁର ଅଞ୍ଚଳର ଏକ ଘରୋଇ ହସ୍ପିଟାଲରେ ନବଜାତ ଶିଶୁକନ୍ୟାର ମୃତ୍ୟୁ ନେଇ ମଙ୍ଗଳବାର ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଗତ ଶନିବାର ପୂର୍ବାହ୍ନ ୧୧ଟା ସମୟରେ ଅସ୍ତରଙ୍ଗ ବେଗୁନିଆବସ୍ତ ଗ୍ରାମର ରଞ୍ଜନ ସ୍ୱାଇଁ ତାଙ୍କ ପତ୍ନୀଙ୍କ ପ୍ରସୂତୀ ପାଇଁ ଅଞ୍ଚଳର ଏକ ଘରୋଇ ହସ୍ପାଟାଲକୁ ଯାଇଥିଲେ। ସେଠାରେ କାର୍ଯ୍ୟରତ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସିଜରିଆନ ମାଧ୍ୟମରେ ପ୍ରସବ କରାଇଥିଲେ। ତେବେ ନବଜାତ ଶିଶୁ କନ୍ୟାର ମଙ୍ଗଳବାର ମୃତ୍ୟୁ ହୋଇଛି। ଚିକିତ୍ସାରେ ଅବହେଳା କରାଯିବାରୁ ଶିଶୁକନ୍ୟାର ମୃତ୍ୟୁ ଘଟିଲା ବୋଲି ରଞ୍ଜନ ଥାନାରେ ଅଭିଯୋଗ କରିଛନ୍ତି। ସେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଦେଇ ଚିକିତ୍ସା କରିଥିବାବେଳେ ପରେ ବିଭିନ୍ନ ଆଳ ଦେଖାଇ ତାଙ୍କୁ ଶୋଷଣ କରାଯାଇଥିଲା। ଏନେଇ ସମ୍ପୃକ୍ତ ହସ୍ପିଟାଲର ମତାମତ ମିଳିପାରି ନ ଥିବାବେଳେ ସିଡିଏମ୍‌ଓ ରୂପଭାନୁ ମିଶ୍ରଙ୍କୁ ପଚାରିବାରେ, ଅଭିଯୋଗ ଆସିଲେ ଖୁବ୍‌ଶୀଘ୍ର ତଦନ୍ତକାରୀ ଅଧିକାରୀ ପଠାଇ ତଦନ୍ତ କରାଯିବ ବୋଲି କହିଛନ୍ତି।

# ଶିଶୁର ଚରିତ୍ର ଗଠନ ପ୍ରାଥମିକ ଶିକ୍ଷାରୁ ଆରମ୍ଭ ହୁଏ

**ପୁରୀ,୨୫।୩(ଅଜିତ୍ କୁମାର ମହାନ୍ତି)**

ସ୍ଥାନୀୟ ଦଉତୋଟା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ମମତା ମିଶ୍ର, ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡାକ୍ତର ବରେନ୍ ଚନ୍ଦ୍ର ପଟ୍ଟନାୟକ, ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ରତ୍ନାକର ବେହେରା, ପୂର୍ବତନ କାଉନ୍‌ସିଲର ପ୍ରୀତମ୍

**ଦଉତୋଟା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ଜଗଦ୍ଦେବ, ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା, ରୋଟାରିଆନ୍ ଅଜିତ କୁମାର ରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାସ୍କର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସହକାରୀ ଶିକ୍ଷକ ରାଧାଶ୍ୟାମ ପଟ୍ଟନାୟକ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନଶିକ୍ଷକଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯିବା ପରେ ନିପୁଣ ଓଡ଼ିଶା ଲୋଗୋ, ବିଦ୍ୟାଳୟ ଲୋଗୋ ଏବଂ ପ୍ରାଚୀର ପତ୍ରିକା ଉନ୍ମୋଚନ ହୋଇଥିଲା। ଶିଶୁର ଚରିତ୍ର ଗଠନ ଓ ଉପଯୁକ୍ତ ସତ୍‌ଶିକ୍ଷା କେବଳ ପ୍ରାଥମିକ ଶିକ୍ଷାରୁ ଆରମ୍ଭ ହୋଇଥାଏ ବୋଲି ଅତିଥିମାନେ କହିଥିଲେ।

ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉତ୍ସବରେ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ରଘୁନାଥ ଜଗଦ୍ଦେବଙ୍କ ସମେତ ସ୍ୱର୍ଗତ ବାମଦେବ ଚକ୍ରବର୍ତ୍ତୀ, ସ୍ୱର୍ଗତ ହରିଚରଣ ମହାପାତ୍ର, ସ୍ୱର୍ଗତ ଧନେଶ୍ୱର ପଟ୍ଟନାୟକଙ୍କୁ ମରଣୋତ୍ତର ଭାବେ ସମ୍ମାନିତ କରାଯାଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା ରାଣୀ ମିଶ୍ର, ଶାନ୍ତିଲତା ଦଉଙ୍କ ସମେତ ଶିକ୍ଷାସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦୁର୍ଗାବତୀ ପ୍ରଧାନ, ଅଜୟ କୁମାର ପଣ୍ଡା, ଅଜୟ ମିଶ୍ର, ନିଖିଳ ଦଳାଇ, ଦୀପ୍ତି ମଞ୍ଜରୀ ପଟ୍ଟନାୟକ, ମହେନ୍ଦ୍ର ବିଶୋଇ, ମନୋରଞ୍ଜନ ତ୍ରିପାଠୀ, ବୀଣାପାଣି ସ୍ୱାଇଁ, ରାଧାଶ୍ୟାମ ପଟ୍ଟନାୟକ, କଳ୍ପନା ନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ବୀଣାପାଣି ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ପରେ ଶିକ୍ଷୟିତ୍ରୀ କଳ୍ପନା ନାୟକଙ୍କ ତତ୍ତ୍ୱାବଧାନରେ କୁନି କୁନି ବିଦ୍ୟାର୍ଥୀ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ବାର୍ଷିକ ଉତ୍ସବରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ ।

# ଶିଶୁ, ମହିଳା, କିଶୋରୀଙ୍କ ସୁସ୍ଥ ଜୀବନଯାପନ ଉପରେ ଗୁରୁତ୍ୱ

**ବ୍ଲକରେ କିଶୋରୀ ମେଳା**

**ସାକ୍ଷୀଗୋପାଳ,୨୫।୩(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର/ଭରତ ରାଉତ)**

ସତ୍ୟବାଦୀ ଶିଶୁ ଓ ମହିଳା ବିକାଶ କାର୍ଯ୍ୟାଳୟ ପକ୍ଷରୁ କିଶୋରୀ ମେଳା ଉତ୍ସବ ସତ୍ୟବାଦୀ ବ୍ଲକ ମଧ୍ୟରେ ଥିବା ମିଶନ ଶକ୍ତି ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ ଯୋଗଦେଇଥିଲେ। ବ୍ଲକର ସମସ୍ତ ଶିଶୁ, ମହିଳା ଓ କିଶୋରୀ ଯେଭଳି ସୁସ୍ଥ ଓ ନିରାପଦ ଜୀବନଯାପନ କରିବେ, ଏଥିସହ ସେମାନେ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଯୋଜନାର ଶତ ପ୍ରତିଶତ ଭାଗୀଦାର ରହିବା ନିମନ୍ତେ ବିଡିଓ ଉପସ୍ଥିତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକର ଜୟପୁର ଓ ପେଣ୍ଠପଡ଼ା ପଞ୍ଚାୟତରେ ଥିବା ପ୍ରାୟ ୧୬ଟି ଅଙ୍ଗନୱାଡି କେନ୍ଦ୍ରରୁ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, କର୍ମୀ ଓ ସହାୟିକା


ପାଲା ମାଧ୍ୟମରେ କିଶୋରୀମାନଙ୍କୁ ସଚେତନତା କରାଯାଉଛି ।

ଯୋଗଦେଇଥିଲେ। ମା' କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟ ନୃତ୍ୟ ପରିଷଦ ସମ୍ପାଦକ ପାଲା କଳାକାର ରମେଶ ଚନ୍ଦ୍ର ପଲେଇ ପାଲା ମାଧ୍ୟମରେ ଯୋଜନାଗୁଡ଼ିକର ବିଭିନ୍ନ ଦିଗ ସମ୍ପର୍କିତ ସଚେତନତା ବାର୍ତ୍ତା ଦେଇଥିଲେ। ସୁଦର୍ଶନ ପରିଡ଼ା, ରବୀନ୍ଦ୍ର ସାହୁ, ରାଜକିଶୋର ବେହେରା ଓ ଗିରିଧାରୀ ନାୟକ ପ୍ରମୁଖ ସହଯୋଗୀ ଭାବେ ତାଙ୍କୁ ସହାୟତା କରିଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ ଗୀତ, ନାଚ, ଚିତ୍ରକଳା, ଝୋଟି, ଦୌଡ଼ି ଡିଆଁ, ଜଣା ଅଜଣା ଆଦି ମନୋରଞ୍ଜନ ଭିତ୍ତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ବିଡିଓ ନାୟକ ପୁରସ୍କୃତ କରିଥିଲେ। ବ୍ଲକରେ ବାଲ୍ୟବିବାହ, କୁମାରୀ ମାତୃତ୍ୱ ଆଦୌ ନ ଥିବାବେଳେ ଯୌନ ହିଂସା, ବେଟି ପଢ଼ାଅ ବେଟି ବଞ୍ଚାଅ, ଲିଙ୍ଗଗତ ଅସମାନତା, ଅପପୁଷ୍ଟି ଆଦି କାର୍ଯ୍ୟକ୍ରମରେ ଆମକୁ ଭଲ ସଫଳତା ହାର ମିଳିଥିବା ନେଇ ସତ୍ୟବାଦୀ ଶିଶୁ ଓ ମହିଳା ବିକାଶ କାର୍ଯ୍ୟାଳୟ ଅଧିକାରୀ ରାଜଲକ୍ଷ୍ମୀ ଦାଶ ପ୍ରକାଶ କରିଥିଲେ। ଅଙ୍ଗନୱାଡ଼ି ସୁପରଭାଇଜର ପୀୟୂଷମୟୀ ପଣ୍ଡା, ବବିଲତା ସ୍ୱାଇଁଙ୍କ ସମେତ ସମସ୍ତ ଅଙ୍ଗନୱାଡି କର୍ମୀ ସହାୟକ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଯୋଗଦେଇଥିଲେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଗୋରୁ ଗାଈ ଓ ପ୍ରାଣୀଙ୍କ ନିମନ୍ତେ ଆବଶ୍ୟକୀୟ ଜଳଦାନ କରିବାକୁ ବିଡିଓ ନାୟକ ଏବଂ ଶିଶୁ ଓ ମହିଳା ବିକାଶ କାର୍ଯ୍ୟାଳୟ ଅଧିକାରୀ ଦାଶ ସମସ୍ତଙ୍କୁ ଅନୁରୋଧ କରିଥିଲେ।

# ୨୦୦ ମେଟ୍ରିକ୍ ଟନ୍ ମାଲ୍ ପରିବହନ କରିଛି ଦକ୍ଷିଣ-ପୂର୍ବ ରେଳପଥ

ଭୁବନେଶ୍ୱର,୨୫।୩ (ଅନୁରାଧା ମହାରଣା)

ଦକ୍ଷିଣ-ପୂର୍ବ ରେଳପଥ ଚଳିତ ଆର୍ଥିକ ବର୍ଷରେ ୨୦୦ ନିୟୁତ ଟନ ମାଲ ପରିବହନ କରି ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଚଳିତ ଆର୍ଥିକ ବର୍ଷରେ ଦକ୍ଷିଣ-ପୂର୍ବ ରେଳପଥ ୨୦୪ ମେଟ୍ରିକ ଟନ ମାଲ ପରିବହନ କରିଛି। ଏ କ୍ଷେତ୍ରରେ ଦକ୍ଷିଣ-ପୂର୍ବ ରେଳପଥର ୪ଟି ଡିଭିଜନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଚକ୍ରଧରପୁର ଡିଭିଜନ ୧୪୮.୬ ମେଟ୍ରିକ ଟନ, ଆଦ୍ରା ଡିଭିଜନ ୨୭.୭ ମେଟ୍ରିକ୍ ଟନ, ଖଡ଼ଗପୁର ଡିଭିଜନ ୨୪.୩ ମେଟ୍ରିକ ଟନ ଏବଂ ରାଞ୍ଚି ଡିଭିଜନ ୩.୩ ମେଟ୍ରିକ ଟନ ମାଲ ପରିବହନ କରିଛି। ୨୦୨୪ ଏପ୍ରିଲରୁ ୨୦୨୫ ମାର୍ଚ୍ଚ ମଧ୍ୟରେ କଞ୍ଚାମାଲ ପରିବହନରୁ ୧୮,୩୫୯.୩୮ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି।

# ଯୁବଶକ୍ତି ଏକ ସଶକ୍ତ ସମାଜ ନିର୍ମାଣର ଆଧାର

## ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୩(ସୁଚିସ୍ମିତା ସାହୁ)


କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ଏବଂ ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ସହ ଅନ୍ୟମାନେ।

ଆଜିର ଯୁବପିଢ଼ି ଆସନ୍ତାକାଲିର ଭବିଷ୍ୟତ। ଆମ ଯୁବବର୍ଗ ଅମୂଲ୍ୟ ସମ୍ପଦ ଏବଂ ଏକ ସଶକ୍ତ ସମାଜ ନିର୍ମାଣର ଆଧାର। ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ପୂରଣ କରିବାରେ ଯୁବବର୍ଗଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତୃଣମୂଳସ୍ତରରୁ ଜାତୀୟସ୍ତର ପର୍ଯ୍ୟନ୍ତ ଯୁବଶକ୍ତିର ବିକାଶରେ ହିଁ ଦେଶର ବିକାଶ ହୋଇପାରିବ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ବିଧାନସଭା ପରିସରରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଦୁଇଦିନିଆ ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବାଚସ୍ପତି ଏହା ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ପ୍ରତିଭା ଏବଂ ଯୁବ ନେତୃତ୍ୱ ବିକାଶ ହେବାର ଲକ୍ଷ୍ୟ ରଖାଯାଇଛି। ଉକ୍ତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରାୟ ୧୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଆଗାମୀ ଦିନରେ ନୂଆଦିଲ୍ଲୀରେ ହେବାକୁ ଥିବା ଜାତୀୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଭିଜିତ୍


@ ଶ୍ରୀକାନ୍ତ


@ ଗୋବର୍ଦ୍ଧନ


@ ଦୀପକ


@ ସ୍ୱାଗତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆୟୋଜିତ ୧୨ତମ ଗୋଟିପୁଅ ଉତ୍ସବ ଏବଂ ଆରାଧନା ସମ୍ମାନ କାର୍ଯ୍ୟକ୍ରମରେ ପରିବେଷିତ ଗୋଟିପୁଅ ନୃତ୍ୟ। (ଫଟୋ- ମନୋରଞ୍ଜନ ମିଶ୍ର)

# ଓଡ଼ିଶାରେ ନୂତନ କେନ୍ଦ୍ର ଖୋଲିବ ବିର୍ଲା ଫର୍ଟିଲିଟି ଏବଂ ଆଇଭିଏଫ୍

ଭୁବନେଶ୍ୱର, ୨୫।୩ (ବନ୍ଦନା ସେଠୀ)

ଉନ୍ନତ ଫର୍ଟିଲିଟି ଚିକିତ୍ସା ସୁବିଧା ପ୍ରଦାନ କରିବା ଲକ୍ଷ୍ୟରେ ବିର୍ଲା ଫର୍ଟିଲିଟି ଏବଂ ଆଇଭିଏଫ୍ ଓଡ଼ିଶାରେ ୩/୪ ନୂତନ କେନ୍ଦ୍ର ଖୋଲିବାକୁ ଯାଉଛି। ଭୁବନେଶ୍ୱର ଓ କଟକରେ ପୂର୍ବରୁ ଥିବା କେନ୍ଦ୍ର ସହିତ ଏହି ପ୍ରସାରଣ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବନ୍ଧ୍ୟାତ୍ୱ ଚିକିତ୍ସା ପ୍ରତି ବୃଦ୍ଧି ପାଇଥିବା ଚାହିଦାକୁ ପୂରଣ କରିବ। ଏନେଇ ବିର୍ଲା ଫର୍ଟିଲିଟି ଏବଂ ଆଇଭିଏଫ୍ ଭୁବନେଶ୍ୱରର ସେଣ୍ଟର ହେଡ୍ ଡା. ଲିପ୍ସା ମିଶ୍ର କହିଛନ୍ତି, 'ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ତଥ୍ୟ ଅନୁଯାୟୀ ବିଶ୍ୱରେ ପ୍ରତି ୬ଜଣ ଦମ୍ପତି ମଧ୍ୟରୁ ଜଣେ ବନ୍ଧ୍ୟାତ୍ୱରେ ପ୍ରଭାବିତ। ଭାରତରେ ପ୍ରତି ୫ଜଣ ଦମ୍ପତିଙ୍କ ମଧ୍ୟରୁ ଜଣେ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ଓଡ଼ିଶାରେ ପ୍ରାୟ ୧୦୦ ଜଣ ଦମ୍ପତିଙ୍କ ମଧ୍ୟରୁ ୩୦ଜଣ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଫର୍ଟିଲିଟି ଏବଂ ଆଇଭିଏଫ୍ ଚିକିତ୍ସାରେ ଆଧୁନିକ ଉନ୍ନତି ବିଷୟରେ ସଚେତନତାର ଅଭାବ ଏବେ ଚିନ୍ତାର ବିଷୟ ପାଲଟିଛି। ଓଡ଼ିଶାର ପଶ୍ଚିମାଞ୍ଚଳ ଯଥା ସମ୍ବଲପୁର, ଝାରସୁଗୁଡ଼ା ଏବଂ କୋରାପୁଟରେ ମହିଳା ବନ୍ଧ୍ୟାତ୍ୱ ହାର ଅଧିକ ରହିଥିବାବେଳେ ଗଞ୍ଜାମରେ ପ୍ରାୟ ୭୦% ବନ୍ଧ୍ୟାତ୍ୱ କେସ୍ ପୁରୁଷ ସମ୍ବନ୍ଧୀୟ ରହିଛି। ଏହି ଅସମାନତାର ସମାଧାନ ଲକ୍ଷ୍ୟରେ କମ୍ପାନୀ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ବିଶେଷ ଫର୍ଟିଲିଟି ସେବା ପ୍ରଦାନ କରିବାକୁ ଯାଉଛି ବୋଲି ଡା. ମିଶ୍ର କହିଛନ୍ତି। ସେହିପରି ଗ୍ରାମାଞ୍ଚଳରେ ଅପପୁଷ୍ଟିକରଣ ବନ୍ଧ୍ୟାତ୍ୱର ଏକ ପ୍ରମୁଖ କାରଣ। ଏହାବାଦ୍ ସହରାଞ୍ଚଳରେ କ୍ୟାରିୟର୍ ଆକାଂକ୍ଷା, ନିଷ୍କ୍ରିୟ ଜୀବନଶୈଳୀ, ଜଙ୍କଫୁଡ୍ ଖାଇବାର ଅଭ୍ୟାସ, ବିଳମ୍ବିତ ବିବାହ ଏବଂ ପରିବାର ପରିକଳ୍ପନାରେ ବିଳମ୍ବ ଏହି ସମସ୍ୟାର ଅନ୍ୟତମ କାରଣ ପାଲଟିଛି। ଏନେଇ ସଚେତନତାର ଅଂଶ ଭାବେ ବିର୍ଲା ଫର୍ଟିଲିଟି ଏବଂ ଆଇଭିଏଫ୍ ଓଡ଼ିଶାରେ ନିୟମିତ ଅନ୍ତରାଳରେ ମାଗଣା ସ୍କ୍ରିନିଂ ଶିବିର ଆୟୋଜନ କରୁଛି। ଏହି ଶିବିରଗୁଡ଼ିକ ଦମ୍ପତିଙ୍କୁ ଗର୍ଭଧାରଣ, ଫର୍ଟିଲିଟି ସ୍ୱାସ୍ଥ୍ୟ ଏବଂ ଉପଲବ୍ଧ ଚିକିତ୍ସା ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରିବାରେ ସାହାଯ୍ୟ କରିଥାଏ ବୋଲି ଡା. ମିଶ୍ର କହିଛନ୍ତି।

# ଶିଶିର ମିଶ୍ରଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ



ଅଭିନେତା ରାଜବବର୍ ଏବଂ ଓଟିଭି ନେଟ୍‌ୱର୍କର ପରିଚାଳନା ନିର୍ଦ୍ଦେଶିକା ତଥା କୋ-ଫାଉଣ୍ଡର ଜାଗୀମଙ୍ଗତ ପଣ୍ଡା ଶିଶିର ମିଶ୍ରଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରୁଛନ୍ତି।

## ତରଙ୍ଗ ସିନେ ଉତ୍ସବ-୨୦୨୫

ଭୁବନେଶ୍ୱର,୨୫।୩ (ଅନୁରାଧା ମହାରଣା)

କଟକ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମରେ ତରଙ୍ଗ ସିନେ ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ନିର୍ଦ୍ଦେଶକ ଶିଶିର ମିଶ୍ରଙ୍କୁ ସମ୍ମାନ୍‌ଜନକ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ବଲିଉଡ୍ ଅଭିନେତା ରାଜବବର୍ ଏବଂ ଓଟିଭି ନେଟ୍‌ୱର୍କର ପରିଚାଳନା ନିର୍ଦ୍ଦେଶିକା ତଥା କୋ-ଫାଉଣ୍ଡର ଜାଗୀମଙ୍ଗତ ପଣ୍ଡା ୫୦ ହଜାର ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ଓ ଉତ୍ତରୀୟ ଦେଇ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କୁ ନୃତ୍ୟ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଉତ୍ସବର ପ୍ରଥମ ପୁରସ୍କାର ପ୍ରଦାନ କରିଥିବାବେଳେ ପ୍ରତିଷ୍ଠିତ ସିନେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ୨୦୨୪ ମସିହାରେ ରିଲିଜ୍ ହୋଇଥିବା ୪୫ଟି ଚଳଚ୍ଚିତ୍ର ମଧ୍ୟରୁ ସବୁଠାରୁ ଅଧିକ ବ୍ୟବସାୟିକ ସଫଳତା ପାଇଥିବା 'କର୍ମ'କୁ ମୁଭି ଅଫ୍ ଦି ଇୟର ସମ୍ମାନ ପ୍ରଦାନ କରାଯାଇଥିଲା। 'ଖୋକା ଭାଇ ତମ ପାଇଁ'ର ଲେଖକ ଭରଦ୍ୱାଜ ପଣ୍ଡାଙ୍କୁ 'ଷ୍ଟୋରି ଅଫ୍ ଦି ଇୟର', ଚଳଚ୍ଚିତ୍ର 'ପାବର'ର ନିର୍ଦ୍ଦେଶକ ଅଶୋକ ପତିଙ୍କୁ ମୁଭି ମେକର ଅଫ୍ ଦି ଇୟର, 'ଭିଲିଆନ' ଚଳଚ୍ଚିତ୍ରର କ୍ୟାମେରାମ୍ୟାନ୍ ପ୍ରତାପ ରାଉତଙ୍କୁ କ୍ରିଏଟିଭ୍ ଆଇ ଅଫ୍ ଦି ଇୟର, କର୍ମ ଏଡିଟର ରଶ୍ମିରଞ୍ଜନଙ୍କୁ ମୁଭି ଟେଲର ଅଫ୍ ଦି ଇୟର ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବର୍ଗରେ ବାବୁସାନ, ସୂର୍ଯ୍ୟମୟୀ, ଏଲିନା, ହାସ୍ୟ ଅଭିନେତା ଶଙ୍କର, ବବି ମିଶ୍ର, ଆଦିତ୍ୟ, ନୀଲାକ୍ଷୀ ପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ଉପାସନା ମହାନ୍ତି, ହ୍ୟୁମାନ୍ ସାଗର, ଅସୀମା ପଣ୍ଡା, ଜେପି ୱାର୍ଡ ସ୍ମିଥ, ଗୌରବ ଆନନ୍ଦ, ଲେଖକ ପ୍ରିୟବ୍ରତ ପଣ୍ଡା, ନିର୍ଦ୍ଦେଶକ ସଞ୍ଜୟ ନାୟକ, ସଙ୍ଗୀତ ନିର୍ଦ୍ଦେଶକ ଗୁଡ୍‌ଲି ରଥ, ସନ୍ଦୀପ, ମାନସୀ, ପ୍ରଦ୍ୟୁମ୍ନ ଲେଙ୍କା, ଦିବ୍ୟାଦିଶା ମହାନ୍ତି, ଶାଶ୍ୱତୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ୨୦୨୪ରେ ତରଙ୍ଗ ସହ ଯୋଡ଼ିହୋଇଥିବା ପ୍ରଯୋଜକ ସଞ୍ଜୀବ ଦ୍ୱିବେଦୀ, ସଚିକାନ୍ତ ଜେନା, ପ୍ରଦ୍ୟୁମ୍ନ ଲେଙ୍କା, ଅଜୟ ରାଉତ, ସଞ୍ଜୟ ନାୟକ, ଉମେଶ ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବାବୁ ଭାଇ, ଗିରିଶ୍ ମହାନ୍ତି, ଅମିତ୍ ନାୟକ ଓ ବିଦୁଙ୍କ କୋରିଓଗ୍ରାଫି, ସବ୍ୟ, ଅର୍ଚ୍ଚିତା, ବାବୁସାନ,ଏଲିନା, ସୂର୍ଯ୍ୟମୟୀ, ଶିବାନୀ, ଜ୍ୟୋତି, ଶୈଳେନ୍ଦ୍ର, ଭୂମିକା, ସ୍ୱରାଜ, ଦିବ୍ୟା, ମଣ୍ଟୁ, ସନୋଜ, ଅଭିଷେକ, ରାଜରାଜେଶ, ରାକେଶ, ଶୁଭମ୍ ପ୍ରମୁଖ ନୃତ୍ୟ ପରିବେଷଣ କରିଥିବାବେଳେ ପ୍ରଜ୍ଞା ଓ ଶଙ୍କରଙ୍କ ବୁଢ଼ାବୁଢ଼ୀ ଯୋଡ଼ି ଏବଂ ପୁପିନ୍ଦର-ଲିପ୍‌ସା-ଶୁଭମ୍‌ଙ୍କ ମଜାଳିଆ ଉପସ୍ଥାପନା ଦର୍ଶକଙ୍କ ମନୋରଞ୍ଜନ କରିଥିଲା।


ରବୀନ୍ଦ୍ର ମଣ୍ଡପରେ 'ଶତାବ୍ଦୀର କଳାକାର' ପକ୍ଷରୁ ଆୟୋଜିତ ଜାତୀୟସ୍ତରୀୟ କଳିଙ୍ଗ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମଙ୍ଗଳବାର ଲକ୍ଷ୍ନୌର ଭରତେନ୍ଦୁ ନାଟ୍ୟ ଏକାଡେମୀ ପକ୍ଷରୁ ମଞ୍ଚସ୍ଥ ହିନ୍ଦୀ ନାଟକ 'କର୍ଣ୍ଣ ଗାଥା'ର ଏକ ଦୃଶ୍ୟ। ଆସିଫ୍ ଅଲ୍ଲୀଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ଓଏସିସ୍ ସୌଗାଇଜାମ୍।

# 'ପୂର୍ବତଟ ରେଳପଥକୁ ବିଭାଜନ ଚକ୍ରାନ୍ତ ବନ୍ଦ ହେଉ'

## ପୂର୍ବତଟ ରେଲ୍‌ୱେ ଜୋନ୍ ମହାପ୍ରବନ୍ଧକଙ୍କୁ ସିପିଆଇ(ଏମ୍)ର ସ୍ମାରକପତ୍ର

ଭୁବନେଶ୍ୱର, ୨୫।୩(ବନ୍ଦନା ସେଠୀ)

ପୂର୍ବତଟ ରେଳପଥକୁ ବିଭାଜନ କରିବା ଚକ୍ରାନ୍ତ ବନ୍ଦ ଦାବିରେ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟିର ଏକ ପ୍ରତିନିଧି ଦଳ ମଙ୍ଗଳବାର ପୂର୍ବତଟ ରେଲୱେ ଜୋନ୍ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍‌ୱାଲ୍‌ଙ୍କୁ ରେଳସଦନରେ ଭେଟି ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାର ଓ ରେଳମନ୍ତ୍ରୀ ଆନ୍ଧ୍ରପ୍ରଦେଶ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟଭିତ୍ତିକ ରେଳ ଜୋନ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିବାବେଳେ ଓଡ଼ିଶାର ଯେଉଁ ସମସ୍ତ ଅଞ୍ଚଳ ଓ ରେଳରୁଟ୍ ଦକ୍ଷିଣ-ପୂର୍ବ, ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳପଥ ମଧ୍ୟରେ ଏପର୍ଯ୍ୟନ୍ତ ରହିଛି ସେଗୁଡ଼ିକୁ ପୂର୍ବତଟ ରେଳଜୋନ୍ ମଧ୍ୟକୁ ଆଣିବା ପାଇଁ ଦାବି କରାଯାଇଛି। ଏଥିସହ ଭୁବନେଶ୍ୱର ନୂତନ ରେଳଷ୍ଟେଶନକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ସିପିଆଇ(ଏମ୍) ଦାବି କରିଛି। ବର୍ତ୍ତମାନର କେନ୍ଦ୍ର ସରକାର ଇଷ୍ଟକୋଷ୍ଟ ରେଳଜୋନ୍‌ରେ ଥିବା ୱାଲଟିୟର ଡିଭିଜନ୍‌କୁ ଏହାଠାରୁ ଅଲଗା କରିବା ସହ ଏହା ଅଧୀନସ୍ଥ ବ୍ୟାପକ ଅଞ୍ଚଳକୁ ବିଜୟୱାଡ଼ା ଡିଭିଜନରେ ମିଶାଇବାକୁ ଜାରି କରିଥିବା ଆଦେଶକୁ ସିପିଆଇ(ଏମ୍) ପକ୍ଷରୁ ବିରୋଧ କରାଯାଇଛି। ଏହି ପ୍ରତିନିଧି ଦଳରେ ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଦୁଷ୍ମନ୍ତ କୁମାର ଦାସ ଏବଂ ପୁଷ୍ପା ଦାଶ ପ୍ରମୁଖ ସାମିଲ ଥିଲେ।

# 'ହନି ଓଟ୍ସ ଲଡ୍ଡୁ', 'ହନି ଚକୋଲେଟ୍ସ' ପ୍ରଦର୍ଶିତ

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ମୂଲ୍ୟଯୁକ୍ତ ଉତ୍ପାଦ ବିକାଶ କାର୍ଯ୍ୟକ୍ରମ

ବାରଙ୍ଗ,୨୫।୩(ଲିଙ୍ଗରାଜ ରାଉତ)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ପକ୍ଷରୁ ସୋମବାର ମହୁଚାଷ ସମ୍ପର୍କିତ ଏକ ବିସ୍ତୃତ ଶିକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଭାଗୀୟ ସହକାରୀ ପ୍ରାଧ୍ୟାପିକା ଡ. ସୀମା ତ୍ରିପାଠୀ ଏଥିରେ ତତ୍ତ୍ୱାବଧାନ କରିଥିଲେ। କିଭଳି ମହୁଚାଷରୁ ମୂଲ୍ୟଯୁକ୍ତ ଉତ୍ପାଦ ବା ସୁସ୍ୱାଦୁ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରାଯାଇପାରିବ ଏବଂ ଏହା ମହୁଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରିବ, ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶାର କଟକ, ଭୁବନେଶ୍ୱର, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କୋରାପୁଟ, ଯାଜପୁର ଏବଂ ବାଲିପାଟଣା ଆଦି ଅଞ୍ଚଳରୁ ଆଗ୍ରହୀ ମହୁଚାଷୀ ଯୋଗଦେଇଥିଲେ। କୃଷି ବିଭାଗ ଡିନ୍ ପ୍ରାଧ୍ୟାପକ ଏସ୍. କୁମାରସ୍ୱାମୀ ଏହି ଉଦ୍ୟମକୁ ସାଧୁବାଦ ଜଣାଇଥିଲେ। ଏଥିସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏବଂ ସ୍ଥାନୀୟ କୃଷକଙ୍କ ମଧ୍ୟରେ ସହଯୋଗ ସମେତ କୃଷିର ଉନ୍ନତି ନିମନ୍ତେ ଉଭୟ ପକ୍ଷ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କୀଟ ବିଜ୍ଞାନ ବିଭାଗର ବିଦ୍ୟାର୍ଥୀ ମହୁରୁ ପ୍ରସ୍ତୁତ କରିଥିବା 'ହନି ଓଟ୍ସ ଲଡ୍ଡୁ', 'ହନି ମଫିନ', 'ହନି ଟିକ୍କି', 'ହନି ଚକୋଲେଟ୍ସ', 'ବି-ୱାକ୍ସ ଲିପ୍‌ବାମ', 'ହନି ସୋପ' ଆଦି ପ୍ରଦର୍ଶନ କରିଥିଲେ। ଏହାକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ମଧ୍ୟ ପ୍ରସ୍ତୁତ କରାଯାଉଛି। ଫଳରେ ମହୁଚାଷୀ ଏହି ଉତ୍ପାଦଗୁଡ଼ିକୁ ନିଜର ସ୍ଥାୟୀ ଆୟ ପାଇଁ ବ୍ୟବହାର କରିପାରିବେ।


ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ମୂଲ୍ୟଯୁକ୍ତ ଉତ୍ପାଦ ବିକାଶ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

# ସ୍ଥାୟୀ ନିଯୁକ୍ତି ପ୍ରତିଶ୍ରୁତି ନ ମିଳିଲେ କାର୍ଯ୍ୟବନ୍ଦ ଆନ୍ଦୋଳନ

## ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘର ଧାରଣା

ବାରଙ୍ଗ/ତ୍ରିଶୂଳିଆ,୨୫।୩(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)


ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଦୀର୍ଘବର୍ଷ ଧରି ଖାଲି ପଡ଼ିଥିବା ଚତୁର୍ଥ ଶ୍ରେଣୀ ପଦବୀ ପୂରଣ ଅସ୍ଥାୟୀ (ଆଉଟ୍‌ସୋର୍ସିଂ) କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ନନ୍ଦନକାନନ ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ସଂଘ ସଭାପତି ଜୟନ୍ତ କୁମାର ରାଉତରାୟଙ୍କ ନେତୃତ୍ୱରେ ସକାଳୁ ଅସ୍ଥାୟୀ କର୍ମଚାରୀ ଏକାଠି ହୋଇ ନନ୍ଦନକାନନ ମୁଖ୍ୟ ପ୍ରବେଶ ଫାଟକଠାରେ ଧାରଣା ଦେଇଥିଲେ। ହାତରେ ପ୍ଲାକାର୍ଡ ଧରି ଦାବିପୂରଣ ନେଇ ଶାନ୍ତିଶୃଙ୍ଖଳା ସହ ପ୍ରତିବାଦ ଜଣାଇଥିଲେ। ସଭାପତି ରାଉତରାୟଙ୍କ କହିବା କଥା, ନନ୍ଦନକାନନରେ ବହୁ ବରିଷ୍ଠ କର୍ମଚାରୀଙ୍କ ଅବସର ପରେ ୧୦୩ ଚତୁର୍ଥ ଶ୍ରେଣୀ ପଦବୀ ଖାଲି ପଡ଼ିଛି। ଅସ୍ଥାୟୀ କର୍ମଚାରୀଙ୍କୁ ୮ ଘଣ୍ଟା ବଦଳରେ ୧୦ ଘଣ୍ଟା କାମରେ ନିୟୋଜିତ କରାଯାଉଛି। ଏମାନଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ବହୁବାର ବିଭାଗୀୟ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଜଙ୍ଗଲ ବିଭାଗର ପଦାଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁନାହାନ୍ତି। ବାଧ୍ୟ ହୋଇ କର୍ମଚାରୀଙ୍କ ଭବିଷ୍ୟତକୁ ଦୃଷ୍ଟିକୁ ରଖି ଧାରଣା ଦିଆଯାଇଥିବା ରାଉତରାୟ କହିଛନ୍ତି। ଅପରାହ୍ନରେ ସଭାପତିଙ୍କ ନେତୃତ୍ୱରେ କେତେଜଣ ନନ୍ଦନକାନନ ଥାନା ପୋଲିସ ସାଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇଥିଲେ। ତେବେ ଏହି ଆଲୋଚନା ବିଫଳ ହୋଇଥିବାରୁ ଧାରଣା ଚାଲୁରହିବ ବୋଲି ସଭାପତି ରାଉତରାୟ ସୂଚନା ଦେଇଛନ୍ତି। ୩ ଦିନ ମଧ୍ୟରେ କର୍ମଚାରୀଙ୍କ ସ୍ଥାୟୀ ଚାକିରି ପ୍ରତି କୌଣସି ପ୍ରତିଶ୍ରୁତି ଦିଆ ନ ଗଲେ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆନ୍ଦୋଳନରେ ସ୍ଥାନୀୟ ପୂର୍ବତନ ଜିଲା ପରିଷଦ ସଦସ୍ୟ କୁନାଲ ରାଉତ, ଦାରୁଠେଙ୍ଗ ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀ ଉପସ୍ଥିତ ଥିବାବେଳେ ନନ୍ଦନକାନନ ଗାଇଡ୍ ସଂଘ ମଧ୍ୟ ସାମିଲ ହୋଇଥିଲେ।

ସକାଳେ ଅଳ୍ପ କେତେଜଣ ଆଉଟ୍‌ସୋର୍ସିଂ କର୍ମଚାରୀ ଧାରଣାରେ ସାମିଲ ହୋଇଥିବାବେଳେ ଅନ୍ୟ କର୍ମଚାରୀ କାର୍ଯ୍ୟରେ ଯୋଗ ଦେଇଥିଲେ। ଫଳରେ ନନ୍ଦନକାନନ ପରିଚାଳନାରେ କୌଣସି ବାଧକ ସୃଷ୍ଟି ହୋଇ ନ ଥିବା ଦେଖିବାକୁ ମିଳିଛି।

# ‘ଶିଶୁମୃତ୍ୟୁ ହାର ହ୍ରାସରେ ଅଙ୍ଗନୱାଡି କର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’

**କଟକ,୨୫ା୩(କାର୍ତ୍ତିକ ସାହୁ)**



କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟମାନେ।

## ଅଖିଳ ଭାରତୀୟ ଅଙ୍ଗନୱାଡି କର୍ମଚାରୀ ମହାସଂଘର ୧୦ମ ତ୍ରୟବାର୍ଷିକ ଅଧିବେଶନ

ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ଦ୍ୱାରା ପରିଚାଳିତ ଅଖିଳ ଭାରତୀୟ ଅଙ୍ଗନୱାଡି କର୍ମଚାରୀ ମହାସଂଘର ୧୦ମ ତ୍ରୟବାର୍ଷିକ ଅଧିବେଶନ କଟକ ଜିଲା ଗତିରାଉତପାଟଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ଅଙ୍ଗନୱାଡି କର୍ମଚାରୀ ମହାସଂଘର ସର୍ବଭାରତୀୟ ସଭାପତି ଶୀତଲ କରଲଙ୍କ ଅଧ୍ୟକ୍ଷତାରେ ଦୁଇଦିନ ଧରି ଆୟୋଜିତ ଏହି ଅଧିବେଶନରେ ୨୭ଟି ରାଜ୍ୟରୁ ବହୁ ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି, ଶିଶୁମୃତ୍ୟୁ ହାର ହ୍ରାସ କ୍ଷେତ୍ରରେ ଅଙ୍ଗନୱାଡି କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିରେ ମୁଖ୍ୟବକ୍ତା ଭାବେ ବିଏମ୍‌ଏସ୍‌ର ସର୍ବଭାରତୀୟ ସଭାପତି ହିରଣ୍ୟମୟ ପାଣ୍ଡ୍ୟା ଓ ସମ୍ମାନିତ ଅତିଥି ଭାବେ ଭାରତୀୟ ମଜଦୁର ସଂଘର କେନ୍ଦ୍ରୀୟ କର୍ମକର୍ତ୍ତା ସୁରେନ୍ଦ୍ର କୁମାର ପାଣ୍ଡେ ଓ ଗଣେଶ ମିଶ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନର ରାଜ୍ୟ ସଭାପତି ସୁମିତ୍ରା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଙ୍ଗନୱାଡି ସଙ୍ଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦିକା ଶର୍ମିଷ୍ଠା ବେନ ଯୋଶୀ ବାର୍ଷିକ ରିପୋର୍ଟ ଉପସ୍ଥାପନ କରି ଅଙ୍ଗନୱାଡି କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଏମ୍‌ଏସ୍‌ର ସଂଘ ଓଡ଼ିଶା ରାଜ୍ୟର ସଂସ୍ଥାପକ ସରୋଜ କୁମାର ମିତ୍ର, ବିଏମ୍‌ଏସ୍‌ର ରାଜ୍ୟ ସଭାପତି ବାଦଲ ମହାରଣା, ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା, ବିଏମ୍‌ଏସ୍‌ର ସର୍ବଭାରତୀୟ ସମ୍ପାଦିକା ଅଞ୍ଜଳି ପଟେଲ, ବିଏମ୍‌ଏସ୍‌ର ବରିଷ୍ଠ ସଦସ୍ୟ ବସନ୍ତ କୁମାର ସାହୁ, ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ରାଜ୍ୟ ସାଧାରଣ ସମ୍ପାଦିକା କୁଞ୍ଜଲତା ଦାସ ପ୍ରମୁଖ ଯୋଗଦେଇ ଦେଶର କାର୍ଯ୍ୟରତ ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ ମାନ୍ୟତା ଯୋଗାଇଦେବା ସହ ସାମାଜିକ ସୁରକ୍ଷା, ବେତନ ବୃଦ୍ଧି, ପେନ୍‌ସନ୍, ଗ୍ରାଚ୍ୟୁଟି ଆଦି ଯୋଗାଇ ଦେବା ଉପରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ବିଶାଳ ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରିଥିଲା।



ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ କଟକ ଜିଲା ଭାଜପା ପକ୍ଷରୁ କଟକ ସାରଳା ଭବନରେ ମଙ୍ଗଳବାର ଅନୁଷ୍ଠିତ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭାରେ ସ୍ମରଣିକା ଉନ୍ମୋଚନ କରାଯାଉଛି।

## ଶିଶୁଙ୍କ କଳା ଲୋକଲୋଚନକୁ ଆଣିବାରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**କଟକ,୨୫ା୩(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଗାନ୍ଧୀ ଭବନରେ ସୁଲତା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆଲୋଚନାଚକ୍ର ଓ ମେଧା ଅନ୍ୱେଷଣ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ଚେୟାରପର୍ସନ ସୁଲତା ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡା. ମାନସ ରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ କବି ସୁଲୋଚନା ଦାସ, ସମ୍ମାନିତ ଅତିଥି ଭାବେ ଗୋସେବକ ସତ୍ୟଜିତ୍ ସାହୁ ଯୋଗଦେଇଥିଲେ। ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଅଭିଭାବକମାନେ ଲୋକଲୋଚନକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଡା. ସୌମ୍ୟଦର୍ଶିନ ନାୟକ, ଡା. ମାନସ ରଞ୍ଜନ ଦାଶ ଏବଂ ନୃତ୍ୟଶିଳ୍ପୀ ସ୍ୱର୍ଣ୍ଣପ୍ରଭା ପଣ୍ଡାଙ୍କୁ ରାଜ୍ୟସ୍ତରୀୟ ସୁଲତା ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ଅଭିପ୍ସାର ପ୍ରତିଷ୍ଠାତା ସଂଗ୍ରାମ କେଶରୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନିବୃତି ମହାପାତ୍ର ଉଦ୍‌ଘାଟନୀ ସଙ୍ଗୀତ ଗାନ କରିଥିଲେ। ନୃତ୍ୟପ୍ରଭା ଡ୍ୟାନ୍ସ ଏକାଡେମୀ ଓ ସାଇସ୍କୃତି କଳାକେନ୍ଦ୍ରର ଶିଶୁକଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଭିଜିତ୍



@ ଶ୍ରୀକାନ୍ତ


@ ଗୋବର୍ଦ୍ଧନ


@ ଦୀପକ


@ ସ୍ୱାଗତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ତୋଟାପଡା ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଖୁଣ୍ଟୁଣୀ, ୨୫ା୩(ସଚ୍ଚିଦାନନ୍ଦ ପଣ୍ଡା)**

ଆଠଗଡ଼ ବ୍ଲକ ଅଧୀନ ତୋଟାପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ନିମାଇଁ ଚରଣ ରାଉତ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁବ୍ରତ କୁମାର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ବାଣିଶ୍ରୀ ସାହୁ, ଶିକ୍ଷା କମିଟିର ପୂର୍ବତନ ସଭାପତି ପ୍ରତାପ ଚନ୍ଦ୍ର ସ୍ୱାଇଁ, ସହକାରୀ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ, ମଞ୍ଜୁଲତା ଦେଇ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଶିକ୍ଷାକୁ ଜୀବନର ବ୍ରତ ବୋଲି ଭାବି କଠୋର ପରିଶ୍ରମ କରିବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ ଏକକ ଅଭିନୟ, ଶୁଣିବା କହିବା, ବିଜ୍ଞାନ କ୍ରୀଡ଼ା ଆଦି ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରଜ୍ଞା ସରିତା ନାୟକ ଓ ଇନ୍ଦୁମତୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

# ସଙ୍ଗଠନ ଗଢ଼ିବାରେ ଦେବେନ୍ଦ୍ରଙ୍କ ପ୍ରମୁଖ ଭୂମିକା ଥିଲା

**କଟକ,୨୫ା୩(ଶିଳ୍ପା ପ୍ରିୟଦର୍ଶିନୀ)**

### କଟକ ଜିଲା ଭାଜପା ପକ୍ଷରୁ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ କଟକ ଜିଲା ଭାଜପା ପକ୍ଷରୁ କଟକ ସାରଳା ଭବନରେ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଭାଜପା କଟକ ଜିଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ସିଏମ୍‌ସି ମେୟର ସୁବାସ ସିଂ, ଅଭିନେତା ଅନୁଭବ ମହାନ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଜ୍ୟର ପ୍ରତି ଜିଲାରେ ଭାଜପାର ସଂଗଠନ ଗଢ଼ିବାରେ ଦେବେନ୍ଦ୍ରଙ୍କ ପ୍ରମୁଖ ଭୂମିକା ରହିଥିଲା। ତାଙ୍କ ବିୟୋଗରେ ରାଜ୍ୟ ଭାଜପାର ଅପୂରଣୀୟ କ୍ଷତି ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଦେବେନ୍ଦ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ମରଣିକା ଉନ୍ମୋଚନ ହେବା ସହ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ବୁଦ୍ଧିଜୀବୀଙ୍କ ଦ୍ୱାରା ସ୍ମୃତିଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ବିନୋଦ ଦାସ, ଡା. ଜୟନ୍ତ ପଣ୍ଡା, ଇଂ. ପ୍ରଭାକର ସ୍ୱାଇଁ, ବିପିନ ବିହାରୀ ରାଉତ, ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଦୀପ୍ତ ସ୍ୱାଇଁ, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଭିକାରି ଦାସ, ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ଲଳାଟେନ୍ଦୁ ବଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଶୈଳବାଳାଙ୍କ ଦୂରଦୃଷ୍ଟି ଅତ୍ୟନ୍ତ ପ୍ରଖର ଥିଲା’

**କଟକ,୨୫ା୩(କାର୍ତ୍ତିକ ସାହୁ)**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ବିଚିତ୍ରା ପାଣି ପୌରୋହିତ୍ୟ କରି କହିଛନ୍ତି, ଓଡ଼ିଶାରେ ନାରୀଶିକ୍ଷାର ବିକାଶ କ୍ଷେତ୍ରରେ ମଧୁସୂଦନ ଦାସଙ୍କ କନ୍ୟା ଶୈଳବାଳା ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ତେଣୁ ତାଙ୍କର ଜନ୍ମ ଦିବସକୁ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଭାବେ ପାଳନ କରାଯାଉଛି। ସେହିପରି ମୁଖ୍ୟ ଅତିଥି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମହାବିଦ୍ୟାଳୟ ବିକାଶ ପରିଷଦର ନିର୍ଦ୍ଦେଶିକା ପ୍ରଫେସର ଡ. ସସ୍ମିତା ମହାନ୍ତି କହିଛନ୍ତି, ଶୈଳବାଳାଙ୍କ ଦୂରଦୃଷ୍ଟି ଅତ୍ୟନ୍ତ ପ୍ରଖର ଥିଲା। ମୁଖ୍ୟବକ୍ତା ପ୍ରଫେସର ଡ. ଖାରବେଳ ମହାନ୍ତି ବକ୍ତବ୍ୟରେ ଶୈଳବାଳାଙ୍କୁ ଓଡ଼ିଶାରେ ନାରୀଶିକ୍ଷା ପ୍ରସାରରେ ଅଗ୍ରଣୀ ନାୟିକା ଭାବେ ଅଭିହିତ କରିଥିଲେ। ଛାତ୍ରୀ ପ୍ରତିନିଧି ସେଲ୍‌ର ଉପଦେଷ୍ଟା ଡ. ଅନିରୁଦ୍ଧ ଖିଲାର ଅତିଥି ପରିଚୟ ଏବଂ ଡ. ଦୀପ୍ତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଫେସର ଶିବାନୀ ଦାଶଙ୍କ ତତ୍ତ୍ୱାବଧାନରେ ଉତ୍କଳ ବନ୍ଦନା ଗାନ କରାଯାଇଥିଲା। ଡ. ମୌସୁମୀ ପଟ୍ଟନାୟକ, ଡ. ଗୋପାଙ୍ଗନା ଦାସ, ଡ. ପ୍ରଶାନ୍ତ କୁମାର ସାମନ୍ତରାୟ, ଡ. ସୁରେଶ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଡ. ସଞ୍ଜିତା ମିଶ୍ର ଧନ୍ୟବାଦ ଦେଇଥିଲେ।



ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

# ବୌଦ୍ଧିକ ସମ୍ପତ୍ତି ଅଧିକାର ସୁରକ୍ଷା କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**କଟକ,୨୫ା୩(କାର୍ତ୍ତିକ ସାହୁ)**

କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଇଷ୍ଟିଚ୍ୟୁଶନ୍ସ ଇନୋଭେଶନ୍ କାଉନ୍‌ସିଲ (ଆଇଆଇସି) ଏବଂ ରିସର୍ଚ୍ଚ ଓ ଡେଭଲପମେଣ୍ଟ ସେଲ୍‌ର ମିଳିତ ଆନୁକୂଲ୍ୟରେ ବୌଦ୍ଧିକ ସମ୍ପତ୍ତି ଅଧିକାର ସୁରକ୍ଷା ଓ ନୂତନ ଉତ୍ପାଦ ପରିଚାଳନା ସମ୍ପର୍କିତ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମକୁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସି ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଆଲୋଚ୍ୟ ପ୍ରସଙ୍ଗର ଗୁରୁତ୍ୱ ଓ ଏହାର ସୁଦୂରପ୍ରସାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଡ. ଭାସ୍କର ଦାସ ଉଦ୍ୟମିତାର ପ୍ରଭାବୀ ଭୂମିକା ଉପରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ବକ୍ତା ଡ. ପ୍ରଶାନ୍ତ କୁମାର ସୁଆର ବୌଦ୍ଧିକ ସମ୍ପତ୍ତିର ଅଧିକାର ସୁରକ୍ଷା ଓ ଷ୍ଟାର୍ଟଅପ୍ ପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟର ଡିନ୍ (ଗବେଷଣା) ଡ. ବିଶ୍ୱରଞ୍ଜନ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ‘ଡିନ୍’ ଡ. ନୟନ ରଞ୍ଜନ ସାମଲ, ଇନୋଭେସନ୍ କାଉନସିଲ୍‌ର ଆବାହକ ଡ. ଦୀପକ କୁମାର ବିଶ୍ୱାଳ, ନିର୍ଦ୍ଦେଶକ (ଆଇକ୍ୟୁଏସି) ପ୍ରଫେସର ଡ. ଆଲୋକ ରଞ୍ଜନ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସହକାରୀ ପ୍ରାଧ୍ୟାପିକା ଜୟଶ୍ରୀ ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମିଳୁନି ଚିକିତ୍ସା, ଯନ୍ତ୍ରଣାରେ ଛଟପଟ ପ୍ରମୋଦ

**କଟକ,୨୫ା୩(ଶିଳ୍ପା ପ୍ରିୟଦର୍ଶିନୀ)**

### ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ


ପ୍ରମୋଦ ଟପ୍ପୋ

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳିପାରି ନାହିଁ। ଫଳରେ ଝାଡ଼ଖଣ୍ଡ ଗୋଇଲାକେରା ଗ୍ରାମର ପ୍ରମୋଦ ଟପ୍ପୋ(୪୪) ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ତାଙ୍କ ଡାହାଣ ଗୋଡ଼ର ଆଣ୍ଠୁ ତଳ ସମ୍ପୂର୍ଣ୍ଣ ଭାବେ ଘା ହୋଇଯାଇଛି। ଏଠାରେ ୪ ଦିନ ହେବ କେବଳ ତାଙ୍କର ବାୟୋପ୍ସି ପରୀକ୍ଷା କରାଯାଇଥିବାବେଳେ ପ୍ରାଥମିକ ଚିକିତ୍ସା କରାଯାଇନାହିଁ। ଏଠାରେ ଥିବା ଆଶ୍ରୟସ୍ଥଳରେ ସେ ରହିଥିବାବେଳେ ତାଙ୍କ ଗୋଡ଼ରୁ ରକ୍ତ ଓ ପୂଜ ବାହାରି ଦୁର୍ଗନ୍ଧ ହେଉଛି। ତେବେ ଗୁରୁତର ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇ ନ ଥିବାରୁ ରୋଗୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଅନୁଯାୟୀ, ପ୍ରମୋଦ ଏକ ଘରୋଇ ସଂସ୍ଥାରେ ବିଦ୍ୟୁତ୍ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ୫ବର୍ଷ ପୂର୍ବେ ତାଙ୍କ ଡାହାଣ ଗୋଡ଼ ପାଦରେ ପଥର ବାଜି ଖଣ୍ଡିଆ ହୋଇଥିଲା। ବାରମ୍ବାର ଡାକ୍ତର ଦେଖାଇ ଔଷଧ ଲଗାଇବା ସତ୍ତ୍ୱେ ଖଣ୍ଡିଆ ଶୁଖି ନ ଥିଲା। ପରେ ଏହା ଘା ହୋଇ ଗୋଡ଼ର ଆଣ୍ଠୁ ତଳ ପର୍ଯ୍ୟନ୍ତ ମାଡି ଯାଇଥିଲା। ଅଢ଼େଇ ମାସ ତଳେ ଗୋଡ଼ରୁ ରକ୍ତ ଓ ପୂଜ ବାହାରି ଯନ୍ତ୍ରଣା ହେବାରୁ ସେ ପ୍ରଥମେ ରାଉରକେଲାର ଏକ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। କିଛିଦିନ ପରେ ତାଙ୍କୁ ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ(ଏମ୍‌କେସିଜି)କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିବା ପରେ ଡାକ୍ତର ତାଙ୍କୁ ଗୋଡ଼ କଟା ହେବାର ଆବଶ୍ୟକ ଥିବା କହିଥିଲେ। ହେଲେ ଏଥିପାଇଁ ସେଠାରେ ଯନ୍ତ୍ରାଂଶ ନ ଥିବାରୁ ଆମ୍ବୁଲାନ୍ସରେ ଗତ ଗୁରୁବାର ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ପଠାଇଥିଲେ। ସନ୍ଧ୍ୟାରେ ସେ ଏସ୍‌ସିବିରେ ପହଞ୍ଚି କାଜୁଆଲ୍‌ଟିରେ ରହିଥିଲେ। ଶୁକ୍ରବାର ସକାଳେ ତାଙ୍କୁ ପ୍ରଥମେ ସର୍ଜରି ଓ ପରେ ଅର୍ଥୋପେଡିକ ବିଭାଗକୁ ପଠାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। କର୍କଟ କେନ୍ଦ୍ରରେ ପ୍ରମୋଦ ଡାକ୍ତର ଦେଖାଇଥିଲେ ଏବଂ ଗୋଡ଼ରୁ ମାଂସ ପରୀକ୍ଷା ପାଇଁ ନିଆଯାଇଥିଲା। ପରୀକ୍ଷା ରିପୋର୍ଟ ଆସନ୍ତା ଏପ୍ରିଲ ୨ରେ ଆସିବା ପରେ ହିଁ ଚିକିତ୍ସା ଆରମ୍ଭ ହେବ ବୋଲି ଡାକ୍ତର କହିଥିଲେ। ପ୍ରମୋଦଙ୍କ ଚିକିତ୍ସା କ୍ଷେତ୍ରରେ ଏଭଳି ଅବ୍ୟବସ୍ଥା ଗ୍ରହଣୀୟ ନୁହେଁ ବୋଲି ତାଙ୍କ ସ୍ତ୍ରୀ ସରିତା ଟପ୍ପୋ ଅଭିଯୋଗ କରିଛନ୍ତି।

ଏନେଇ ପ୍ରମୋଦ କହିଛନ୍ତି, ଏମ୍‌କେସିଜିରେ ଡାକ୍ତର ତୁରନ୍ତ ଅସ୍ତ୍ରୋପଚାର ଆବଶ୍ୟକ ଥିବା କହିଥିଲେ ହେଲେ ସେଠାରେ ଉପଯୁକ୍ତ ଚିକିତ୍ସା ମିଳିପାରିଲା ନାହିଁ। ସେହିପରି ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଭର୍ତ୍ତି କରାଇଲେ ନାହିଁ କିମ୍ବା ପ୍ରାଥମିକ ଚିକିତ୍ସା ମଧ୍ୟ କରିନାହାନ୍ତି। ଅସହ୍ୟ ଯନ୍ତ୍ରଣା ହେଉଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ନିର୍ଦ୍ଦେଶକ ଡା. ଦୀପକ ରାଉତରାୟ କହିଛନ୍ତି, ରୋଗୀଙ୍କର କର୍କଟ ରୋଗ ନେଇ କ’ଣ ସମସ୍ୟା ରହିଛି ତାହା କେବଳ ପରୀକ୍ଷାର ରିପୋର୍ଟ ଆସିବା ପରେ ଜଣାପଡ଼ିବ। ସେହି ଅନୁଯାୟୀ ଚିକିତ୍ସା ଆରମ୍ଭ ହେବ। ହସ୍ପିଟାଲରେ ଯାହା ଚିକିତ୍ସା ଆବଶ୍ୟକ ତାହା ସମସ୍ତ ରୋଗୀଙ୍କୁ ଯୋଗାଇ ଦିଆଯାଉଛି ବୋଲି ରାଉତରାୟ କହିଛନ୍ତି।

## ସଂକ୍ଷେପରେ

### ଲାଞ୍ଚ ନେଇ ଫସିଲେ କେନ୍ଦ୍ରାପଟି ଆର୍‌ଆଇ, ସହଯୋଗୀ

**ଭୁବନେଶ୍ୱର/ଅସ୍ତରଙ୍ଗ, ୨୫।୩ (ସତ୍ୟଜିତ୍ ରାଉତ/ପ୍ରଦୀପ୍ତ କୁମାର ଦୀକ୍ଷିତ):** ଜମିଜମା ସଂକ୍ରାନ୍ତୀୟ ଇନ୍‌କ୍ୱାରି ରିପୋର୍ଟ ଦେବାକୁ ୭ହଜାର ଟଙ୍କା ଲାଞ୍ଚ ନେବାବେଳେ ପୁରୀ ଜିଲା ଅସ୍ତରଙ୍ଗ ତହସିଲ୍ ଅଧୀନ କେନ୍ଦ୍ରାପଟି ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଦୀପ୍ତିରଞ୍ଜନ ମହାପାତ୍ର ଓ ତାଙ୍କର ଜଣେ ସହଯୋଗୀ ମଙ୍ଗଳବାର ଭିଜିଲାନ୍ସ ଜାଲରେ ଫସିଛନ୍ତି। ସହଯୋଗୀ ଜଣକ ହେଲେ ସମ୍ପଦ କୁମାର ଦାସ। ଭିଜିଲାନ୍ସ ଟିମ୍ ଅଭିଯୁକ୍ତଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଛି। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୩/୨୦୨୫) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ ଅଟକ ରଖାଯିବା ସହ ଅଧିକ ପଚରାଉଚରା କରାଯାଉଥିବା ସୂଚନା ଦିଆଯାଇଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ଅସ୍ତରଙ୍ଗ ନମାରୋ ଗ୍ରାମର ପ୍ରତାପ ସାହୁ ତାଙ୍କ ବାପାଙ୍କ ନାଁରେ ଥିବା ଏକ ଘରବାଡ଼ି ପ୍ଲଟ୍‌କୁ ବିକ୍ରି ପାଇଁ ଜିଲା ନିବନ୍ଧକ (ଡିଏସ୍‌ଆର୍)ଙ୍କ ନିକଟରେ ଆବେଦନ କରିଥିଲେ। ତେବେ ଉକ୍ତ ଜମିରେ କୌଣସି ବାସଗୃହ ଅଛି କି ନାହିଁ ସନ୍ଦେହ ହେବାରୁ ଡିଏସ୍‌ଆର୍ ଏହାର ଯାଞ୍ଚ ରିପୋର୍ଟ ପାଇଁ ତହସିଲ୍ ଅଫିସକୁ ଚିଠି କରିଥିଲେ। ତେବେ ଉକ୍ତ ଘରବାଡ଼ି ଜମିର ଅନୁସନ୍ଧାନ କରି ହୋମଷ୍ଟେଡ୍(ଘରବାରୀ) ଯାଞ୍ଚ ରିପୋର୍ଟ ଦେବାକୁ ତହସିଲଦାରଙ୍କ ପକ୍ଷରୁ ଆର୍‌ଆଇଙ୍କୁ ନିର୍ଦ୍ଦେଶ ହୋଇଥିଲା। ହେଲେ ଏପଟେ ଉକ୍ତ ଯାଞ୍ଚ ରିପୋର୍ଟ ଦେବାକୁ ପ୍ରତାପ ବାରମ୍ବାର ଅନୁରୋଧ କରୁଥିବାବେଳେ ମାସେ ହେବ ଆର୍‌ଆଇ ଦିନ ଗଡ଼ାଇ ଚାଲିଥିଲେ। ଏଥିପାଇଁ ଆର୍‌ଆଇ ତାଙ୍କ ସହଯୋଗୀ ସମ୍ପଦଙ୍କ ଜରିଆରେ ୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶେଷରେ କୌଣସି ଉପାୟ ନ ପାଇ ପ୍ରତାପ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସର ୫ଜଣିଆ ଟିମ୍ ମଙ୍ଗଳବାର ଅପରାହ୍ନରେ ଆର୍‌ଆଇ କାର୍ଯ୍ୟାଳୟରେ ଚଢ଼ାଉ କରି ଲାଞ୍ଚନେବାବେଳେ ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା। ପରେ ଏହି ଘଟଣାରେ ଦିପ୍ତିରଞ୍ଜନଙ୍କ ବାସଭବନ ଓ ଅଫିସ ରୁମରେ ଚଢ଼ାଉ ହେଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ଉଭୟଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।

### ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ବେପାରୀ ଗିରଫ

**ଖୋର୍ଦ୍ଧା, ୨୫।୩(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଅବକାରୀ ପୋଲିସ ମଙ୍ଗଳବାର ଗୁରୁଜଙ୍ଗ ଟାଙ୍ଗୀସାହିରେ ଚଢ଼ାଉ କରି ୧୦୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ରାଜକିଶୋର ସୁନ୍ଦରାୟ। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏକ ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଥାଉ କି, ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ଦିନକୁ ଦିନ ବଢ଼ିଚାଲିଛି। ପୋଲିସ, ଅବକାରୀ ଏବଂ ଏସ୍‌ଟିଏଫ୍‌ର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାକୁ ବ୍ରାଉନ୍‌ସୁଗାର ଆସୁଛି। ଏଠାରୁ ବିଭିନ୍ନ ସ୍ଥାନକୁ ପଠାଯାଉଛି। କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଆଶାରେ ଯୁବପିଢି ଏହି କାରବାରରେ ପଶି ବିପଦଗାମୀ ହେଉଛନ୍ତି। ଅନ୍ୟପଟେ ବ୍ରାଉନ୍‌ସୁଗାର କାରବାରରେ ଗିରଫଙ୍କ ମଧ୍ୟରେ ଅଧିକାଂଶ ଯୁବପିଢି ଅଛନ୍ତି। ଯେଉଁମାନଙ୍କ ବୟସ ୨୦ରୁ ୩୦ବର୍ଷ ମଧ୍ୟରେ ରହିଛି। ପୋଲିସ ପାଇଁ ଏହା ଏକ ଚାଲେଞ୍ଜ ପାଲଟିଛି।

# ଜଟଣୀ ପୌର ପରିଷଦ ଇଓଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଫ୍ଲାଟ୍‌ରୁ ମିଳିଲା ନଗଦ ୧୭ ଲକ୍ଷ**

- ୪ ବହୁମୂଲ୍ୟ ଫ୍ଲାଟ୍, ୨ ବହୁତଳ ପ୍ରାସାଦ, ୧୧ ପ୍ଲଟ୍ ଠାବ
- ସ୍ତ୍ରୀଙ୍କ ନାଁରେ ଚଳାଉଛନ୍ତି ଲକର୍
- ୭୬.୧୫ ଲକ୍ଷ ବ୍ୟାଙ୍କ ଜମା, ଘରୋଇ ସାମଗ୍ରୀ

**ଭୁବନେଶ୍ୱର/ଜଟଣୀ, ୨୫।୩ (ସତ୍ୟଜିତ୍ ରାଉତ/ରବୀନ୍ଦ୍ର ନାଥ ମହାକୁଡ଼)**


ସୂର୍ଯ୍ୟମଣି ପାଟଯୋଶୀ।


ଜବତ ହୋଇଥିବା ଟଙ୍କା।

ଜଟଣୀ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ସୂର୍ଯ୍ୟମଣି ପାଟଯୋଶୀ ମଙ୍ଗଳବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୂର୍ଯ୍ୟମଣିଙ୍କ ଘର ସମେତ ଜଟଣୀ, ଭୁବନେଶ୍ୱର, ବ୍ରହ୍ମପୁର ଓ ଗଞ୍ଜାମର ମୋଟ ୧୦ଟି ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ସୂର୍ଯ୍ୟମଣିଙ୍କ ଜଟଣୀସ୍ଥିତ ଅଫିସ, ବାସଭବନ, ଭୁବନେଶ୍ୱର ଜାଗମରା ସିଦ୍ଧି ବିହାରରେ ସମ୍ପର୍କୀୟଙ୍କ ଘର, ବ୍ରହ୍ମପୁର ଗୋବିନ୍ଦନଗରସ୍ଥିତ ଜଣେ ସହଯୋଗୀଙ୍କ ଘର, ଗଞ୍ଜାମ ଜିଲା ଗଙ୍ଗପୁର ଥାନା ଅନ୍ତର୍ଗତ ସିଙ୍ଗିପୁରରେ ଥିବା ଅନ୍ୟଜଣେ ସହଯୋଗୀଙ୍କ ଘର, ଗଞ୍ଜାମ ସୋରଡ଼ା ପାଲ୍‌ଟାସିଂ ଷ୍ଟ୍ରିଟ୍‌ରେ ଥିବା ପୈତୃକ ଘର, ଭୁବନେଶ୍ୱର ଜାଗମରାସ୍ଥିତ ଏକ ଆପାର୍ଟମେଣ୍ଟରେ ଫ୍ଲାଟ୍ ଆଦି ରହିଛି।

ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହେଉଥିବାବେଳେ ଏଥିରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୧୦ ଟିମ୍‌ରେ ୯ଜଣ ଡିଏସ୍‌ପି, ୪ ଇନ୍ସପେକ୍ଟର, ୧୩ ଏଏସ୍‌ଆଇ ଏବଂ ଅନ୍ୟ ସହକାରୀ କର୍ମଚାରୀ ନିୟୋଜିତ ଅଛନ୍ତି।

ଭିଜିଲାନ୍ସ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ସୂର୍ଯ୍ୟମଣିଙ୍କ ଜାଗମରାସ୍ଥିତ ଫ୍ଲାଟ୍‌ରେ ଭିଜିଲାନ୍ସ ଟିମ୍ ୧୭ ଲକ୍ଷ ଟଙ୍କା ଠାବ କରିଛି। ସେହିପରି ଖାରବେଳନଗର ୟୁନିଟ-୩ରେ ଥିବା ଏକ ଆପାର୍ଟମେଣ୍ଟରେ ଏକ ୨ ବିଏଚ୍‌କେ ଫ୍ଲାଟ୍ ଠାବ ହୋଇଥିବା ବେଳେ ଡେଲ୍‌ଟା ଛକରେ ସ୍ତ୍ରୀ ଦୀପିକା ମହାପାତ୍ରଙ୍କ ନାଁରେ ଏକ ୪.୫ ବିଏଚ୍‌କେ ଫ୍ଲାଟ୍ କିଣିବାକୁ ହର୍ଷପ୍ରିୟା କନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିଃକୁ ସୂର୍ଯ୍ୟମଣି ୫୬.୪୦ ଲକ୍ଷ ଟଙ୍କା ଦେଇଥିବା ଭିଜିଲାନ୍ସ ପ୍ରମାଣ ପାଇଛି। ସେହିପରି ବିଜେବି ନଗରସ୍ଥିତ ଗ୍ରୀନ୍ ସ୍କୋୟାର ରେସିଡେନ୍‌ସିରେ ଏକ ୨ ବିଏଚ୍‌କେ ଫ୍ଲାଟ୍ ଠାବ ହୋଇଥିବାବେଳେ ଏହା ବେନାମି ବୋଲି ଭିଜିଲାନ୍ସ ସନ୍ଦେହ କରି ଯାଞ୍ଚ କରୁଛି। ଏଥିସହ ବ୍ରହ୍ମପୁର ପାନକଲାପଲ୍ଲୀ ଅଞ୍ଚଳରେ ଏକ ୪ ମହଲା ବିଶିଷ୍ଟ ନିର୍ମାଣାଧୀନ କୋଠା, ଗୋଟିଏ ଦୁଇ ମହଲା କୋଠା ସମେତ ଗଞ୍ଜାମ, ଭୁବନେଶ୍ୱର, ବ୍ରହ୍ମପୁର, ଜଟଣୀ ଅଞ୍ଚଳରେ ୧୧ଟି ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଛି। ଭିଜିଲାନ୍ସ ଟେକ୍‌ନିକାଲ ୱିଙ୍ଗ୍ ପକ୍ଷରୁ କୋଠା, ପ୍ଲଟ୍, ଫ୍ଲାଟ୍‌ର ହିସାବ କରାଯାଉଛି। ସେହିପରି ଘରୁ ୧୫୦ଗ୍ରାମ ସୁନା ଅଳଙ୍କାର, ୭୬ ଲକ୍ଷ ୧୫ ହଜାର ୬୯୫ ଟଙ୍କାର ବ୍ୟାଙ୍କ ଜମା ଓ ଘରୋଇ ସାମଗ୍ରୀ ଏବଂ ଗୋଟିଏ ଚାରିଚକିଆ ଯାନ (ମାରୁତି ୱାଗନ୍ ଆର୍) ଓ ୩ଟି ୨ ଚକିଆ ଯାନ ଠାବ ହୋଇଛି। ତେବେ ସ୍ତ୍ରୀଙ୍କ ନାଁରେ ବ୍ରହ୍ମପୁର ମେଡିକାଲ କ୍ୟାମ୍ପସସ୍ଥିତ ଏସ୍‌ବିଆଇ ବ୍ରାଞ୍ଚରେ ସୂର୍ଯ୍ୟମଣି ଗୋଟିଏ ଲକର୍ ପରିଚାଳନା କରୁଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଭିଜିଲାନ୍ସ ଟିମ୍ ସୂର୍ଯ୍ୟମଣିଙ୍କୁ ତାଙ୍କ ବିପୁଳ ସମ୍ପତ୍ତିର ଉତ୍ସ ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ଜାରି ରହିଥିବାରୁ ଆହୁରି ସମ୍ପତ୍ତି ଠାବ ହେବ ବୋଲି ସନ୍ଦେହ କରାଯାଉଛି।

### କନିଷ୍ଠ ଯନ୍ତ୍ରୀରୁ ୩ ଦଶନ୍ଧିର ଚାକିରି

ସୂର୍ଯ୍ୟମଣି ୧୯୯୪ ମାର୍ଚ୍ଚ ୨୨ରେ ସରକାରୀ ସେବାରେ ଯୋଗ ଦେଇ କନିଷ୍ଠ ଯନ୍ତ୍ରୀ (ଜେଇ) ଭାବେ ନବରଙ୍ଗପୁର ପୌର ପରିଷଦରେ ଚାକିରି ଆରମ୍ଭ କରିଥିଲେ। ପରେ ୧୯୯୬ ଏପ୍ରିଲ ୨ରୁ ୨୦୦୬ ଅଗଷ୍ଟ ୪ ଯାଏ ସେ ରାଜ୍ୟର ବିଭିନ୍ନ ବିଜ୍ଞାପିତ ପରିଷଦ (ଏନ୍‌ଏସି)ରେ କାମ କରିଥିଲେ। ୨୦୦୭ ଜାନୁଆରୀ ୧୦ରେ ସୂର୍ଯ୍ୟମଣି ସହକାରୀ ଯନ୍ତ୍ରୀ (ଏଇ) ଭାବେ ପଦୋନ୍ନତି ପାଇଥିଲେ। ଏଇ ଭାବେ ସେ ୨୦୨୧ ଜୁନ ୭ ଯାଏ ବିଭିନ୍ନ ପୌର ପରିଷଦରେ କାମ କରିଥିଲେ। ୨୦୨୩ ଜୁଲାଇ ୩୧ରେ ସୂର୍ଯ୍ୟମଣି ଉପ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ସିଭିଲ୍) ଭାବେ ପଦୋନ୍ନତି ପାଇ କାର୍ଯ୍ୟନିର୍ବାହୀ ଅଫିସର ଭାବେ ଯାଜପୁର ପୌର ପରିଷଦରେ ନିଯୁକ୍ତି ପାଇଥିଲେ। ୨୦୨୪ ଫେବୃଆରୀ ୧ରେ ସେ ଜଟଣୀ ପୌର ପରିଷଦକୁ ବଦଳି ହୋଇ ଆସିଥିଲେ।


ବିଜେଡିଆସ୍ଥିତ କପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ରଥଯାତ୍ରା ପାଇଁ ରଥନିର୍ମାଣ ଚାଲିଛି। **(ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)**

### ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ଜ୍ଞାନଯଜ୍ଞ

**ବେଗୁନିଆ, ୨୫।୩(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ କଣ୍ଟାବାଡ଼ ଗ୍ରାମସ୍ଥିତ ମା'ତାରିଣୀ ଆଶ୍ରମ ପରିସରରେ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଗ୍ରହ ପ୍ରତିଷ୍ଠା, କଳସ ସ୍ଥାପନ, ଅଙ୍କୁରାରୋପଣ ସହ ହନୁମାନ ଚାଳିଶା ପଠନ ଓ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚକ ପଣ୍ଡିତ ରାମ ନିରଞ୍ଜନ ଦାସ, ପଣ୍ଡିତ କାଶୀନାଥ ରାଉତରାୟ ଓ ସୁଦାମ ଚରଣ ଦାଶ ପ୍ରମୁଖ ଯୋଗଦେଇ ପ୍ରବଚନ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**metroselfie@gmail.com**


@ ଅଭିଜିତ୍


@ ଶ୍ରୀକାନ୍ତ


@ ଗୋବର୍ଦ୍ଧନ


@ ଦୀପକ


@ ସ୍ୱାଗତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୋଲିସ ଅଧିକାରୀସ୍ତରରେ ଅଦଳବଦଳ

**ଖୋର୍ଦ୍ଧା, ୨୫।୩(ପ୍ରଭାତ ପାଣିଗ୍ରାହୀ)**

- ସୁଶାନ୍ତ ଜଙ୍କିଆ, ରବୀନ୍ଦ୍ର ହେଲେ ଟାଙ୍ଗୀ ଥାନାଧିକାରୀ
- ସାଇବର ଅପରାଧ ୟୁନିଟ୍‌କୁ ଅତିରିକ୍ତ ଆଇଆଇସି ସୁଚିତ୍ରାଙ୍କ ବଦଳି

ଖୋର୍ଦ୍ଧା ପୋଲିସ ଜିଲାରେ ଆଇଆଇସି, ଏସ୍‌ଆଇ, ଏଏସ୍‌ଆଇ, କନଷ୍ଟେବଲ ଏବଂ ଏପିଆର କନଷ୍ଟେବଲସ୍ତରରେ ଅଦଳବଦଳ କରାଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ବଡଧରଣର ଅଦଳବଦଳ କରିଛନ୍ତି। ଟାଙ୍ଗୀ ଥାନାଧିକାରୀ ସୁଶାନ୍ତ କୁମାର ବେହେରାଙ୍କୁ ଜଙ୍କିଆ ଥାନାକୁ ବଦଳି କରାଯାଇଛି। ପୂର୍ବରୁ ଜଙ୍କିଆ ଆଇଆଇସି ପ୍ରଜ୍ଞାପାରମିତା କରଙ୍କ କନ୍ଧମାଳ ଜିଲାକୁ ବଦଳି ପରେ ସଦର ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁ ଅତିରିକ୍ତ ଦାୟିତ୍ୱରେ ରହିଥିଲେ। ଖୋର୍ଦ୍ଧା ହେଡକ୍ୱାର୍ଟରରେ ଥିବା ଆଇଆଇସି ରବୀନ୍ଦ୍ର କୁମାର ଭୂଜବଳଙ୍କୁ ଟାଙ୍ଗୀ ଥାନାକୁ ବଦଳି କରାଯାଇଛି। ଆଦର୍ଶ ଥାନାର ଅତିରିକ୍ତ ଆଇଆଇସି ସୁଚିତ୍ରା ଜେନାଙ୍କୁ ସ୍ପେଶିଆଲ କ୍ରାଇମ ଓ ସାଇବର ୟୁନିଟକୁ ବଦଳି କରାଯାଇଛି। ସେହିଭଳି ଜିଲାରେ ବିଭିନ୍ନ ଥାନାରେ କାର୍ଯ୍ୟରତ ୩୭ ଏସ୍‌ଆଇ ଏବଂ ଏଏସ୍‌ଆଇଙ୍କୁ ବଦଳି କରାଯାଇଛି। ବାଙ୍କୋଇ ଆଉଟପୋଷ୍ଟ (ଓପି) ଏସ୍‌ଆଇ ଦିଲୀପ ସାହୁଙ୍କୁ ଗମ୍ଭାରୀମୁଣ୍ଡା ବିଟ୍ ହାଉସକୁ ବଦଳି କରାଯାଇଥିବା ବେଳେ ସେଠାରୁ ଏସ୍‌ଆଇ କେଶବ ଚନ୍ଦ୍ର ବେହେରାଙ୍କୁ ବାଙ୍କୋଇ ଓପି, ଦିନେଶ କୁମାର ପିଙ୍ଗୁଆଙ୍କୁ ଆରଓରୁ ଆଦର୍ଶ ଥାନା, ଶ୍ରୀନିବାସ ସାମନ୍ତଙ୍କୁ ବାଲୁଗାଁ ଥାନାରୁ ନାଭାଲ ଓପି, ଆର୍.ଏନ୍ ଗୌଡଙ୍କୁ ନାଭାଲ ଓପିରୁ ବାଲୁଗାଁ ଥାନା, ଦୀପାଲିସା ନାୟକଙ୍କୁ ନିରାକାରପୁର ଥାନାରୁ ବାଲୁଗାଁ ଥାନା, ଭାଗ୍ୟଶ୍ରୀ ବେହେରାଙ୍କୁ ଜଙ୍କିଆରୁ ନିରାକାରପୁର ଥାନା, ପ୍ରମୋଦ କୁମାର ନାୟକ ବୋଲଗଡ଼ ଥାନାରୁ ଶିଳ୍ପାଞ୍ଚଳ ଥାନା, ହାଡୁବନ୍ଧୁ ଦାସ ଆରଓରୁ ବୋଲଗଡ଼ ଥାନା, ପୂର୍ଣ୍ଣଚନ୍ଦ୍ର ଜେନା ଆରଓରୁ ଆଦର୍ଶ ଥାନା, ଉମାକାନ୍ତ ବେହେରା ବେଗୁନିଆରୁ ନିରାକାରପୁର ଥାନା, ଅଭୟ କୁମାର ରାଉତ ଆରଓରୁ ବେଗୁନିଆ ଥାନା, ସୁକାନ୍ତ ଦଳାଇ ବାଣପୁରରୁ ସ୍ପେଶାଲ କ୍ରାଇମ ଏବଂ ସାଇବର ଅପରାଧ ୟୁନିଟ ଖୋର୍ଦ୍ଧା, ବିନାୟକ ମନ୍ତ୍ରୀ ଆରଓରୁ ବାଣପୁର ଥାନା, ସୁନିତା ବେହେରା ବାଲୁଗାଁ ଥାନାରୁ ଶିଳ୍ପାଞ୍ଚଳ ଥାନା ଏବଂ ସସ୍ମିତା ବେହେରା ଶିଳ୍ପାଞ୍ଚଳରୁ ଆଦର୍ଶ ଥାନାକୁ ବଦଳି ହୋଇଛନ୍ତି। ସେହିଭଳି ଏସ୍‌ଆଇ ବାସୁଦେବ ମହାପାତ୍ର ନାରୁଣୀ ଥାନାରୁ ଇଆରଏସଏସ ସଡକ ସୁରକ୍ଷା ସେଲ, ବାଲେଶ୍ୱର ଜିଲାରୁ ଆସିଥିବା ଏସ୍‌ଆଇ ବିରଞ୍ଚି ସାହୁଙ୍କୁ ଆଦର୍ଶ ଥାନା, ପବିତ୍ର ମୋହନ ପ୍ରଧାନଙ୍କୁ ଆରଓରୁ ବାଣପୁର ଥାନାକୁ ବଦଳି କରାଯାଇଛି। ସେହିଭଳି ଏଏସ୍‌ଆଇ ଫୁଲମଣି ହେମ୍ବ୍ରମଙ୍କୁ ଆଦର୍ଶ ଥାନାରୁ ଜଙ୍କିଆ ଥାନା, ଭୁବନ ବେହେରା ବେଗୁନିଆ ଥାନାରୁ ଆଦର୍ଶ ଥାନା, ସୁଶାନ୍ତ ସାହୁ ଆଦର୍ଶ ଥାନାରୁ ବେଗୁନିଆ ଥାନା, ଗୁପ୍ତା ପ୍ରସାଦ ମହାନ୍ତି ଟାଙ୍ଗୀ ଥାନାରୁ ନିରାକାରପୁର, ତପନ କୁମାର ପ୍ରଧାନ ନିରାକାରପୁର ଥାନାରୁ ଟାଙ୍ଗୀ, ରଞ୍ଜିତ କୁମାର ନାୟକ ବାଘମାରୀ ଥାନାରୁ ଭୁଷଣ୍ଡପୁର ଓପି, ବିଶ୍ୱରଞ୍ଜନ ଦାସ ଭୁଷଣ୍ଡପୁର ଓପି ବାଘମାରୀ, ଚନ୍ଦ୍ରମଣି ସାହୁ ଆଦର୍ଶ ଥାନାରୁ ସଦର ଥାନା, ମନୋଜ କୁମାର ବେହେରା ସଦରରୁ ଆଦର୍ଶ, ଭଗବାନ ସ୍ୱାଇଁ ଆରଓରୁ ଶିଳ୍ପାଞ୍ଚଳ, ଭଗବାନ ନାୟକ ଆରଓରୁ ଜଙ୍କିଆ ଥାନାକୁ ବଦଳି ହୋଇଥିବା ବେଳେ ପୁରୀ ଜିଲାରୁ ଆସିଥିବା ଏଏସ୍‌ଆଇ ସୁଷମା ଦାସ ବାଣପୁର କୋର୍ଟ, ମନମୋହନ ଜାଲି ବାଣପୁର କୋର୍ଟରୁ ସଦର କୋର୍ଟ ଖୋର୍ଦ୍ଧା, ବସନ୍ତ କୁମାର ବେହେରା ଆରଓରୁ ଟାଙ୍ଗୀ ଏବଂ ୱାସି ଯଶୋଦା ଦେଇ ଆରଓରୁ ବୋଲଗଡ଼ ଥାନାକୁ ବଦଳି ହୋଇଛନ୍ତି। ସେହିଭଳି ୫୬ ଏପିଆର ଏବଂ ୬୨ଜଣର କନଷ୍ଟେବଲଙ୍କୁ ଗୋଟିଏ ଥାନାରୁ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଆରଓରେ କାର୍ଯ୍ୟରତ ୧୨ କନଷ୍ଟେବଲଙ୍କୁ ବିଭିନ୍ନ ଥାନାକୁ ବଦଳି କରାଯାଇଛି।

### ବିପଦସଙ୍କୁଳ ଅବସ୍ଥାରେ ଟ୍ରାଫିକ ପୋଷ୍ଟ

**ଖୋର୍ଦ୍ଧା, ୨୫।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଟ୍ରାଫିକ ଛକଠାରେ ଟ୍ରାଫିକ ପୋଷ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ମରାମତି କିମ୍ବା ହଟାଇବା ପାଇଁ ବ୍ୟବସ୍ଥା କରାଯାଉନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ କିଛିଦିନ ପୂର୍ବେ ରାତିରେ ଏକ ମାଲବାହୀ ଟ୍ରକ୍ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ଅଭିମୁଖେ ଯାଉଥିବା ବେଳେ ଉକ୍ତ ଟ୍ରାଫିକ ପୋଷ୍ଟକୁ ଧକ୍କା ଦେଇଥିଲା। ଫଳରେ ଏହି ପୋଷ୍ଟଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ତେବେ ଏହି ପୋଷ୍ଟ ନିକଟରେ ଆଦର୍ଶ ଥାନା, ସବ୍‌ରେଜିଷ୍ଟ୍ରାର ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟ ରହିଥିବା ବେଳେ କିଛି ଦୂରରେ ପୌର କାର୍ଯ୍ୟାଳୟ ରହିଛି। ଏହି ଛକ ଦେଇ ପ୍ରଶାସନିକ ଅଧିକାରୀମାନେ ଯାତାୟାତ କରୁଥିବା ବେଳେ ଏଥିପ୍ରତି ଦୃଷ୍ଟି ନ ଦେବା ସଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଛକରେ ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଲାଗି ରହୁଥିବାରୁ ତୁରନ୍ତ ଉକ୍ତ ବିପଦସଙ୍କୁଳ ଟ୍ରାଫିକ ପୋଷ୍ଟ ମରାମତି ପାଇଁ ସାଧାରଣରେ ଦାବି ହୋଇଛି।



ଖୋର୍ଦ୍ଧା ଟ୍ରାଫିକ୍ ଛକଠାରେ ଟ୍ରାଫିକପୋଷ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି।

**ରାଇଜିଂ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

### ସ୍ପୋର୍ଟ୍ସ ଇଲେଭେନ ବୋଲଗଡ଼ ବିଜୟୀ

**ବେଗୁନିଆ, ୨୫।୩(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ୍ ଅନ୍ତର୍ଗତ ସିକୋଠାରେ ଚାଲିଥିବା ପ୍ରଥମ ବାର୍ଷିକ ରାଇଜିଂ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସରେ ନ୍ୟୁ ୟୁଥ୍ ପାୱାର କ୍ଲବ କରଡ଼ାପଲ୍ଲୀ ଏବଂ ସ୍ପୋର୍ଟ୍ସ ଇଲେଭେନ ବୋଲଗଡ଼ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ୧-୦ ଗୋଲରେ ସ୍ପୋର୍ଟ୍ସ ଇଲେଭେନ ବୋଲଗଡ଼ ବିଜୟୀ ହୋଇଛି। ଏମ୍.ଏଚ୍. ବେଗ, ଶରତ ଚନ୍ଦ୍ର ଛୋଟରାୟ ଏବଂ ଚିତ୍ତରଞ୍ଜନ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। ସାମାଜିକକର୍ମୀ ଚିତ୍ତରଞ୍ଜନ ପଟ୍ଟନାୟକ, ନିହାର ରଞ୍ଜନ ଶ୍ରୀଚନ୍ଦନ ଏବଂ ପଦାରବିନ୍ଦ ରାୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

# ଅଭିଯୋଗ ସତ୍ତ୍ୱେ ଲୁଟେରାଙ୍କ ଟେର୍ ପାଉନି ପୋଲିସ

**ବେଗୁନିଆ, ୨୫।୩(ହର ପ୍ରସନ୍ନ ପଣ୍ଡା)**

**ବେଗୁନିଆ ଏବଂ ବାଘମାରୀ ଥାନା**

ଖୋର୍ଦ୍ଧା ଜିଲା ବେଗୁନିଆ ଏବଂ ବାଘମାରୀ ଥାନା ଅଞ୍ଚଳରେ ଚୋରି, ଦୁର୍ଘଟଣା ଏବଂ ଅସାମାଜିକଙ୍କ ଉତ୍ପାତ ଦିନକୁଦିନ ବଢ଼ିଚାଲିଛି। ଏନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଥିବା ବେଳେ ପ୍ରତିଦିନ କେହିନା କେହି ଲୁଟର ଶିକାର ହୋଇ ଥାନାର ଦ୍ୱାରସ୍ଥ ହେଉଛନ୍ତି। ଅନୁସନ୍ଧାନ ପରେ ଖବର ଦେବୁ ବୋଲି କହି ପୋଲିସ କହି ଫେରାଇ ଦେଉଛି। ସୂଚନାଥାଉ କି, ସନ୍ଧ୍ୟା ହେଲେ ସ୍କୁଲ ବାରଣ୍ଡା, ପରିତ୍ୟକ୍ତ ସରକାରୀ କାର୍ଯ୍ୟାଳୟ ଏବଂ ରାସ୍ତାକଡ଼ ନିଛାଟିଆ ସ୍ଥାନରେ ଅସମାଜିକମାନେ ଆଡ୍ଡା ଜମାଉଛନ୍ତି। ଚୋରା ନିଶାଦ୍ରବ୍ୟ କାରବାରକୁ ସ୍ଥାନୀୟ ଲୋକେ ଦାୟୀ କରୁଛନ୍ତି। ଏହି ଅଞ୍ଚଳରୁ ଦେଶୀ ରନ୍ଧା ମଦ, ପୋଚ ପ୍ରସ୍ତୁତ କରାଯାଇ ଜିଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଛି। ଖୋର୍ଦ୍ଧା ଅଞ୍ଚଳରୁ ବ୍ରାଉନ୍‌ସୁଗାର ଏବଂ ଗଞ୍ଜେଇ ଏହି ଥାନା ଅଞ୍ଚଳକୁ ଆସୁଥିବା ଜଣାପଡ଼ିଛି। ଫଳରେ ସ୍ଥାନୀୟ ଯୁବପିଢି ନିଶା ସେବନ କରି ଚୋରି ଏବଂ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ରହୁଥିବା ଅଭିଯୋଗ ହେଉଛି। ଗତ ୧୪ମାସ ମଧ୍ୟରେ ଉଭୟ ଥାନା ଅଞ୍ଚଳରେ ୬୦ରୁ ଅଧିକ ଚୋରି ଏବଂ ଆପରାଧିକ ଘଟଣା ଘଟିଥିବା ନେଇ ଥାନାରେ ମାମଲା ରୁଜୁ ହୋଇଛି। କେତେକ ମାମଲାରେ ପୋଲିସକୁ ସଫଳତା ମିଳିଥିବା ବେଳେ ଅନ୍ୟ ସବୁ ମାମଲା ଫାଇଲ ଭିତରେ ରହିଯାଇଛି। ବେଗୁନିଆ ଥାନା ଅଧୀନ ଗେଡିଆପଲ୍ଲିପାଟଣା, କୋଲୁହାପାଟଣା, ବଡନୁଆପଲ୍ଲୀ, ଗଡମାଣତୀର, ଡିଙ୍ଗର, ପରିଛଳ, ରାଉତପଡା, କେନ୍ଦୁପଲ୍ଲି, ଚଟୁଆ ଆଦି ଗ୍ରାମରେ ବଡ଼ଧରଣର ଚୋରି ହୋଇଥିଲା। ସେହିପରି ବାଘମାରୀ ଥାନା ଅଧୀନ ସିମୋର, ପୋଡାଡିହ, କଣ୍ଟାମଳିମ ଆଦି ଗ୍ରାମର କେତେଜଣଙ୍କ ଘରୁ ବଡଧରଣର ଚୋରି ହୋଇଥିଲା। ସେହିପରି ଜାତୀୟ ରାଜପଥ ଓ ଗ୍ରାମ୍ୟ ରାସ୍ତାରେ ମଧ୍ୟ ବିଗତ ଦିନରେ ଅନେକ ଲୋକ ଲୁଟର ଶିକାର ହୋଇ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ପରେ ପୋଲିସ ଏକପ୍ରକାର ନୀରବଦ୍ରଷ୍ଟା ସାଜିଛି। ଅନ୍ୟପଟେ ପୋଲିସ ଉପରୁ ଆସ୍ଥା ତୁଟାଇ ଲୋକେ ଅଭିଯୋଗ କରିବାକୁ ଉଚିତ ମଣୁନାହାନ୍ତି ବୋଲି ଜନକଲ୍ୟାଣ ପ୍ରତିଷ୍ଠାନର ମୁଖ୍ୟ ଅକ୍ଷୟ ରଥ କହିଛନ୍ତି। ଅନ୍ୟପଟେ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି, ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି। କେତେକ ମାମଲାରେ ସଫଳତା ମିଳିଛି। ଅନ୍ୟ ମାମଲାରେ ମଧ୍ୟ ସଫଳତା ମିଳିବ।

## ପୁରୀ ସେବା ସମିତିର ନୂତନ କାର୍ଯ୍ୟକାରୀ କମିଟି ନିର୍ବାଚନ

ପୁରୀ,(ଅଜିତ୍ କୁମାର ମହାନ୍ତି)-ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ପୁରୀ ସେବା ସମିତିର ନୂତନ କାର୍ଯ୍ୟକାରୀ କମିଟିର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପୁରୀ ସେବା ସମିତିର ନୂତନ କାର୍ଯ୍ୟକାରିଣୀ ଭାବେ ନିର୍ବାଚିତ ସଦସ୍ୟମାନେ ବିଭିନ୍ନ ପଦପଦବୀରେ ଆସନ୍ତା ୩ବର୍ଷ ପାଇଁ ନିଜ ନିଜର କାର୍ଯ୍ୟନିର୍ବାହ କରିବେ। ଉପଦେଷ୍ଟା ଭାବେ ରଘୁନାଥ ମହାପାତ୍ର, ସଭାପତି ଭାବେ ହିମାଂଶୁ କୁମାର ମହାନ୍ତି, ଉପସଭାପତି ଭାବେ ସୌମେନ୍ଦ୍ର ଦାସ, ସମ୍ପାଦକ ରବୀନ୍ଦ୍ର ନାଥ ସେନାପତି, ସହ ସମ୍ପାଦକ ସୁରେଶ କର, କୋଷାଧକ୍ଷ ରବି ନାରାୟଣ ନନ୍ଦ, ସଦସ୍ୟ ବିମଳ ପ୍ରସାଦ ମହାନ୍ତି, ଶ୍ରୀନିବାସ ଆଚାର୍ଯ୍ୟ, ଈପସିତ୍ ପ୍ରତିହାରୀ, ରଶ୍ମିରଞ୍ଜନ ମହାନ୍ତି, ମୃତ୍ୟୁଞ୍ଜୟ ବାନାର୍ଜୀ, ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ସମସ୍ତ ନବନିର୍ବାଚିତ ସଦସ୍ୟଙ୍କୁ ଅନୁଷ୍ଠାନ ପକ୍ଷରୁ ଅନେକ ଅନେକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

**ସଂକ୍ଷେପରେ**

## ଶ୍ରୀମନ୍ଦିର ସମ୍ମୁଖରେ ଭାସିଲା ନାଳପାଣି

**ପୁରୀ, ୨୫।୩(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ମଙ୍ଗଳବାର ନାଳ ପାଣି ଭାସୁଥିବା ନେଇ ସୂଚନା ମିଳିଛି। ତେବେ ଭୂତଳ ପାଣି ଯିବା ପାଇଁ କରାଯାଇଥିବା ଡ୍ରେନେଜ୍ ଜାମ ହୋଇ ପାଣି ଭାସୁଥିବା ଜଣାପଡ଼ିଛି। ଏପରି ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁମଧ ଏପରିଘଟଣା ଦେଖିବାକୁ ମିଳିଛି। ତେଣୁ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି କରାଯାଇଛି।

## ଭାର୍ଗବୀ ନଦୀ ସେତୁ ତଳୁ ମୃତଦେହ ଜବତ

**ବଳଙ୍ଗା, ୨୫।୩(କେଦାରେଶ୍ୱର ନନ୍ଦ)**

ବଳଙ୍ଗା ଥାନା ଅଧୀନ ଭାର୍ଗବୀ ନଦୀର ବଳଙ୍ଗାଠାରେ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ରୂପଦେଇପୁର ଗ୍ରାମର ପ୍ରଫୁଲ୍ଲ ବାରିକ (୫୦) ବୋଲି ଜଣାପଡ଼ିଛି। ପ୍ରଫୁଲ୍ଲଙ୍କ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଉପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ପୁରୀ ପଠାଇ ତଦନ୍ତ ଆରମ୍ଭ କରିଛି। ପ୍ରଫୁଲ୍ଲଙ୍କ ସାମାନ୍ୟ ମସ୍ତିଷ୍କ ବିକୃତି ଥିବାବେଳେ ସେ ସବୁବେଳେ ବାହାରେ ବୁଲାବୁଲି କରନ୍ତି। ସୋମବାର ବିଳମ୍ବିତ ରାତିରେ ସେ ବଳଙ୍ଗା ବଜାରରେ ବୁଲୁଥିବା ଲୋକେ ଦେଖିଥିଲେ। ସେଠାରେ ସେ ନଦୀକୁ ଶୌଚ ହେବାକୁ ଆସି ପାଣିରେ ବୁଡ଼ିଯାଇଥିବା ଅନୁମାନ କରାଯାଉଛି। ମଙ୍ଗଳବାର ସକାଳେ ନଦୀ ସେତୁ ତଳେ ସେ ଭାସୁଥିବା ଜଣାପଡ଼ିବା ପରେ ବଳଙ୍ଗା ପୋଲିସ ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ଜବତ କରିଥିଲା।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ବଳଙ୍ଗା, ୨୫।୩(କେଦାରେଶ୍ୱର ନନ୍ଦ)**

ବଳଙ୍ଗା ଥାନା ଅଧୀନ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ପୁରୀ ପୋକ୍ସୋ କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଥାନାର କାଳନ୍ଦୀ ନାୟକ (୨୭)। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ପୁରୀ ଜେଲକୁ ପଠାଇ ଦିଆଯାଇଛି। ଏଥିସହ ପୋଲିସ ନାବାଳିକାଙ୍କ ୧୬୪ ଧାରାରେ ବୟାନ ରେକର୍ଡ କରି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଗତ ରବିବାର ଗ୍ରାମରେ ଅଷ୍ଟପ୍ରହରୀ ଚାଲିଥିଲା। ସେହିଦିନ ରାତିରେ ସମ୍ପୃକ୍ତା ୧୭ ବର୍ଷୀୟା ଘରେ ଏକା ଥିବାର ସୁଯୋଗ ନେଇ କାଳନ୍ଦୀ ତାଙ୍କ ଘରୁ ବାରିକୁ ନେଇ ବଳାତ୍କାର କରିଥିଲା। ନାବାଳିକା ଏନେଇ ତାଙ୍କ ମା'କୁ ଜଣାଇବାରେ ସେହିଦିନ ରାତିରେ ଥାନାରେ ଅଭିଯୋଗ କରାଯାଇଥିଲଶ। ଏନେଇ ଥାନାରେ ନଂ.୫୭/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୋଗ ଆଧାରରେ ବଳଙ୍ଗା ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡା ସୋମବାର ବିଳମ୍ବିତ ରାତିରେ ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରିଥିଲେ।

## ବାଉଳି ମଠର ନୂଆ ମହନ୍ତ ହେଲେ ଅକ୍ଷୟ



**ପୁରୀ, ୨୫।୩(ଅଜିତ୍ କୁମାର ମହାନ୍ତି)**

ଅକ୍ଷୟ କୁମାର ଦାସ ବାଉଳି ମଠର ନୂଆ ମହନ୍ତ ଭାବେ ଗାଦିସୀନ ହୋଇଛନ୍ତି। ଚୈତ୍ର କୃଷ୍ଣ ଦଶମୀ ତିଥି ଅବସରରେ ବାଲିସାହି ସ୍ଥିତ ବାଉଳି ମଠ ପରିସରରେ ପାରମ୍ପାରିକ ବିଧି ବ୍ୟବସ୍ଥା ଅନୁସାରେ ଅକ୍ଷୟ କୁମାର ଦାସଙ୍କର ମହନ୍ତାଇ ଓ ଶାଟୀକା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଠର ଠାକୁର ପତିତପାବନ ସାନିଧ୍ୟ ତଥା ବିଶିଷ୍ଟ ସନ୍ଥ, ମହନ୍ତ ଏବଂ ମହାନୁଭବନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଠର ପୂର୍ବ ମହନ୍ତ ସତ୍ୟ ନାରାୟଣ ଦାସ ଗତ ୧୨ ତାରିଖ ଦିନ ବ୍ରହ୍ମଲୀନ ହୋଇଥିଲେ। ତେଣୁ ପରମ୍ପରା ଅନୁସାରେ ମଠର ନୂତନ ମହନ୍ତ ମଠରେ ଅଧିଷ୍ଠିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ମହନ୍ତ ଶୁଭେନ୍ଦୁ ମୁନିଜୀ, ପୂର୍ଣ୍ଣଦାସ ଜୀ, ବାବା ଜଗନ୍ନାଥ ଦାସ ଜୀ, ବାବା ଅଂଶୁମାନ ଦାସଜୀଙ୍କ ସହ ଶ୍ରୀକ୍ଷେତ୍ରର ବିଭିନ୍ନ ମଠର ମଠାଧିଶମାନେ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ହେବ ର୍ୟାମ୍ପ ନିର୍ମାଣ

**ପୁରୀ, ୨୫।୩(ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପ୍ରତ୍ୟେକ ଦିନ ଦେଶ ବିଦେଶରୁ ଅନେକ ଭକ୍ତ ଶ୍ରୀମନ୍ଦିରକୁ ଆସୁଛନ୍ତି। ସାଧାରଣ ଭକ୍ତଙ୍କ ସମେତ ଦିବ୍ୟାଙ୍ଗ ଭକ୍ତ ମଧ୍ୟ ଶ୍ରୀକ୍ଷେତ୍ରକୁ ଆସିଥାନ୍ତି। ମାତ୍ର ଦିବ୍ୟାଙ୍ଗଙ୍କ ନିମନ୍ତେ ଶ୍ରୀମନ୍ଦିର ଭିତରେ ସେପରି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବା ହେତୁ ଅଧିକାଂଶ ଦିବ୍ୟାଙ୍ଗ ଭକ୍ତ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେଉଛନ୍ତି। ଶ୍ରୀମନ୍ଦିର ବାହାରୁ ପତିତପାବନଙ୍କୁ ଦର୍ଶନ କରି ଫେରୁଛନ୍ତି। ଶ୍ରୀମନ୍ଦିରରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥାକୁ ନେଇ ସମସ୍ତଙ୍କ ମନରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏନେଇ ୨୦୧୯ରୁ ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ରହିଥିଲେ ମଧ ଦିବ୍ୟାଙ୍ଗଙ୍କ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିନାହିଁ। ସେପଟେ ଭିନ୍ନକ୍ଷମଙ୍କ ବ୍ୟବସ୍ଥା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ନିର୍ଦ୍ଦେଶ ଅନୁଯାୟୀ ଶ୍ରୀମନ୍ଦିର ପ୍ରଶାସନ ସତ୍ୟପାଠ ଦାଖଲ କରିଛି। ସତ୍ୟପାଠରେ ୪ ମାସରେ ହ୍ୱିଲ୍‌ଚେୟାରର ବ୍ୟବସ୍ଥା କରାଯାଇ ସେଥିରେ ଭିନ୍ନକ୍ଷମମାନେ ଅତି ଆନନ୍ଦରେ ଦର୍ଶନ କରିପାରିବେ ବୋଲି ଟେଣ୍ଡର ଦାଖଲ ହୋଇଛି।

ତେବେ ଦିବ୍ୟାଙ୍ଗଙ୍କ ଦର୍ଶନ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇ କହିଛନ୍ତି, ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଭକ୍ତ ଦର୍ଶନ କରନ୍ତୁ ବୋଲି ଆମେ ଚାହୁଁଛୁ। ଯାହା ପରିଚାଳନା କମିଟିର ନିଷ୍ପତ୍ତି ରହିଥିଲା,

**ସରିଛି ଟେଣ୍ଡର**

ତାହାକୁ ଅନୁପାଳନ କରିବାକୁ ଚେଷ୍ଟା କରାଯାଉଛି। ଶ୍ରୀମନ୍ଦିର ଉତ୍ତର ଦ୍ୱାର ଦେଇ ଯେଉଁ ର୍ୟାମ୍ପ ତିଆରି ହୋଇଥିଲା, ତାହାକୁ ଆନନ୍ଦ ବଜାର ଦେଇ ବୁଲିକି ଆସିବାକୁ ପଡୁଥିଲା। ଏବେ ଉତ୍ତର ଦ୍ୱାର ପଟ କୁରୁମବେଢ଼ାଠାରେ ର୍ୟାମ୍ପ ବ୍ୟବସ୍ଥା କରିବାକୁ ଟେଣ୍ଡର କରାଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟ ସରିବା ପରେ ଏନେଇ ଆଲୋଚନା କରାଯିବ। ଏକ ଏସ୍ଓପି ଅଣାଯିବ। ର୍ୟାମ୍ପ ତିଆରି ଜାରି ରହିଛି। କାର୍ଯ୍ୟ ସରିବା ପରେ ତାହା କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରାଯିବ। ଧାଡ଼ି ଦର୍ଶନରେ ଦିବ୍ୟାଙ୍ଗଙ୍କ ଦର୍ଶନ ସମ୍ପର୍କରେ କିଛିଟା ଛତିଶା ନିଯୋଗ ସହ ଆଲୋଚନା କରାଯିବ। ସେହିପରି ପରିଚାଳନା କମିଟି ଗଠନ ହେବା ପରେ ପରାମର୍ଶ ନିଆଯିବ ବୋଲି ଡ. ପାଢ଼ୀ ସୂଚନା ଦେଇ କହିଥିଲେ। ସେହିପରି ଦର୍ଶନ ସମ୍ପର୍କରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇ କହିଛନ୍ତି, ଦର୍ଶନ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଉଛି। ର୍ୟାମ୍ପ କାର୍ଯ୍ୟ ନେଇ ଟେଣ୍ଡର ମଧ କରାଯାଇଛି। ଯେପରି ଭିଡ଼ ରହୁଛି ସେହି ଭିଡ଼ ମଧ୍ୟରେ ଦିବ୍ୟାଙ୍ଗ ଭକ୍ତ ଯେପରି ମହାପ୍ରଭୁଙ୍କ ଦର୍ଶନ କରିପାରିବେ, ସେନେଇ ନିଯୋଗମାନଙ୍କ ସହ ଆଲୋଚନା କରାଯିବ। ଖୁବ୍‌ଶୀଘ୍ର ଏକ ଖସଡ଼ା ପ୍ରସ୍ତୁତ କରାଯିବ ବୋଲି ଜିଲାପାଳ ସ୍ୱାଇଁ ସୂଚନା ଦେଇଛନ୍ତି।



ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଉଥିବା ଭକ୍ତମାନଙ୍କ ପାଇଁ ତାତିରୁ ବର୍ତ୍ତିବା ପାଇଁ ପ୍ରଶାସନ ପକ୍ଷରୁ ରେଡକାର୍ପେଟ ବିଛାଯାଇଛି ।

## ଗଣେଶ ସଭାପତି, ରାମକୃଷ୍ଣ ସମ୍ପାଦକ ନିର୍ବାଚିତ

**ପୁରୀ, ୨୫।୩(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ପରିସରରେ ମଙ୍ଗଳବାର ଶ୍ରୀମନ୍ଦିର ଦଇତାପତି ନିଯୋଗର ବିଭିନ୍ନ ପଦବୀ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଗଣେଶ ଦାସ ମହାପାତ୍ର ନିଯୋଗର ସଭାପତି, ଗଣପତି ଦାସ ମହାପାତ୍ର ଉପସଭାପତି, ରାମକୃଷ୍ଣ ଦାସ ମହାପାତ୍ର ସମ୍ପାଦକ, ଜଗବନ୍ଧୁ ଦାସ ମହାପାତ୍ର ସହସମ୍ପାଦକ ଏବଂ କାର୍ତ୍ତିକ କୁମାର ଦାସ ମହାପାତ୍ର କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ୫ ଜଣ ନିଯୋଗର ବିଭିନ୍ନ ପଦବୀ ପାଇଁ ନିର୍ବାଚିତ ହୋଇଥିବା ବେଳେ ଅନ୍ୟ ୧୦ଜଣ ନିର୍ବାଚିତ ସଦସ୍ୟ ନିଯୋଗର କମିଟି ସଭ୍ୟ ଭାବେ ଦାୟିତ୍ୱ ତୁଲାଇବେ। ଗତ ୨୩ ତାରିଖରେ ଶ୍ରୀମନ୍ଦିର ପରିସରରେ ଥିବା ନିଯୋଗ କାର୍ଯ୍ୟାଳୟଠାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୨୮ ଜଣ ସଦସ୍ୟଙ୍କ ମଧ୍ୟରୁ ସର୍ବାଧିକ ଭୋଟ ପାଇଥିବା ୧୫ ପ୍ରାର୍ଥୀ କାର୍ଯ୍ୟକାରୀ ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ନିର୍ବାଚିତ ହୋଇଥିବା ୧୫ ଜଣଙ୍କ ମଧ୍ୟରେ ନିଯୋଗର ସଭାପତି, ଉପସଭାପତି, ସମ୍ପାଦକ, ସହସମ୍ପାଦକ ଏବଂ କୋଷାଧକ୍ଷ ପଦବୀ ନିମନ୍ତେ ମଙ୍ଗଳବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

## ଗୋଚାଲାଣ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା

**ପୁରୀ, ୨୫।୩(ଅଜିତ୍ କୁମାର ମହାନ୍ତି)**

ବେଆଇନ ଭାବେ ବାହାରକୁ ଗୋଚାଲାଣ ହେଉଛି। ସୁରକ୍ଷା ବଳୟ ଭିତରେ ଗୋଚାଲାଣ ଗାଡ଼ିଗୁଡ଼ିକ ଭଦ୍ରକ ଦେଇ କୋଲକାତାରେ ପହଞ୍ଚୁଛି। ସେଠାରେ କଂସେଇଖାନାରେ ଗୋହତ୍ୟା କରାଯାଇ ଅନ୍ୟଦେଶକୁ ଗୋମାଂସ ଚାଲାଣ କରାଯାଉଛି ବୋଲି ପୂଜ୍ୟପୂଜା ସଂସଦର ରାଜ୍ୟ ସଭାପତି କୃଷ୍ଣ ଜଗଦ୍ଦେବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅସାମାଜିକ ଯୁବକଙ୍କ ସୁରକ୍ଷାରେ ଗୋଚାଲାଣ ଗାଡ଼ିଗୁଡ଼ିକ ଯାଉଥିବା ବେଳେ ସେମାନଙ୍କୁ ଅଟକାଗଲେ ସେମାନେ ସବୁଦିଗରୁ ଆକ୍ରମଣ କରୁଛନ୍ତି। ଏଣୁ ବେଆଇନ ଗୋଚାଲାଣ ର୍ୟାକେଟ ନିୟନ୍ତ୍ରଣ କରିବାକୁ ହେଲେ ପୋଲିସକୁ ଅଧିକ ସକ୍ରିୟ ହେବାକୁ ପଡ଼ିବ ବୋଲି ଜଗଦ୍ଦେବ ମତପ୍ରକାଶ କରିଛନ୍ତି। ଗୋଚାଲାଣ ଏବଂ ଗୋହତ୍ୟା ବନ୍ଦ କରିବା ପାଇଁ ସ୍ୱତନ୍ତ୍ର କଠୋର ଆଇନ ପ୍ରଣୟନ ଦାବି କରି ପୂଜ୍ୟପୂଜା ସଂସଦ ଓଡ଼ିଶା ପକ୍ଷରୁ ପୁରୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ସତ୍ୟାଗ୍ରହ କରାଯାଇଥିବା କଥା ଆଲୋଚନା କାଳରେ ଜଗଦ୍ଦେବ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଛନ୍ତି।

## ରାଷ୍ଟ୍ରୀୟ ନବବର୍ଷ ପାଳନ ନେଇ ପ୍ରସ୍ତୁତି ବୈଠକ

**ପୁରୀ, ୨୫।୩(ଅଜିତ୍ କୁମାର ମହାନ୍ତି)**

ଚୈତ୍ର ଶୁକ୍ଳ ପ୍ରତିପଦ ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ପଥୁରିଆ ସାହି, ପୁରୀ, ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩୦ତାରିଖ ରବିବାର ୫ଟା ୪୧ମିନିଟ୍ ୧୧ ସେକେଣ୍ଡ ସୂର୍ଯ୍ୟୋଦୟ ସମୟରେ ଘଣ୍ଟଘଣ୍ଟା, ସଂକୀର୍ତ୍ତନ ଓ ହୁଳହୁଳି ସହ ନବବର୍ଷକୁ ସ୍ୱାଗତ କରାଯିବ। ପବିତ୍ର ମହୋଦଧି ସ୍ନାନ, ଶ୍ରୀଜଗନ୍ନାଥ ଦର୍ଶନ ସମେତ ପ୍ରତ୍ୟେକ ପରିବାର ଘର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ, ପୂର୍ଣ୍ଣକୁମ୍ଭ ସ୍ଥାପନ ଓ ଗୈରିକ ଧ୍ୱଜା ଲଗାଇ ନବବର୍ଷକୁ ସ୍ୱାଗତ କରିବା ପାଇଁ ସମିତି ପକ୍ଷରୁ ଅନୁରୋଧ କରାଯାଇଛି। ସମିତି ସଭାପତି ମହାବୀର ରୁଦ୍ରନାରାୟଣ ସାହୁଙ୍କ ଅଧକ୍ଷତାରେ ବୈଠକରେ ନବବର୍ଷ ପାଳନ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଛି।

ଏହି ପରିପ୍ରେକ୍ଷୀରେ ଉକ୍ତ ଦିନ ଅପରାହ୍ନ ସାଢ଼େ ୪ଟାରେ ଶ୍ରୀମନ୍ଦିର ସିଂହଦ୍ୱାରରେ ସାମୂହିକ ଦୀପଦାନ କରାଯିବ। ସିଂହଦ୍ୱାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରା କରାଯିବ ବୋଲି ସଭାପତି ସାହୁ କହିଛନ୍ତି। ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ତତ୍‌ସହିତ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ର ପାଇଁ ନିଃଶୁଳ୍କ ଶିକ୍ଷାଦାନ କେନ୍ଦ୍ର ଶ୍ରୀରାମ ନଗରଠାରେ ଉଦ୍‌ଘାଟନ, ପଥୁରିଆ ସାହିଠାରେ ମୁକ୍ତ ଅଧ୍ୟୟନ କେନ୍ଦ୍ର ଉଦ୍‌ଘାଟନ ହେବ ବୋଲି ସମ୍ପାଦକ ଅରବିନ୍ଦ ଶତପଥୀ କହିଛନ୍ତି। ଶେଷରେ ସହ ସମ୍ପାଦକ ରଞ୍ଜନ ମହାରଣା ଧନ୍ୟବାଦ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତିର କର୍ମକର୍ତ୍ତାମାନେ ।

## ରାଜ୍ୟସ୍ତରୀୟ ପ୍ରତିଯୋଗିତା ପ୍ରତିଭା ଅନ୍ୱେଷଣ

**ପୁରୀ, ୨୫।୩(ଅଜିତ୍ କୁମାର ମହାନ୍ତି)**

ପୁରୀ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ଚଳିତ ମାସ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ବିଶ୍ୱ ନାଟ୍ୟ ଦିବସ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ଲଘୁ ସଙ୍ଗୀତ, ଅଭିନୟ, କୌତୁକ ବେଶ, ଓଡ଼ିଶୀ ନୃତ୍ୟ, ଭଜନ ଓ ଲୋକନୃତ୍ୟ ଆଦି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାର ପ୍ରାୟ ୩୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏହା ଏକ ମାଧ୍ୟମ ବୋଲି ଅନୁଷ୍ଠାନର ସମ୍ପାଦକ ରାମକୃଷ୍ଣ ମହାପାତ୍ର ମତବ୍ୟକ୍ତ କରିଛନ୍ତି। ସମସ୍ତ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀଙ୍କୁ ଆସନ୍ତା ନାଟ୍ୟ ଦିବସରେ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନର ସଭାପତି ଭରତ ନାୟକ ସୂଚନା ଦେଇଛନ୍ତି। ଅନୁଷ୍ଠାନର ସଦସ୍ୟ ଗଣେଶ ମହାପାତ୍ର, ପ୍ରତାପ କୁମାର ସାହୁ, ଅନୁପ ପଟ୍ଟନାୟକ, ବିକାଶ ଦତ୍ତ, ବିରଞ୍ଚି ନାରାୟଣ ଜଗଦେବ, ନରସିଂହ ମହାପାତ୍ର, ଅଭ୍ୟୁଦୟ ଦାଶ, କୃଷ୍ଣଚନ୍ଦ୍ର ସାହୁ, ମଧୁସୂଦନ ପୂଜାପଣ୍ଡା, ପ୍ରଦୀପ ପ୍ରଧାନ, ଡ. ରାଧେଶ୍ୟାମ ରଥ, ଭାରତୀ ମହାପାତ୍ର, ସବିତା ହରିଚନ୍ଦନ, କୃଷ୍ଣ ଚନ୍ଦ୍ର ମହାନ୍ତି, ବିଧୁଭୂଷଣ ନାୟକ, ସମୀର ଆଚାର୍ଯ୍ୟ, ବିଭୂତି ଭୂଷଣ ମିଶ୍ର, ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ଆଦ୍ୟାଶା ମହାପାତ୍ର, ମଞ୍ଜୁଲତା ମିଶ୍ର, ପ୍ରକାଶ ରଥ, ଅଚ୍ୟୁତ ମହାରଣା, ଅଶୋକ ଦାସ, ମନୋଜ ପ୍ରଧାନ, ସୁଜାତା ସ୍ୱାଇଁ, ସସ୍ମିତା ନାୟକ, ଚନ୍ଦ୍ରଶେଖର, ମୃତ୍ୟୁଞ୍ଜୟ ବାରିକ ବିଚାରକ ଭାବେ ଯୋଗଦାନ କରିଥିଲେ।

## ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା

**ଚୈତ୍ର ଦ୍ୱିତୀୟ ପାଳି ଯାତ୍ରା**

**କାକଟପୁର/ଅସ୍ତରଙ୍ଗ, ୨୫।୩ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)**



ଚୈତ୍ର ମାସର ଦ୍ୱିତୀୟ ମଙ୍ଗଳବାରରେ ପୁରୀ ଜିଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ଦ୍ୱିତୀୟ ପାଳି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଳମ୍ବିତ ରାତ୍ରରୁ ମନ୍ଦିରର ଦ୍ୱାରଫିଟା, ମଙ୍ଗଳ ଆଳତି, ସ୍ନାନ, ମାର୍ଜନା, ବେଶ, ଚନ୍ଦନଲାଗି, ସୂର୍ଯ୍ୟ ପୂଜା, ବଲ୍ଲଭ ଧୂପ, ସକାଳ ଧୂପ ପରେ ସକାଳ ୫ଟା ୩୦ ମିନିଟ୍‌ରେ ସାହାଣ ମେଳା ଓ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମା' ମଙ୍ଗଳା ମହାଲକ୍ଷ୍ମୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ମନ୍ଦିର ପରିସରରେ ସ୍ୱତନ୍ତ୍ର ବ୍ୟାରିକେଟ ବ୍ୟବସ୍ଥା କରାଯାଇଥିଲା। ଫଳରେ ଲକ୍ଷାଧିକ ଭକ୍ତ ଧାଡ଼ିରେ ଯାଇ ମା'ଙ୍କୁ ଦର୍ଶନ କରିଥିଲେ। ଏଥିସହ ସୁରକ୍ଷା ଦୃଷ୍ଟିରୁ ପୋଲିସ ଓ ଏନ୍‌ସିସି କ୍ୟାଡେଟ୍‌ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଳ ଓ ପଣା ବଣ୍ଟା ଯାଇଥିଲା। ଅନ୍ୟପଟେ ବ୍ରତଧାରୀ ଗୃହିଣୀମାନେ ପରିବାର ମଙ୍ଗଳକାମନା କରି ଘର ସମ୍ମୁଖରେ ଓ ଗ୍ରାମଦାଣ୍ଡରେ ପଚ୍ଛେଇ କରି ବିଭିନ୍ନ ଫଳମୂଳ ସହ ପଣା ଆଦି ଭୋଗ ପ୍ରସ୍ତୁତ କରି ମା'ଙ୍କୁ ପୂଜିଥିଲେ। ଏହି ସମୟରେ ମା'ମଙ୍ଗଳାଙ୍କ ନିକଟରେ ମାନସିକ ରଖିଲେ, ତାହା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଏହି ମାସର ପ୍ରଥମ ୪ ମଙ୍ଗଳବାରକୁ 'ପାଳିଯାତ୍ରା' ଏବଂ ପଞ୍ଚମ ତଥା ଶେଷ ପାଳି ବା ବୈଶାଖ ମାସର ପ୍ରଥମ ମଙ୍ଗଳବାରକୁ 'ଝାମୁଯାତ୍ରା' ଭାବେ ପାଳନ କରାଯାଏ।



କାଶୀପୀଠ ଶଙ୍କରାଚାର୍ଯ୍ୟ ଜଗତ୍‌ଗୁରୁ ସ୍ୱାମୀ ନରେନ୍ଦ୍ର ନନ୍ଦ ସରସ୍ୱତୀ ମଙ୍ଗଳବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ।

## ଚକ୍ଷୁ ପରୀକ୍ଷା କରାଇଲେ ୨୦୧ ଛାତ୍ରୀଛାତ୍ର

**ପିପିଲି, ୨୫।୩(ଦୁର୍ଗାମାଧବ ମିଶ୍ର)**

ଜବାହର ବିଦ୍ୟାପୀଠ ଏବଂ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲଠାରେ ୨ ଦିନିଆ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଚକ୍ଷୁ ଚିକିତ୍ସା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପିପିଲି ବ୍ଲକ ଏଜୁକେଶନ ଅଫିସର (ବିଇଓ) ରବୀନ୍ଦ୍ରନାଥ ନନ୍ଦ, ଅତିରିକ୍ତ ବିଇଓ ସାହେବ ପାତ୍ର, ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ତତ୍ତ୍ୱାବଧାନ କରିଥିଲେ। ଶିବିରରେ ସରକାରୀ ସ୍କୁଲର ୧ମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୨୦୧ ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଜ୍ୟୋସ୍ନାରାଣୀ ତ୍ରିପାଠୀ, ଚକ୍ଷୁ ଚିକିତ୍ସା ଅଧିକାରୀ ସନ୍ନ୍ୟାସୀ ନାୟକ, ସୁବାଶିଷ ବିଶ୍ୱାଳ ପିଲାଙ୍କ ଚକ୍ଷୁ ପରୀକ୍ଷା କରାଇଥିଲେ। ଏଥିମଧ୍ୟରୁ ୯୦ ଜଣ ପିଲାଙ୍କ ଦୃଷ୍ଟିଦୋଷ ଥିବାରୁ ମାଗଣାରେ ଚଷମା ପ୍ରଦାନ ପାଇଁ ନିବେଦନ କରାଯାଇଛି। କାର୍ଯ୍ୟକ୍ରମରେ ଜବାହର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପୀତବାସ ସେଠୀ ଏବଂ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଷଡ଼ଙ୍ଗୀ ସହଯୋଗ କରିଥିଲେ। ସମ୍ବଳ ଶିକ୍ଷୟିତ୍ରୀ ପ୍ରମୋଦିନୀ ସାହୁ, ଅଳକା ବେହେରା ଏବଂ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ପ୍ରଭାକର ସାହୁ, ସୁମନ ସୌରଭ ଦାସ, ଇସ୍‌ମାଇଲ ଖାଁ, ରଶ୍ମିତା ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## କରାଯାଉନି ଉଚ୍ଛେଦ, ଘଣ୍ଟା ଘଣ୍ଟା ଅଟକୁଛି ଯାନବାହନ

**ଯୋଗେଶ୍ୱରପୁର, ୨୫।୩(ରଶ୍ମିରଞ୍ଜନ ସାହୁ)**

ପ୍ରଶାସନ ପକ୍ଷରୁ ଜବରଦଖଲକାରୀଙ୍କୁ ହଟା ଯାଉ ନ ଥିବାରୁ ନୟାହାଟ ବଜାରରେ ପ୍ରତିଦିନ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ବସ୍‌ଷ୍ଟାଣ୍ଡ ପାଖରେ ରାସ୍ତାର ଉଭୟପାର୍ଶ୍ୱ ଦଖଲ କରି ଫଳ ଓ ପନିପରିବା ଦୋକାନୀ ବ୍ୟବସାୟ କରୁଛନ୍ତି, ଯାହା ଲକ୍ଷ୍ମୀ ବଜାର ନିକଟ ରାସ୍ତାକୁ ସଙ୍କୁଚିତ କରିଦେଇଛି। ଫଳରେ ଉକ୍ତ ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଅନେକ ସଂଖ୍ୟାରେ ଯାତ୍ରୀବାହୀ ବସ୍, ଟ୍ରକ୍, କାର୍, ୨ ଚକିଆ ଆଦି ଯାନବାହନ ଅଟକି ରହୁଛି। ନୟାହାଟର ଆଖପାଖ ଅଞ୍ଚଳରେ ସରକାରୀ ଜାଗା ଉଚ୍ଛେଦ ହେଉଥିବାବେଳେ ନୟାହାଟ ବଜାରରୁ ଜବରଦଖଲ କାହିଁକି ଉଚ୍ଛେଦ କରାଯାଉ ନାହିଁ ବୋଲି ବରିଷ୍ଠ ନାଗରିକଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ସରକାରୀ ଜାଗା ଦଖଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ସାଧାରଣ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତିଙ୍କୁ ପଚାରିବାରେ, ନୟାହାଟରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି।

# ନିମ୍ନମାନର କାର୍ଯ୍ୟ ଯୋଗୁ ଉଠିଲା ପେଭର ବ୍ଲକ

**ଗୋପ, ୨୫।୩(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ବ୍ଲକ କୁନ୍ଦୁରା-ଆମ୍ବିଳି ଗାଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି, ଯାହାକୁ ନେଇ ୪ ପଞ୍ଚାୟତର ଶତାଧିକ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରି ଦୀର୍ଘ ବର୍ଷ ଧରି ବିଭାଗୀୟ ଯନ୍ତ୍ରୀ ଉକ୍ତ ରାସ୍ତା ପ୍ରତି ଦୃଷ୍ଟି ନ ଦେବାକୁ ନେଇ ମହଲପଡ଼ା ସରପଞ୍ଚ ଶୀର୍ଷରଞ୍ଜନ ନାୟକ ସରକାରଙ୍କୁ ବାରମ୍ବାର ଟୁଇଟ୍ କରିବା ଭଳି ଅଭିଯୋଗ ହୋଇଛି।

କୁନ୍ଦୁରା-ଆମ୍ବିଳି ଗାଁ ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ୯ କି.ମି. ରାସ୍ତାରେ ଦୈନନ୍ଦିନ ବ୍ଲକର ମହଲପଡ଼ା, ଆମ୍ବିଳି ଗାଁ, ଶୋରଭା, ଦେଉ୍ଳି ପଞ୍ଚାୟତର ଶତାଧିକ ଲୋକେ ଯା'ଆସ କରିଥାନ୍ତି। ଏହି ରାସ୍ତାଟି କିଛି ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ



ରାସ୍ତାରୁ ଉଠିଯାଇଥିବା ପେଭର ବ୍ଲକ ।

**କୁନ୍ଦୁରା-ଆମ୍ବିଳି ଗାଁ ଗ୍ରାମ୍ୟ ଉନ୍ନୟନ ରାସ୍ତା ମରଣଯନ୍ତା**

ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲା। କୋଟି କୋଟି ଟଙ୍କା ବ୍ୟୟରେ ହୋଇଥିବା ନିର୍ମାଣ କାର୍ଯ୍ୟ କମ୍ ଦିନ ମଧ୍ୟରେ ଖରାପ ହୋଇଯାଇଥିଲା। ପରେ ଏହି ରାସ୍ତାର ଅନେକ ସ୍ଥାନ ଫାଟିଯିବା ସହ ସେଠାରେ ଘାସ ଉଠି ଯାଇଥିବାବେଳେ ଗତବର୍ଷ ୨୦ ଲକ୍ଷ ଟଙ୍କା ବ୍ୟୟରେ ଗୋଟିଏ ସ୍ଥାନରେ ପେଭର ବ୍ଲକ ପକାଯାଇଥିଲ। କିନ୍ତୁ ନିମ୍ନମାନର କାର୍ଯ୍ୟ ଯୋଗୁ ତାହା ମଧ ଉଠିଯାଇଛି। ଏହି ରାସ୍ତା ଉପରେ ସାଧାରଣ ଲୋକେ ଯା'ଆସ କରି ପାରୁ ନ ଥିବାବେଳେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି। ଉକ୍ତ ରାସ୍ତା ସମ୍ପର୍କରେ କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ହରିଶଚନ୍ଦ୍ର ପୂର୍ତ୍ତିଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ରାସ୍ତା କାର୍ଯ୍ୟ କରାଯିବ ବୋଲି ସୂଚନା ଦେଇଛନ୍ତି।

ऑयल इंडिया
OIL INDIA
ପଞ୍ଜୀକୃତ କାର୍ଯ୍ୟାଳୟ: ପୋ.ଅ. ଦୁଲିଆଜାନ, ଜିଲ୍ଲା: ଡିବ୍ରୁଗଡ଼, ଆସାମ-୭୮୬୬୦୨
କର୍ପୋରେଟ କାର୍ଯ୍ୟାଳୟ: ପ୍ଲଟ୍ ନଂ. ୧୯, ସେକ୍ଟର ୧୬ – ଏ, ନଏଡା – ୨୦୧୩୦୧, ଉତ୍ତରପ୍ରଦେଶ
ସିଆଇଏନ୍: ଏଲ୍‌୧୧୧୦୧ଏଏସ୍‌୧୯୫୯ଜିଓଆଇ୦୦୧୧୪୮, ୱେବ୍‌ସାଇଟ୍: www.oil-india.com

**ଅଏଲ୍ ଟେଣ୍ଡରଗୁଡ଼ିକରେ ଏମ୍ଏସ୍ଇ ବିଡର(ଗଣ) (ଏସ୍‌ସି/ଏସ୍‌ଟି ଓ ମହିଳାଙ୍କ ମାଲିକାନାଧୀନ ଏମ୍ଏସ୍ଇଗୁଡ଼ିକ ସମେତ)ଙ୍କ ଲାଭ ସଂକ୍ରାନ୍ତୀୟ ଅଧିସୂଚନା**

ଏମ୍ଏସ୍ଇଗୁଡ଼ିକ ପାଇଁ ସର୍ବସାଧାରଣ ସଂଗ୍ରହଣ ନୀତି, ୨୦୧୨ ଅନୁଯାୟୀ ଏମ୍ଏସ୍ଇ ବିଡର, ଏସ୍‌ସି/ଏସ୍‌ଟି ଉଦ୍ୟୋଗୀଙ୍କ ମାଲିକାନାଧୀନ ଏମ୍ଏସ୍ଇ ଏବଂ ମହିଳା ଉଦ୍ୟୋଗୀଙ୍କ ମାଲିକାନାଧୀନ ଏମ୍ଏସ୍ଇଗୁଡ଼ିକୁ ଦିଆଯାଉଥିବା ଲାଭ ଓ ତାହାର ସଂଶୋଧନ, ଟିଆର୍‌ଇଡିଏସ୍ ଜରିଆରେ ଦେୟ ପରିଶୋଧ ଆଦିର ବିବରଣୀ ସମସ୍ତ ଅଏଲ୍ ଟେଣ୍ଡରରେ ଦର୍ଶାଯାଉଛି।

ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି (ଏନ୍‌ଆଇଟି) ଅଏଲ୍ ୱେବ୍‌ସାଇଟ୍ (https://www.oil-india.com/), ଅଏଲ୍ ଇ-ଟେଣ୍ଡର ୱେବ୍‌ସାଇଟ୍ (https://etender.srm.oilindia.in/irj/portal) ତଥା ଜିଇଏମ୍ ପୋର୍ଟାଲ୍ (https://gem.gov.in/) ରେ ପ୍ରକାଶିତ ହେଉଛି।

ଅଏଲ୍ ଟେଣ୍ଡରଗୁଡ଼ିକ ପାଇଁ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖିବା ଲାଗି ସମସ୍ତ ଆଗ୍ରହୀ ବିଡରଙ୍କୁ ଅନୁରୋଧ କରାଯାଉଛି।

## ୨ରେ ରାଜଧାନୀ ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,(ବନ୍ଦନା ସେଠୀ): ଆସନ୍ତା ଏପ୍ରିଲ୍ ୧୩ରେ ରାଜଧାନୀ ଭୁବନେଶ୍ୱର ୭୮ ବର୍ଷରେ ପାଦ ଥାପିବ। ତେଣୁ ରାଜଧାନୀର ପ୍ରତିଷ୍ଠା ଦିବସକୁ ଆଡମ୍ବର ସହକାରେ ପାଳନ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏପ୍ରିଲ ୨ରେ ବିଭିନ୍ନ ବିଭାଗ ସହିତ ପ୍ରସ୍ତୁତି ବୈଠକ କରାଯିବ। ଏନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ, ଡ୍ରାଫ୍‌କୋ, ଗୃହ ଓ ନଗର ଉନ୍ନୟନ ବିଭାଗ, ଖୋର୍ଦ୍ଧା ଜିଲାପାଳ, ପୋଲିସ, କ୍ୟାପିଟାଲ ଫାଉଣ୍ଡେଶନ କମିଟିକୁ ବିଏମ୍‌ସି ପକ୍ଷରୁ ଚିଠି କରାଯାଇଛି।

# ଜଟଣୀ ପୌର ପରିଷଦ ଇଓଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

## ଫ୍ଲାଟ୍‌ରୁ ମିଳିଲା ନଗଦ ୧୭ ଲକ୍ଷ

ଭୁବନେଶ୍ୱର/ଜଟଣୀ, ୨୫।୩ (ସତ୍ୟଜିତ୍ ରାଉତ/ ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ସୂର୍ଯ୍ୟମଣି ପାଢୀଯୋଶୀ ମଙ୍ଗଳବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୂର୍ଯ୍ୟମଣିଙ୍କ ଘର ସମେତ ଜଟଣୀ, ଭୁବନେଶ୍ୱର, ବ୍ରହ୍ମପୁର ଓ ଗଞ୍ଜାମର ମୋଟ ୧୦ଟି ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଉଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ସୂର୍ଯ୍ୟମଣିଙ୍କ ଜଟଣୀସ୍ଥିତ ଅଫିସ, ବାସଭବନ, ଭୁବନେଶ୍ୱର ଜାଗମରା ସ୍ଥିତ ବିହାରରେ ସମ୍ପର୍କୀୟଙ୍କ ଘର, ବ୍ରହ୍ମପୁର ଗୋବିନ୍ଦନଗରସ୍ଥିତ ଜଣେ ସହଯୋଗୀଙ୍କ ଘର, ଗଞ୍ଜାମ ଜିଲା ଗଞ୍ଜାପୁର ଥାନା ଅନ୍ତର୍ଗତ ଗିଞ୍ଜିପୁରରେ ଥିବା ଅନ୍ୟଜଣେ ସହଯୋଗୀଙ୍କ ଘର, ଗଞ୍ଜାମ ସୋରଡ଼ା ପାଲ୍‌ଟାସିଁ ଷ୍ଟ୍ରିଟରେ ଥିବା ପୈତୃକ ଘର, ଭୁବନେଶ୍ୱର ଜାଗମରାସ୍ଥିତ ଏକ ଆପାର୍ଟମେଣ୍ଟରେ ଫ୍ଲାଟ୍ ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହେଉଥିବାବେଳେ ଏଥିରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୧୦ ଟିମ୍‌ରେ ୯ଜଣ ଡିଏସ୍‌ପି, ୪ ଇନ୍ସପେକ୍ଟର, ୧୩ ଏଏସ୍‌ଆଇ ଏବଂ ଅନ୍ୟ ସହକାରୀ କର୍ମଚାରୀ ନିୟୋଜିତ ଅଛନ୍ତି।


ସୂର୍ଯ୍ୟମଣି ପାଢୀଯୋଶୀ

- ୪ ବହୁମୂଲ୍ୟ ଫ୍ଲାଟ୍, ୨ ବହୁତଳ ପ୍ରାସାଦ, ୧୧ ପ୍ଲଟ୍ ଠାବ
- ସ୍ତ୍ରୀଙ୍କ ନାଁରେ ଚଳାଉଛନ୍ତି ଲକର୍
- ୭୬.୧୫ ଲକ୍ଷ ବ୍ୟାଙ୍କ ଜମା, ଘରୋଇ ସାମଗ୍ରୀ


ଜବତ ଟଙ୍କା।

ଭିଜିଲାନ୍ସ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ସୂର୍ଯ୍ୟମଣିଙ୍କ ଜାଗମରାସ୍ଥିତ ଫ୍ଲାଟ୍‌ରେ ଭିଜିଲାନ୍ସ ଟିମ୍ ୧୭ ଲକ୍ଷ ଟଙ୍କା ଠାବ କରିଛି। ସେହିପରି ଖାରବେଳନଗର ୟୁନିଟ-୩ରେ ଥିବା ଏକ ଆପାର୍ଟମେଣ୍ଟରେ ଏକ ୨ ବିଏଚ୍‌କେ ଫ୍ଲାଟ୍ ଠାବ ହୋଇଥିବା ବେଳେ ଡେଲ୍ଟା ଛକରେ ସ୍ତ୍ରୀ ଦୀପିକା ମହାପାତ୍ରଙ୍କ ନାଁରେ ଏକ ୪.୫ ବିଏଚ୍‌କେ ଫ୍ଲାଟ୍ କିଣିବାକୁ ହର୍ଷପ୍ରିୟା କନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିଃକୁ ସୂର୍ଯ୍ୟମଣି ୫୬.୪୦ ଲକ୍ଷ ଟଙ୍କା ଦେଇଥିବା ଭିଜିଲାନ୍ସ ପ୍ରମାଣ ପାଇଛି। ସେହିପରି ବିଜେବି ନଗରସ୍ଥିତ ଗ୍ରୀନ୍ ସ୍କୋୟାର ରେସିଡେନ୍ସିରେ ଏକ ୨ ବିଏଚ୍‌କେ ଫ୍ଲାଟ୍ ଠାବ ହୋଇଥିବାବେଳେ ଏହା ବେନାମି ବୋଲି ଭିଜିଲାନ୍ସ ସନ୍ଦେହ କରି ଯାଞ୍ଚ କରୁଛି। ଏଥିସହ ବ୍ରହ୍ମପୁର ପାନକଲାପଲ୍ଲୀ ଅଞ୍ଚଳରେ ଏକ ୪ ମହଲା ବିଶିଷ୍ଟ ନିର୍ମାଣାଧୀନ କୋଠା, ଗୋଟିଏ ଦୁଇ ମହଲା କୋଠା ସମେତ ଗଞ୍ଜାମ, ଭୁବନେଶ୍ୱର, ବ୍ରହ୍ମପୁର, ଜଟଣୀ ଅଞ୍ଚଳରେ ୧୧ଟି ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଛି। ଭିଜିଲାନ୍ସ ଟେକ୍‌ନିକାଲ ୱିଙ୍ଗ୍ ପକ୍ଷରୁ କୋଠା, ପ୍ଲଟ୍, ଫ୍ଲାଟ୍‌ର ହିସାବ କରାଯାଉଛି। ସେହିପରି ଘରୁ ୧୫୦ଗ୍ରାମ ସୁନା ଅଳଙ୍କାର, ୭୬ ଲକ୍ଷ ୧୫ ହଜାର ୬୯୫ ଟଙ୍କାର ବ୍ୟାଙ୍କ ଜମା ଓ ଘରୋଇ ସାମଗ୍ରୀ ଏବଂ ଗୋଟିଏ ଚାରିଚକିଆ ଯାନ (ମାରୁତି ୱାଗନ୍ ଆର୍) ଓ ୩ଟି ୨ ଚକିଆ ଯାନ ଠାବ ହୋଇଛି। ତେବେ ସ୍ତ୍ରୀଙ୍କ ନାଁରେ ବ୍ରହ୍ମପୁର ମେଡିକାଲ କ୍ୟାମ୍ପସସ୍ଥିତ ଏସ୍‌ବିଆଇ ବ୍ରାଞ୍ଚରେ ସୂର୍ଯ୍ୟମଣି ଗୋଟିଏ ଲକର୍ ପରିଚାଳନା କରୁଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଭିଜିଲାନ୍ସ ଟିମ୍ ସୂର୍ଯ୍ୟମଣିଙ୍କୁ ତାଙ୍କ ବିପୁଳ ସମ୍ପତ୍ତିର ଉତ୍ସ ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ଜାରି ରହିଥିବାରୁ ଆହୁରି ସମ୍ପତ୍ତି ଠାବ ହେବ ବୋଲି ସନ୍ଦେହ କରାଯାଉଛି।

### କନିଷ୍ଠ ଯନ୍ତ୍ରୀରୁ ୩ ଦଶନ୍ଧିର ଚାକିରି

ସୂର୍ଯ୍ୟମଣି ୧୯୯୪ ମାର୍ଚ୍ଚ ୨୨ରେ ସରକାରୀ ସେବାରେ ଯୋଗ ଦେଇ କନିଷ୍ଠ ଯନ୍ତ୍ରୀ (ଜେଇ) ଭାବେ ନବରଙ୍ଗପୁର ପୌର ପରିଷଦରେ ଚାକିରିଆରମ୍ଭ କରିଥିଲେ। ପରେ ୧୯୯୬ଏପ୍ରିଲ ୨ରୁ ୨୦୦୬ଅଗଷ୍ଟ ୪ ଯାଏ ସେ ରାଜ୍ୟର ବିଭିନ୍ନ ବିଜ୍ଞାପିତ ପରିଷଦ (ଏନ୍‌ଏସି)ରେ କାମ କରିଥିଲେ। ୨୦୦୭ ଜାନୁଆରୀ ୧୦ରେ ସୂର୍ଯ୍ୟମଣି ସହକାରୀ ଯନ୍ତ୍ରୀ (ଏଇ) ଭାବେ ପଦୋନ୍ନତି ପାଇଥିଲେ। ଏଇ ଭାବେ ସେ ୨୦୨୧ ଜୁନ ୭ ଯାଏ ବିଭିନ୍ନ ପୌର ପରିଷଦରେ କାମ କରିଥିଲେ। ୨୦୨୩ ଜୁଲାଇ ୩୧ରେ ସୂର୍ଯ୍ୟମଣି ଉପ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ସିଭିଲ୍) ଭାବେ ପଦୋନ୍ନତି ପାଇ କାର୍ଯ୍ୟନିର୍ବାହୀ ଅଫିସର ଭାବେ ଯାଜପୁର ପୌର ପରିଷଦରେ ନିଯୁକ୍ତି ପାଇଥିଲେ। ୨୦୨୪ ଫେବୃଆରୀ ୧ରେ ସେ ଜଟଣୀ ପୌର ପରିଷଦକୁ ବଦଳି ହୋଇ ଆସିଥିଲେ।

# ଲାଞ୍ଚ ନେଇ ଫସିଲେ ଆର୍‌ଆଇ, ସହଯୋଗୀ

## ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର/ଅସ୍ତରଙ୍ଗ, ୨୫।୩ (ସତ୍ୟଜିତ୍ ରାଉତ/ ପ୍ରଦୀପ୍ତ କୁମାର ଦୀକ୍ଷିତ)

ଜମିଜମା ସଂକ୍ରାନ୍ତୀୟ ଇନ୍‌କ୍ୱାରି ରିପୋର୍ଟ ଦେବାକୁ ୭ହଜାର ଟଙ୍କା ଲାଞ୍ଚ ନେବାବେଳେ ପୁରୀ ଜିଲା ଅସ୍ତରଙ୍ଗ ତହସିଲ୍ ଅଧୀନ କେନ୍ଦ୍ରାପଟି ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଦୀପ୍ତିରଞ୍ଜନ ମହାପାତ୍ର ଓ ତାଙ୍କର ଜଣେ ସହଯୋଗୀ ମଙ୍ଗଳବାର ଭିଜିଲାନ୍ସ ଜାଲରେ ଫସିଛନ୍ତି। ସହଯୋଗୀ ଜଣକ ହେଲେ ସମ୍ପଦ କୁମାର ଦାସ। ଭିଜିଲାନ୍ସ ଟିମ୍ ଅଭିଯୁକ୍ତଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଛି। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୩/୨୦୨୫) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ ଅଟକ ରଖାଯିବା ସହ ଅଧିକ ପଚରାଉଚରା କରାଯାଉଥିବା ସୂଚନା ଦିଆଯାଇଛି।


ଦୀପ୍ତିରଞ୍ଜନ ମହାପାତ୍ର

ଭିଜିଲାନ୍ସ ସୂଚନା ଅନୁଯାୟୀ, ଅସ୍ତରଙ୍ଗ ନମାରୋ ଗ୍ରାମର ପ୍ରତାପ ସାହୁ ତାଙ୍କ ବାପାଙ୍କ ନାଁରେ ଥିବା ଏକ ଘରବାଡ଼ି ପ୍ଲଟ୍‌କୁ ବିକ୍ରି ପାଇଁ ଜିଲା ନିବନ୍ଧକ (ଡିଏସ୍‌ଆର୍)ଙ୍କ ନିକଟରେ ଆବେଦନ କରିଥିଲେ। ତେବେ ଉକ୍ତ ଜମିରେ କୌଣସି ବାସଗୃହ ଅଛି କି ନାହିଁ ସନ୍ଦେହ ହେବାରୁ ଡିଏସ୍‌ଆର୍ ଏହାର ଯାଞ୍ଚ ରିପୋର୍ଟ ପାଇଁ ତହସିଲ୍ ଅଫିସକୁ ଚିଠି କରିଥିଲେ। ତେବେ ଉକ୍ତ ଘରବାଡ଼ି ଜମିର ଅନୁସନ୍ଧାନ କରି ହୋମଷ୍ଟେଡ୍(ଘରବାରି) ଯାଞ୍ଚ ରିପୋର୍ଟ ଦେବାକୁ ତହସିଲଦାରଙ୍କ ପକ୍ଷରୁ ଆର୍‌ଆଇଙ୍କୁ ନିର୍ଦ୍ଦେଶ ହୋଇଥିଲା। ହେଲେ ଏପଟେ ଉକ୍ତ ଯାଞ୍ଚ ରିପୋର୍ଟ ଦେବାକୁ ପ୍ରତାପ ବାରମ୍ବାର ଅନୁରୋଧ କରୁଥିବାବେଳେ ମାସେ ହେବ ଆର୍‌ଆଇ ଦିନ ଗଡ଼ାଇ ଚାଲିଥିଲେ। ଏଥିପାଇଁ ଆର୍‌ଆଇ ତାଙ୍କ ସହଯୋଗୀ ସମ୍ପଦଙ୍କ ଜରିଆରେ ୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶେଷରେ କୌଣସି ଉପାୟ ନ ପାଇ ପ୍ରତାପ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସର ୫ଜଣିଆ ଟିମ୍ ମଙ୍ଗଳବାର ଅପରାହ୍ନରେ ଆର୍‌ଆଇ କାର୍ଯ୍ୟାଳୟରେ ଚଢ଼ାଉ କରି ଲାଞ୍ଚନେବାବେଳେ ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା। ପରେ ଏହି ଘଟଣାରେ ଦୀପ୍ତିରଞ୍ଜନଙ୍କ ବାସଭବନ ଓ ଅଫିସ ରୁମରେ ଚଢ଼ାଉ ହେଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ଉଭୟଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ୨୦୨୧ ମସିହାରେ ଦୀପ୍ତିରଞ୍ଜନ ଅସ୍ତରଙ୍ଗ ରାଜସ୍ୱ କାର୍ଯ୍ୟାଳୟରେ ନକଲି ଅଫିସର ବସାଇ ଲାଞ୍ଚ ନେଉଥିବା ଅଭିଯୋଗ ହେବା ପରେ ୩ ଘଣ୍ଟା ମଧ୍ୟରେ ସେ ଅନ୍ୟତ୍ର ବଦଳି ହୋଇଥିଲେ।

# ଦମ୍ପତିଙ୍କ ହାତଗୋଡ଼ ବାନ୍ଧି, ଝିଅ ମୁଣ୍ଡରେ ବନ୍ଧୁକ ଲଗାଇ ଡକାୟତି



ଡକାୟତି ପରେ ଘରେ ବିଭିନ୍ନ ସାମଗ୍ରୀ ଏଣେତେଣେ ପଡ଼ିଛି ଏବଂ ପୋଲିସ କର୍ମଚାରୀ ସନ୍ଧାନୀ କୁକୁର ଜରିଆରେ ତଦନ୍ତ କରୁଛନ୍ତି।

ସାଲେପୁର, ୨୫।୩ (ଅରବିନ୍ଦ ଭୂୟାଁ)

- ୩୦ ଲକ୍ଷ ଟଙ୍କା, ୭୦୦ ଗ୍ରାମ ସୁନାଗହଣା ନେଇଗଲେ
- ୫ ଜଣ ଦୁର୍ବୃତ୍ତ ଶିଡ଼ିଘର ତାଲା ଭାଙ୍ଗି ରାତିରେ ଘରେ ପଶିଥିଲେ

ଦମ୍ପତିଙ୍କ ହାତଗୋଡ଼ ବାନ୍ଧି ଝିଅ ମୁଣ୍ଡରେ ବନ୍ଧୁକ ଲଗାଇ ୫ ଦୁର୍ବୃତ୍ତ ୩୦ ଲକ୍ଷ ଟଙ୍କା ସହ ୭୦୦ଗ୍ରାମ୍ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ରବିବାର ରାତିରେ କଟକ ଜିଲା ସାଲେପୁର ଥାନା ଅନ୍ତର୍ଗତ ଜାହାଙ୍ଗିରାବାଦ ଗ୍ରାମର ବିଜୟ ମହାନ୍ତିଙ୍କ ଘରେ ଡକାୟତି ହୋଇଥିବା ଅଭିଯୋଗ ହୋଇଛି। ଥାନାରେ ଅଭିଯୋଗ ପରେ ପୋଲିସ ପହଞ୍ଚି ସନ୍ଧାନୀ କୁକୁର ଜରିଆରେ ତଦନ୍ତ କରିଛି। ଏନେଇ ପୋଲିସ ମାମଲା (ନଂ.୧୧୯/୨୫) ରୁଜୁ କରି ଜଣେ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

ବିଜୟଙ୍କ ଅଭିଯୋଗ ଅନୁଯାୟୀ, ସେ ଝିଅ ବାହାଘର ପାଇଁ ଜମି ବିକ୍ରି କରି ୩୦ ଲକ୍ଷ ଟଙ୍କା ଓ ସୁନାଗହଣା ଆଣି ରଖିଥିଲେ। ମଙ୍ଗଳବାର ରାତିରେ ସ୍ତ୍ରୀ ଓ ଝିଅ ସହ ବିଜୟ ଘରେ ଶୋଇଥିବାବେଳେ ମୁହଁରେ ଗାମୁଛା ବାନ୍ଧି ୫ ଦୁର୍ବୃତ୍ତ ଶିଡ଼ିଘର ତାଲା ଭାଙ୍ଗି ଘରେ ପଶିଥିଲେ। ସେମାନେ ଘରେ ପଶିବା ପରେ ପ୍ରଥମେ ବିଜୟ ଓ ତାଙ୍କ ସ୍ତ୍ରୀଙ୍କ ହାତଗୋଡ଼ ବାନ୍ଧି ମୁହଁରେ କନାବିଣ୍ଡା ପୂରାଇଦେଇଥିଲେ। ଏଥିସହ ଝିଅ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରିଥିଲେ। ଏହାପରେ ଦୁର୍ବୃତ୍ତମାନେ ବିଜୟଙ୍କ ଘରେ ଥିବା ଜମି ବିକ୍ରି ଟଙ୍କା ଓ ଝିଅ ବାହାଘର ପାଇଁ ରଖାଯାଇଥିବା ପ୍ରାୟ ୨୦ ଭରି(୨୦୦ ଗ୍ରାମ୍)ସୁନା ଅଳଙ୍କାର ଓ ସ୍ତ୍ରୀଙ୍କ ୫୦୦ ଗ୍ରାମରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ନେଇ ଚମ୍ପଟ ମାରିଛନ୍ତି। ଜଣେ ବ୍ୟକ୍ତି ୪ ଦିନ ହେବ ବିଜୟଙ୍କ ଘରକୁ ଯାତାୟାତ କରୁଥିବାବେଳେ ଘରେ ଜମି ବିକ୍ରି ଟଙ୍କା ଥିଲା ବୋଲି ଜାଣିଥିଲେ। ଏଥିଯୋଗୁ ଡକାୟତି ଘଟଣାରେ ଉକ୍ତ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି ବୋଲି ବିଜୟ ସନ୍ଦେହ ପ୍ରକଟ କରିଛନ୍ତି।

## ନାବାଳିକାଙ୍କୁ ଅପହରଣ କରି ବଳାତ୍କାର

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଭୁବନେଶ୍ୱର, ୨୫।୩ (ସତ୍ୟଜିତ୍ ରାଉତ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର ମାମଲାରେ ଭୁବନେଶ୍ୱର ଆଡହକ ଆଡିଶନାଲ ସେସନ୍ସ ଜଜ୍ ତଥା ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ-୧ (ପୋକ୍ସୋ) ବିଚାରପତି ସରୋଜ କୁମାର ସାହୁ ମଙ୍ଗଳବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ବର୍ଣ୍ଣି ସାହୁଙ୍କୁ ଆଜୀବନ ୨୦ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ଉଲ୍ଲଖ କରିଛନ୍ତି। ଅନ୍ୟପକ୍ଷରେ ନାବାଳିକା ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ସ୍ଥାନୀୟ ଅଞ୍ଚଳରେ ବର୍ଣ୍ଣି ଡ୍ରାଇଭର ଭାବେ କାମ କରିବା ସହ ଭଡ଼ାଘରେ ରହୁଥିଲେ। ସେହି ଅଞ୍ଚଳର ଏକ ବସ୍ତିରେ ନାବାଳିକାଙ୍କ ପରିବାର ରୁହନ୍ତି। ୨୦୧୯ ମେ' ୨୫ ରାତିରେ ବର୍ଣ୍ଣି ଘର ନିକଟରୁ ନାବାଳିକାଙ୍କୁ ନିଶାଦ୍ରବ୍ୟ ଶୁଙ୍ଘାଇ ଅପହରଣ କରି ନିଜ ଭଡ଼ାଘରକୁ ନେଇ ବଳାତ୍କାର କରିଥିଲେ। ବିଳମ୍ବିତ ରାତିପ୍ରାୟ ୧୨ଟା ୧୦ରେ ପୀଡ଼ିତାଙ୍କ ପରିବାର ସଦସ୍ୟ ବହୁ ଖୋଜିବା ପରେ ତାଙ୍କୁ ଅଭିଯୁକ୍ତ ରହୁଥିବା ଭଡାଘର ନିକଟରୁ ଚେତାଶୂନ୍ୟ ଅବସ୍ଥାରେ ପାଇଥିଲେ। ପୀଡ଼ିତାଙ୍କୁ ଚିକିତ୍ସା କରିବାକୁ କ୍ୟାପିଟାଲ ହସ୍ପିଟାଲକୁ ନେଇଆସିଥିଲେ। ଏନେଇ ପୀଡ଼ିତାଙ୍କ ବାପା ଏତଲା ଦେବା ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଏକ ମାମଲା (ନଂ.୨୦୨/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ବର୍ଣ୍ଣିଙ୍କୁ ଗିରଫ କରିଥିଲା। କୋର୍ଟ ୧୨ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ପ୍ରଯୁଜ୍ୟ ଦସ୍ତାବିଜଗୁଡ଼ିକୁ ଆଧାର କରି ରାୟ ପ୍ରକାଶ କରିଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେସାଲ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସ୍‌ମଲ ଓ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ବଳରାମ ଦେଓ ପରିଚାଳନା କରିଥିଲେ।

# ଫେରାର ସହ ଅଭିଯୁକ୍ତ ଗିରଫ

## ହୋଲିରେ ଶାନ୍ତିପଲ୍ଲୀ ବସ୍ତିରେ ଛୁରି ଭୁସି ହତ୍ୟା

ଭୁବନେଶ୍ୱର, ୨୫।୩ (ସତ୍ୟଜିତ୍ ରାଉତ)

ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ହୋଲି ଉତ୍ସବ ବେଳେ ଗୋପୀ ଗୁଣିଙ୍କୁ ଛୁରି ଭୁସି ହତ୍ୟା ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ପିଙ୍କୁ ଗୁଣି (୩୦)। ମଙ୍ଗଳବାର ପିଙ୍କୁଙ୍କୁ କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ବାନା ଗୁଣି (୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଜଣେ ୧୭ ବର୍ଷୀୟ ନାବାଳକଙ୍କୁ ମଧ୍ୟ ଅଟକ ରଖି ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରିଥିଲା। ସୂଚନାଯୋଗ୍ୟ, ଶାନ୍ତିପଲ୍ଲୀ ବସ୍ତିରେ ଗତ ୧୫ ତାରିଖ ହୋଲି ଉତ୍ସବ ପାଳନ ବେଳେ ପିଲାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଅଭିଯୁକ୍ତମାନେ ଜଣଙ୍କୁ ମାରିବାକୁ ଆସୁଥିବାବେଳେ ଗୋପୀ ବିରୋଧ କରିଥିଲେ। ଅନ୍ୟ ଦୁଇ ଅଭିଯୁକ୍ତ ଗୋପୀଙ୍କୁ ଭିଡ଼ି ଧରିଥିବାବେଳେ ବାନା ଛୁରି ଭୁସି ହତ୍ୟା କରିଥିଲେ। ଗୋପୀଙ୍କ ସ୍ତ୍ରୀ ଆଗରେ ଅଭିଯୁକ୍ତମାନେ ଏହି କାଣ୍ଡ ଘଟାଇଥିଲେ।


ଗିରଫ ପିଙ୍କୁ ଗୁଣି।

# ରୋଟାରୀ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

ଭୁବନେଶ୍ୱର, ୨୫।୩ (ସୌମ୍ୟରଞ୍ଜନ ରାଉତ)

ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପରିସରରେ ରୋଟାରୀ ଅନ୍ତର୍ଜାତୀୟ ଜିଲା ୩୨୬୨, ମାଷ୍ଟର ଗିରିଜା ମେମୋରିଆଲ ରୋଡ୍ ସେଫ୍‌ଟି ଫାଉଣ୍ଡେଶନ ଟ୍ରଷ୍ଟ ଏବଂ କମିଶନରେଟ ଟ୍ରାଫିକ, ଭୁବନେଶ୍ୱରର ମିଳିତ ସହଯୋଗରେ ବସ୍‌ଚାଳକ ଓ ସହକାରୀ କର୍ମଚାରୀଙ୍କ ପକ୍ଷରୁ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବରମୁଣ୍ଡା ବସ୍‌ମାଲିକ ସଂଘ କାର୍ଯ୍ୟାଳୟ ଗୃହରେ ରୋଟାରୀ ରୟାଲ ଚକ୍ଷୁ ଚିକିତ୍ସାଳୟର ଡାକ୍ତରଙ୍କ ଦ୍ୱାରା ୧୦୦ରୁ ଊର୍ଦ୍ଧ୍ୱ ବସ୍‌ଚାଳକ ଓ କର୍ମଚାରୀଙ୍କ ମାଗଣାରେ ଚକ୍ଷୁ ପରୀକ୍ଷା କରାଯାଇଥିଲା। ରୋଟାରୀ ପ୍ରାନ୍ତପାଳ ରୋଟାରୀଆନ ଯଜ୍ଞାଶିଷ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଟ୍ରାଫିକ ଡିସିପି ତପନ କୁମାର ମହାନ୍ତି, ବରମୁଣ୍ଡା ବସ୍‌ମାଲିକ ସଂଘର ସଭାପତି ରୋଟାରିଆନ ବରଦା ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ରୋଟାରୀ ଜିଲା ସଡ଼କ ସୁରକ୍ଷା ଅଧକ୍ଷା ତଥା ମାଷ୍ଟର ଗିରିଜା ମେମୋରିଆଲ ରୋଡ୍ ସେଫ୍‌ଟି ଟ୍ରଷ୍ଟର ଅଧକ୍ଷା ଅମିୟବାଳା ପରିଡାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ରୋଟାରିଆନ କର୍ଣ୍ଣେଲ ସୋନାଲିରଥ ସହଯୋଗର ହାତ ବଢ଼ାଇଥିଲେ। ଜିଲା ସଡ଼କ ସୁରକ୍ଷା ସହ ଅଧକ୍ଷ ରୋଟାରୀଆନ ଶାକ୍ୟସିଂହ ପଟ୍ଟନାୟକ ଓ ବ୍ୟୋମକେଶ ପୃଷ୍ଟିଙ୍କ ସହ ରୋଟାରିଆନ ବିଘ୍ନେଶ୍ୱର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଓଡ଼ିଶା ଗସ୍ତ ଶେଷ ପରେ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟମାନେ ବିଦାୟ ଜଣାଉଛନ୍ତି।

# ୫ ରେଳ କର୍ମଚାରୀ ସମ୍ମାନିତ

ଭୁବନେଶ୍ୱର, ୨୫।୩ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍‌ୱାଲ ୫ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କର କର୍ତ୍ତବ୍ୟନିଷ୍ଠା, ସତର୍କତା ଏବଂ ଡ୍ୟୁଟି ସମୟରେ ଦ୍ୱରିତ କାର୍ଯ୍ୟ ପାଇଁ ସମ୍ମାନିତ କରିଛନ୍ତି। ରେଳ ସଦନରେ ମଙ୍ଗଳବାର ଆୟୋଜିତ ଏହି ସମ୍ବର୍ଦ୍ଧନା ସମାରୋହରେ ରେଳ ବିଭାଗର ଅତିରିକ୍ତ ମହାପ୍ରବନ୍ଧକ ପ୍ରମୁଖ, ମୁଖ୍ୟ ସୁରକ୍ଷା ଅଧିକାରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅସାଧାରଣ ସେବା ପାଇଁ ସମ୍ମାନିତ ହୋଇଥିବା ୫ ରେଳ କର୍ମଚାରୀ ହେଲେ ଖୋର୍ଦ୍ଧାରୋଡ୍‌ର ବରିଷ୍ଠ ସହାୟକ ଲୋକୋ ପାଇଲଟ ଚନ୍ଦ୍ରଗିର କୁମାର ରାଉତ, ଟିଟିଲାଗଡ଼ର ବରିଷ୍ଠ ଗୁଡ୍ସ ଟ୍ରେନ୍ ମ୍ୟାନେଜର ଉପେନ୍ଦ୍ର କୁମାର, ହରିଚନ୍ଦନପୁରର ଟ୍ରାକ୍ ମେଣ୍ଟେନର-୪ ସୁରେଶ ଗାଗାରାଏ, ଗୋରଖନାଥର ମେଣ୍ଟେନର-୨ ସୁଧାଂଶୁ ଶେଖର ଦାସ ଏବଂ ମାନ୍‌ବର (କୋରାପୁଟ)ର ଟ୍ରାକ୍ ମେଣ୍ଟେନର-୪ କିଲୋ ସୋନୁ। ମହାପ୍ରବନ୍ଧକ ଫୁଙ୍କ୍‌ୱାଲ ଏହି କର୍ମଚାରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସତର୍କତା ଏବଂ ଦ୍ୱରିତ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ।


ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍‌ୱାଲଙ୍କ ସହ ସମ୍ବର୍ଦ୍ଧିତ ରେଳ କର୍ମଚାରୀ।

# ବିଦ୍ୟୁତ କର୍ମଚାରୀ ସଂଘର ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର, ୨୫।୩ (ବନ୍ଦନା ସେଠୀ)

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେଶନ୍ ଆନୁକୂଲ୍ୟରେ ଅଖିଳ ଭାରତ ବିଦ୍ୟୁତ୍ କର୍ମଚାରୀ ଫେଡେରେଶନର ପୂର୍ବ ଓ ଉତ୍ତର-ପୂର୍ବ ଆଞ୍ଚଳିକ ସମ୍ମିଳନୀ ମଙ୍ଗଳବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ବିଦ୍ୟୁତ୍ କର୍ମଚାରୀ ଫେଡେରେଶନର ସାଧାରଣ ସମ୍ପାଦକ ମୋହନ ଶର୍ମା ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଫେଡେରେଶନର ଅଧକ୍ଷ ତଥା ଅଖିଳ ଭାରତୀୟ ଟ୍ରେଡ୍ ୟୁନିୟନ୍ କଂଗ୍ରେସର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅଖିଳ ଭାରତୀୟ ଫେଡେରେଶନର ଉପସାଧାରଣ ସମ୍ପାଦକ କୃଷ୍ଣ ଭୋୟାର, ଟ୍ରେଡ୍ ୟୁନିୟନ୍ କଂଗ୍ରେସ ଓଡ଼ିଶା ରାଜ୍ୟ କମିଟିର ସାଧାରଣ ସମ୍ପାଦକ ବିଜୟ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସରକାର ଦାବି ପୂରଣ ନ କଲେ ବିଦ୍ୟୁତ୍ ଶ୍ରମିକ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ସୋମବାର ଅଖିଳ ଭାରତୀୟ ବିଦ୍ୟୁତ୍ କର୍ମଚାରୀ ଫେଡେରେଶନ ତଥା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେଶନର ନେତୃମଣ୍ଡଳୀ ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ ଦେବଙ୍କୁ ଭେଟି ବିଦ୍ୟୁତ୍ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରିଥିଲେ।

# ୟୁକୋ ବ୍ୟାଙ୍କର ସ୍ୱତନ୍ତ୍ର ମହୋତ୍ସବ



କାର୍ଯ୍ୟକ୍ରମରେ ଗ୍ରାହକଙ୍କୁ ଋଣ ଅନୁମୋଦନପତ୍ର ବଣ୍ଟନ କରାଯାଉଛି।

ଭୁବନେଶ୍ୱର, ୨୫।୩(ଅଭୟ ଦାଶ)

ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ମହୋତ୍ସବ କୁମା କନ୍‌ଭେନ୍‌ଶନ, ବରୁଣେଇ ରୋଡ୍ ଖୋର୍ଦ୍ଧାଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏହା ବ୍ୟାଙ୍କର କୃଷି, ଏମ୍‌ଏସ୍‌ଏମ୍‌ଇ ଏବଂ କାସା କାର୍ନିଭାଲ ଗ୍ରାହକଙ୍କ ଆବଶ୍ୟକତା ଓ ବ୍ୟାଙ୍କର କାରବାର ବୃଦ୍ଧି ଉଦ୍ଦେଶ୍ୟରେ ଆୟୋଜନ କରାଯାଇଥିଲା। ଏହି କାର୍ଣ୍ଣିଭାଲରେ ଏମ୍‌ଏସ୍‌ଏମ୍‌ଇ, କୃଷି, ବିଶିଷ୍ଟ ଗ୍ରାହକ ବୃନ୍ଦ, ସ୍ୱୟଂ ସହାୟକ ଗୋଷ୍ଠି ଏବଂ ବ୍ୟାଙ୍କ ମିତ୍ରମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଏଲ୍‌ବିସି ଓଡ଼ିଶାର ଆବାହକ ତଥା ମହାପ୍ରବନ୍ଧକ ଗୌତମ ପାତ୍ର, କୋଲକାତା ମୁଖ୍ୟ କାର୍ଯ୍ୟାଳୟର ରିକଭରିଡିପାର୍ଟମେଣ୍ଟର ମହାପ୍ରବନ୍ଧକ ଅଙ୍କିତ ରାଣା, ବରୁଣେଇ ଇଣ୍ଡଷ୍ଟ୍ରିଆଲ ଆସୋସିଏସନ୍‌ର ସଭାପତି ଶିବ ନାରାୟଣ ମିଶ୍ର ଏବଂ ଭୁବନେଶ୍ୱର ଆଞ୍ଚଳିକ ମୁଖ୍ୟ ତଥା ଉପ ମହାପ୍ରବନ୍ଧକ ଚିନ୍ମୟ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ମହାପ୍ରବନ୍ଧକ ପାତ୍ର ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କର ଅଭିବୃଦ୍ଧି ଓ ପ୍ରତିଶୃତି, ଏମ୍‌ଏସ୍‌ଏମ୍‌ଇ, କୃଷି ଏବଂ ସମ୍ବଳ କ୍ଷେତ୍ରରେ ଉପଲବ୍ଧ ସୁଯୋଗ ଉପରେ ବିଶେଷ ଆଲୋକପାତ କରିଥିଲେ। ସେହିଭଳି ରାଣା ୟୁକୋ ବ୍ୟାଙ୍କ ସହିତ ଗ୍ରାହକମାନଙ୍କର ଦୀର୍ଘ ସମୟର ସହଯୋଗୀତା ପାଇଁ କୃତଜ୍ଞତା ଜଣାଇବା ସହିତ ଭବିଷ୍ୟତରେ ବ୍ୟାଙ୍କରେ ଉତ୍ତମ ଗ୍ରାହକସେବାର ପ୍ରତିଶୃତି ଦେଇଥିଲେ। ବରୁଣେଇ ଇଣ୍ଡଷ୍ଟ୍ରିଆଲ ଆସୋସିଏସନ୍‌ର ଅଧକ୍ଷ ମିଶ୍ର ବ୍ୟାଙ୍କିଙ୍ଗ୍ ସେବା କିପରି ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଯଥେଷ୍ଟ ଅଭିବୃଦ୍ଧିରେ ସହାୟତା ବିଷୟରେ ଆଲୋଚନା କରିଥିଲେ।

ଏହି ଅବସରରେ କୃଷି, ଏମ୍‌ଏସ୍‌ଏମ୍‌ଇର ଗ୍ରାହକମାନଙ୍କୁ ଋଣ ଅନୁମୋଦନ ପତ୍ର ବଣ୍ଟନ ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବ୍ୟାଙ୍କ ମିତ୍ରମାନଙ୍କୁ ସେମାନଙ୍କର ବିଶେଷ ଅବଦାନ ନିମନ୍ତେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରିଶେଷରେ ବ୍ୟାଙ୍କର ଉପ ଆଞ୍ଚଳିକ ମୁଖ୍ୟ କ୍ରୀଷ୍ଟ ପାଲ ସିଂହ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

ଅଏଲ ଇଣ୍ଡିଆ
OIL INDIA
ପଞ୍ଜୀକୃତ କାର୍ଯ୍ୟାଳୟ: ପୋ.ଅ. ଦୁଲିଆଜାନ, ଜିଲ୍ଲା: ଡିବ୍ରୁଗଡ଼, ଆସାମ-୭୮୬୬୦୨
କର୍ପୋରେଟ କାର୍ଯ୍ୟାଳୟ: ପ୍ଲଟ୍ ନଂ. ୧୯, ସେକ୍ଟର ୧୬ - ଏ, ନଏଡା - ୨୦୧୩୦୧, ଉତ୍ତରପ୍ରଦେଶ
ସିଆଇଏନ: ଏଲ୍‌୧୧୧୦୧ଏଏସ୍‌୧୯୫୯ଜିଓଆଇ୦୦୧୧୪୮, ୱେବସାଇଟ୍: www.oil-india.com

ଅଏଲ୍ ଟେଣ୍ଡରଗୁଡ଼ିକରେ ଏମ୍‌ଏସ୍‌ଇ ବିଡର(ଗଣ) (ଏସ୍‌ସି/ଏସ୍‌ଟି ଓ ମହିଳାଙ୍କ ମାଲିକାନାଧୀନ ଏମ୍‌ଏସ୍‌ଇଗୁଡ଼ିକ ସମେତ)ଙ୍କ ଲାଭ ସଂକ୍ରାନ୍ତୀୟ ଅଧିସୂଚନା

ଏମ୍‌ଏସ୍‌ଇଗୁଡ଼ିକ ପାଇଁ ସର୍ବସାଧାରଣ ସଂଗ୍ରହଣ ନୀତି, ୨୦୧୨ ଅନୁଯାୟୀ ଏମ୍‌ଏସ୍‌ଇ ବିଡର, ଏସ୍‌ସି/ଏସ୍‌ଟି ଉଦ୍ୟୋଗୀଙ୍କ ମାଲିକାନାଧୀନ ଏମ୍‌ଏସ୍‌ଇ ଏବଂ ମହିଳା ଉଦ୍ୟୋଗୀଙ୍କ ମାଲିକାନାଧୀନ ଏମ୍‌ଏସ୍‌ଇଗୁଡ଼ିକୁ ଦିଆଯାଉଥିବା ଲାଭ ଓ ତାହାର ସଂଶୋଧନ, ଟିଆର୍‌ଇଡିଏସ୍ ଜରିଆରେ ଦେୟ ପରିଶୋଧ ଆଦିର ବିବରଣୀ ସମସ୍ତ ଅଏଲ୍ ଟେଣ୍ଡରରେ ଦର୍ଶାଯାଉଛି।

ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି (ଏନ୍‌ଆଇଟି) ଅଏଲ୍ ୱେବ୍‌ସାଇଟ୍ (https://www.oil-india.com/), ଅଏଲ୍ ଇ-ଟେଣ୍ଡର ୱେବ୍‌ସାଇଟ୍ (https://etender.srm.oilindia.in/irj/portal) ତଥା ଜିଇଏମ୍ ପୋର୍ଟାଲ୍ (https://gem.gov.in/)ରେ ପ୍ରକାଶିତ ହେଉଛି।

ଅଏଲ୍ ଟେଣ୍ଡରଗୁଡ଼ିକ ପାଇଁ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖିବା ଲାଗି ସମସ୍ତ ଆଗ୍ରହୀ ବିଡରଙ୍କୁ ଅନୁରୋଧ କରାଯାଉଛି।

## ସଂକ୍ଷେପରେ

### ଆମ ସଂସ୍କୃତି, ଆମ ଖେଳନା ସମ୍ପର୍କିତ କର୍ମଶାଳା

କଟକ,୨୫।୩(ଶିଳ୍ପା ପ୍ରିୟଦର୍ଶିନୀ):

ଯୋବ୍ରା ପୌର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆମ ସଂସ୍କୃତି, ଆମ ଖେଳନା କର୍ମଶାଳା ସହ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଡ. ରାଜଶ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରାତନ ଛାତ୍ର ସଂସଦ ସମ୍ପାଦକ ଶୁଭେନ୍ଦୁ ମହାନ୍ତି, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ମନୋରଞ୍ଜନ ଜେନା ଯୋଗଦେଇଥିଲେ। ସେହିପରି ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଭିନବ ବିନ୍ଦ୍ରା ଫାଉଣ୍ଡେଶନ ଟ୍ରଷ୍ଟର ପ୍ରୋଜେକ୍ଟ କୋର୍ଡିନେଟର ପ୍ରକାଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଅମ୍ବିକା ପ୍ରସାଦ ସାମଲ, କର୍ପୋରେଟର ଝିଲ୍ଲୀ ବିହାର ଯୋଗଦେଇ ଐତିହ୍ୟ, ସଂସ୍କୃତିକୁ ବଜାୟ ରଖିବା ନେଇ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପୁରାତନ ଶିକ୍ଷକ ବିଜୟ ଜେନା, କ୍ରୀଡ଼ା ଶିକ୍ଷକ ଅଜୟ କୁମାର ପ୍ରଧାନ ଓ ପୀତବାସ ବିନ୍ଧାଣି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଅରୁଣ କୁମାର ପରିଡ଼ା, ଆଲୋକ ସାହୁ, ମାଣିକେଶ୍ୱରୀ ଜେନା, ଅସୀମା ଶୁଭଦର୍ଶିନୀ, ଅରୁଣା ଶୁକ୍ଲା ଏବଂ ମଧୁସ୍ମିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ଦାବିପତ୍ର ଦେଲେ ବରିଷ୍ଠ ନାଗରିକ

ବାଙ୍କୀ,୨୫।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘ ତରଫରୁ ବାଙ୍କୀର ନୂତନ ଉପଖଣ୍ଡ ପୋଲିସ ଅଧିକାରୀ ବାଳକୃଷ୍ଣ କଁଅରଙ୍କୁ ସ୍ୱାଗତ କରାଯାଇଛି। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କର ସମସ୍ୟା ସମ୍ପର୍କରେ କଁଅରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଅବଗତ କରାଯାଇଛି। ବୟୋଜ୍ୟେଷ୍ଠ ନାଗରିକ ସଂଘ ସଭାପତି ବିରଞ୍ଚି ନାରାୟଣ ଦାସଙ୍କ ନେତୃତ୍ୱରେ ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ଉମେଶ ଚନ୍ଦ୍ର ମିଶ୍ର, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସୁଦର୍ଶନ ଦାସ, ସୁବାସ ପ୍ରହରାଜ ପ୍ରମୁଖ ଏକ ଦାବିପତ୍ର କଁଅରଙ୍କୁ ପ୍ରଦାନ କରାଯାଇଛି। ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା ସହ ପରିଚୟପତ୍ର ପ୍ରଦାନ, ସେମାନଙ୍କ ପାଇଁ ଥାନାରେ ଦିଆଯାଉଥିବା ମୋକଦ୍ଦମାକୁ ଗୁରୁତ୍ୱ ଦିଆଯାଇ ନିର୍ଯାତନାରୁ ରକ୍ଷା କରିବା ଉପରେ ସେଥିରେ ଦର୍ଶାଯାଇଛି। ଏସବୁ ଦାବି ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି କଁଅର ପ୍ରକାଶ କରିଥିଲେ ।

### ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା ପାଇଁ ପ୍ରସ୍ତୁତି

ବାଙ୍କୀ,୨୫।୩ (ଶୁଭେନ୍ଦୁ ମହାପାତ୍ର): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ରାଜ୍ୟ ଭାଜପା ସଭାପତି ଡ.ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା ପାଇଁ ବାଙ୍କୀ ଭାଜପା କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପିଙ୍କ ପ୍ରତିନିଧି ସରୋଜ କୁମାର ମଉଗଜ ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୁଧବାର ଅପରାହ୍ନ ୪ଟାରେ ବାଙ୍କୀ ଟାଉନ ହଲ୍ ପରିସରରେ ଡ. ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ବରିଷ୍ଠ ଭାଜପା ଦେବାଶିଷ ମାନସିଂ, ଭରତ ବେହେରା, ସଞ୍ଜୟ ରଣା, କାହ୍ନୁ ଚରଣ ସିଂ, ଶ୍ରୀରାମ ରାଉତ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ଆଲୋଚନାଚକ୍ର

ବାଙ୍କୀ,୨୫।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)– ବାଙ୍କୀ ଆର୍ଯ୍ୟ ସମାଜ ତରଫରୁ ତୁଳସୀପୁର ରଙ୍ଗଣିସାହିଠାରେ ପଶୁପକ୍ଷୀମାନଙ୍କୁ ସୁରକ୍ଷା ଓ ସଂରକ୍ଷଣ ସଂକ୍ରାନ୍ତରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାରାୟଣ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବାଙ୍କୀ କଲେଜର ପୂର୍ବତନ ପ୍ରାଣୀବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗଦେଇ ପଶୁପକ୍ଷୀଙ୍କୁ ସୁରକ୍ଷା ଓ ସେମାନଙ୍କ ବଂଶବିସ୍ତାର ପାଇଁ ଜନସାଧାରଣ ଏବଂ ସରକାର ଆଗେଇ ଆସିବା ଦରକାର ବୋଲି କହିଥିଲେ। ପଶୁପକ୍ଷୀ ହେଉଛନ୍ତି ଜୀବଜଗତର ସମ୍ପଦ ବୋଲି ବାଙ୍କୀ ପରିବେଶ ସମିତି ଆବାହକ ଦୀପକ ସାମନ୍ତରାୟ କହିଛନ୍ତି। କାର୍ଯ୍ୟକ୍ରମରେ ଦ୍ରୌପଦୀ ରାଉତ, ସଂଯୁକ୍ତା ସାହୁ, ବାନାମ୍ବର ସାହୁ, ମିନକେତନ ପୃଷ୍ଟି, ପ୍ରଭାତ ପାତ୍ର, ଭ୍ରମର ରାଉତ, ଭାନୁମତୀ ସାହୁ, ପ୍ରମୁଖ ଯୋଗଦେଇଥିଲେ। ଧନଞ୍ଜୟ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଦମ୍ପତିଙ୍କୁ ବାନ୍ଧି ଝିଅ ମୁଣ୍ଡରେ ବନ୍ଧୁକ ଲଗାଇ ଡକାୟତି


ଡକାୟତି ପରେ ଘରେ ବିଭିନ୍ନ ସାମଗ୍ରୀ ଏଣେତେଣେ ପଡ଼ିଛି।


ପୋଲିସ କର୍ମଚାରୀ ସନ୍ଧାନୀ କୁକୁର ଜରିଆରେ ତଦନ୍ତ କରୁଛନ୍ତି।

- ୩୦ ଲକ୍ଷ ଟଙ୍କା, ୭୦୦ ଗ୍ରାମ୍ ସୁନାଗହଣା ନେଇଗଲେ
- ୫ ଜଣ ଦୁର୍ବୃତ୍ତ ଶିଡିଘର ତାଲା ଭାଙ୍ଗି ରାତିରେ ଘରେ ପଶିଥିଲେ

ସାଲେପୁର,୨୫।୩(ଅରବିନ୍ଦ ଭୂୟାଁ):

ଦମ୍ପତିଙ୍କ ହାତଗୋଡ଼ ବାନ୍ଧି ଝିଅ ମୁଣ୍ଡରେ ବନ୍ଧୁକ ଲଗାଇ ୫ ଦୁର୍ବୃତ୍ତ ୩୦ ଲକ୍ଷ ଟଙ୍କା ସହ ୭୦୦ଗ୍ରାମ୍ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ସୋମବାର ରାତିରେ କଟକ ଜିଲା ସାଲେପୁର ଥାନା ଅନ୍ତର୍ଗତ ଜାହାଙ୍ଗିରାବାଦ ଗ୍ରାମର ବିଜୟ ମହାନ୍ତିଙ୍କ ଘରେ ଡକାୟତି ହୋଇଥିବା ଅଭିଯୋଗ ହୋଇଛି। ଥାନାରେ ଅଭିଯୋଗ ପରେ ପୋଲିସ ପହଞ୍ଚି ସନ୍ଧାନୀ କୁକୁର ଜରିଆରେ ତଦନ୍ତ କରିଛି। ଏନେଇ ପୋଲିସ ମାମଲା (ନଂ.୧୧୯/୨୫) ରୁଜୁ କରି ଜଣେ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

ବିଜୟଙ୍କ ଅଭିଯୋଗ ଅନୁଯାୟୀ, ସେ ଝିଅ ବାହାଘର ପାଇଁ ଜମି ବିକ୍ରି କରି ୩୦ ଲକ୍ଷ ନଗଦ ଟଙ୍କା ଓ ସୁନାଗହଣା ଆଣି ରଖିଥିଲେ। ସୋମବାର ରାତିରେ ସ୍ତ୍ରୀ ଓ ଝିଅ ସହ ବିଜୟ ଘରେ ଶୋଇଥିବାବେଳେ ୫ ଜଣ ଦୁର୍ବୃତ୍ତ ଶିଡ଼ିଘର ତାଲା ଭାଙ୍ଗି ଘରେ ପଶିଥିଲେ। ସଭିଏଁ ମୁହଁରେ ଗାମୁଛା ବାନ୍ଧିଥିଲେ। ସେମାନେ ଘରେ ପଶିବା ପରେ ପ୍ରଥମେ ବିଜୟ ଓ ତାଙ୍କ ସ୍ତ୍ରୀଙ୍କ ହାତଗୋଡ଼ ବାନ୍ଧି ମୁହଁରେ କନାବିଣ୍ଡା ପୂରାଇଦେଇଥିଲେ। ଏଥିସହ ଝିଅ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରିଥିଲେ। ଏହାପରେ ଦୁର୍ବୃତ୍ତମାନେ ବିଜୟଙ୍କ ଘରେ ଥିବା ଜମି ବିକ୍ରି ଟଙ୍କା ଓ ଝିଅ ବାହାଘର ପାଇଁ ରଖାଯାଇଥିବା ପ୍ରାୟ ୨୦ ଭରି(୨୦୦ ଗ୍ରାମ୍)ସୁନା ଅଳଙ୍କାର ଓ ସ୍ତ୍ରୀଙ୍କ ୫୦୦ ଗ୍ରାମରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ନେଇ ଚମ୍ପଟ ମାରିଛନ୍ତି। ଜଣେ ବ୍ୟକ୍ତି ୪ ଦିନ ହେବ ବିଜୟଙ୍କ ଘରକୁ ଯାତାୟାତ କରୁଥିବାବେଳେ ଘରେ ଜମି ବିକ୍ରି ଟଙ୍କା ଥିଲା ବୋଲି ଜାଣିଥିଲେ। ଏଥିଯୋଗୁ ଡକାୟତି ଘଟଣାରେ ଉକ୍ତ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି ବୋଲି ବିଜୟ ସନ୍ଦେହ ପ୍ରକଟ କରିଛନ୍ତି। ଅପରପକ୍ଷେ ପୋଲିସ ତଦନ୍ତ ସମୟରେ ବିଜୟଙ୍କ ଘରେ ପ୍ରାୟ ୨୯ରୁ ଊର୍ଦ୍ଧ୍ୱ ମୋଟର ସାଇକେଲ୍ ଓ ୨ଟି କାର୍ ଥିବା ଜଣାପଡିଛି। ଫଳରେ ଘଟଣାଟି ଭିନ୍ନ ମୋଡ଼ ନେଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ସାଲେପୁର ଥାନା ଅଧିକାରୀ ଅନିତା ସାହୁ ପ୍ରକାଶ କରିଛନ୍ତି।

# ବିଧାନସଭା ଘେରାଉ ପାଇଁ କଂଗ୍ରେସର ପ୍ରସ୍ତୁତି

ନିଶ୍ଚିନ୍ତକୋଇଲି,୨୫।୩ (ଅଶୋକ କୁମାର ମହାପାତ୍ର):

କଂଗ୍ରେସ ପକ୍ଷରୁ ୨୭ ତାରିଖରେ ବିଧାନସଭା ଘେରାଉ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଏନେଇ ମଙ୍ଗଳବାର ପ୍ରଦେଶ କଂଗ୍ରେସ ଅଲ ଇଣ୍ଡିଆ ସାଧାରଣ ସମ୍ପାଦକ ତଥା ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲୁଙ୍କ ସହ ପ୍ରାକ୍ତନ ପିସିସି ସମ୍ପାଦକ ପ୍ରଦୀପ୍ତ ଦାସ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଏହି ଅବସରରେ ଲଲୁ ମାହାଙ୍ଗାରେ କଂଗ୍ରେସକୁ ତୃଣମୂଳସ୍ତରରେ ସଙ୍ଗଠିତ କରି ନେତୃତ୍ୱ ନେବାକୁ ଦାସଙ୍କୁ ପରାମର୍ଶ ଦେଇଥିଲେ। ମାହାଙ୍ଗା ସଙ୍ଗଠନକୁ ନେଇ କର୍ମୀମାନେ ରଖିଥିବା ମତକୁ ଦାସ ଉପସ୍ଥାପନ କରିଥିଲେ। ରାଜ୍ୟ ପ୍ରଭାରୀଙ୍କ ଏହି ଅବସରରେ ନିଶ୍ଚିନ୍ତକୋଇଲି ବଜାରରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜ୍ୟରେ ଭାଜପା ସରକାର ବିଧାନସଭାରେ ୧୨ଜଣ ବିଧାୟକଙ୍କୁ ନିଲମ୍ବିତ କରିବା ଦୁର୍ଭାଗ୍ୟଜନକ। ଏହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ପ୍ରଭାରୀ ଲଲୁ ସୂଚନା ଦେଇଛନ୍ତି।

**ରାଜ୍ୟ ପ୍ରଭାରୀଙ୍କୁ ନିଶ୍ଚିନ୍ତକୋଇଲି ବଜାରରେ ସମ୍ବର୍ଦ୍ଧନା**

ଲଲୁ ମଙ୍ଗଳବାର କେନ୍ଦ୍ରାପଡା ଜିଲା ଗସ୍ତରେ ଆସିଥିଲେ। ସେ କେନ୍ଦ୍ରାପଡା ଗସ୍ତ ସାରି ଫେରୁଥିଲା ବେଳେ ନିଶ୍ଚିନ୍ତକୋଇଲି ବଜାରଠାରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସ ଯୁବନେତା ପ୍ରଦୀପ୍ତଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ କଂଗ୍ରେସ ନେତା ନାରାୟଣ ଦ୍ୱିବେଦୀ,ଗୋପାଳ ସେଠୀ, ସୁଶୀଳ କୁମାର ଲେଙ୍କା, ହେମନ୍ତ କୁମାର ସ୍ୱାଇଁ, ହୃଷୀକେଶ ମହାରଣା, ରମେଶଚନ୍ଦ୍ର ସାହୁ, ନାରାୟଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।


କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲୁଙ୍କୁ ସ୍ୱାଗତ କରାଯାଉଛି ।

# ସରକାରଙ୍କ ଉପରେ ବର୍ଷିଲେ ଲଲୁ


କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲୁ ଓ ସହପ୍ରଭାରୀ ରୋଜାଲିନା ତିର୍କୀଙ୍କୁ ସ୍ୱାଗତ କରାଯାଉଛି ।

କଟକ,୨୫।୩(ଶିଳ୍ପା ପ୍ରିୟଦର୍ଶିନୀ)

କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲୁ ଓ ସହପ୍ରଭାରୀ ରୋଜାଲିନା ତିର୍କୀ ମଙ୍ଗଳବାର କଟକ ଗସ୍ତ କରି କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ଆବାସିକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସନ୍ଧ୍ୟାରେ ସେମାନେ ଦଳୀୟ କର୍ମୀଙ୍କୁ ସାକ୍ଷାତ କରିଥିଲେ। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ ଏବଂ ମୋକିମ ଉଭୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଲଲୁ କହିଛନ୍ତି, ମୋକିମଙ୍କ ଦୃଢ଼ ସଙ୍ଗଠନ ରହିଛି ଏବଂ କଂଗ୍ରେସ ଦଳ ପ୍ରତି ତାଙ୍କର ବହୁ ଅବଦାନ ରହିଛି। କଂଗ୍ରେସ ସର୍ବଦା ଅନ୍ୟାୟକୁ ବିରୋଧ କରି ଆସିଛି। ବିଧାନସଭାରେ ଲୋକଙ୍କ ମୌଳିକ ସମସ୍ୟା ନେଇ ପ୍ରଶ୍ନ କରିବା ଯଥାର୍ଥ ଏବଂ ତାହାର ଉତ୍ତର ଦେବାକୁ ମୁଖ୍ୟମନ୍ତ୍ରୀ ବାଧ୍ୟ। ଭାଜପା ସରକାର ଗଠନ ହେବା ପରେ ପ୍ରାୟ ୬୪ ହଜାର ମହିଳାଙ୍କ ପତ୍ତା ମିଳୁନାହିଁ। ଏପରି କି ଶିଶୁକନ୍ୟା ବଳାତ୍କାରର ଶିକାର ହୋଇଛନ୍ତି। ମହିଳାଙ୍କ ନିଖୋଜ ଓ ସୁରକ୍ଷା ସମ୍ପର୍କରେ ପ୍ରଶ୍ନ କରାଯିବାରୁ କଂଗ୍ରେସର ୧୨ ଜଣ ବିଧାୟକଙ୍କୁ ମଙ୍ଗଳବାର ବିଧାନସଭାରୁ ସସ୍‌ପେଣ୍ଡ କରାଯାଇଛି। ବିଧାୟକଙ୍କ ପ୍ରଶ୍ନ ପଚାରିବାର ଅଧିକାର ରହିଛି, ହେଲେ ଏଭଳି ସସ୍‌ପେନ୍‌ସନ୍‌କୁ କଂଗ୍ରେସ ବିରୋଧ କରୁଛି। ଏନେଇ ରାଜ୍ୟ ସରକାରଙ୍କୁ ଜବାବ ଦେବାକୁ ପଡ଼ିବ। ଓଡ଼ିଶାର ସମ୍ମାନ ପାଇଁ କଂଗ୍ରେସର ବିଧାୟକ ଯେଉଁ ଲଢ଼େଇ କରୁଛନ୍ତି ତାହା ଜାରି ରହିବ। ଏହି ସମସ୍ତ ଘଟଣାକୁ ନେଇ ଆସନ୍ତା ୨୭ ତାରିଖରେ କଂଗ୍ରେସ ବିଧାନସଭା ଘେରାଉ କରି ସରକାରଙ୍କୁ ଜବାବ ମାଗିବ ବୋଲି ଲଲୁ କହିଛନ୍ତି। ଅପରପକ୍ଷରେ ବିଧାୟିକା ସୋଫିଆ କହିଛନ୍ତି, ଭାଜପାକୁ ଭୋଟ୍ ଦେଇ ସରକାରକୁ ଆଣିଥିବା ଜନସାଧାରଣ ବିପଦରେ ରହିଛନ୍ତି। ମହିଳାଙ୍କ ସୁରକ୍ଷା ପାଇଁ ଯେଉଁ ପ୍ରଚାର କରିଥିଲେ ତାହା ସମ୍ପୂର୍ଣ୍ଣ ମିଥ୍ୟା ଥିଲା। ରାଜ୍ୟରେ ମହିଳାମାନେ ଅସୁରକ୍ଷିତ। ଏଭଳି କ୍ଷେତ୍ରରେ ସରକାର ଦୋଷୀଙ୍କୁ ଧରିବାରେ ଯଦି କାର୍ଯ୍ୟ କରିଥାନ୍ତେ, ତେବେ ପ୍ରଶଂସାର ପାତ୍ର ପାଲଟିଥାନ୍ତେ। ହେଲେ ବିଧାନସଭାରେ କେବଳ ଗୋଟିଏ ପକ୍ଷ ନିଷ୍ପତ୍ତି ନିଆଯାଉଛି ବୋଲି ସୋଫିଆ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ବରିଷ୍ଠ ନେତା, ସିଏମ୍‌ସିର କଂଗ୍ରେସ କର୍ପୋରେଟର ଓ କର୍ମୀ ଉପସ୍ଥିତ ଥିଲେ।

### ମହୁରୁ ପ୍ରସ୍ତୁତ 'ହନି ଓଟ୍ସ ଲଡୁ', 'ହନି ଚକୋଲେଟ୍ସ' ପ୍ରଦର୍ଶିତ

ବାରଙ୍ଗ,୨୫।୩(ଲିଙ୍ଗରାଜ ରାଉତ)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ପକ୍ଷରୁ ସୋମବାର ମହୁଚାଷ ସମ୍ପର୍କିତ ଏକ ବିସ୍ତୃତ ଶିକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଭାଗୀୟ ସହକାରୀ ପ୍ରାଧ୍ୟାପିକା ଡ. ସୀମା ତ୍ରିପାଠୀ ଏଥିରେ ତତ୍ତ୍ୱାବଧାନ କରିଥିଲେ। କିଭଳି ମହୁଚାଷରୁ ମୂଲ୍ୟଯୁକ୍ତ ଉତ୍ପାଦ ବା ସୁସ୍ୱାଦୁ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରାଯାଇପାରିବ ଏବଂ ଏହା ମହୁଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରିବ, ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶାର କଟକ, ଭୁବନେଶ୍ୱର, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କୋରାପୁଟ, ଯାଜପୁର ଏବଂ ବାଲିପାଟଣା ଆଦି ଅଞ୍ଚଳରୁ ଆଗ୍ରହୀ ମହୁଚାଷୀ ଯୋଗଦେଇଥିଲେ। କୃଷି ବିଭାଗ ଡିନ୍ ପ୍ରାଧ୍ୟାପକ ଏସ୍. କୁମାରସ୍ୱାମୀ ଏହି ଉଦ୍ୟମକୁ ସାଧୁବାଦ ଜଣାଇଥିଲେ। ଏଥିସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏବଂ ସ୍ଥାନୀୟ କୃଷକଙ୍କ ମଧ୍ୟରେ ସହଯୋଗ ସମେତ କୃଷିର ଉନ୍ନତି ନିମନ୍ତେ ଉଭୟ ପକ୍ଷ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କୀଟ ବିଜ୍ଞାନ ବିଭାଗର ବିଦ୍ୟାର୍ଥୀ ମହୁରୁ ପ୍ରସ୍ତୁତ କରିଥିବା 'ହନି ଓଟ୍ସ ଲଡୁ', 'ହନି ମଫିନ', 'ହନି ଚିକ୍କି', 'ହନି ଚକୋଲେଟ୍ସ', 'ବି-ୱାକ୍ସ ଲିପ୍‌ବାମ', 'ହନି ସୋପ' ଆଦି ପ୍ରଦର୍ଶନ କରିଥିଲେ। ଏହାକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ମଧ୍ୟ ପ୍ରସ୍ତୁତ କରାଯାଉଛି। ଫଳରେ ମହୁଚାଷୀ ଏହି ଉତ୍ପାଦଗୁଡ଼ିକୁ ନିଜର ସ୍ଥାୟୀ ଆୟ ପାଇଁ ବ୍ୟବହାର କରିପାରିବେ।

# ଜନଆରୋଗ୍ୟ ସମିତି ଅଧିବେଶନ: ଅଂଶୁଘାତ ଉପରେ ଗୁରୁତ୍ୱ


ଅଧିବେଶନରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

ବାଙ୍କୀ୨୫।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ତୁଳସୀପୁର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପରିସରରେ ଜନଆରୋଗ୍ୟ ସମିତି ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଡମପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ପୁଷ୍ପଲତା ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଜୋନ ଜିଲାପରିଷଦ ସଦସ୍ୟା ତଥା ଜନଆରୋଗ୍ୟ ସମିତିର ଅଧ୍ୟକ୍ଷା ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଂଶୁଘାତର ପ୍ରତିକାର ଉପରେ ଗୁରୁତ୍ୱ ଦେଇଥିଲେ। ତୁଳସୀପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ୫ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ବହୁଳ ଭାବେ ଓଆର୍‌ଏସ୍, ଲିକୁଇଡ ପାଉଡର ଏବଂ ଜରୁରିକାଳୀନ ଔଷଧ ମହଜୁଦ ରଖିବାକୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ଅଂଶୁଘାତ କକ୍ଷରେ ସମସ୍ତ ସୁବିଧା ରଖିବାକୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ସାଲାଇନ ସହ ସମସ୍ତ ଦରକାରୀ ଔଷଧ ମହଜୁଦ ରଖିବା ଓ ରୋଗୀମାନେ କିପରି ଉତ୍ତମ ଚିକିତ୍ସା ପାଇପାରିବେ ତାଉପରେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମେଡିକାଲ ଅଧିକାରୀ ପୌର୍ଣ୍ଣମାସୀ ପଣ୍ଡା, ଜନସ୍ୱାସ୍ଥ୍ୟ ଅଧିକାରିଣୀ ଶୁଭଲକ୍ଷ୍ମୀ ମୋହାନ୍ତ, ନର୍ସିଂ ଅଫିସର ଉତ୍କଳିକା ପ୍ରିୟଦର୍ଶିନୀ ସାହୁ, ରଗଡି ସରପଞ୍ଚ ବିଜୟ ଲକ୍ଷ୍ମୀ ମହାନ୍ତି, ତୁଳସୀପୁର ସରପଞ୍ଚ ଶରତ ପ୍ରଧାନ, ଗୋପାଳପୁର ସରପଞ୍ଚ ଅବନ୍ତୀ ବେହେରା, ସଭ୍ୟ ବିଜୟ ଗୋଚ୍ଛି ଯୋଗଦେଇ ସେମାନଙ୍କର ମତାମତ ରଖିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିବେଶ ପରିଷ୍କାର ରହିବା ସହ କର୍ମଚାରୀମାନେ କର୍ତ୍ତବ୍ୟ ଠିକ୍ ଭାବେ କରିବା ପାଇଁ ଆଲୋଚନା କରାଯାଇଥିଲା। ଶେଷରେ ଲ୍ୟାବ ଟେକ୍ନିସିଆନ ମୋନାଲିସା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କବିତା ମହାପାତ୍ରଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

**ରେଜ୍ ଫାଉଣ୍ଡେଶନର ସ୍ୱୟଂସିଦ୍ଧା ସମ୍ମାନ**

କଟକ,୨୫।୩(କାର୍ତ୍ତିକ ସାହୁ):

ସ୍ୱେଚ୍ଛାସେବୀ ସଙ୍ଗଠନ ରେଜ୍ ଫାଉଣ୍ଡେଶନ ଆନୁକୂଲ୍ୟରେ ୪ର୍ଥ ସ୍ୱୟଂସିଦ୍ଧା ସମ୍ମାନ ପ୍ରଦାନ ଉତ୍ସବ କଟକ ଶିଖରପୁରସ୍ଥିତ ଏକ ହୋଟେଲଠାରେ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, ସମ୍ମାନିତ ଅତିଥି ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡି ଚରଣ ରଥ, ଓର୍‌ମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ସମ୍ବାଦର ସହପ୍ରବନ୍ଧକ କୃଷ୍ଣ ପ୍ରସାଦ ଦାସ, ସାଇବର କ୍ରାଇମ୍ ଓ ଇକୋନୋମିକ୍ ଅଫେନ୍ସ ବିଭାଗର ସହଯୋଗୀ ଶୁଭଶ୍ରୀ ନାୟକ ଯୋଗଦେଇ ପ୍ରତିଭାମାନଙ୍କୁ ସମ୍ମାନିତ କରିଥିଲେ।

ଫାଉଣ୍ଡେଶନ୍‌ର ଅଧ୍ୟକ୍ଷା ରଶ୍ମି ସାହୁ ଅଧ୍ୟକ୍ଷତା କରି କହିଛନ୍ତି, ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ, ପିତା ଡ. ଶରତ କୁମାର ସାହୁଙ୍କ ମାର୍ଗଦର୍ଶନ ଏବଂ ଓଡ଼ିଶାବାସୀଙ୍କ ଭଲପାଇବାକୁ ପାଥେୟ କରି ଫାଉଣ୍ଡେଶନ ସ୍ୱଳ୍ପ ସମୟ ମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟବସାୟିକ ସଂସ୍ଥାନ, କ୍ରୀଡା, ଅନ୍ନଦାନ ଓ କର୍କଟ ପୀଡିତ ଶିଶୁମାନଙ୍କ ପାଇଁ କାର୍ଯ୍ୟକ୍ରମ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ଅବସରରେ ୮ ଜଣ ବିଶିଷ୍ଟ ସଫଳ ମହିଳାଙ୍କୁ ସ୍ୱୟଂସିଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଛି। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଖୀ ବୃଦ୍ଧାଶ୍ରମର ପ୍ରତିଷ୍ଠାତ୍ରୀ କବିତା ମହାପାତ୍ରଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଓମ୍ ସାଇ ସଂସ୍ଥାନର ଶକୁନ୍ତଳା ମୁଦୁଲିଙ୍କୁ ଶ୍ରେଷ୍ଠ ମହିଳା ସମ୍ମାନ, କୃଷ୍ଣପ୍ରିୟା ତ୍ରିପାଠୀଙ୍କୁ ଶ୍ରେଷ୍ଠ ମହିଳା ଉଦ୍ୟୋଗୀ ସମ୍ମାନ, ଅନୁପମା ନାୟକଙ୍କୁ ଶ୍ରେଷ୍ଠ ସମାଜ ସେବିକା ସମ୍ମାନ, ସୁଶ୍ରୀ ସଙ୍ଗୀତା ଦାସଙ୍କୁ ଶ୍ରେଷ୍ଠ ଉଦୀୟମାନ ମହିଳା ସମ୍ମାନ, ରୋଜାଲିନ ବେହେରାଙ୍କୁ ଶ୍ରେଷ୍ଠ ଅସାଧାରଣ ମହିଳା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଶ୍ରେଷ୍ଠ ମହିଳା ସାମ୍ବାଦିକ ଭାବେ ସିମନ୍ତିକା ନନ୍ଦ, ଶ୍ରେଷ୍ଠ ଅସାଧାରଣ ନାରୀ ନେତ୍ରୀ ଭାବେ ବୀଣା ଧୋଳିଙ୍କୁ ସମ୍ମାନିତ କରାଯାଇଥିଲା । ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶିକା(ସ୍ୱାଧୀନ) ଆର୍ଯ୍ୟା କୁମାରୀ ପାଣିଗ୍ରାହୀ, ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ସାମାଜିକ କର୍ମୀ ସଞ୍ଜୟ ଜେନା, କର୍ପୋରେଟର ଇଂ. ସୁବ୍ରତ ଘଡ଼େଇ ଓ ମହାନଦୀ ବିହାର ଉନ୍ନୟନ ପରିଷଦର ସମ୍ପାଦକ ହିମାଂଶୁ ଶେଖର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଅଭିନାଶ ସିଂ ସ୍ୱାଗତ ଭାଷଣ ଓ ଉଲ୍ଲାସ ଚନ୍ଦ୍ର ବେହୁରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶ୍ରୀକାନ୍ତ ମହାପାତ୍ର, ଶିଳ୍ପା ଦାସ, ଚିନ୍ମୟୀ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ସମ୍ମାନିତ ମହିଳାଙ୍କ ଗହଣରେ ଉପସ୍ଥିତ ଅତିଥିବୃନ୍ଦ।

ऑयल इंडिया
OIL INDIA
ପଞ୍ଜୀକୃତ କାର୍ଯ୍ୟାଳୟ: ପୋ.ଅ. ଦୁଲିଆଜାନ, ଜିଲ୍ଲା: ଡିବ୍ରୁଗଡ଼, ଆସାମ-୭୮୬୬୦୨
କର୍ପୋରେଟ କାର୍ଯ୍ୟାଳୟ: ପ୍ଲଟ୍ ନଂ. ୧୯, ସେକ୍ଟର ୧୬ - ଏ, ନଏଡା - ୨୦୧୩୦୧, ଉତ୍ତରପ୍ରଦେଶ
ସିଆଇଏନ୍: ଏଲ୍୧୧୧୦୧ଏଏସ୍୧୯୫୯ଜିଓଆଇ୦୦୧୧୪୮, ୱେବ୍‌ସାଇଟ୍: www.oil-india.com

ଅଏଲ୍ ଟେଣ୍ଡରଗୁଡ଼ିକରେ ଏମ୍‌ଏସ୍‌ଇ ବିଡର(ଗଣ) (ଏସ୍‌ସି/ଏସ୍‌ଟି ଓ ମହିଳାଙ୍କ ମାଲିକାନାଧୀନ ଏମ୍‌ଏସ୍‌ଇଗୁଡ଼ିକ ସମେତ)ଙ୍କ ଲାଭ ସଂକ୍ରାନ୍ତୀୟ ଅଧିସୂଚନା

ଏମ୍‌ଏସ୍‌ଇଗୁଡ଼ିକ ପାଇଁ ସର୍ବସାଧାରଣ ସଂଗ୍ରହଣ ନୀତି, ୨୦୧୨ ଅନୁଯାୟୀ ଏମ୍‌ଏସ୍‌ଇ ବିଡର, ଏସ୍‌ସି/ଏସ୍‌ଟି ଉଦ୍ୟୋଗୀଙ୍କ ମାଲିକାନାଧୀନ ଏମ୍‌ଏସ୍‌ଇ ଏବଂ ମହିଳା ଉଦ୍ୟୋଗୀଙ୍କ ମାଲିକାନାଧୀନ ଏମ୍‌ଏସ୍‌ଇଗୁଡ଼ିକୁ ଦିଆଯାଉଥିବା ଲାଭ ଓ ତାହାର ସଂଶୋଧନ, ଟିଆର୍‌ଇଡିଏସ୍ ଜରିଆରେ ଦେୟ ପରିଶୋଧ ଆଦିର ବିବରଣୀ ସମସ୍ତ ଅଏଲ୍ ଟେଣ୍ଡରରେ ଦର୍ଶାଯାଉଛି ।

ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି (ଏନ୍‌ଆଇଟି) ଅଏଲ୍ ୱେବ୍‌ସାଇଟ୍ (https://www.oil-india.com/), ଅଏଲ୍ ଇ-ଟେଣ୍ଡର ୱେବ୍‌ସାଇଟ୍ (https://etender.srm.oilindia.in/irj/portal) ତଥା ଜିଇଏମ୍ ପୋର୍ଟାଲ୍ (https://gem.gov.in/) ରେ ପ୍ରକାଶିତ ହେଉଛି ।

ଅଏଲ୍ ଟେଣ୍ଡରଗୁଡ଼ିକ ପାଇଁ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖିବା ଲାଗି ସମସ୍ତ ଆଗ୍ରହୀ ବିଡରଙ୍କୁ ଅନୁରୋଧ କରାଯାଉଛି ।

# ଜମୁଛି ଚାନ୍ଦପୁର ଦଶଦୋଳ ମେଳଣ

**ଟାଙ୍ଗୀ, ୨୫।୩(ରଘୁନାଥ ସାହୁ)**

ପାରମ୍ପରିକ ରୀତିରେ ଚାନ୍ଦପୁର ଗାଁରେ ଦଶଦୋଳ ମେଳଣ ଯାତ୍ରା ଆରମ୍ଭ ହୋଇଯାଇଛି। ଦୋଳପୂର୍ଣ୍ଣିମାର ଦଶମ ଦିବସରେ ପାଟପଟୁଆର ସହ ଥାନପତି ଚାନ୍ଦପୁର ଗ୍ରାମର ପୀଠାଧୀଶ୍ୱର ମା'ରାମଚଣ୍ଡୀ ମଣ୍ଡପରେ ବିଜେ ପରେ କନ୍ଧନୟାଗଡ଼ ଗ୍ରାମର ଇଶାନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଆମନ୍ତ୍ରିତ ସମସ୍ତ ଠାକୁର ନିର୍ଦ୍ଧାରିତ ମଣ୍ଡପରେ ବିରାଜମାନ ହୋଇଥାନ୍ତି। ଏହି ସମୟରେ ସ୍ଥାନୀୟ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସମସ୍ତ ବର୍ଗ ଏହି ଆଧ୍ୟାତ୍ମିକ ପରିବେଶରେ ଏକତ୍ରିତ ହୋଇଥିଲେ। ମେଳଣରେ ୨୨ ଠାକୁର ମଣ୍ଡପରେ ବିରାଜମାନ ହୋଇଥିଲେ। ଚାନ୍ଦପୁର, କନ୍ଧନୟାଗଡ଼, ଜେମାଦେଇପୁର, ଭଜାଗଡ, ପଟିଆ, ଏକତାଳ, ନାକିଠଣା, ଚମ୍ପାପେଢ଼ି, ବେଷ୍ଟ, ଚମ୍ପାଗଡ଼, ଓସ୍ତପଡ଼ା, ନୂଆପଡ଼ା, ଜଙ୍କିଆ ଗ୍ରାମର ଆରାଧ୍ୟ ଠାକୁର ଏହି ମେଳଣରେ ବିରାଜମାନ କରିଥିଲେ। ରାତିରେ ଠାକୁରଙ୍କ ମେଳଣ ପର୍ବରେ ହରିହର ଭେଟ, ଦେବନୀତି ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଯାତ୍ରା କମିଟି ପକ୍ଷରୁ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ଦଶଦୋଳ ଯାତ୍ରା କମିଟି ସଭାପତି ନାଥୁମଲ ମହାରାଜୀ, ସମ୍ପାଦକ ମନୋଜ ଦାସଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଚାନ୍ଦପୁର ଥାନା ପୋଲିସ ମୁତୟନ ହୋଇଥିଲେ।


ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।


ଚିଲିକା ବ୍ଲକ ଅନ୍ତର୍ଗତ ନଇରୀ ଫୁଲଦୋଳ ମେଳଣରେ ଶ୍ରଦ୍ଧାଳୁଙ୍କ ଗହଳି।

# ନଇରୀ ଫୁଲଦୋଳ ମେଳଣରେ ୩୪ ଠାକୁର

**ବାଣପୁର, ୨୫।୩(ଦିଲୀପ କୁମାର ସ୍ୱାଇଁ)**

ଚିଲିକା ବ୍ଲକର ନଇରୀରେ ଫୁଲଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ସ୍ଥାନାଧିପତି ହରିହରେଶ୍ୱର ଦେବଙ୍କ ଆମନ୍ତ୍ରଣକ୍ରମେ ସୋମବାର ରାତିରୁ ଜମାଣରେ ଠାକୁରମାନେ ଦୋଳ ମଣ୍ଡପରେ ବିଜେ କରିଥିଲେ। ଠାକୁରଙ୍କୁ ଦଶଦୋଳ ମେଳଣ କମିଟି ପକ୍ଷରୁ ଉପଢୌକନ ସହ ପୂଜା ନୈବେଦ୍ୟ ଅର୍ପଣ କରି ବନ୍ଦାପନା କରାଯାଇଥିଲା। ମଙ୍ଗଳବାର ସକାଳେ ଆମନ୍ତ୍ରିତ ଠାକୁରଙ୍କ ଦର୍ଶନ ପୂଜା, ମଧ୍ୟାହ୍ନରେ ପଂକ୍ତି ଭୋଗ ନୈବେଦ୍ୟ ଅର୍ପଣ, ହୋମ ଆହୁତି ସହିତ ଭେଟ ପୂଜାର୍ଚ୍ଚନା ସରିବା ପରେ ଠାକୁରମାନେ ବିମାନରେ ବିଜେ ହୋଇ ସନ୍ଧ୍ୟାରେ ଦୋଳ ପଡ଼ିଆକୁ ଶୋଭାଯାତ୍ରାରେ ପ୍ରବେଶ କରିଥିଲେ। ସ୍ଥାନାଧିପତି ହରିହରେଶ୍ୱର ଦେବଙ୍କ ସହିତ ଲକ୍ଷ୍ମୀନୃସିଂହ ଦେବ, ହରିପୁର ଶାସନର ପଶ୍ଚିମାଭିମୁଖୀ ପ୍ରତାପେଶ୍ୱର ଦେବ, ବାଲୁଙ୍କେଶ୍ୱର ଦେବ, ଗୋପୀନାଥ ଦେବ, ରଘୁନାଥ ଦେବ, ବାଙ୍କନିଧି ଦେବ, ଛୋଟରାୟପୁରର ଲୋକେଶ୍ୱର ଦେବଙ୍କ ସହିତ ମୋଟ ୩୪ ଦେବଦେବୀ ମେଳଣ ପର୍ବରେ ସାମିଲ ହୋଇଥିଲେ। ମେଳଣ ପରେ ଠାକୁରମାନେ ନିଜ ନିଜ ମନ୍ଦିରକୁ ଯାଇଥିଲେ। ଫୁଲଦୋଳ ମେଳଣ କମିଟି ସଭାପତି ଲଳିତ ମୋହନ ପଟ୍ଟନାୟକ, ସମ୍ପାଦକ ହାଡୁବନ୍ଧୁ ପଟ୍ଟନାୟକ, ବିଶ୍ୱମ୍ଭର ସ୍ୱାଇଁ, ଅଶୋକ ମହାପାତ୍ର, ବିଭୁ ପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ସମସ୍ତ ସଭ୍ୟ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

# ଏକାଠି ହେଲେ ୫୦ ଠାକୁର

**ଗୋଲବାଇ ଦଶଦୋଳ ମେଳଣ**

**ଖୋର୍ଦ୍ଧା, ୨୫।୩(ପ୍ରଭାତ ପାଣିଗ୍ରାହୀ)**

ଦୋଳଯାତ୍ରା ପରମ୍ପରା ମଧ୍ୟରେ ଅନ୍ୟତମ ହେଉଛି ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଗୋଲବାଇ ଦଶଦୋଳ ଯାତ୍ରା। ସୋମବାର ରାତିରେ ବିରାଟ ପଟୁଆରରେ ଥାନପତି ମା'ଭଗବତୀ ସୁସଜ୍ଜିତ ଦୋଳ ବିମାନରେ ଆସି ବିଜେ କରିଥିଲେ। ଏହି ସମୟରେ ଆୟୋଜକ କମିଟି ପକ୍ଷରୁ ନିମନ୍ତ୍ରିତ ପାଇ ୧୫ଟି ମୌଜାରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଦେବଦେବୀ ଦୋଳବିମାନରେ ଆସି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ୪ଦିନ ବ୍ୟାପୀ ଏହି ଦୋଳଯାତ୍ରା ହୋଇଥାଏ। ଏକ ଭାଇଚାରା ବାର୍ତ୍ତା ବହନ କରେ ଗୋଲବାଇ ଦୋଳ ମେଳଣ। ଗ୍ରାମୀଣ ସଂସ୍କୃତିର ଝଲକ ଏହି ସମୟରେ ଦେଖିବାକୁ ମିଳିଥାଏ। ସନ୍ଧ୍ୟାରେ ନାମ ସଂକୀର୍ତ୍ତନରେ ପଡିଆ ପ୍ରକମ୍ପିତ ହୋଇଥାଏ। ସନ୍ଧ୍ୟା ଆଳତି ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମିଥାଏ। ମେଳଣର ଅନ୍ତିମ ଦିବସରେ ମା'ଭଗବତୀଙ୍କ ସହ ଚତୁଃପାର୍ଶ୍ୱରେ ବିମାନରୁଢ଼ ସମସ୍ତ ଠାକୁରମାନେ ଏକାଠି ହୋଇଥାନ୍ତି। ଭକ୍ତମାନେ ଫଗୁ, ରଙ୍ଗ ଠାକୁରଙ୍କ ନିକଟରେ ଅର୍ପଣ କରି ପରସ୍ପରକୁ ଶୁଭେଚ୍ଛା ଜଣାଇଥାନ୍ତି। ପରେ ଠାକୁରମାନେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଦଶଦୋଳ ଯାତ୍ରା କମିଟି ସଦସ୍ୟମାନେ ଯାତ୍ରା ପରିଚାଳନାରେ ସହଯୋଗ କରୁଛନ୍ତି।


ଗୋଲବାଇ ମେଳଣରେ ଭକ୍ତଙ୍କ ଗହଳି।

# ଭାଇଚାରାର ବାର୍ତ୍ତା ଦିଏ ଜରିପୁଟ ମେଳଣ

**ଖୋର୍ଦ୍ଧା, ୨୫।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ ଜରିପୁଟ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଆରମ୍ଭ ହୋଇଛି ଦଶଦୋଳ ମେଳଣ। ଜରିପୁଟ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ ୩ଦିନ ଧରି ପାଳନ ହେବ। ଆଖପାଖ ୧୫ଟି ଗାଁର ଠାକୁର ଏକାଠି ହୋଇଛନ୍ତି। ଗ୍ରାମର ଚନ୍ଦ୍ରଶେଖର ମହାଦେବ ହେଉଛନ୍ତି ଥାନପତି। ରୀତିନୀତି ପରମ୍ପରା ଅନୁସାରେ ରାତିରେ ପଟୁଆରରେ ଚନ୍ଦ୍ରଶେଖର ମହାଦେବ ବାଦ୍ୟ ବାଜଣା, ପାରମ୍ପରିକ ଲୋକନୃତ୍ୟ ମଧ୍ୟରେ ଏକ ବିଶାଳ ଶୋଭାଯାତ୍ରାରେ ମନ୍ଦିରରୁ ବାହାରି ମେଳଣ ପଡିଆରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଦୋଳ ମଣ୍ଡପରେ ବିଜେ କରିଥିଲେ। ଚନ୍ଦ୍ରଶେଖର ମହାଦେବଙ୍କ ପଛରେ ନିମନ୍ତ୍ରିତ ଅନ୍ୟଗାଁର ଠାକୁରମାନେ ଶୋଭାଯାତ୍ରାରେ ସାମିଲ ହୋଇ ମେଳଣ ପଡିଆରେ ନିଜ ଆସନରେ ବିଜେ କରିଥିଲେ। ଏହି ମେଳଣ ଏକ ଭାଇଚାରାର ବାର୍ତ୍ତା ଦେଇଥାଏ।


ମୁକୁନ୍ଦପ୍ରସାଦ ମେଳଣରେ ଶ୍ରଦ୍ଧାଳୁଙ୍କ ଗହଳି।

# ଠେଙ୍ଗାହାଟ, ମୁକୁନ୍ଦପ୍ରସାଦରେ ଏକାଠି ହେଲେ ୩୧ ଠାକୁର

**ଖୋର୍ଦ୍ଧା, ୨୫।୩(ପ୍ରଭାତ ପାଣିଗ୍ରାହୀ)**

ସୋମବାର ମଧ୍ୟରାତ୍ରରୁ ଆରମ୍ଭ ହୋଇଛି ଠେଙ୍ଗାହାଟ ଦଶଦୋଳ ମେଳଣ। ଠେଙ୍ଗାହାଟ ମେଳଣ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ ୩ଦିନ ହୋଇଥାଏ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମୀନବଜାର ପଡ଼ିଥାଏ। ସାମନ୍ତପୁରରସ୍ଥିତ ଶ୍ରୀସିଦ୍ଧେଶ୍ୱର ହେଉଛନ୍ତି ଥାନପତି। ଥାନପତିଙ୍କଠାରୁ ଆମନ୍ତ୍ରଣ ପାଇ ୨୧ଠାକୁର ବିଜେ କରିଛନ୍ତି। ସମସ୍ତ ଠାକୁର ଦୋଳ ବିମାନରେ ଠେଙ୍ଗାହାଟଠାରୁ ବାହାରି ଉପରସାହି, ବାସେଳି ସାହି, ମଠସାହି, ରାଧାବଲ୍ଲଭ ସାହି, ପୁରୁଣା ଦମକଳ ଛକ, ଟ୍ରାଫିକ ଛକ, ଆଦର୍ଶ ଥାନା ଦେଇ ସମବାୟ ବ୍ୟାଙ୍କ ଛକ, ମାଛମାର୍କେଟ, ପୌରପରିଷଦ କାର୍ଯ୍ୟାଳୟ ଦେଇ ଠେଙ୍ଗାହାଟ ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ସେହିପରି ମୁକୁନ୍ଦପ୍ରସାଦ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ମୁକୁନ୍ଦପ୍ରସାଦ ମେଳଣ ପଡିଆରେ ସୋମବାର ମଧ୍ୟରାତ୍ରିରେ ଜମାଣ ହୋଇଥିଲା। ତିନି ଦିନ ଧରି ମେଳଣ ପଡିଆ ଲୋକାରଣ୍ୟ ହୋଇଉଠେ। ବିଳମ୍ବିତ ରାତିରେ ଥାନପତି ଦଧିବାମନ ଦେବ ଏକ ସୁସଜ୍ଜିତ ବିମାନରେ ବିଜେ କରି ସ୍ୱମନ୍ଦରରୁ ବାହାରି ମୁକୁନ୍ଦପ୍ରସାଦ ଛକରେ ପହଞ୍ଚିଥିଲେ। ଏକ ବିରାଟ ପଟୁଆରେ ମେଳଣ ପଡିଆକୁ ଆସିଥିଲେ। ଶ୍ରୀଦଧିବାମନ ଦେବଙ୍କ ଆମନ୍ତ୍ରଣ ପାଇ ୧୦ଠାକୁର ଦୋଳ ବିମାନରେ ବିଜେ ହୋଇ ପଟୁଆରରେ ଆସି ମେଳଣ ପଡିଆରେ ବିଜେ ହୋଇଛନ୍ତି।

# ମା' ତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବୋଲଗଡ଼, ୨୫।୩(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାନପଦର ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ମା'ତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ମା'ତାରିଣୀଙ୍କୁ ଶୁଦ୍ଧସ୍ନାନ ପରେ ନୂତନ ବସ୍ତ୍ର ଓ ଅଳଙ୍କାର ଆଦି ପରିଧାନ ସହ ପୂଜାନୀତି ଉପଚାର ସମ୍ପନ୍ନ କରାଯାଇଥିଲା। କର୍ତ୍ତା ଓ କର୍ତ୍ତ୍ରୀ ଭାବେ ହରିବନ୍ଧୁ ସାହୁ ଓ ତାଙ୍କ ସ୍ତ୍ରୀ ସୌଦାମିନୀ ସାହୁ ଉପବିଷ୍ଟ ଥିଲେ। ପୂର୍ବତନ ସମିତିସଭ୍ୟ ଗୌତମ ବୁଦ୍ଧ ମହାପାତ୍ରଙ୍କ ପ୍ରଚେଷ୍ଟାରେ ନିର୍ମିତ ହୋଇଥିବା ଏହି ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ ଗ୍ରାମର ଶତାଧିକ ମହିଳାପୁରୁଷ କଳସଯାତ୍ରାରେ ସାମିଲ ହୋଇଥିଲେ। ଯଜ୍ଞ ମଣ୍ଡପରେ କଳସ ସ୍ଥାପନ ପରେ ବିଧିମୁତାବକ ହୋମ କାର୍ଯ୍ୟ ହୋଇଥିଲା। ପଣ୍ଡିତ ମନୋରଞ୍ଜନ ତ୍ରିପାଠୀ ଏବଂ ବାସୁଦେବ ପଟ୍ଟଯୋଶୀଙ୍କ ସମେତ ୭ଜଣ ବ୍ରାହ୍ମଣ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ମନ୍ଦିରର ଦଧିନଉତିରେ ରତ୍ନମୁଦ କରାଯାଇ ବାନା ବନ୍ଧାଯିବା ପରେ ଯଜ୍ଞ ପୂର୍ଣ୍ଣାହୁତି ପ୍ରଦାନ କରାଯାଇ ଜୀବନ୍ୟାସ ପାଇଥିବା ମା'ତାରିଣୀଙ୍କ ପ୍ରତିମା ଓ ଘୋଡ଼ା ବାହନକୁ ମନ୍ଦିରରେ ପ୍ରତିଷ୍ଠା କରାଯାଇଥିଲା। ସଞ୍ଜୟ କୁମାର ଭଞ୍ଜ, ସଞ୍ଜୟ ସାହୁ, କାର୍ତ୍ତିକ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ ଏବଂ ଅନ୍ୟମାନେ ଯୋଗଦେଇ ମା'ତାରିଣୀଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟାରେ ପୌରାଣିକ ନାଟକ ନବରଙ୍ଗ ପରିବେଷଣ ହୋଇଥିଲା।

# ମାନସିକ, ବୌଦ୍ଧିକ ବିକାଶରେ ସହାୟକ ହେବ ସାଧାରଣଜ୍ଞାନ

**ବୋଲଗଡ଼, ୨୫।୩(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଆରିକମା ସରକାରି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣଜ୍ଞାନ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଠଣାପଲ୍ଲୀ ଗ୍ରାମ ମିଳିତ ଯୁବକ ସଂଘର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ପିଲାଙ୍କ ମଧ୍ୟରେ ସାଧାରଣଜ୍ଞାନର ବିକାଶ ପାଇଁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଯୁବକସଂଘ ସମ୍ପାଦକ ଭାଗୀରଥି ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖଶାଳା ସମ୍ପାଦକ ବଂଶୀଧର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ହୋତା ଅତିଥିଭାବେ ଯୋଗଦେଇ ସାଧାରଣ ଜ୍ଞାନ ଛାତ୍ରୀଛାତ୍ରଙ୍କ ମାନସିକ, ବୌଦ୍ଧିକ ବିକାଶରେ ସହାୟକ ହେବ ବୋଲି କହିଥିଲେ। ପ୍ରତିଯୋଗିତାରେ ଦେବସ୍ମିତା ଦଳାଇ, ଜିତନ ମହାରଣା ଏବଂ ସ୍ୱାଗତିକା ପାଲଟାସିଂହ କୃତିତ୍ୱ ଅର୍ଜନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବନମାଳି ସାହୁ ସମସ୍ତ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଶୁଭଶ୍ରୀ ସୁଚିସ୍ମିତା, ସୌମ୍ୟାଶ୍ରୀ ପଟ୍ଟନାୟକ, ରଶ୍ମିତା ଚୌଧୁରୀ, ସୌଦାମିନୀ ଜୟସିଂହ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ସାଧାରଣଜ୍ଞାନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନେ। (ଫଟୋ: ଦେବବ୍ରତ ହୋତା)

# ବସ୍-ପିକ୍‌ଅପ୍ ଭ୍ୟାନ୍ ଧକ୍କା, ୨ ଗୁରୁତର

**ବାଘମାରୀ, ୨୫।୩(ମିହିର ରଞ୍ଜନ ମହାପାତ୍ର)**

ବାଘମାରୀ ଢାବା ଛକ ନିକଟରେ ମଙ୍ଗଳବାର ଏକ ଯାତ୍ରୀବାହୀ ବସ୍ ଏବଂ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ୨ଜଣ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଶ୍ରୀଲିଙ୍ଗରାଜ ନାମକ ଘରୋଇ ବସ୍ ଭୁବନେଶ୍ୱରରୁ ଯାତ୍ରୀଙ୍କୁ ନେଇ ବାଙ୍କୀ ଅଭିମୁଖେ ଯାଉଥିଲା। ଅପରାହ୍ନ ପ୍ରାୟ ୨ଟାରେ ବାଘମାରୀ ଢାବା ଛକରୁ ବାଙ୍କୀ ରାସ୍ତାକୁ ଯାଉଥିବା ବେଳେ ନୟାଗଡ଼ ପଟୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ପିକ୍‌ଅପ୍ ଭ୍ୟାନ ସହ ଧକ୍କା ହୋଇଥିଲା। ଉଭୟ ଗାଡ଼ିର ଡାହାଣ ପାର୍ଶ୍ୱ କ୍ଷତିଗ୍ରସ୍ତ ହୋଇଛି। ବସରେ ଥିବା ଦୁଇ ଯାତ୍ରୀ ଆହତ ହୋଇଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ମେଡିକାଲ ପଠାଯାଇଛି। ଅନ୍ୟପଟେ ଦୁର୍ଘଟଣା ପରେ ଗାଡି ଦୁଇଟି ରାସ୍ତା ମଝିରେ ରହିଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ପୋଲିସ ପହଞ୍ଚି ଗାଡ଼ି ଦୁଇଟିକୁ ଥାନାକୁ ନେବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।


ଦୁର୍ଘଟଣାଗ୍ରସ୍ତ ବସ୍ ଏବଂ ପିକ୍‌ଅପ୍ ଭ୍ୟାନ୍।

# ଜଳୁନି ଷ୍ଟ୍ରିଟ୍ ଲାଇଟ୍, ଅନ୍ଧାରରେ ରାସ୍ତା

**ଖୋର୍ଦ୍ଧା, ୨୫।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପୌରାଞ୍ଚଳରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନ ଥିବା ଜଣାପଡ଼ିଛି। ପୌର ନିର୍ବାହୀ ଅଧିକାରୀ ପ୍ରଶାସନିକ ପ୍ରଶିକ୍ଷଣ ପାଇଁ ଛୁଟିରେ ରହିଥିବା ବେଳେ ପୌରାଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ସମେତ କାଉନ୍‌ସିଲରମାନେ ବିକାଶମୂଳକ କାର୍ଯ୍ୟରେ ସେପରି ଆଗ୍ରହ ଦେଖାଉ ନ ଥିବା ଆଲୋଚନା ହେଉଛି। ଫଳରେ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନ ଥିବା ବେଳେ ଅନେକ କାମ ହୋଇପାରୁ ନାହିଁ। ସମବାୟ ଛକଠାରୁ ଏସ୍‌ବିଆଇ ଛକ ମଧ୍ୟରେ ରହିଥିବା ୮ଟି ଷ୍ଟ୍ରିଟ୍ ଲାଇଟ୍ ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଜଳୁ ନ ଥିବା ସ୍ଥାନୀୟ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗ ସତ୍ତ୍ୱେ ପୌର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସେପଟେ ସନ୍ଧ୍ୟା ହେଲେ ରାସ୍ତା ଅନ୍ଧକାର ରହୁଛି। ଉକ୍ତ ରାସ୍ତାରେ ବସ୍, ଦୁଇ ଓ ଚାରିଚକିଆ ଯାନ ଯାତାୟାତ କରୁଛି। ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ବଜାର ରହିଛି। ସନ୍ଧ୍ୟାହେଲେ ଲୋକଙ୍କ ଭିଡ଼ ଜମୁଛି, ତେବେ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନ ଥିବାରୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏନେଇ ସ୍ଥାନୀୟ ବ୍ୟବସାୟୀ ଏବଂ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉକ୍ତ ରାସ୍ତା ଦେଇ ପୌର ଏବଂ ପ୍ରଶାସନିକ ଅଧିକାରୀମାନେ ଯାତାୟାତ କରୁଥିଲେ ମଧ୍ୟ ଏଥିପ୍ରତି କେହି ଗୁରୁତ୍ୱ ନ ଦେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୌର ପ୍ରଶାସନ ଦୋକାନୀଙ୍କଠାରୁ ଟିକସ ଆଦାୟ କରୁଥିବା ବେଳେ କାହିଁକି ଷ୍ଟ୍ରିଟ ଲାଇଟ୍ ମରାମତି କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ତୁରନ୍ତ ଷ୍ଟ୍ରିଟ୍ ଲାଇଟ୍ ମରାମତି କରିବା ପାଇଁ ଜନ ଜାଗରଣ ପରିବାର ଆବାହକ ରଣଜିତ୍ ମହାପାତ୍ର ଦାବି କରିଛନ୍ତି। ଖୋର୍ଦ୍ଧା ସହରର ଏକାଧିକ ଛକ, ସାହି, ଗଳିକନ୍ଦିରେ ଷ୍ଟ୍ରିଟ ଲାଇଟ ଜଳୁ ନ ଥିବା ଅଭିଯୋଗ ରହିଛି। ଏଥିପ୍ରତି ପୌର ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭଗବାନ ସାହୁଙ୍କ ପରଲୋକ

**ଟାଙ୍ଗୀ, ୨୫।୩(ରଘୁନାଥ ସାହୁ)**

କାଲୁପଡ଼ାଘାଟ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭଗବାନ ସାହୁଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୯ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ କାଲୁପଡ଼ାଘାଟ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୩୦ବର୍ଷ ଧରି ପ୍ରଧାନ ଶିକ୍ଷକଭାବେ ଦାୟିତ୍ୱ ନିର୍ବାହ କରି ଅବସର ନେଇଥିଲେ। ସେ ଖବରଦାତା ରଘୁନାଥ ସାହୁଙ୍କ ଦାଦା ଅଟନ୍ତି। ସହକର୍ମୀ ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ବିଶ୍ୱାଳ, ପୁରାତନ ଛାତ୍ର ଦିଲୀପ କୁମାର ନାଥଙ୍କ ସମେତ ବହୁ ସହପାଠୀ, ପୁରାତନ ଛାତ୍ରମାନେ ଟାଙ୍ଗୀ ବାସଭବନରେ ପହଞ୍ଚି ଭଗବାନଙ୍କ ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଅକ୍ଷୟ ମୁଖାଗ୍ନି ଦେଇଥିଲେ।

# ଜଙ୍ଗଲ ନିଆଁ ସଚେତନତା ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ବୋଲଗଡ, ୨୫।୩(ଦେବବ୍ରତ ହୋତା)**

ବୋଲଗଡ଼ ବନ ବିଭାଗ ଏବଂ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହାୟତାରେ ଜଙ୍ଗଲନିଆଁ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖଙ୍ଗୁରିଆ ପଞ୍ଚାୟତ ସଂପୁର ଗ୍ରାମ ଏବଂ ବୋଲଗଡ଼ ପଞ୍ଚାୟତ ମର୍ଦ୍ଧାବାଡ଼ି ଗ୍ରାମରେ ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡା ଯୋଗଦେଇ ଗ୍ରୀଷ୍ମପ୍ରବାହ ସମୟରେ ଜଙ୍ଗଲରେ ନିଆଁ ଲାଗି ଧନଜୀବନ ହାନି ହେଉଥିବା ବେଳେ ଏହାର ଦମନ ପାଇଁ ଆବଶ୍ୟକ ଉପାୟ ସମ୍ପର୍କରେ ଆଲୋଚନା ମାଧ୍ୟମରେ ସଚେତନ କରିଥିଲେ। ଦୁର୍ବୃତ୍ତଙ୍କ ଦ୍ୱାରା ନିଆଁ ଲଗାଯିବା ଫଳରେ ଜଙ୍ଗଲରେ ବ୍ୟାପକ ଗଛଲତା ପୋଡ଼ି ପାଉଁଶ ହେଉଥିବା ବେଳେ ଅନେକ ଜୀବଜନ୍ତୁ ମୃତ୍ୟୁ ମୁଖରେ ପଡୁଛନ୍ତି। ସମସ୍ତେ ସଚେତନ ହୋଇ ଜଙ୍ଗଲକୁ ସୁରକ୍ଷା ପ୍ରଦାନ କରିବା ସହ ଦୁର୍ବୃତ୍ତଙ୍କୁ ଏଥିରୁ ନିବୃତ୍ତ ରଖିବାକୁ ପଡିବ ବୋଲି ଆହ୍ୱାନ ଦେଇଥିଲେ। ଜଙ୍ଗଲରେ ନିଆଁ ଲାଗିଲେ ତୁରନ୍ତ ବନ ବିଭାଗକୁ ଖବର ଦେବାକୁ ରେଞ୍ଜର ପଣ୍ଡା ପରାମର୍ଶ ଦେଇଛନ୍ତି। ବେଗୁନିଆ ଫରେଷ୍ଟର ପ୍ରିୟଦର୍ଶିନୀ ସେଠୀଙ୍କ ସମେତ ବନ କର୍ମଚାରୀ ଅର୍ଚ୍ଚିତା ନାୟକ, ମମତା ରାଣୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବନରକ୍ଷକ ଅରୂପ ବେହେରା ଧନ୍ୟବାଦ ଦେଇଥିଲେ।

# ପ୍ରଭାତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଯଦୁପୁର ଫାଇନାଲରେ

**ଝାଁଳା, ୨୫।୩(ବୁଲା ବାରିକ):** ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ପ୍ରଭାତ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଯଦୁପୁର ଟିମ୍ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ସେମିଫାଇନାଲ ମ୍ୟାଚ୍ ଝାଁଳା ଏବଂ ଯଦୁପୁର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଝାଁଳା ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ବିନିମୟରେ ୨୨୫ ରନ ସଂଗ୍ରହ କରିଥିଲା। ଜବାବରେ ଯଦୁପୁର ଟିମ୍ ୧୯ଓଭରରେ ୩ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ବିକାଶ ରାଉତ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ଅବିନାଶ ପଟ୍ଟନାୟକ ଏବଂ ଖଗେଶ୍ୱର ସୁବୁଦ୍ଧ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଶକ୍ତି କୁମାର ପଟ୍ଟନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଗ୍ରୁପ-ବି ର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ କଲ୍ୟାଣପୁର ଏବଂ ଗଙ୍ଗପଡ଼ା ଟିମ୍ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

ऑयल इंडिया
OIL INDIA
ପଞ୍ଜୀକୃତ କାର୍ଯ୍ୟାଳୟ: ପୋ.ଅ. ଦୁଲିଆଜାନ, ଜିଲ୍ଲା: ଡିବ୍ରୁଗଡ଼, ଆସାମ-୭୮୬୬୦୨
କର୍ପୋରେଟ କାର୍ଯ୍ୟାଳୟ: ପ୍ଲଟ୍ ନଂ. ୧୯, ସେକ୍ଟର ୧୬ - ଏ, ନଏଡା - ୨୦୧୩୦୧, ଉତ୍ତରପ୍ରଦେଶ
ସିଆଇଏନ୍: ଏଲ୍୧୧୧୦୧ଏଏସ୍୧୯୫୯ଜିଓଆଇ୦୦୧୧୪୮, ୱେବ୍‌ସାଇଟ୍: www.oil-india.com

**ଅଏଲ୍ ଟେଣ୍ଡରଗୁଡ଼ିକରେ ଏମ୍ଏସ୍ଇ ବିଡର(ଗଣ) (ଏସ୍‌ସି/ଏସ୍‌ଟି ଓ ମହିଳାଙ୍କ ମାଲିକାନାଧୀନ ଏମ୍ଏସ୍ଇଗୁଡ଼ିକ ସମେତ)ଙ୍କ ଲାଭ ସଂକ୍ରାନ୍ତୀୟ ଅଧିସୂଚନା**

ଏମ୍ଏସ୍ଇଗୁଡ଼ିକ ପାଇଁ ସର୍ବସାଧାରଣ ସଂଗ୍ରହଣ ନୀତି, ୨୦୧୨ ଅନୁଯାୟୀ ଏମ୍ଏସ୍ଇ ବିଡର, ଏସ୍‌ସି/ଏସ୍‌ଟି ଉଦ୍ୟୋଗୀଙ୍କ ମାଲିକାନାଧୀନ ଏମ୍ଏସ୍ଇ ଏବଂ ମହିଳା ଉଦ୍ୟୋଗୀଙ୍କ ମାଲିକାନାଧୀନ ଏମ୍ଏସ୍ଇଗୁଡ଼ିକୁ ଦିଆଯାଉଥିବା ଲାଭ ଓ ତାହାର ସଂଶୋଧନ, ଟିଆର୍‌ଇଡିଏସ୍ ଜରିଆରେ ଦେୟ ପରିଶୋଧ ଆଦିର ବିବରଣୀ ସମସ୍ତ ଅଏଲ୍ ଟେଣ୍ଡରରେ ଦର୍ଶାଯାଉଛି।

ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି (ଏନ୍‌ଆଇଟି) ଅଏଲ୍ ୱେବ୍‌ସାଇଟ୍ (https://www.oil-india.com/), ଅଏଲ୍ ଇ-ଟେଣ୍ଡର ୱେବ୍‌ସାଇଟ୍ (https://etender.srm.oilindia.in/irj/portal) ତଥା ଜିଇଏମ୍ ପୋର୍ଟାଲ୍ (https://gem.gov.in/) ରେ ପ୍ରକାଶିତ ହେଉଛି।

ଅଏଲ୍ ଟେଣ୍ଡରଗୁଡ଼ିକ ପାଇଁ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖିବା ଲାଗି ସମସ୍ତ ଆଗ୍ରହୀ ବିଡରଙ୍କୁ ଅନୁରୋଧ କରାଯାଉଛି।

**ଲକ୍ଷେ କୋଟିର ଦିଲ୍ଲୀ ବଜେଟ**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଙ୍ଗଳବାର ବିଧାନସଭାରେ ପ୍ରଥମ ବଜେଟ ଆଣିଛନ୍ତି। ଆର୍ଥିକ ବର୍ଷ ୨୦୨୬ ପାଇଁ ସେ ୧ ଲକ୍ଷ କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି। ଯମୁନା ନଦୀକୁ ସଫା କରିବା, ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ, ଭିତ୍ତିଭୂମି, ଜଳ, ସଂଯୋଗୀକରଣ ଆଦି କ୍ଷେତ୍ର ଉପରେ ଫୋକସ କରି ସେ ୧୩୮ ମିନିଟର ଅଭିଭାଷଣ ରଖିଥିଲେ। ଭାଜପା ଏହାକୁ ଐତିହାସିକ କହିଥିବାବେଳେ ବଜେଟ୍ ଦିଲ୍ଲୀବାସୀଙ୍କୁ ନିରାଶ କରିଥିବା ଆପ୍ କହିଛି।



# ବାଂଲାଦେଶରେ ସାମରିକ ବିଦ୍ରୋହ ପ୍ରସ୍ତୁତି

**ଢାକା, ୨୫।୩**

ବାଂଲାଦେଶ ସେନାମୁଖ୍ୟ ୱାକର-ଉଜ୍-ଜମନ ସୋମବାର ଜରୁରୀ ବୈଠକ କରିବା ପରେ ସୈନ୍ୟବାହିନୀ ଦେଶର ଶାସନ କ୍ଷମତା ଦଖଲ କରିବା ଆଶଙ୍କା ସୃଷ୍ଟି ହୋଇଛି। ଆଗାମୀ ଦିନରେ ଏକ ବଡ଼ ପରିବର୍ତ୍ତନ ଆସିବା ନେଇ ସଙ୍କେତ ମିଳିଛି। ବୈଠକରେ ୫ ଲ୍ୟୁଟେନାଣ୍ଟ ଜେନେରାଲ, ୮ ଜଣ ମେଜର ଜେନେରାଲଙ୍କ ସମେତ ଶୀର୍ଷ ସେନା ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ।

ଛାତ୍ର ଆନ୍ଦୋଳନ ଯୋଗୁ ଗତବର୍ଷ ଅଗଷ୍ଟରେ ଶେଖ୍ ହାସିନାଙ୍କ ନେତୃତ୍ୱାଧୀନ ଆୱାମୀ ଲିଗ୍ ସରକାରର ପତନ ପରେ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଶାସନ ଚଳାଇଛି। ତେବେ ଏହି ସରକାର ପ୍ରତି ବାଂଲାଦେଶୀଙ୍କ ମଧ୍ୟରେ ଅନାସ୍ଥା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଦେଶରେ ସ୍ଥିରତା ଆଣିବା ପାଇଁ ସମ୍ଭାବ୍ୟ ସାମରିକ ଭୂମିକା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିବା ଚର୍ଚ୍ଚା ହେଉଛି। ବାଂଲାଦେଶରେ ଜରୁରୀ ସ୍ଥିତି ଜାରି କରିବା ପାଇଁ ସେନା ଅନ୍ତରୀଣ ସରକାର ମୁଖ୍ୟ ୟୁନୁସ୍‌ଙ୍କ ଉପରେ ଚାପ ପକାଇପାରେ କିମ୍ବା ତାଙ୍କ ବିରୋଧରେ



ଢାକାରେ ସେନା ପାଟ୍ରୋଲିଂ କରୁଛି।

ବିଦ୍ରୋହ କରିପାରେ ବୋଲି ଏକ ସୂତ୍ରରୁ ସୂଚନା ମିଳିଛି। ସେନା ତତ୍ତ୍ୱାବଧାନରେ ଏକ ଜାତୀୟ ଏକତା ସରକାର ଗଠନ ପାଇଁ ମଧ୍ୟ ବିକଳ୍ପ ରଖାଯାଇଥିବା କୁହାଯାଉଛି।

କିଛି ମାସ ହେଲା ସେନା ବିରୋଧରେ କେତେକ ରାଜନୈତିକ ଦଳ ଏବଂ ଛାତ୍ରନେତା ସ୍ୱର ଉଠାଇ ଆସୁଛନ୍ତି। ଏହାକୁ ନେଇ ସୈନ୍ୟବାହିନୀର କେତେକ ସେକ୍ସନ ଚିନ୍ତିତ ଥିବାବେଳେ ବିରୋଧୀଙ୍କୁ ଦମନ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ରାଜନୈତିକ ଅନିଶ୍ଚିତତା ଲାଗି ରହିଥିବାବେଳେ ଖୁବ୍‌ଶୀଘ୍ର ୟୁନୁସ୍ ଚାଇନା ଯିବା କାର୍ଯ୍ୟକ୍ରମ ରହିଛି। ଚାଇନା-ବାଂଲାଦେଶ ସମ୍ପର୍କରେ ପରିବର୍ତ୍ତନ ତାଙ୍କ ଗସ୍ତର ଉଦ୍ଦେଶ୍ୟ ହୋଇଥିବାବେଳେ ପଡୋଶୀ ଦେଶଗୁଡ଼ିକ ଏହା ଉପରେ ନଜର ରଖିଛନ୍ତି।

ଏକାଧିକ ବିକ୍ଷୋଭ ଶୋଭାଯାତ୍ରା ପରେ ସେନା ପକ୍ଷରୁ ସମଗ୍ର ଢାକାରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ଶୁକ୍ରବାରଠାରୁ ମିଳିତ ସୁରକ୍ଷା ବଳ ରାଜଧାନୀର ବିଭିନ୍ନ ସ୍ଥାନରେ ଚେକ୍‌ପଏଣ୍ଟ ସ୍ଥାପନ କରିବା ସହ ପାଟ୍ରୋଲିଂକୁ ଜୋର୍‌ଦାର କରିଛନ୍ତି। ଭାରତ ଦ୍ୱାରା ପ୍ରଭାବିତ ହୋଇ ସେନାମୁଖ୍ୟ ବିଦ୍ରୋହ କରିପାରନ୍ତି ବୋଲି ବାଂଲାଦେଶୀ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ପିନାକୀ ଭଟ୍ଟାଚାର୍ଯ୍ୟ କହିବା ସହ ତାଙ୍କ ବିରୋଧରେ ବିକ୍ଷୋଭ କରିବାକୁ ଉଗ୍ରପନ୍ଥୀ ଓ ଛାତ୍ର ସଂଗଠନଗୁଡ଼ିକୁ ଆହ୍ୱାନ ଦେଇଥିଲେ। ସୋସିଆଲ ମିଡିଆରେ ସେନାମୁଖ୍ୟଙ୍କ ବିରୋଧରେ ଅଭିଯାନ ଜୋର୍ ଧରିବା ପରେ ସେନାମୁଖ୍ୟ ଜରୁରୀ ବୈଠକ ଡାକିଥିବାରୁ ବଡ଼ ପରିବର୍ତ୍ତନ ଆସିପାରେ ବୋଲି ଆଶଙ୍କା କରାଯାଉଛି।

ଅନ୍ୟପକ୍ଷରେ ସେନା ବିଦ୍ରୋହ ଖବରକୁ ଅନ୍ତରୀଣ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ୍ ଖଣ୍ଡନ କରିଛନ୍ତି। ବାଂଲାଦେଶରେ ଅସ୍ଥିରତା ସୃଷ୍ଟି ଓ ଲୋକଙ୍କୁ ବିଭ୍ରାନ୍ତ କରିବା ଲକ୍ଷ୍ୟରେ ଏଭଳି ଭୁଲ୍ ଖବର ପରିବେଷଣ କରାଯାଉଥିବା ସେ କହିଛନ୍ତି।

## ସେନାମୁଖ୍ୟଙ୍କ ଜରୁରୀ ବୈଠକ



ୱାକର-ଉଜ୍-ଜମନ



ମହମ୍ମଦ ୟୁନୁସ୍

## 'କଶ୍ମୀରର ଅଧିକୃତ ଅଞ୍ଚଳକୁ ଖାଲି କର'

### ୟୁଏନ୍‌ଏସ୍‌ସିରେ ପାକିସ୍ତାନକୁ ଭାରତର ଚେତାବନୀ

**ଜାତିସଂଘ, ୨୫।୩**

ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ କଶ୍ମୀର ପ୍ରସଙ୍ଗକୁ ନେଇ ଭାରତ ପୁଣି ଥରେ ପାକିସ୍ତାନକୁ ସମାଲୋଚନା କରିଛି। ପାକିସ୍ତାନ ନିଜର ସଙ୍କୀର୍ଣ୍ଣ ଏବଂ ବିଭାଜନକାରୀ ଏଜେଣ୍ଡାକୁ ବିସ୍ତାର କରିବା ପାଇଁ ୟୁଏନ୍‌ଏସ୍‌ସି ପରି ପ୍ଲାଟ୍‌ଫର୍ମର ବ୍ୟବହାର ନ କରୁ ବୋଲି ଭାରତ ଚେତାବନୀ ଦେଇଛି। ୟୁଏନ୍‌ଏସ୍‌ସିରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ସ୍ପେଶିଆଲ ଆସିଷ୍ଟାଣ୍ଟ ତାରିକ ଫତେମି କଶ୍ମୀର ପ୍ରସଙ୍ଗ ଉଠାଇଥିଲେ। ଏହାର ଜବାବ ଦେଇ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପାର୍ବଥାନେନୀ ହରିଶ କହିଛନ୍ତି, କଶ୍ମୀର ଭାରତର ଅଭିନ୍ନ ଅଙ୍ଗ ଥିଲା ଏବଂ ସବୁବେଳେ ରହିବ। ପାକିସ୍ତାନ ପ୍ରଥମେ ଜମ୍ମୁ-କଶ୍ମୀରରେ ବେଆଇନ ଭାବେ ଅଧିକୃତ କରିଥିବା ଅଞ୍ଚଳକୁ ଖାଲି କରୁ। ଜମ୍ମୁ-କଶ୍ମୀରକୁ ନେଇ ପାକିସ୍ତାନ ବାରମ୍ବାର ମିଥ୍ୟା ଦାବି କଲେ ଏହା ସତ୍ୟତାରେ ପରିଣତ ହୋଇଯିବ ନାହିଁ ବୋଲି ହରିଶ କଟାକ୍ଷ କରି କହିଛନ୍ତି।

## ଲୋକ ସଭାରେ ଅର୍ଥବିଲ୍ ଗୃହୀତ

**ନୂଆଦିଲ୍ଲୀ, ୨୫।୩**

ଲୋକ ସଭାରେ ଅର୍ଥବିଲ୍ ୩୫ ସଂଶୋଧନ ସହ ମଙ୍ଗଳବାର ଗୃହୀତ ହୋଇଛି। ଅନ୍‌ଲାଇନ ବିଜ୍ଞାପନ ଉପରେ ୬ ପ୍ରତିଶତ ଡିଜିଟାଲ ଟ୍ୟାକ୍ସ ଉଚ୍ଛେଦକୁ ଅନ୍ୟତମ ସଂଶୋଧନ ଭାବେ ସାମିଲ କରାଯାଇଛି। ଅର୍ଥବିଲ୍ ଗୃହୀତ ହେବା ସହ ଲୋକ ସଭାରେ ବଜେଟ ଅନୁମୋଦନ ପ୍ରକ୍ରିୟା ଶେଷ ହୋଇଛି। ଏବେ ରାଜ୍ୟ ସଭା ଏହା ଉପରେ ବିଚାର କରିବ। ରାଜ୍ୟ ସଭାରେ ଗୃହୀତ ହେବା ପରେ ୨୦୨୫-୨୬ ବର୍ଷ ପାଇଁ ବଜେଟ ପ୍ରକ୍ରିୟା ଶେଷ ହେବ। ଆଗାମୀ ଆର୍ଥିକ ବର୍ଷ ପାଇଁ ମୋଟ ୫୦.୬୫ ଲକ୍ଷ କୋଟି ଟଙ୍କାର ବଜେଟ ଅଣାଯାଇଥିଲା, ଯାହାକି ଚଳିତ ବର୍ଷ ତୁଳନାରେ ୭.୪ ପ୍ରତିଶତ ଅଧିକ। ନୂଆ ଆୟକର ବିଲ୍ ଉପରେ ଆଗାମୀ ମୌସୁମୀ ଅଧିବେଶନରେ ଆଲୋଚନା ହେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ଫେବୃଆରୀ ୧୩ରେ ନୂଆ ଆୟକର ବିଲ୍ ଆଗତ କରାଯାଇଥିଲା।

## ଶିବରାଜଙ୍କୁ 'ଦଲାଲ' କହିଲେ କଲ୍ୟାଣ ବାନାର୍ଜୀ

**ନୂଆଦିଲ୍ଲୀ, ୨୫।୩**

କେନ୍ଦ୍ର କୃଷି ଓ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ୍ ଧନୀ ଲୋକଙ୍କ ଦଲାଲ ଭାବେ କାର୍ଯ୍ୟ କରୁଥିବା ତୃଣମୂଳ କଂଗ୍ରେସ ଏମ୍‌ପି କଲ୍ୟାଣ ବାନାର୍ଜୀ ମଙ୍ଗଳବାର କହିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏ ଏବଂ ପିଏମ୍‌ଏୱାଇଜି ଯୋଜନାରେ ପଶ୍ଚିମବଙ୍ଗକୁ ପାଣ୍ଠି ଦିଆଯାଉ ନ ଥିବାରୁ ସେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ପାର୍ଲାମେଣ୍ଟ ବାହାରେ ଖବରଦାତାମାନଙ୍କୁ କଲ୍ୟାଣ କହିଥିଲେ, ୩ ବର୍ଷ ହେଲା ପଶ୍ଚିମବଙ୍ଗକୁ କେନ୍ଦ୍ରୀୟ ପାଣ୍ଠି ଦିଆଯାଇ ନାହିଁ। ରାଜ୍ୟରେ ଭାଜପା ସରକାର ଗଢ଼ି ନ ପାରିବାରୁ ଏଭଳି କରାଯାଉଛି। ଶିବରାଜ ଗରିବଙ୍କ ପାଇଁ କିଛି କରୁ ନ ଥିବାରୁ ମଧ୍ୟପ୍ରଦେଶ



କଲ୍ୟାଣ ବାନାର୍ଜୀ



ଶିବରାଜ ସିଂ ଚୌହାନ୍

ମୁଖ୍ୟମନ୍ତ୍ରୀ ପଦରୁ ହଟାଇ ଦିଆଗଲା ବୋଲି ଟିଏମ୍‌ସି ଏମ୍‌ପି କହିଥିଲେ।

ଲୋକ ସଭାରେ ପ୍ରଶ୍ନୋତ୍ତର କାଳରେ ଡିଏମ୍‌କେ ଏବଂ ଟିଏମ୍‌ସି ସଦସ୍ୟମାନେ ରାଜ୍ୟକୁ ଏମ୍‌ଜିଏନ୍‌ଆର୍‌ଇଜିଏ ପାଣ୍ଠି ପ୍ରଦାନରେ ବିଳମ୍ବକୁ ନେଇ ହଟ୍ଟଗୋଳ କରିବାରୁ ଗୃହ ମଧ୍ୟାହ୍ନ ପର୍ଯ୍ୟନ୍ତ ମୁଲତବୀ ରହିଥିଲା। କଲ୍ୟାଣଙ୍କ ମନ୍ତବ୍ୟ ଉପରେ ଭାଜପା ନେତା ତଥା କୃଷି ରାଷ୍ଟ୍ରମନ୍ତ୍ରୀ ଭଗୀରଥ ଚୌଧରୀ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। ଶିବରାଜଙ୍କୁ ଟିଏମ୍‌ସି ନେତା କ୍ଷମା ମାଗନ୍ତୁ ବୋଲି ସେ ଦାବି କରିଛନ୍ତି। ଜଣେ ବରିଷ୍ଠ ଏମ୍‌ପି ଏଭଳି ଭାଷା ବ୍ୟବହାର କରିବା ଶୋଭା ପାଉନାହିଁ। କୌଣସି ରାଜ୍ୟ ପ୍ରତି ପାତରଅନ୍ତର କରାଯାଇ ନ ଥିବା ସେ କହିଛନ୍ତି।

## ଅସ୍ତ୍ରବିରତି ଲାଗି ରୁଷିଆ ସହ ଆମେରିକାର ଆଲୋଚନା

**ଦୁବାଇ, ୨୫।୩**

ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ୩ ବର୍ଷ ହେଲା ଲାଗିରହିଥିବା ଯୁଦ୍ଧ ବନ୍ଦ ଲାଗି ଆମେରିକା ଜୋର୍‌ଦାର ଉଦ୍ୟମ ଚଳାଇଛି। ଆଂଶିକ ଅସ୍ତ୍ରବିରତି ନେଇ ସୋମବାର ସାଉଦି ଆରବ ରାଜଧାନୀ ରିୟାଧରେ ୟୁକ୍ରେନ୍‌ର ଏକ ଟିମ୍ ସହ ଆମେରିକା ପ୍ରତିନିଧିମାନେ ଆଲୋଚନା କରିବା ପରେ ମଙ୍ଗଳବାର ରୁଷିଆ ପ୍ରତିନିଧିଙ୍କୁ ଭେଟିଛନ୍ତି। ୩୦ଦିନିଆ ଅସ୍ତ୍ରବିରତି ପାଇଁ ମସ୍କୋ ଓ କିଭ୍ ଗତ ସପ୍ତାହରେ ନୀତିଗତ ଭାବେ ସହମତ ହୋଇଥିଲେ। ଆକ୍ରମଣରୁ ଶକ୍ତି ଏବଂ ଭିତ୍ତିଭୂମିକୁ ବାଦ୍ ଦେବା ଲାଗି ହ୍ୱାଇଟ୍ ହାଉସ୍ କହୁଥିବାବେଳେ କ୍ରେମଲିନ୍ କେବଳ ଶକ୍ତି ଭିତ୍ତିଭୂମିକୁ ବାଦ୍ ଦେବା ପାଇଁ ଚାହୁଁଛି। ଅନ୍ୟପକ୍ଷରେ ରେଲୱେ ଏବଂ ବନ୍ଦର ଭଳି ଭିତ୍ତିଭୂମିକୁ ସୁରକ୍ଷା ଦିଆଯିବା ଆବଶ୍ୟକ ବୋଲି ୟୁକ୍ରେନ୍ କହିଛି।

## ହାୱାଲା କାରବାର ମାନିଲେ ଅଭିନେତ୍ରୀ ରାନ୍ୟା

**ବେଙ୍ଗାଲୁରୁ, ୨୫।୩**

ଦୁବାଇରୁ ସୁନା କିଣିବା ପାଇଁ ଭାରତରୁ ହାୱାଲା ବାଟ ଦେଇ ଟଙ୍କା ଯାଉଥିଲା। ସୁନା ଆଣି ଆସୁଥିବାବେଳେ ଧରାପଡ଼ିଥିବା କନ୍ନଡ ଅଭିନେତ୍ରୀ ରାନ୍ୟା ରାଓ ଏହା ସ୍ୱୀକାର କରିଥିବା ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ମଙ୍ଗଳବାର ଜାମିନ ଶୁଣାଣି ବେଳେ ସେସନ୍ସ କୋର୍ଟକୁ ଜଣାଇଛି। ରାନ୍ୟାଙ୍କ ଜାମିନ ଆବେଦନର ଶୁଣାଣି ଶେଷ ହୋଇଥିବାବେଳେ ସ୍ୱତନ୍ତ୍ର ଅଦାଲତ ରାୟକୁ ୨୭ ତାରିଖ ପର୍ଯ୍ୟନ୍ତ ସଂରକ୍ଷିତ ରଖିଛନ୍ତି। ବେଆଇନ ଚ୍ୟାନେଲ ଦେଇ ସୁନା ଚୋରାଚାଲାଣ ହେଉଥିବାରୁ ଏହି ହାଇପ୍ରୋଫାଇଲ ମାମଲାରେ ରାନ୍ୟାଙ୍କ ଜାମିନକୁ ଡିଆର୍‌ଆଇ ବିରୋଧ କରିଥିଲା। ଡିଜିପି ପାହ୍ୟାର ଅଫିସର ରାମଚନ୍ଦ୍ର ରାଓଙ୍କ ଅଭିନେତ୍ରୀ ଝିଅ ରାନ୍ୟା ଦୁବାଇରୁ ୧୪.୨ କିଲୋଗ୍ରାମ ସୁନା ଆଣି



ରାନ୍ୟା ରାଓ

ଆସୁଥିବାବେଳେ ଗତ ୧୧ ତାରିଖରେ ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରେ ଗିରଫ ହୋଇଥିଲେ। ଜଣେ କନ୍‌ଷ୍ଟେବଲ ତାଙ୍କୁ ଏସ୍କର୍ଟ କରି ପ୍ରବେଶ ଟର୍ମିନାଲ ଦେଇ ବାହାରକୁ ନେଉଥିଲାବେଳେ ଧରାପଡ଼ିଥିଲେ। ସୁନା ଚୋରାଚାଲାଣ ସହ ରାମଚନ୍ଦ୍ରଙ୍କ ସମ୍ପୃକ୍ତି ଥିବା ନେଇ ତଦନ୍ତ ଚାଲିଛି।

## ଆଦିତ୍ୟ, ରିୟାଙ୍କ ନାଁରେ ମାମଲା ରୁଜୁ

### ଦିଶା ସାଲିଆନ ମୃତ୍ୟୁ

**ମୁମ୍ବାଇ, ୨୫।୩**

ସେଲିବ୍ରିଟି ମ୍ୟାନେଜର ଦିଶା ସାଲିଆନ ମୃତ୍ୟୁ ମାମଲାରେ ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେଙ୍କ ସହ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀ, ଅଭିନେତା ଡିନୋ ମୋରିଆ ଏବଂ ସୁରଜ ପଞ୍ଚୋଲିଙ୍କ ନାଁରେ ମାମଲା ରୁଜୁହୋଇଛି। ଦିଶାଙ୍କ ବାପାଙ୍କ ଓକିଲ ନୀଲେଶ ଓଝା ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ନୀଲେଶ କହିଛନ୍ତି, ଦିଶାଙ୍କ ପରିବାର ପକ୍ଷରୁ ମୁମ୍ବାଇ କମିଶନରେଟ ପୋଲିସ ଅଫିସରେ ଏକ ଲିଖିତ ଅଭିଯୋଗ ଦାଖଲ



ରିୟା ଚକ୍ରବର୍ତ୍ତୀ



ଆଦିତ୍ୟ ଠାକରେ

କରାଯାଇଛି। ପୋଲିସ ଉକ୍ତ ଅଭିଯୋଗକୁ ନେଇ ଆଦିତ୍ୟ ଠାକରେଙ୍କ ସହ ଡିନୋ ମୋରିଆ, ସୁରଜ ପଞ୍ଚୋଲି ଓ ତାଙ୍କ ସୁରକ୍ଷା କର୍ମୀ, ରିୟା ଚକ୍ରବର୍ତ୍ତୀ ପ୍ରମୁଖଙ୍କ ବିରୋଧରେ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଦିଶା ଅଭିନେତା ସୁଶାନ୍ତ ସିଂ ରାଜ୍‌ପୁତଙ୍କର ପୂର୍ବତନ ମ୍ୟାନେଜର ଥିଲେ ଏବଂ ୨୦୨୦ ଜୁନ୍‌ରେ ମୁମ୍ବାଇର ମାଲ୍‌ଦାସ୍ଥିତ ଏକ ଆବାସିକ ବିଲ୍ଡିଂର ୧୪ତମ ମହଲାରୁ ପଡ଼ି ତାଙ୍କର ମୃତ୍ୟୁ ଘଟିଥିଲା।

## ଆମେରିକାରୁ ଆମଦାନୀ ଅର୍ଦ୍ଧାଧିକ ସାମଗ୍ରୀରୁ ଶୁଳ୍କ କମାଇବାକୁ ଚାହେଁ ଭାରତ

**ନୂଆଦିଲ୍ଲୀ, ୨୫।୩**

ଆମେରିକାରୁ ଆମଦାନୀ ହେଉଥିବା ଅର୍ଦ୍ଧାଧିକ ସାମଗ୍ରୀ ଉପରୁ ଶୁଳ୍କ ହ୍ରାସ କରିବାକୁ କେନ୍ଦ୍ର ଯୋଜନା କରିଛି। ବୁଝାମଣା ସ୍ତରରେ ଥିବା ବାଣିଜ୍ୟ ରାଜିନାମାର ପ୍ରଥମ ପର୍ଯ୍ୟାୟରେ ଭାରତ ୫୦%ରୁ ଊର୍ଦ୍ଧ୍ୱ ଆମେରିକୀୟ ସାମଗ୍ରୀର ଟାରିଫ୍ କମାଇବାକୁ ଚାହୁଁଛି, ଯାହାର ମୂଲ୍ୟ ୨୩ ବିଲିୟନ ଡଲାର। ଆମେରିକାର ପାରସ୍ପରିକ ଶୁଳ୍କରୁ ବର୍ତ୍ତିବା ପାଇଁ ଭାରତ କିଛି କମାଇବାକୁ ଚାହୁଁଛି। ଡବ୍ଲ୍ୟୁଟିଓ ତଥ୍ୟ ଅନୁଯାୟୀ, ଆମେରିକା ହାରାହାରି ୨.୨% ଟାରିଫ୍ ଲଗାଉଥିବାବେଳେ ଭାରତର ଟାରିଫ୍ ପରିମାଣ ୧୨%। ଭାରତ ସହ ଆମେରିକାର ୪୫.୬ ବିଲିୟନ ଡଲାର ବାଣିଜ୍ୟ ନିଅଣ୍ଟ ରହିଛି।

## ଗ୍ରୀଷ୍ମରେ ବିଜୁଳି ଚାହିଦା ୧୦% ବଢ଼ିପାରେ

**ନୂଆଦିଲ୍ଲୀ, ୨୫।୩**

ଚଳିତବର୍ଷ ଗ୍ରୀଷ୍ମ ଋତୁ ସମୟରେ ଭାରତରେ ବିଜୁଳି ଚାହିଦା ୯ରୁ ୧୦% ପର୍ଯ୍ୟନ୍ତ ବଢ଼ିପାରେ। ଚଳିତ ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ତାତି ସହ ଅତ୍ୟଧିକ ଗରମ ପବନ ବହିବାର ସମ୍ଭାବନା ଥିବାରୁ ବିଶେଷଜ୍ଞମାନେ ଏହି ଚେତାବନୀ ଦେଇଛନ୍ତି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଏୟାର କଣ୍ଡିସନର ବ୍ୟବହାର ବୃଦ୍ଧି ପାଇବ, ଯାହାଫଳରେ ଦେଶରେ ବିଜୁଳି ଚାହିଦା ମଧ୍ୟ ବୃଦ୍ଧି ପାଇବ। ଗତ ବର୍ଷ ମେ' ୩୦ରେ ଅଖିଳ ଭାରତୀୟ ସ୍ତରରେ ବିଜୁଳିର ସର୍ବାଧିକ ଚାହିଦା ୨୫୦ ଗିଗା ୱାଟ (ଜିଡବ୍ଲ୍ୟୁ)କୁ ଅତିକ୍ରମ କରିଥିଲା, ଯାହା ଅନୁମାନଠାରୁ ୬.୩% ଅଧିକ ରହିଥିଲା। ଜଳବାୟୁ ପରିବର୍ତ୍ତନ ଯୋଗୁ ଉତ୍ତାପ ବୃଦ୍ଧି ଘଟୁଛି ଏବଂ ଏହା ବିଦ୍ୟୁତ୍ ଚାହିଦା ବୃଦ୍ଧିର ପ୍ରମୁଖ କାରଣ ବୋଲି ବିଶେଷଜ୍ଞମାନେ କହିଛନ୍ତି। ସମ୍ପ୍ରତି ଭାରତର ମୋଟ ବିଜୁଳି ବ୍ୟବହାରର ୩୩% ଶିଳ୍ପ କ୍ଷେତ୍ରରେ ବିନିଯୋଗ ହେଉଥିବାବେଳେ ଘରୋଇ କ୍ଷେତ୍ରରେ ୨୮% ଏବଂ କୃଷି କ୍ଷେତ୍ରରେ ୧୯% ବିନିଯୋଗ ହେଉଛି। ଦିଲ୍ଲୀସ୍ଥିତ ଥିଙ୍କ୍‌ଟ୍ୟାଙ୍କ୍ 'କାଉନସିଲ୍ ଅନ୍ ଏନର୍ଜି, ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ ୱାଟର୍'ର ବରିଷ୍ଠ କାର୍ଯ୍ୟକ୍ରମ ମୁଖ୍ୟ (ନବୀକରଣୀୟ ଶକ୍ତି) ଦିଶା ଅଗ୍ରୱାଲ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଘରୋଇ ବିଦ୍ୟୁତ୍‌ର ଚାହିଦା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ୨୦୧୨-୧୩ରେ ସମୁଦାୟ ବିଜୁଳି ବ୍ୟବହାରର ୨୨% ଘରୋଇ କ୍ଷେତ୍ରରେ ବିନିଯୋଗ ହେଉଥିବାବେଳେ ୨୦୨୨-୨୩ରେ ଏହି ସଂଖ୍ୟା ୨୫%କୁ ବୃଦ୍ଧି ପାଇଛି। ବିଶେଷକରି ଘରଗୁଡ଼ିକରେ ଏୟାର କଣ୍ଡିସନର'ର ବଢ଼ୁଥିବା ବ୍ୟବହାର ଏବଂ ଅର୍ଥନୈତିକ ଅଭିବୃଦ୍ଧି ଯୋଗୁ ଘରୋଇ କ୍ଷେତ୍ରରେ ବିଦ୍ୟୁତ୍ ବ୍ୟବହାରର ମାତ୍ରା ବଢ଼ୁଥିବା ନେଇ ଦିଶା କହିଛନ୍ତି। ୨୦୨୪ରେ ରେକର୍ଡ ଗ୍ରୀଷ୍ମ ପ୍ରକୋପ ସହ ହିଟ୍‌ୱେଭ୍ ଅନୁଭୂତ ହେବା ଯୋଗୁ ରୁମ୍ ଏୟାର କଣ୍ଡିସନର'ର ବିକ୍ରି ସଂଖ୍ୟା ବାର୍ଷିକ ୪୦ରୁ ୫୦% ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ପାଣିପାଗ ବିଶେଷଜ୍ଞଙ୍କ ଅନୁମାନ ଅନୁଯାୟୀ, ଚଳିତ ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହ ଲମ୍ବା ସମୟ ଧରି ଗରମ ପବନ ବହିବାର ଆଶଙ୍କା କରାଯାଉଥିବାରୁ ଏହି ସମୟରେ ଦେଶକୁ ୯ରୁ ୧୦% ପର୍ଯ୍ୟନ୍ତ ବିଜୁଳି ଚାହିଦା ବୃଦ୍ଧି ନେଇ ପ୍ରସ୍ତୁତ ରହିବାକୁ ପଡ଼ିବ ବୋଲି ସେ କହିଛନ୍ତି।

## ବିବାହର ୧୪ ଦିନ ପରେ ସ୍ୱାମୀଙ୍କୁ ହତ୍ୟା

**ଔରେୟା, ୨୫।୩**

ଉତ୍ତରପ୍ରଦେଶର ଔରେୟା ଜିଲାର ପ୍ରଗତି ଯାଦବ(୨୨) ନାମ୍ନୀ ନବବିବାହିତା ବିବାହର ୧୪ ଦିନ ପରେ ପ୍ରେମିକ ଅନୁରାଗ ଯାଦବଙ୍କ ସହ ମିଶି ସୁପାରି ଦେଇ ସ୍ୱାମୀ ଦିଲୀପ (୨୫)ଙ୍କୁ ହତ୍ୟା କରିଛନ୍ତି।

ଗତ ୧୯ ତାରିଖରେ ଦିଲୀପଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବିଧୁନାସ୍ଥିତ କମ୍ୟୁନିଟି ହେଲ୍‌ଥ ସେଣ୍ଟରରେ ଭର୍ତ୍ତି କରାଯାଇ ପରେ ଗୋଆଲିୟରକୁ ରେଫର କରାଯାଇଥିଲା। ୨୦ରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାକୁ ନେଇ ଦିଲୀପଙ୍କ ଭାଇ ଶାହର ଥାନାରେ ଏକ ଏତଲା ଦେଇଥିଲେ। ପୋଲିସ ଘଟଣାକୁ ନେଇ ତନାଘନା କରିବା ସହ ସ୍ଥାନୀୟ ସିସିଟିଭି ଫୁଟେଜ ଆଧାରରେ ରାମାଜୀ ଚୌଧୁରୀ ନାମକ ସନ୍ଦିଗ୍ଧଙ୍କୁ ଗିରଫ କରିଥିଲା। ରାମାଜୀଙ୍କ ସୂଚନା ଆଧାରରେ ପୋଲିସ ମଙ୍ଗଳବାର ଘଟଣାର ପର୍ଦ୍ଦାଫାଶ କରିଛି।

ଉଭୟ ପ୍ରଗତି ଏବଂ ଅନୁରାଗ ୪ ବର୍ଷ ଧରି ପରସ୍ପରକୁ ପ୍ରେମ କରିବା ସହ



ସ୍ୱାମୀ ଦିଲୀପଙ୍କ ସହ ପ୍ରଗତି।

ରିଲେଶନ୍‌ସିପରେ ଥିଲେ। ସେମାନଙ୍କ ଅଭିଭାବକ ଏହି ସମ୍ପର୍କରେ ସହମତ ହୋଇ ନ ଥିଲେ। ଗତ ୫ ତାରିଖରେ ପ୍ରଗତିଙ୍କ ପରିବାର ତାଙ୍କୁ ଦିଲୀପଙ୍କ ସହ ଜବରଦସ୍ତ ବିବାହ କରାଇଥିଲେ। ବିବାହ ପରେ ପ୍ରଗତି ପ୍ରେମିକ ଅନୁରାଗଙ୍କୁ ଭେଟିପାରି ନ ଥିଲେ। ତେଣୁ ସେମାନେ ତାଙ୍କ ରାସ୍ତାରୁ ଦିଲୀପଙ୍କୁ ହଟାଇବାକୁ

### ପ୍ରେମିକଙ୍କ ସହ ମିଶି ସୁପାରି ଦେଇଥିଲେ

ଠିକ୍ କରିଥିଲେ। ଦିଲୀପଙ୍କ ହତ୍ୟା ପାଇଁ ଉଭୟେ ରାମାଜୀଙ୍କୁ ୨ ଲକ୍ଷ ଟଙ୍କା ସୁପାରି ଦେଇଥିଲେ। ଗତ ୧୯ରେ ରାମାଜୀ ନିଜ ସହଯୋଗୀଙ୍କ ସହ ଦିଲୀପଙ୍କୁ ପିଛା କରି ଔରେୟା ଅଞ୍ଚଳର ଏକ କ୍ଷେତରେ ଗୁଳିକରି ଫେରାର ହୋଇଯାଇଥିଲେ। ରାମାଜୀଙ୍କଠାରୁ ପୋଲିସ ୨ଟି ପିସ୍ତଲ, ୨ଟି ଫୋନ୍, ବାଇକ୍ ଏବଂ ୩ ହଜାର ଟଙ୍କା ଜବତ କରିଛି। ପୋଲିସ ପ୍ରଗତି ଏବଂ ଅନୁରାଗଙ୍କୁ ଗିରଫ କରି ପଚରାଉଚରା ଜାରି ରଖିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା ଅନ୍ୟ ଅଭିଯୁକ୍ତଙ୍କୁ ପୋଲିସ ଖୋଜିବା ଜାରି ରଖିଛି। ପ୍ରକାଶ ଯେ, କିଛିଦିନ ତଳେ ଉତ୍ତରପ୍ରଦେଶର ମିରଟରେ ମୁସ୍କାନ ରାସ୍ତୋଗୀ ନାମ୍ନୀ ମହିଳା ପ୍ରେମିକ ଶାହିଲ ଶୁକ୍ଲାଙ୍କ ସହ ମିଶି ସ୍ୱାମୀ ସୌରଭଙ୍କୁ ହତ୍ୟା କରିଥିଲେ। ଉକ୍ତ ଘଟଣାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## ସ୍ତ୍ରୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିବା ଭଡ଼ାଟିଆଙ୍କୁ ଜିଅନ୍ତା ପୋତିଦେଲେ

**ରୋହତକ, ୨୫।୩**

ହରିୟାଣାର ରୋହତକ୍‌ରେ ଜଣେ ମହିଳା ତାଙ୍କ ଘରେ ଭଡ଼ାରେ ରହୁଥିବା ଲୋକ ସହ ପ୍ରେମ ସମ୍ପର୍କ ରଖିଥିବା ସ୍ୱାମୀ ଜାଣିବା ପରେ ତାଙ୍କୁ ଜିଅନ୍ତା ପୋତିଦେଇଛନ୍ତି। ଡିସେମ୍ବର ମାସରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ ଦୀର୍ଘଦିନର ତଦନ୍ତ ପରେ ପୋଲିସ ମୃତଦେହ ବାହାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ମୃତକ ଜଗଦୀପ ଯୋଗ ଶିକ୍ଷା ଦେଉଥିବାବେଳ ହରଦୀପଙ୍କ ଘରର ଗୋଟିଏ ଭାଗ ଭଡ଼ା ନେଇ ରହୁଥିଲେ। ସ୍ତ୍ରୀ ସହ ଜଗଦୀପ୍ ପ୍ରେମ ସମ୍ପର୍କ ରଖିଥିବା ହରଦୀପ୍ ଜାଣିବା ପରେ ତାଙ୍କୁ ମାରିଦେବା ପାଇଁ ଯୋଜନା କରି ବୋର୍‌ୱେଲ୍ ଖୋଳାଇଥିଲେ। ଡିସେମ୍ବର ୨୪ରେ ହରଦୀପ ଓ ତାଙ୍କ ବନ୍ଧୁ ଜଗଦୀପଙ୍କୁ ଅପହରଣ କରିନେଇ ଜିଅନ୍ତା ଅବସ୍ଥାରେ ଗାତରେ ପକାଇଦେଇ ମାଟିରେ ପୋତିଦେଇଥିଲେ। ମୃତ୍ୟୁର ୧୦ ଦିନ ପରେ ଥାନାରେ ନିଖୋଜ ଅଭିଯୋଗ ହୋଇଥିଲା। ପୋଲିସ ଜଗଦୀପଙ୍କ କଲ୍ ରେକର୍ଡ ଯାଞ୍ଚ କରି ହରଦୀପ ଓ ବନ୍ଧୁ ଧରମପାଲଙ୍କୁ ଧରିଥିଲା।

**ଫୁରସତ୍**

## 'ରେଡ୍ ୨': ରିତେଶଙ୍କ ଲୁକ୍ ଉପରୁ ପରଦା ହଟିଲା

**ମୁମ୍ବାଇ**

ଅଭିନେତା ଅଜୟ ଦେବଗନ ଓ ରିତେଶ ଦେଶମୁଖଙ୍କ ଆଗାମୀ ଫିଲ୍ମ 'ରେଡ୍ ୨'ର ଦ୍ୱିତୀୟ ପୋଷ୍ଟରକୁ ମଙ୍ଗଳବାର ଜାରି କରାଯାଇଛି। ଉକ୍ତ ପୋଷ୍ଟରରେ ଫିଲ୍ମରେ ରିତେଶଙ୍କ ଲୁକ୍ ଉପରୁ ପରଦା ଉଠିଛି। ପୋଷ୍ଟରରେ ରିତେଶ ଜଣେ ରାଜନେତାଙ୍କ ଭୂମିକାରେ ନଜରକୁ ଆସିଛନ୍ତି। ଲୋକମାନଙ୍କ ମଧ୍ୟରେ ରିତେଶ କୌଣସି ପ୍ରସଙ୍ଗକୁ ନେଇ ସ୍ଲୋଗାନ୍ ଦେଉଥିବାର ଦେଖିବାକୁ ମିଳିଛି। ଏହି ପୋଷ୍ଟରକୁ ଅଜୟ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। କ୍ୟାପ୍‌ଶନରେ ଅଜୟ ଲେଖିଛନ୍ତି, ଦାଦାଭାଇ ଆଇନ ଉପରେ ନିର୍ଭରଶୀଳ ନୁହନ୍ତି। ସେ ଆଇନଠାରୁ ଊର୍ଦ୍ଧ୍ୱରେ। ଅଜୟଙ୍କ ଏହି ପୋଷ୍ଟ ଦେଖି ରିତେଶ 'ରେଡ୍ ୨' ଫିଲ୍ମରେ ଦାଦାଭାଇ ନାମକ ଜଣେ ରାଜନେତାଙ୍କ ଭୂମିକାରେ ନଜରକୁ ଆସିବେ ବୋଲି ଅନେକେ କଳ୍ପନାଜଳ୍ପନା କରିଛନ୍ତି। ସୋମବାର





'ରେଡ୍ ୨'ର ପ୍ରଥମ ପୋଷ୍ଟରକୁ ରିଲିଜ୍ କରାଯାଇଥିଲା, ଯେଉଁଥିରେ ଫିଲ୍ମରେ ଅଜୟଙ୍କ ଲୁକ୍ ଉପରୁ ପରଦା ଉଠିଥିଲା। ଆସନ୍ତା ମେ' ୧ରେ 'ରେଡ୍ ୨' ଫିଲ୍ମ ରିଲିଜ୍ ହେବ ବୋଲି ଏହାର ନିର୍ମାତାଙ୍କ ପକ୍ଷରୁ ସୋମବାର ଘୋଷଣା କରାଯାଇଥିଲା। 'ରେଡ୍ ୨' ହେଉଛି ୨୦୧୮ରେ ରିଲିଜ୍ ହୋଇଥିବା 'ରେଡ୍' ଫିଲ୍ମର ସିକ୍ୱେଲ। ଅଶୀ ଦଶକରେ ସର୍ଦ୍ଦାର ଇନ୍ଦର ସିଂଙ୍କ ଘରେ ଆଇଟି ବିଭାଗ ପକ୍ଷରୁ କରାଯାଇଥିବା ଚଢ଼ାଉର ପ୍ରକୃତ କାହାଣୀକୁ ଉକ୍ତ ଫିଲ୍ମରେ ଦେଖିବାକୁ ମିଳିଥିଲା। ରାଜକୁମାର ଗୁପ୍ତାଙ୍କ ନିର୍ଦ୍ଦେଶିତ 'ରେଡ୍ ୨' ଫିଲ୍ମରେ ଅଭିନେତ୍ରୀ ବାଣୀ କପୁରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।





ନିଲମ୍ବିତ କଂଗ୍ରେସ ବିଧାୟକମାନେ ମଙ୍ଗଳବାର ରାତିରେ ଗୃହ ଭିତରେ ଧାରଣା ଦେଇଛନ୍ତି।

## ଜୋର୍ ଧରିଲା ବିଧାୟକଙ୍କ ଦରମା ବୃଦ୍ଧି ଦାବି

# ସାଂସଦଙ୍କ ବଢ଼ିଲା, ଆମର କେବେ

ଭୁବନେଶ୍ୱର,୨୫।୩ (ରବିନାରାୟଣ ଜେନା)

ବଜେଟ ଅଧିବେଶନ କାଳରେ ଗୃହ ସୁରୁଖୁରୁରେ ଚାଲିପାରୁ ନ ଥିବାବେଳେ ଏବେ ବିଧାୟକଙ୍କ ଦରମା ବୃଦ୍ଧି ଦାବି ଜୋର୍ ଧରିଛି। ମଙ୍ଗଳବାର ଦରମା ବୃଦ୍ଧି ଲାଗି ବିଭିନ୍ନ ଦଳ ପକ୍ଷରୁ ଦାବି କରାଯାଇଛି। 'ମଇଁଷି ଶିଙ୍ଗ ଫଟା ଯୁଝିଲା ବେଳକୁ ଗୋଟା' ନ୍ୟାୟରେ ଏବେ ସବୁଦଳର ସଦସ୍ୟ ଏକ ସ୍ୱରରେ ଦରମା ବଢ଼ାଇବା ସପକ୍ଷରେ ରହିଛନ୍ତି।

ବିଜେଡି ସଦସ୍ୟ ବଦ୍ରି ନାରାୟଣ ପାତ୍ର କହିଛନ୍ତି, ଯେଉଁମାନେ ବିଧାୟକ ପଦରୁ ଅବସର ନେଇସାରିଛନ୍ତି ସେମାନେ ବହୁ ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି। ସେମାନଙ୍କ ପାଇଁ ପେନ୍‌ସନ ନିହାତି ବଢ଼ିବା ଦରକାର। ଏ ନେଇ ସରକାରଙ୍କ ସହ ଆଲୋଚନା ହୋଇସାରିଛି ଏବଂ ଏକ କମିଟି ଗଠନ କରି ରିପୋର୍ଟ ଦେଇଛନ୍ତି। ହେଲେ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ନିଷ୍ପତ୍ତି ହୋଇନାହିଁ।

ସେହିପରି ଭାଜପା ବିଧାୟକ ସିଦ୍ଧାନ୍ତ ମହାପାତ୍ର କହିଛନ୍ତି, ସବୁ ବିଧାୟକଙ୍କ ଦରମା ବଢୁ ବୋଲି ଦାବି ଅଛି। ଅବସରପ୍ରାପ୍ତ ବିଧାୟକଙ୍କ ପେନ୍‌ସନ ମଧ୍ୟ ବଢ଼ାଯାଉ। ପ୍ରାୟ ବିଧାୟକଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ। ତେଣୁ ପେନ୍‌ସନ ସହ ସଦସ୍ୟଙ୍କ ଦରମା ବୃଦ୍ଧି ହେବା ଉଚିତ୍।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ଡବଲ ଇଞ୍ଜିନ ସରକାର କେବଳ ନାମକୁମାତ୍ର। ନ ହେଲେ ସଂସଦରେ ସାଂସଦମାନଙ୍କ ଦରମା ବୃଦ୍ଧି ପ୍ରସ୍ତାବରେ ମୋହର ବାଜୁଛି। ରାଜ୍ୟରେ ବିଧାୟକମାନଙ୍କ ଦରମା ବଢ଼ନ୍ତା ନାହିଁ? ପୂର୍ବତନ ବିଧାୟକମାନେ କମ୍ ପେନ୍‌ସନ ପାଉଛନ୍ତି। ସେମାନେ ବହୁ ଅସୁବିଧାରେ ଚଳୁଛନ୍ତି। ସେମାନଙ୍କ ପେନ୍‌ସନ ବଢ଼ିବା ସହିତ ଆଜିର ଦରଦାମ୍ ବୃଦ୍ଧିକୁ ଦୃଷ୍ଟିରେ ରଖି ବିଧାୟକଙ୍କ ଦରମା ବୃଦ୍ଧି ହେବା ନିହାତି ଆବଶ୍ୟକ।

ସୂଚନାଯୋଗ୍ୟ, ଗତ ସୋମବାର ସାଂସଦଙ୍କ ମାସିକ ଦରମା ବୃଦ୍ଧି ପାଇଁ ଘୋଷଣା ହୋଇଛି। ସାଂସଦଙ୍କ ଦରମା ୧ ଲକ୍ଷରୁ ବୃଦ୍ଧି ପାଇ ୧ ଲକ୍ଷ ୨୪ ହଜାର ଟଙ୍କା ହୋଇଛି। ପୂର୍ବତନ ସାଂସଦଙ୍କ ପେନ୍‌ସନ ୨୫ ହଜାରରୁ ୩୧ ହଜାର ଟଙ୍କାକୁ ବୃଦ୍ଧି ହୋଇଛି। କେନ୍ଦ୍ର ସରକାର ସାଂସଦଙ୍କ ଦରମା ଓ ପେନ୍‌ସନ ବୃଦ୍ଧି କରିଥିବାରୁ ରାଜ୍ୟ ସରକାର ତୁରନ୍ତ ଏହାକୁ ଲାଗୁକରନ୍ତୁ ବୋଲି ଏବେ ବିଧାୟକଙ୍କ ସ୍ୱର ଶାଣିତ ହୋଇଛି।

# ଓଡ଼ିଶାମୁହାଁ ବିଦେଶୀ ପକ୍ଷୀ

## ୨୦୨୪-୨୫ରେ ଆସିଛନ୍ତି ୨୪ ଲକ୍ଷ

ଭୁବନେଶ୍ୱର,୨୫।୩ (ରବିନାରାୟଣ ଜେନା)

ଓଡ଼ିଶାର ଜୈବବିବିଧତା ନିଆରା। ବିଶେଷକରି ଶୀତଋତୁରେ ଚିଲିକା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ। ଏଠାରେ ସାଇବେରିଆ ପ୍ରଭୃତି ସ୍ଥାନରୁ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଥାଏ। ଏହାସହ ରାଜ୍ୟରେ ଥିବା ଅନ୍ୟ ୫୧ଟି ବନଖଣ୍ଡର ଜଳାଶୟରେ ମଧ୍ୟ ପକ୍ଷୀଙ୍କ ସମ୍ଭାର ହୋଇଥାଏ। ତେବେ ୨୦୨୪-୨୫ ବର୍ଷରେ ରାଜ୍ୟକୁ ପ୍ରାୟ ୨୪ ଲକ୍ଷ ପକ୍ଷୀ ଆସିଛନ୍ତି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ସଦସ୍ୟ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି, ୨୦୨୪-୨୫ ବର୍ଷ ଶୀତଋତୁରେ ଓଡ଼ିଶାକୁ ବହୁସଂଖ୍ୟାରେ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିଲା। ଏହି ସମୟରେ ୨୩ ଲକ୍ଷ ୫୧ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀ ଆସିଛନ୍ତି। ଏହି ସମସ୍ତ ପକ୍ଷୀ ୫୨ଟି ବନଖଣ୍ଡ ଓ ଏଠାରେ ଥିବା ଜଳାଶୟରେ ସମାଗମ ହୋଇଛନ୍ତି। ସେଥିମଧ୍ୟରୁ ଚିଲିକା ଡିଭିଜନ୍‌କୁ ସର୍ବାଧିକ ୧୧ ଲକ୍ଷ ୨୭ ହଜାର ୨୨୮ ପକ୍ଷୀ ଆସିଥିଲେ। ଏହାବାଦ୍ ହୀରାକୁଦ ବନଖଣ୍ଡକୁ ୩ ଲକ୍ଷ ୭୭ ହଜାର ୭୩୨ ପକ୍ଷୀ ଆସିଥିବାବେଳେ ପୁରୀ ଡିଭିଜନକୁ ୧ ଲକ୍ଷ ୪୮ ହଜାର ୨୬୮ ପକ୍ଷୀ ଆସିଥିଲେ। ତେବେ କେତେସଂଖ୍ୟକ ପକ୍ଷୀ ଫେରିଯାଇଛନ୍ତି ତା'ର ଆକଳନ ହୋଇନାହିଁ ବୋଲି ମନ୍ତ୍ରୀ ଖୁଣ୍ଟିଆ ଦର୍ଶାଇଛନ୍ତି।

# ଅପାରଗ ଅଧିକାରୀଙ୍କୁ ବହିଷ୍କାର ନିଷ୍ପତ୍ତି

■ କଥା କାର୍ଯ୍ୟରେ ପରିଣତ ହେବା ଆବଶ୍ୟକ:ବିରୋଧୀ

ଭୁବନେଶ୍ୱର,୨୫।୩ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ଅପାରଗ ଅଧିକାରୀ ଓ କର୍ମଚାରୀଙ୍କୁ ଅବସର ଗ୍ରହଣ ପୂର୍ବରୁ ସରକାରୀ ସେବାରୁ ବହିଷ୍କାର କରିବାକୁ ଗ୍ରହଣ କରାଯାଇଥିବା ନିଷ୍ପତ୍ତିକୁ ସବୁଦଳ ସ୍ୱାଗତ କରିଛନ୍ତି। ହେଲେ ସରକାର ଯାହା କହୁଛନ୍ତି ତାକୁ କାର୍ଯ୍ୟରେ ପରିଣତ କରିବା ଆବଶ୍ୟକ ବୋଲି ବିରୋଧୀ ସଦସ୍ୟ କହିଛନ୍ତି। ବିଜେଡି ସଦସ୍ୟ ବଦ୍ରିନାରାୟଣ ପାତ୍ର କହିଛନ୍ତି, ଯେଉଁମାନେ ଅପାରଗ, ଯେଉଁମାନେ କାମ କରିପାରୁନାହାନ୍ତି କି ସରକାରଙ୍କ କାର୍ଯ୍ୟକ୍ରମରେ ସହଯୋଗ କରୁନାହାନ୍ତି ତାଙ୍କୁ ବହିଷ୍କାର କରିବା ଆବଶ୍ୟକ। ସବୁବେଳେ ଅଫିସରମାନେ ମାଲିକ ଭାବନ୍ତି କିନ୍ତୁ ସରକାରୀ ଅଧିକାରୀମାନେ ହେଉଛନ୍ତି ଘୋଡ଼ା, ତାଙ୍କୁ ଲଗାମ ଦେଇ ସରକାର ଚଳାଇବାର ଆବଶ୍ୟକ ରହିଛି। କାର୍ଯ୍ୟାନୁଷ୍ଠାନ ନେବା କଥା କହିବା ଅପେକ୍ଷା କରିବା ଉଚିତ ହେବ। କଂଗ୍ରେସ ସଦସ୍ୟା ସୋଫିଆ ଫିର୍‌ଦୋସ କହିଛନ୍ତି, ଭିଜିଲାନ୍ସ ରେଡ୍ କରିବାକୁ ଯାଉଛି। ଚଢ଼ାଉ ବେଳେ ମିଳୁଥିବା ଟଙ୍କା କାହାର? ଏହି ସରକାର ସମୟର ଟଙ୍କା? ଏହି ୯ ମାସରେ ସରକାରୀ ଅଫିସ୍‌ରେ ଏତେ ଦୁର୍ନୀତି ହେଲାଣି ଯେ ତା'ର ଥଳକୂଳ ନାହିଁ। ଅଧିକାରୀମାନେ ଦୁର୍ନୀତିରେ ଲିପ୍ତ ରହୁଥିବାରୁ ଲୋକଙ୍କ କାମ ହୋଇପାରୁନି। ସରକାରଙ୍କ ନିଷ୍ପତ୍ତି ଠିକ୍, ହେଲେ ଏନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଉ। ଭିଜିଲାନ୍ସକୁ ଅଧିକ ଅଧିକାର ଦିଆଯାଉ, ଯେଉଁମାନେ ଦୁର୍ନୀତି କରୁଛନ୍ତି ସେମାନଙ୍କୁ ତୁରନ୍ତ ବହିଷ୍କାର କରାଯାଉ ବୋଲି ଫିର୍‌ଦୋସ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ସଦସ୍ୟ ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି, ଦୁର୍ନୀତି ହଟିଲେ କାମରେ ସ୍ୱଚ୍ଛତା ଆସିବ। ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ।


## PANCHAYAT SAMITI, MALKANGIRI

Dist:Malkangiri, PIN-764048 (ODISHA), Ph.No.-06861-231219, Fax:06861-231219, E-mail:ori-bmalkangiri@nic.in

No.958/2025 Date:24.03.2025

### TENDER CALL NOTICE NO.04/2024-25

No.i-585:The Block Development Officer, Malkangiri invites sealed tender on behalf of Governor of Odisha from registered and eligible Contractors of the State P.W.D. (R&B)/Water Resources/Rural Works/M.I./ C.P.W.D. for the following works eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the G.P. | Name of the Work | Amount put to tender (in Rs.) | Cost of Tender Paper (in Rs.) | E.M.D. | Time for completion of work (in months) | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Malkangiri (M) | Repair & Renovation of Jagannath Temple, Malkangiri E.C. | 12,39,906 | 6000/- | 1% of Tender value | 04 (Four) Months | "D" & "C" |
| 2 | Malkangiri (M) | Construction of ACR Building at Kumutiguda PS | 13,71,926 | 6000/- | 1% of Tender value | 04 (Four) Months | "D" & "C" |
| 3 | Malkangiri (M) | Construction of ACR Building at Nuaguda PS | 13,71,926 | 6000/- | 1% of Tender value | 04 (Four) Months | "D" & "C" |
| 4 | Malkangiri (M) | Construction of ACR Building at Ex Board UPS | 13,71,926 | 6000/- | 1% of Tender value | 04 (Four) Months | "D" & "C" |
| 5 | Pandripani | Construction of ACR Building at Bijapadar UPS | 13,71,951 | 6000/- | 1% of Tender value | 04 (Four) Months | "D" & "C" |
| 6 | Gorakhunta | Construction of ACR Building at Gorakhunta PUPS | 13,82,453 | 6000/- | 1% of Tender value | 04 (Four) Months | "D" & "C" |
| 7 | Gorakhunta | Construction of ACR Building at Kursuwada HS | 14,85,509 | 6000/- | 1% of Tender value | 04 (Four) Months | "D" & "C" |

**Note- The amount put to Tender Is excluding the GST. GST applicable on works/contracts shall be paid over the bill amount at the time of payment of bill.** 1.**Sale of Tender papers:-** The Tender documents can be accessed in the Govt./ Malkangiri website https://malkangiri.odisha.gov.in only from 26.03.2025 to 07.04.2025. No Tender paper will be sold by Panchayat Samiti, Malkangiri or any other offices. Interested bidders will have to download the bid documents from the same website only i.e. https://malkangiri.odisha.gov.in from 26.03.2025 to 07.04.2025. **2. Date of receipt and mode of submission tender paper :-** The Tenderers have to submit the sealed tender papers in complete shape through Registered Post /Speed Post only. The last date of receipt of tender paper is 07.04.2025 (5.00 PM). The undersigned will not be responsible for postal delay if any or non receipt of the paper in time. The name of the project for which tender paper is filled should be written legibly on the cover in which all the required papers are kept and sealed. **4. Date of Opening of Tender Paper:** The tender papers shall be opened on **08.04.2025** at **11.00 AM** in Panchayat Samiti, Malkangiri in presence of the Tenderers or their authorized representatives having written authorization for the purpose and the Tender Committee.

**N.B.: All Should go through the terms and conditions of Tender Call Notice and Detail Tender call Notice before submission of Tender papers.**

OIPR-19024/11/0004/2425 **Sd./- Block Development Officer, Malkangiri**

## OFFICE OF THE NOTIFIED AREA COUNCIL, KESINGA

No. 747/NAC(K) Dt.24.03.2025

### 1st Corrigendum Notice to the Short Quotation Call Notice No. 653 Dt.12.03.2025

No. C-1992: The following changes are hereby made.

1. Sale of quotation schedule : 27.03.2025 upto 5.00 P.M.
2. Receive of quotation schedule : 29.03.2025 upto 3.00 P.M.
3. Opening of quotation schedule: 29.03.2025 upto 4.00 P.M.

All other terms and condition remain unaltered.

**Sd./- Executive Officer
N.A.C., Kesinga**

OIPR-13109/11/0028/2425

## ଜଗତସିଂହପୁର ପୌରପରିଷଦ, ଜଗତସିଂହପୁର
## OFFICE OF THE JAGATSINGHPUR MUNICIPALITY, JAGATSINGHPUR
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା

No. 1978/Date: 24.3.2025

### Corrigendum to Quotation Call Notice

**Notice No. & Date: 1907/20.03.2025**

No.C-1990:- In modification to Quotation Call Notice No.-1907, dt.20.03.2025 intending SHGs (Self Help Groups)/ Civil Society Organization can participate for Water Kiosks for supply of drinking water in different places of Jagatsinghpur Municipality.

All other terms & conditions will remain unchanged.

**Sd./- Executive Officer, Jagatsinghpur Municipality**

OIPR-13087/11/0025/2425

## ବ୍ରହ୍ମପୁର ମହାନଗର ନିଗମ

ସଂଖ୍ୟା ୪୦୮୪ ତାରିଖ ୧୯.୦୩.୨୫

### ଗୃହ ଟିକସ ଉପରେ ବିଶେଷ ରିହାତି

No.C-1993: ଏତଦ୍ୱାରା ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ସମସ୍ତ କରଦାତାମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଯେଉଁମାନେ ୨୦୨୫-୨୬ ବର୍ଷ ପାଇଁ ବାର୍ଷିକ ଘର ଟିକସ, ଏକ କିସ୍ତିରେ ଆସନ୍ତା ତା.୦୧.୦୪.୨୦୨୫ ରିଖ ଦିନ ଠାରୁ ତା.୩୧.୦୫.୨୦୨୫ ରିଖ ମଧ୍ୟରେ ସରକାରୀ ଛୁଟି ଦିବସ ବ୍ୟତୀତ ପୈଠ କରିବେ ସେମାନେ ଓଡ଼ିଶା ମହାନଗର ନିଗମ ଅଧିନିୟମ-୨୦୦୩ ର ଧାରା (୦୨) ଅନୁଯାୟୀ ଶତକଡା ୫% (ପାଞ୍ଚ) ଶତାଂଶ ହାରରେ ରିହାତି ପାଇବେ ।

ପ୍ରକାଶ ଥାଉକି, ଉପରୋକ୍ତ ରିହାତି ସରକାରୀ କୋଠାବାଡ଼ି ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ । କିନ୍ତୁ କୌଣସି କରଦାତା ଏବଂ ସରକାରୀ କୋଠାବାଡ଼ି ଉପରେ ଘର ଟିକସ ଇତ୍ୟାଦି ବକେୟା ଥିଲେ ସେମାନେ ବକେୟା ପୈଠ କଲାପରେ ହିଁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅଗ୍ରିମ ପୈଠ କଲେ ରିହାତି ପାଇପାରିବେ ।

ପୁନଶ୍ଚ ପ୍ରକାଶ କରାଯାଉଛି କି, ଦୀର୍ଘ ଦିନରୁ ଗୃହ ଟିକସ ବକେୟା ଥିବା କରଦାତା ଯଦି ଆସନ୍ତା ତା.୩୧.୦୩.୨୦୨୫ ରିଖ ମଧ୍ୟରେ ପୈଠ ନକରନ୍ତି, ତେବେ ସେମାନଙ୍କ ବିରୁଦ୍ଧରେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ସ୍ୱା./- କମିଶନର
ବ୍ରହ୍ମପୁର ମହାନଗର ନିଗମ**

OIPR-13035/11/0042/2425

## ODISHA LIFT IRRIGATION CORPORATION LTD.
(A GOVT. OF ODISHA UNDERTAKING)
### OFFICE OF THE EXECUTIVE ENGINEER L.I. DIVISION, GUNUPUR
E-mail:www.eeolicgnp@ymail.com

### "E"- Procurement Notice

**BID IDENTIFICATION NO. OLIC-GNPR-02/2024-25, Dt.17.03.2025**

**No.CAD-2925:** The Executive Engineer, Lift Irrigation Division, Gunupur, Odisha on behalf of Odisha Lift Irrigation Corporation Limited, Bhubaneswar invites E-tender on Percentagewise Rate bids in Single cover system on online mode for the work installation/ Revival/ Reinforcement of Lift Irrigation Projects on turnkey basis from reputed contractors/ firms having both valid Civil and H.T. License, holders registered within the State issued by PWD/ PHED/RWSS/Irrigation/Rural works of required class and valid HT License issued by E.L.B.O, Odisha with experience in OLIC nature of works. Contractors/ firms having Civil License can also participate in the above tender making Joint venture with valid HT License holders and vice-versa. The joint venture documents should be registered in any registration office only. If a civil contractor will be first party and joint venture with electrical contractor then the electrical contractor have to produce an affidavit that he have not made joint venture with any others. Proofs of registration from the appropriate authorities are to be enclosed alongwith the bid/bids. The bidders who have awarded similar nature of work previously but not satisfactory progress till date their tender may be rejected without assigning any reason thereof.

The details are available in the Government Tender website i.e. www.tendersorissa.gov.in.

1. Total Nos. of Packages : 32 Nos.
2. Approximate Estimated Cost: Rs.10.97 Lakhs to 29.23 Lakhs
5. Availability of Tender Online for bidding: from dt.25.03.2025 to 03.04.2025.
6. Last date & time of seeking tender clarification: On dt.02.04.2025.
7. Last date of submission of original Bid documents/ Cost of Bid (On online mode) on or before dt.03.04.2025 upto 5.30 P.M.
8. Date & Time of Opening of tender in the office of the Executive Engineer, L.I. Division, Gunupur (Online Mode) dt.04.04.2025 onwards.
The undersigned reserves the right to reject/ cancel any or all the tenders without assigning any reason thereof.

**Sd./- Executive Engineer,
L.I.Division, Gunupur**

OIPR-32144/11/0003/2425

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 5376/ଭୁ.ଉ.କ., ଭୁବନେଶ୍ୱର ତା.14.03.25 ରିଖ

CPH-492/86

### ସୂଚନା

**No.CAD-2933:** ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ-୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-HIG-F-5/10କୁ ଶ୍ରୀ ଘନଶ୍ୟାମ ଦାସ, ପିତା-ସ୍ୱର୍ଗତ ଗୋପାଳ ଚନ୍ଦ୍ର ଦାସ, ସ୍ଥାୟୀ ଠିକଣା-୩୬୭, ଶହିଦନଗର, ପୋଷ୍ଟ/ଥାନା-ଶହିଦନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା, ବର୍ତ୍ତମାନ ଠିକଣା-ଘର ନଂ-ଏମ୍-୩୧୬ ଜଳଭାୟୁ ଟାୱାର, ସେକ୍ଟର-୫୬, ଗୁରୁଗାଉଁ, ହରିଆଣା-୧୨୨୦୧୧ଙ୍କ ନାମରେ ଆବଣ୍ଟନ କରାଯାଇଥିଲା ।

ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଘନଶ୍ୟାମ ଦାସ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ମୀନୁଶ୍ରୀ ଖୁଣ୍ଟିଆ, ସ୍ୱାମୀ- ଅନୁପ କୁମାର ଖୁଣ୍ଟିଆ, ଗ୍ରାମ-ମଞ୍ଚେଶ୍ୱର, ପୋଷ୍ଟ-ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା-ମଞ୍ଚେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି /ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

**ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

OIPR-13033/11/0260/2425

## GOVERNMENT OF ODISHA
## PANCHAYATI RAJ & DRINKING WATER DEPARTMENT
## OFFICE OF THE PANCHAYAT SAMITI, JAMANKIRA
At/P.O.- Jamankira, Dist-Sambalpur, Odisha
E-mail:ori-jamankira@nic.in

**No.i-588:**The sale of the Bid documents shall start from Dt.26.03.2025, at 11.00 AM and close on Dt.08.04.2025 at 03.00 P.M. Bids shall be received by this office upto 05.00 PM of 15.04.2025 through Registered Post/ Speed Post only. Date & Time of Opening 16.04.2025 at 11.00 AM. Details available in DTCN. Website Address https://sambalpur.odisha.gov.in/tenders-advertisements.

**N.B.:** The intending bidders who have defaulted in completing the execution of projects entrusted on them by the undersigned through tender in the last three years are not eligible to submit bids for the work.

**The undersigned reserves the right to reject any or all bids without assigning any reason thereof.**

**Sd./- Block Development Officer
Jamankira Block**

OIPR-19442/11/0001/2425

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER CENTRAL RURAL WORKS CIRCLE, BHUBANESWAR
Unit-IX (Near Boys High School) P.O.: Bhoinagar, BBSR
Email: se_ccrw@yahoo.co.in, Phone No.: 0674-2540742 (O)

No. Tender Online-07 of 2025 Letter No. 1152 Date: 21.03.2025

### Repair and Maintenance of Rural Roads under PMGSY & Other Scheme
### e-Procurement Notice

No. O-1660: The Chief Construction Engineer, Central R.W. Circle, Bhubaneswar on behalf of Odisha State Rural Road Agency invites percentage rate bids in electronic tendering system for Repair/ Maintenance of the Rural Roads Constructed under Pradhan Mantri Gram Sadak Yojana in the district of Nayagarh & Puri for 4 number of packages with estimated cost totaling to Rs.5.66 Cr. including maintenance for five year from the eligible contractors registered with State PWD/CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of invitation for Bids through e-procurement Dtd.28.03.2025.

Availability of Bid documents and mode of submission: The bid document is available online and should be submitted online in **http://www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized certifying authorities. The bidders are required to submit (a) Original Demand Draft towards the cost of bid document and (b) Original Bid Security in approved form and (c) Original affidavit regarding correctness of information furnished with bid document as per provisions of Clause 4.4B(a) (ii) of ITB with C.C.E., Central R.W. Circle, Bhubaneswar on a date not later than three working days after the opening of technical qualification part of the Bid, either by Registered Post or by hand, failing which the bids shall be declared non-responsive.

Last date/time for receipt of bids through e-procurement: 07.04.2025 upto 5.00 P.M.

For further details please log on to **http://www.pmgsytenders.gov.in**.

**Sd./- Chief Construction Engineer
Central R.W. Circle, Bhubaneswar**

OIPR-25194/11/0033/2425

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)

### NOTICE
### NOTICE INVITING TENDERS FOR REPAIR AND MAINTENANCE OF RURAL ROADS UNDER PMGSY & OTHER SCHEME
### NATIONAL COMPETITIVE BIDDING THROUGH "e"-Procurement

**Bid Identification No. Online Tender / 41-2024-25/PMGSY/BPR**

No. O-1662: The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronic tendering system for Repair/Maintenance of Rural Roads Constructed under Pradhan Mantri Gram Sadak Yojana in the districts of GANJAM for 01 (One) number of packages with estimated cost totalling to Rs.1.65 Cr. (Approximate) including their maintenance for five years from the eligible contractors registered with State PWD/CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of invitation for Bids through e-procurement Dtd.28.03.2025.

**Availability of Bid documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the Authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B(a) (ii) of ITB with Chief Construction Engineer, Rural Works Circle, Berhampur // Superintending Engineer / Executive Engineer of the Concerned Divisions on a date not later than three working days after the opening of technical qualification part of the Bid, either by Registered Post or by Hand, failing which the bids shall be declared non-responsive.

Last date/time for receipt of bids through e-procurement: 11.04.2025 upto 5.30 P.M.

For further details and corrigendum (if any) please log on to **www.pmgsytenders.gov.in**.

OIPR-25071/11/0077/2425 **Sd./- Chief Construction Engineer, R.W. Circle, Berhampur**

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳଖଣ୍ଡ, ସୋନପୁର
## OFFICE OF THE SUPERINTENDING ENGINEER, RURAL WATER SUPPLY & SANITATION DIVISION, SONEPUR, PIN - 767017
Phone: 06654-220259 (Off), Email: eerwssdivsnpr@gmail.com

### GOVERNMENT OF ODISHA "e" PROCUREMENT NOTICE

**Bid Identification No. 04 of 2024-25 Dt.24.03.2025**

No. O-1658: The Superintending Engineer, RWSS Division, Sonepur on behalf of the Governor of Odisha invites percentage rate bids through e-procurement in Single Cover system according to norm of e-procurement system in Online mode for the work **"Relaying of pipe line damaged during widening of MDR-39 road in Rampur Village of Dunguripali Block in the district of Subarnapur in connection with the work shifting of pipe line for widening of PWD road from chainage 38/00 Km to 56/00 Km in Dunguripali Block under Subarnapur district".**

1. Nature of Work : Relaying of Pipe line damaged during widening of MDR-39 road in Rampur village of Dungripali Block in the district of Subarnapur in connection with the work shifting of pipe line for widening of PWD road from chainage 38/00 Km to 56/00 Km in Dunguripali Block under Subarnapur district.
2. Total No. of Work : 01 No.
3. Tender Paper Cost : Rs.6000/-
4. Value of Work : Rs.19.93 Lakhs
5. Class of Contractor : "D" & "C"
6. Period of Completion : 90 days (Refer DTCN available in the website **www.tendersodisha.gov.in**

| Procurement Officer - Publisher | Bid Identification No. | Date and time of availability of documents in the portal | | Last date & time of seeking clarification on tender/bid | Date & time of opening of tender |
|---|---|---|---|---|---|
| | | From | To | | |
| Superintending Engineer, RWS&S Division, Sonepur | Notification No. 04 of 2024-25 | Dt.27.03.2025 @ 11.00 A.M. | Dt.07.04.2025 upto 5 P.M. | Dt.02.04.2025 upto 5.00 P.M. | Dt.08.04.2025 @ 11.00 A.M. |

OIPR-25037/11/0008/2425 **Sd./- Superintending Engineer, RWS&S Division, Sonepur**

## ODISHA PUBLIC SERVICE COMMISSION, CUTTACK

### NOTICE

**No. 2002/PSC Dt.25.03.25
(1R-32-2024/25) (DR-V)**

No. D-307: It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Electronics and Telecom Engineering,** pursuant to Advertisement No. 32 of 2023-24 shall be held from 07.04.2025 to 15.04.2025 (except 12.04.2025, 13.04.2025 & 14.04.2025) as per the following programme in the office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 07.04.2025 | 10.30 A.M. | P220003039, P220033595, P230172719 & P230173557 = **04 Candidates** |
| | 02.30 P.M. | P230175528, P230177973, P230181168 & P230182766 = **04 Candidates** |
| 08.04.2025 | 10.30 A.M. | P240234906, P240293713, P240295877 & P240301838 = **04 Candidates** |
| | 02.30 P.M. | P240301898, P240302158, P240302448 & P240303464 = **04 Candidates** |
| 09.04.2025 | 10.30 A.M. | P240303511, P240303583, P240303986 & P240303988 = **04 Candidates** |
| | 02.30 P.M. | P240304164, P240304182, P240304384 & P240305047 = **04 Candidates** |
| 10.04.2025 | 10.30 A.M. | P240305167, P240305398, P240305671 & P240305742 = **04 Candidates** |
| | 02.30 P.M. | P240305789, P240305940 & P240306662 = **03 Candidates** |
| 11.04.2025 | 10.30 A.M. | P240308546, P240309380, P240309390 & P240310006 = **04 Candidates** |
| | 02.30 P.M. | P240310254, P240310328 & P240310362 = **03 Candidates** |
| 15.04.2025 | 10.30 A.M. | P240310442, P240310494, P240311047 & P240311677 = **04 Candidates** |
| | 02.30 P.M. | P240312149, P240312451 & P240312467 = **03 Candidates** |

The candidates are required to submit the following documents (both original & one set of photo-copies at the time of verification.

1. The hard copies of online application forms indicating their PPSAN at the top right-hand corner.
2. Four recent passport size photographs (unsigned & unattested) which has been uploaded with online application form.
3. Duly filled in & attested "Attestation Form" and duly filled in "Bio-data Form" (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board/ Council.
5. Bachelor's Degree (BE/B.Tech.) Certificate issued by the recognized university in the relevant branch.
6. M.E./M.Tech/M.S./Integrated M.Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board/Council/University/Institution.
9. Research Papers.
10. Research Publications.
11. Experinece Certificate in support of having minimum 8 years of experience in teaching/research/ industry (level 10, entry pay 57770).
12. Experience Certificate in support of having minimum of 02 years of Post-Ph.D. experience.
13. Caste Certificate whereever applicable.
14. No Objection Certificate from the competent authorities in case of Government Servants.
15. Any proof of identity.
16. Any other documents as mentioned in para-09 of Advt. No. 32 of 2023-24.

The candidates are advised to report in the office of the Commission **half an hour before the Commencement of Verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0172/2425 **Sd./- Additional Secretary**

# ସମୟ ସହ ତାଳଦେଇ ନୂଆ ଟେକ୍ନୋଲୋଜି ଆପଣେଇବା ଆବଶ୍ୟକ

**ପ୍ରାୟ ୩ ଦଶନ୍ଧି ଧରି ଓଡ଼ିଶାର ପାୱାର ସଲ୍ୟୁଶନ ଶିଳ୍ପରେ ଅଗ୍ରଣୀ ଅନୁଷ୍ଠାନ ଭାବେ ଏମ୍/ଏସ୍ ଲିଓଟ୍ରୋନିକ୍ସ ପାୱାର ସିଷ୍ଟମ୍ ପରିଚୟ ପାଇଛି। ୧୯୯୮ରେ ଏହି କମ୍ପାନୀ ପ୍ରତିଷ୍ଠିତ ହୋଇଥିବାବେଳେ ଦିନକୁ ଦିନ ଲୋକପ୍ରିୟତା ହାସଲ କରୁଛି। ଏହାର ପ୍ରତିଷ୍ଠାତା ଜୟନ୍ତ କୁମାର ଲେଙ୍କା ଆଇଟିଆଇ ପାଠପଢ଼ା ସରିବା ପରେ ଚାକିରି ଜୀବନ ଆରମ୍ଭ କରିଥିଲେ ମଧ ସେଥିରେ ସେ ସନ୍ତୁଷ୍ଟ ନ ଥିଲେ। ୧୯ ବର୍ଷ ବୟସରେ ନିଜର ବ୍ୟବସାୟ ଆରମ୍ଭ କରିଥିଲେ। ମାତ୍ର ୮୭ହଜାର ୫ଶହ ଟଙ୍କା ନିବେଶରେ ୧୦୦ ବର୍ଗଫୁଟ୍ ଅଞ୍ଚଳରେ ଆରମ୍ଭ ହୋଇଥିବା ଏହି ବ୍ୟବସାୟ ବର୍ତ୍ତମାନ ୧ ଲକ୍ଷ ବର୍ଗଫୁଟ୍ ଅଞ୍ଚଳରେ ବିସ୍ତାରିତ ହୋଇଛି। ୨୮ ବର୍ଷର ଏହି ବ୍ୟବସାୟିକ ଯାତ୍ରା ସମ୍ପର୍କରେ ଜୟନ୍ତଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ବାର୍ତ୍ତାଳାପ...**



**ପ୍ର– କିଭଳି ପାୱାର ସିଷ୍ଟମ୍ ଶିଳ୍ପରେ ଭବିଷ୍ୟତ ଗଢ଼ିବାର ସ୍ୱପ୍ନ ଦେଖିଥିଲେ। ଏ ପର୍ଯ୍ୟନ୍ତ ଯାତ୍ରା କିପରି ରହିଛି?**

ଉ– ଅତି ସାଧାରଣ ପରିବାରରେ ମୋର ଜନ୍ମ। ୯୦ ଦଶକରେ ଓଡ଼ିଶାରେ ପାୱାର ସପ୍ଲାଏ ଆଜି ପରି ନ ଥିଲା। ଭୋଲ୍ଟେଜ୍ କମ୍ ବେଶି କାରଣରୁ ଘରୋଇ ବୈଦ୍ୟୁତିକ ଯନ୍ତ୍ର ବହୁମାତ୍ରାରେ କ୍ଷତିଗ୍ରସ୍ତ ହେଉଥିଲା। ସେତେବେଳେ ଷ୍ଟାବିଲାଇଜରର ଚାହିଦା ପରିଲକ୍ଷିତ ହେଉଥିଲା। ତେଣୁ ଲୋକଙ୍କୁ ଏ ଦିଗରେ ସେବା ପ୍ରଦାନ ପାଇଁ ମୁଁ ସ୍ଥିର କରିଥିଲି। ଲୋନ୍ କରି ବ୍ୟବସାୟ ଆରମ୍ଭ କରିଥିଲି। ରେଫ୍ରିଜରେଟର, ଟିଭି ଆଦି ପାଇଁ ଷ୍ଟାବିଲାଇଜର ଉତ୍ପାଦନ ଆରମ୍ଭ କରିଥିଲି। ସମୟାନୁକ୍ରମେ ଲିଓଟ୍ରୋନିକ୍ସ ଲୋକଙ୍କ ବିଶ୍ୱାସଭାଜନ ହୋଇଛି।

**ପ୍ର– ଓଡ଼ିଶାରେ ଇଲେକ୍ଟ୍ରୋନିକ୍ସ ବଜାର ଓ ଏଥିରେ ଲିଓଟ୍ରୋନିକ୍ସର କିପରି ସ୍ଥିତି ରହିଛି?**

ଉ– ଓଡ଼ିଶାରେ ଇଲେକ୍ଟ୍ରୋନିକ୍ସ ବଜାରରେ ଦ୍ରୁତ ଅଭିବୃଦ୍ଧି ଦେଖିବାକୁ ମିଳୁଛି। ଗ୍ରାହକମାନେ ପୂର୍ବାପେକ୍ଷା ବହୁତ ସଚେତନ ହେଲେଣି। ଉତ୍ତମ ମାନଯୁକ୍ତ ଏବଂ ଦୀର୍ଘଦିନ ଧରି ଉପଯୋଗୀ ହୋଇପାରୁଥିବା ଉତ୍ପାଦ ପ୍ରତି ସେମାନଙ୍କର ଚାହିଦା ରହୁଛି। ବିଗତ ବର୍ଷରେ ଆମ ପ୍ରତିଷ୍ଠାନ ଏହା ଅନୁଧ୍ୟାନ କରିଛି। ଓଡ଼ିଶା ବଜାରରେ ନିଜର ସ୍ଥିତି ବଜାୟ ରଖିବା ପାଇଁ ଲିଓଟ୍ରୋନିକ୍ସ ସବୁବେଳେ ଗ୍ରାହକ ସେବାକୁ ପ୍ରାଥମିକତା ଦେଇଛି। ରାଉରକେଲା, ଭୁବନେଶ୍ୱର, ଭଦ୍ରକ, ବରଗଡ଼ ଓ ବ୍ରହ୍ମପୁରରେ ସର୍ଭିସ୍ ସେଣ୍ଟର ରହିଛି। ଏହାସହ ରାଜ୍ୟର ୩୦ ଜିଲାରେ କାମ ଚାଲିଛି। ଉତ୍ପାଦ ବିକ୍ରି ପରବର୍ତ୍ତୀ ସେବା ପ୍ରଦାନ ଉପରେ ଆମେ ସର୍ବାଧିକ ଗୁରୁତ୍ୱ ଦେଇଥାଉ। ଅଭିଯୋଗ ପାଇବାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଏହାର ସମାଧାନ କରିବାରେ ଆମେ ପ୍ରତିଶ୍ରୁତିବଦ୍ଧ।

**ପ୍ର– ଏ କ୍ଷେତ୍ରରେ କେଉଁ ସବୁ ଆହ୍ୱାନ ଆସିଥାଏ?**

ଉ– ଇଲେକ୍ଟ୍ରୋନିକ୍ସ ଏକ ପ୍ରତିଯୋଗିତାମୂଳକ ବ୍ୟବସାୟ। ଏକାଧିକ ବ୍ରାଣ୍ଡର ସମାନ ଉତ୍ପାଦ ବାଜରରେ ଉପଲବ୍ଧ ହେଉଛି। ଏଭଳି କ୍ଷେତ୍ରରେ ଉତ୍ପାଦର ଉତ୍ତମ ଗୁଣବତ୍ତାରେ ଖିଲାପ ନ କରି କମ୍ ଦରରେ ଗ୍ରାହକଙ୍କୁ ଯୋଗାଇଦେବା ଆଦୌ ସହଜ ନୁହେଁ। ଆଉ ଏକ ଚ୍ୟାଲେଞ୍ଜ ହେଉଛି କ୍ରମାଗତ ଭାବେ ବିକଶିତ ହେଉଥିବା ଟେକ୍ନୋଲୋଜି ଲ୍ୟାଣ୍ଡସ୍କେପ୍। ଆଗକୁ ବଢ଼ିବା ପାଇଁ ସମୟ ସହ ତାଳଦେଇ ନୂଆ ନୂଆ ଟେକ୍ନୋଲୋଜିକୁ ଆପଣେଇବାର ଆବଶ୍ୟକତା ରହିଛି। ଏହାବ୍ୟତୀତ ଏକ ଦୃଢ଼ ସର୍ଭିସ୍ ନେଟ୍‌ୱର୍କ ସୁନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ। ଭଲ ଉତ୍ପାଦ ବିକ୍ରୟ ଏବଂ ବିକ୍ରୟ ପରବର୍ତ୍ତୀ ସେବା ମଧ ଅନୁରୂପ ଭାବେ ଗୁରୁତ୍ୱପୂର୍ଣ୍ଣ। ଆମେ ଆମର ବିକ୍ରୟ ପରବର୍ତ୍ତୀ ସେବା ଭିତ୍ତିଭୂମିରେ ବିପୁଳ ପୁଞ୍ଜିନିବେଶ କରିଛୁ, ଯାହାକି ଗ୍ରାହକଙ୍କୁ ଯଥୋଚିତ ସମୟରେ ଆବଶ୍ୟକୀୟ ସେବା ଯୋଗାଇବାରେ ସକ୍ଷମ ହେଉଛି।

**ପ୍ର– ଆଗକୁ କ'ଣ ଯୋଜନା ରହିଛି?**

ଉ– ଗତ ୩ବର୍ଷ ହେବ ମେଟାଲିକ୍ ଷ୍ଟୋରେଜ୍ ଫର୍ନିଚର ସେଗ୍‌ମେଣ୍ଟ ଆମ ବ୍ୟବସାୟ ସହ ଯୋଡ଼ିହୋଇଛି। ରାଉରକେଲାରୁ ଷ୍ଟିଲ୍ ସିଟ୍ ଆସୁଛି। ମୋର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲର କୋଟିଂଠାରୁ ଆରମ୍ଭ କରି ଫିଟିଂ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ସମ୍ପାଦନ କରାଯାଏ। ତେଣୁ ଏହି ବ୍ୟବସାୟ ଆଗକୁ ବଢ଼ାଇବା ସହ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ରହିଛି।

**ପ୍ର– ଜଣେ ଅଭିଜ୍ଞ ଉଦ୍ୟୋଗୀ ଭାବେ ନବାଗତଙ୍କ ପାଇଁ କ'ଣ ପରାମର୍ଶ ଦେବେ?**

ଉ– ବ୍ୟବସାୟରେ ସଫଳତା ପାଇଁ କଠିନ ପରିଶ୍ରମ, ସଚ୍ଚୋଟତା, ଉତ୍ପାଦରେ ଉତ୍ତମମାନ ବଜାୟ ରଖିବାର କୌଣସି ବିକଳ୍ପ ପଥ ନାହିଁ। ମୁଁ ଆଜି ଯେଉଁଠି ଅଛି, ତାହା ବ୍ୟବସାୟ ପ୍ରତି ମୋର ନିଷ୍ଠାପର ମନୋଭାବ ଯୋଗୁ ସମ୍ଭବ ହୋଇଛି। ଗ୍ରାହକଙ୍କ ସେବା ସବୁଠାରୁ ଊର୍ଦ୍ଧ୍ୱରେ ରଖିବା ଉଚିତ।

–ସାକ୍ଷାତ୍‌କାର: **ଅନୁରାଧା ମହାରଣା**, ଭୁବନେଶ୍ୱର



ଜୟନ୍ତ କୁମାର ଲେଙ୍କା

# ଟିଭିଏସ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଉଦ୍‌ଘାଟିତ



ଶୋ'ରୁମ୍ ଉଦ୍‌ଘାଟନୀ ଉତ୍ସବରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୨୫।୩(ଅଭୟ ଦାଶ)**

ଟିଭିଏସ୍ ମୋଟର କମ୍ପାନୀ ଲିମିଟେଡ୍ (ଟିଭିଏସ୍)ର ୨ଟି ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ମଙ୍ଗଳବାର କଟକରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ସ୍ୱସ୍ତିକ୍ ଟିଭିଏସ୍ ଆନୁକୂଲ୍ୟରେ ଏହି ୨ଟି ନୂତନ ଶୋ'ରୁମ୍ କଟକର ସିଡିଏ ସେକ୍ଟର-୧ ଏବଂ ତ୍ରିଶୂଳିଆ ଛକରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଟିଭିଏସ୍ ମୋଟର କମ୍ପାନୀ ଲିମିଟେଡ୍‌ର ଆର୍‌ଏମ୍ (ସେଲ୍‌ସ) ଅଜୟ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଭିଏସ୍ ମୋଟର କମ୍ପାନୀ ଲିମିଟେଡ୍‌ର ଆର୍‌ଏମ୍ (ସର୍ଭିସ୍) ସମୀର କୁମାର ସିଂହ, ଏଏମ୍ (ସେଲ୍‌ସ) ଦୀପକ କୁମାର ମହାପାତ୍ର, ଏଏମ୍ (ସର୍ଭିସ୍) ଶୁଭଦୀପ ଗାଙ୍ଗୁଲିଙ୍କ ସମେତ ସ୍ୱସ୍ତିକ ଟିଭିଏସ୍‌ର ମୁଖ୍ୟ ମଦନ ଲାଲ କାଉଟିଆ, ପରମେଶ୍ୱର କାଉଟିଆ ଏବଂ ଦିନେଶ କାଉଟିଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ସ୍ୱସ୍ତିକ୍ ଟିଭିଏସ୍‌ରେ ଟିଭିଏସ୍‌ର ସମସ୍ତ ବ୍ରାଣ୍ଡ ମଡେଲ ସମେତ ସର୍ଭିସ୍ ଏବଂ ଆସେସେରିଜ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ। ଏପରିକି ଗ୍ରାହକକୈନ୍ଦ୍ରିକ ସେବା ଓ ସମ୍ପର୍କକୁ ଶୋ'ରୁମ୍ ପକ୍ଷରୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଅଜୟ ଗୁପ୍ତା ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

**ସ୍ୱସ୍ତିକ୍ ଟିଭିଏସ୍‌ର ୨ ନୂଆ ଶୋ'ରୁମ୍**

## ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୨୫।୩**

କ୍ରମାଗତ ସପ୍ତମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ବୃଦ୍ଧି ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇ ପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୩ (୩୨.୮୧) ପଏଣ୍ଟ ବୃଦ୍ଧି ଘଟି ୭୮,୦୧୭ (୭୮,୦୧୭.୧୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ ୧୦ (୧୦.୩୦) ପଏଣ୍ଟ ବଢ଼ି ୨୩,୬୬୯ (୨୩,୬୬୮.୬୫) ଅଙ୍କରେ କାରବାର ଶେଷ ହୋଇଥିଲା।

## ଟାଟା ଏଆଇଏର ନୂତନ ପ୍ଲାନ

**ନୂଆଦିଲ୍ଲୀ,୨୫।୩**

ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଟାଟା ଏଆଇଏ)ର ନୂତନ ପ୍ଲାନ ଟାଟା ଏଆଇଏ ଶୁଭ ଫ୍ଲେକ୍ସି ଇନ୍‌କମ୍ ଯୋଜନାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଯାହା ଆର୍ଥିକ ନିରାପତ୍ତା ଏବଂ ସମ୍ପତ୍ତି ସୃଷ୍ଟି ଦିଗରେ ଏକ ଗ୍ରାହକକୈନ୍ଦ୍ରୀକ ଆଭିମୁଖ୍ୟ ପ୍ରଦାନ କରୁଥିବା ଏକ ଅଭିନବ ଜୀବନ ବୀମା ସଞ୍ଚୟ ସମାଧାନ ଭାବେ କାର୍ଯ୍ୟ କରୁଛି। ଏପରିକି ଏହା ଏକ ଅଣ-ଲିଙ୍କ୍, ଅଂଶଗ୍ରହଣକାରୀ ଜୀବନ ବୀମା ସଂଚୟ ଯୋଜନା ଯାହା ଆପଣଙ୍କୁ ଆପଣଙ୍କ ଆବଶ୍ୟକତା ଆଧାରରେ ଆପଣଙ୍କ ଆର୍ଥିକ ଯୋଜନାକୁ ପ୍ରସ୍ତୁତ କରିବାକୁ ସଶକ୍ତ କରିବ। ପ୍ରାରମ୍ଭରୁ ଗ୍ରାହକକୈନ୍ଦ୍ରୀକ ଆଭିମୁଖ୍ୟ ପ୍ରଦାନ କରି ଏହି ଯୋଜନା ତିନିଟି ଉପଯୁକ୍ତ ବିକଳ୍ପ ପ୍ରଦାନ କରୁଛି। ପ୍ରତ୍ୟେକ ବିକଳ୍ପକୁ ନିର୍ଦ୍ଦିଷ୍ଟ ଆର୍ଥିକ ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି।

ଟାଟା ଏଆଇଏ ଲାଇଫର କାର୍ଯ୍ୟକାରୀ ଉପାଧ୍ୟକ୍ଷ, ପ୍ରଡକ୍ଟସ, ବିଜନେସ୍ ମିଡ୍ ଅଫିସ ଏବଂ ଡିଜିଟାଲ ମାର୍କେଟିଂ ମୁଖ୍ୟ ସୁଜିତ୍ କୋଥାରେ କହିଛନ୍ତି, ଟାଟା ଏଆଇଏ ଲାଇଫରେ ଆମେ ବିଶ୍ୱାସ କରୁଛୁ ଯେ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଅତ୍ୟାବଶ୍ୟକ ସୁରକ୍ଷାରେ କୌଣସି ହେଳା କରିବା ଉଚିତ ନୁହେଁ। ଗ୍ରାହକମାନେ ଆଜି ସେମାନଙ୍କ ସହିତ ବଢ଼ୁଥିବା ଆବଶ୍ୟକତାଗୁଡ଼ିକ ପାଇଁ ସମାଧାନ ଖୋଜୁଛି, ଯାହା ଉଭୟ ମାନସିକ ଶାନ୍ତି ଏବଂ ସମ୍ପତି ସୃଷ୍ଟି ପାଇଁ ସୁଯୋଗ ପ୍ରଦାନ କରୁଛି।

## ସୁଧିରଞ୍ଜନ ପିଆର୍‌ଏସ୍‌ଆଇ ଭୁବନେଶ୍ୱର ଚାପ୍ଟରର ନୂତନ ଅଧ୍ୟକ୍ଷ

**ଭୁବନେଶ୍ୱର,୨୫।୩**

ପବ୍ଲିକ୍ ରିଲେଶନ୍ସ ସୋସାଇଟି ଅଫ୍ ଇଣ୍ଡିଆ ବା ପିଆର୍‌ଏସ୍‌ଆଇ ଭୁବନେଶ୍ୱର ଚାପ୍ଟରର ନୂତନ ଅଧ୍ୟକ୍ଷ ଭାବେ ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍‌ର ହେଡ୍ ଅଫ୍ କର୍ପୋରେଟ ଆଫେୟାର୍ସ ସୁଧିରଞ୍ଜନ ମିଶ୍ର ନିର୍ବାଚିତ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ପିଆର୍‌ଏସ୍‌ଆଇ ଭୁବନେଶ୍ୱର ଚାପ୍ଟରର ୬ଷ୍ଠ ବାର୍ଷିକ ସାଧାରଣ ବୈଠକ(ଏଜିଏମ୍) ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପିଆର୍‌ଏସ୍‌ଆଇର ପରବର୍ତ୍ତୀ ଦୁଇବର୍ଷ ପାଇଁ ନୂତନ ଅଧ୍ୟକ୍ଷ ଏବଂ ଅନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ନିର୍ବାଚନ ସର୍ବସମ୍ମତିକ୍ରମେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନୂତନ ଅଧ୍ୟକ୍ଷଙ୍କ ସହ ଅନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ମଧ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ଏପରିକି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍‌ର ଡିଜିଏମ୍(କର୍ପୋରେଟ କମ୍ୟୁନିକେଶନ) ଡ. ସଞ୍ଜୟ କୁମାର ସାହୁ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲାବେଳେ ରିଲାଏନ୍ସ ଜିଓ ଇନ୍‌ଫୋକମ ଲିମିଟେଡ୍‌ର ଷ୍ଟେଟ ହେଡ (କର୍ପୋରେଟ କମ୍ୟୁନିକେଶନ) କୃଷ୍ଣଚନ୍ଦ୍ର ମହାପାତ୍ର ଚାପ୍ଟରର ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି କଳିଙ୍ଗ ହସ୍ପିଟାଲ ଲିମିଟେଡ୍‌ର ହେଡ୍(କର୍ପୋରେଟ କମ୍ୟୁନିକେଶନ, ପିଆର୍ ଆଣ୍ଡ ବ୍ରାଣ୍ଡିଂ) ଅଂଶୁମାନ ପଟ୍ଟନାୟକ କୋଷାଧ୍ୟକ୍ଷ ଏବଂ ଓଡ଼ିଶା ମାଇନିଂ କର୍ପୋରେଶନର ଡିଜିଏମ୍(କର୍ପୋରେଟ କମ୍ୟୁନିକେଶନ) ସନ୍ଦୀପ ସେଠୀ ଚାପ୍ଟରର ଯୁଗ୍ମ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି। ଏପରିକି ଚାପ୍ଟରର ନବଗଠିତ କାର୍ଯ୍ୟକାରୀ କମିଟିରେ ଶଶାଙ୍କ ପଟ୍ଟନାୟକ ଏବଂ ଅମରଜ୍ୟୋତି ମହାପାତ୍ର, ତରୁଣ ତୁର୍କ, ସମ୍ବିତ ମହାନ୍ତି, ଧରିତ୍ରୀ ଶତପଥୀ, ଦିପାନ୍ୱିତା ମିଶ୍ର ଏବଂ ଡ. ଅନୁରାଗ ସାହୁ ପ୍ରମୁଖ ରହିଛନ୍ତି।

ଏହି ଅବସରରେ ସୁଧିରଞ୍ଜନ କହିଥିଲେ, ନୂତନ ଟିମ୍ ଅର୍ଥପୂର୍ଣ୍ଣ ସହଭାଗିତା ଏବଂ ରାଜ୍ୟରେ ଅନେକ ପିଆର୍‌କୈନ୍ଦ୍ରିକ କାର୍ଯ୍ୟକ୍ରମ ଆୟୋଜନ କରିବ। ଏହା ଜରିଆରେ ଆମେ ସୋସାଇଟିକୁ ଅଧିକ ଚଳଚଞ୍ଚଳ ଏବଂ ଦୃଶ୍ୟମାନ କରିବାକୁ ପ୍ରୟାସ କରିବୁ। ଅପରପକ୍ଷରେ ନବନିର୍ବାଚିତ ଟିମ୍ କୌଶଳତା ନିର୍ମାଣକାରୀ କର୍ମଶାଳା, ଆଲୋଚନାଚକ୍ର, ଛାତ୍ରୀଛାତ୍ରଙ୍କ ନିମନ୍ତେ ପିଆର ବୁଟ୍ କ୍ୟାମ୍ପ ଆୟୋଜନ ସହିତ ଇଭେଣ୍ଟ ନେଟ୍‌ୱର୍କ ଜରିଆରେ ଜନସମ୍ପର୍କକୁ ଏକ ବୃତ୍ତି ଭାବେ ଅଭିବୃଦ୍ଧି ଓ ବିକାଶ ପଥରେ ଆଗେଇ ନେବାକୁ ପ୍ରତିବଦ୍ଧ। ଓଡ଼ିଶାରେ କମ୍ୟୁନିକେଶନ ଦୃଶ୍ୟପଟ୍ଟକୁ ଏକ ନିର୍ଦ୍ଦିଷ୍ଟ ରୂପରେଖ ପ୍ରଦାନ କରିବାରେ ଚାପ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

## ଗିଫ୍ଟର ୧୭ତମ ଟେକ୍ ଫେଷ୍ଟ 'ଫେସ୍‌ଟ୍ରୋନିକ୍ସ'



ଉଦ୍‌ଯାପନୀ ଉତ୍ସବରେ ଜଣେ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର,୨୫।୩**

ରାଜ୍ୟର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ଗଙ୍ଗପଡ଼ାସ୍ଥିତ ଗିଫ୍ଟ ସ୍ୱୟଂଶାସିତ ମହାବିଦ୍ୟାଳୟ (କଲେଜ)ର ୧୭ତମ ଟେକ୍ ଫେଷ୍ଟ 'ଫେସ୍‌ଟ୍ରୋନିକ୍ସ-୨୦୨୫' ନିକଟରେ ଅନୁଷ୍ଠିତ ହୋଇଯାଇଛି।

ଏପରିକି ଏହି ଫେଷ୍ଟର ଉଦ୍‌ଘାଟନୀ ଉତ୍ସବରେ ଓକେସିଏଲ୍‌ର ଏମ୍‌ଡି ଡ. ମନୋରଞ୍ଜନ ପୁଥାଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲାବେଳେ ସମ୍ମାନିତ ଅତିଥିଭାବେ ଆଇଆଇଜିର ନିର୍ଦ୍ଦେଶକ ଅଦିତ ଜେନା, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତ୍ରିଲୋଚନ ସାହୁ, ଉପାଧ୍ୟକ୍ଷ ଡ. ଦେବେନ୍ଦ୍ର ପଣ୍ଡା, ଡାଇରେକ୍ଟର ଡ. ପତିତପାବନ ପଣ୍ଡା, ରେଜିଷ୍ଟ୍ରାର ପ୍ରଫେସର ତରୁଣ କୁମାର ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନର ୬୦୦ରୁ ଅଧିକ ଛାତ୍ରୀଛାତ୍ରମାନେ ଭାଗନେଇଥିଲେ। ଏହି ଟେକ୍‌ଫେଷ୍ଟରେ ଅନ୍ୟୂନ ୨୦ଟି ବିଭିନ୍ନ ବିଭାଗର ଛାତ୍ରୀଛାତ୍ରମାନେ ନାମ ପଞ୍ଜୀକରଣ କରିଥିଲେ।

ସେହିପରି ଉଦ୍‌ଯାପନୀ ସମାରୋହରେ ଟିସିଏସ୍ ଭୁବନେଶ୍ୱରର ଏଚ୍‌ଆର ମୁଖ୍ୟ ଅବିନାଶ ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ଓଏବ ବକେଟ୍‌ର ଡାଇରେକ୍ଟର ପୀୟୂଷ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ଡ. ସତ୍ୟରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଛାତ୍ର ପ୍ରତିନିଧି ଆଶୀର୍ବାଦ ଦାସ, ଅବିନାଶ ଦାସ ଓ ଜଗମୋହନ ସାମନ୍ତସିଂହାର ସଫଳତାର ସହ ସମ୍ପାଦନ କରିଥିଲେ।

## ମାଇକ୍ରୋଫାଇନାନ୍ସକୁ ଆକର୍ଷଣୀୟ ସୁଧ ହାର

**ନୂଆଦିଲ୍ଲୀ,୨୫।୩**

ମାଇକ୍ରୋଫାଇନାନ୍ସ କ୍ଷେତ୍ରରେ ସବୁଠାରୁ ଆକର୍ଷଣୀୟ ସୁଧ ହାର ପ୍ରଦାନ କରି ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ(ଉଜ୍ଜୀବନ) ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଦିଗରେ ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହି ବ୍ୟାଙ୍କ ରଣନୈତିକ ଭାବେ ନିଜର ସୁଧ ହାର ହ୍ରାସ କରିଛି, ଯାହା ଭାରତର ଅଣ ସେବାପ୍ରାପ୍ତ ସମୁଦାୟଗୁଡ଼ିକ ପାଇଁ ଉନ୍ନତ ଆର୍ଥିକ ସଶକ୍ତୀକରଣ ନିଶ୍ଚିତ କରୁଛି। ଭାରତରେ ମାଇକ୍ରୋଫାଇନାନ୍ସ ଶିଳ୍ପ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ସମ୍ମୁଖୀନ ହୋଇଥିବାବେଳେ ସ୍ମଲ ଫାଇନାନ୍ସ ବ୍ୟାଙ୍କଗୁଡ଼ିକ (ଏସ୍‌ଏଫ୍‌ବି) କ୍ଷୁଦ୍ର ଉଦ୍ୟୋଗୀ, କମ୍ ଆୟକାରୀ ପରିବାର ଓ କ୍ଷୁଦ୍ର ବ୍ୟବସାୟଗୁଡ଼ିକ ପାଇଁ ଋଣ ଅନ୍ତରକୁ ଦୂର କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।

୨୦୨୪ ଜୁଲାଇରେ ମାଇକ୍ରୋଫାଇନାନ୍ସ ଇନ୍‌ଷ୍ଟିଚ୍ୟୁଶନ୍ସ ନେଟ୍‌ୱର୍କ (ଏମ୍‌ଏଫ୍‌ଆଇଏନ୍- ଏକ ସ୍ୱନିୟାମକ ଶାଖା) ଦ୍ୱାରା ଆରମ୍ଭ କରାଯାଇଥିବା ନିୟାମକୀୟ ପରିବର୍ତ୍ତନ, ଏକ ମାଇକ୍ରୋଫାଇନାନ୍ସ ଋଣଗ୍ରହୀତାଙ୍କୁ ସେବା ପ୍ରଦାନ କରୁଥିବା ଋଣଦାତାଙ୍କ ସଂଖ୍ୟାକୁ ୪କୁ ସୀମିତ ରଖିଥିଲା। ଏହି ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ଋଣ ପ୍ରଦାନ ଅଭ୍ୟାସ ପାଇଁ ଆବଶ୍ୟକତା ଉପରେ ଅଧିକ ଗୁରୁତ୍ୱାରୋପ କରିଛି।

ଏହି ପରିବର୍ତ୍ତନର ପ୍ରତିକ୍ରିୟାରେ ଏସ୍‌ଏଫ୍‌ବିଗୁଡ଼ିକ ଅଧିକ ଦାୟିତ୍ୱପୂର୍ଣ୍ଣ ଭାବେ ଋଣ ଦେବା ପାଇଁ ନିଜର ଋଣ ଓ ସଂଗ୍ରହ ଅଭ୍ୟାସଗୁଡ଼ିକୁ ପୁନଃ ବ୍ୟବସ୍ଥିତ କରିଛନ୍ତି। ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ମଧ ଦାୟିତ୍ୱପୂର୍ଣ୍ଣ ଋଣ ପ୍ରଦାନକୁ ସମର୍ଥନ କରିବା କ୍ଷେତ୍ରରେ ଅଗ୍ରଣୀ ଏବଂ ନିଜର ଗ୍ରାହକଙ୍କୁ କମ୍ ସୁଧ ହାରର ଲାଭ ପ୍ରଦାନ କରିବା ପାଇଁ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି। ଏହା ଅଣସେବାପ୍ରାପ୍ତ ସମୁଦାୟଗୁଡ଼ିକ ପାଇଁ ଏକ ଦାୟିତ୍ୱବାନ ଓ ସମାବେଶୀ ବ୍ୟାଙ୍କିଙ୍ଗ୍ ସହଯୋଗୀରେ ପରିଣତ ହେବା ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତା ସହ ଜଡ଼ିତ ରହିଛି, ଯାହା ଏହାର ମୂଲ୍ୟବାନ୍ ଗ୍ରାହକଙ୍କ ପାଇଁ ଋଣ ପାଇବାକୁ ଅଧିକ ସୁଲଭ ଓ ପହଞ୍ଚଯୋଗ୍ୟ କରୁଛି। ଭାରତର ଅର୍ଥନୈତିକ ଢାଞ୍ଚା ବିକଶିତ ହେବା ସହ ନିମ୍ନ ଆୟକାରୀ ପରିବାରଗୁଡ଼ିକୁ ସହାୟତା ଜାରି ରଖିବା ସହିତ ବର୍ଦ୍ଧିତ ମଧ୍ୟମ ଆୟବର୍ଗର ଚାହିଦାକୁ ପୂରଣ କରୁଥିବା ଆର୍ଥିକ ଉତ୍ପାଦର ଆବଶ୍ୟକତା ବୃଦ୍ଧି ପାଉଛି।

## ଦକ୍ଷିଣ-ପୂର୍ବ ରେଳପଥରେ ଯକ୍ଷ୍ମା ଦିବସ ପାଳିତ



ଯକ୍ଷ୍ମା ଦିବସ ଅବସରରେ ନିମନ୍ତ୍ରିତ ଅତିଥି କର୍ମଚାରୀଙ୍କୁ ସମ୍ମାନିତ କରୁଛନ୍ତି।

**ଭୁବନେଶ୍ୱର,୨୫।୩ (ଅନୁରାଧା ମହାରଣା)**

ଦକ୍ଷିଣ-ପୂର୍ବ ରେଳପଥର ମେଡିକାଲ ବିଭାଗ ପକ୍ଷରୁ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ସେଣ୍ଟ୍ରାଲ ହସ୍ପିଟାଲର ଏସିଏଚ୍‌ଡି ଡା. ମୁକ୍ତା ମଣ୍ଡଳ ଏକ ସଂକ୍ଷିପ୍ତ ସୂଚନା ପ୍ରଦାନ କରିବା ପରେ ଫୁସ୍‌ଫୁସ୍ ରୋଗ ବିଶେଷଜ୍ଞ ଡା. ନନ୍ଦିତା ଘୋଷ ଦାସ୍ତିଦାର ପଲମୋନାରୀ ଟ୍ୟୁବରକ୍ୟୁଲୋସିସ୍ (ଯକ୍ଷ୍ମା) ସମ୍ପର୍କିତ ଏକ ଉପସ୍ଥାପନା କରିଥିଲେ। ଯକ୍ଷ୍ମା ରୋଗ ସହ ଲଢ଼ି ସୁସ୍ଥ ହୋଇଥିବା ୭ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯକ୍ଷ୍ମା ଦୂରୀକରଣର ଗତ ୧୦୦ ଦିନିଆ ଅଭିଯାନ ସମ୍ପର୍କରେ ପ୍ରିନ୍ସିପାଲ ଚିଫ୍ ମେଡିକାଲ ଡାଇରେକ୍ଟର ଡା. ଅଞ୍ଜନା ମହାପାତ୍ର ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ-ପୂର୍ବ ରେଳପଥର ଏଜିଏମ୍ ସୌମିତ୍ର ମଜୁମଦାର, ସେଣ୍ଟ୍ରାଲ ହସ୍ପିଟାଲ ମେଡିକାଲ ନିର୍ଦ୍ଦେଶକ ଡା. କେ. ଶ୍ରୀକୁମାର ପ୍ରମୁଖ ଉପସ୍ଥିତ ରହି ଯକ୍ଷ୍ମା ନିବାରଣ ସମ୍ପର୍କରେ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରିଥିଲେ।

## ଭୁବନେଶ୍ୱରରେ ୟାମାହାର ଆଇକନିକ୍ ବ୍ରାଣ୍ଡ ଅଭିଯାନ

**ଭୁବନେଶ୍ୱର,୨୫।୩**

ଇଣ୍ଡିଆ ୟାମାହା ମୋଟର ପ୍ରାଇଭେଟ୍ ଲିମିଟେଡ୍ (ଆଇୱାଇଏମ୍)ର ବହୁ ପ୍ରତୀକ୍ଷିତ ତଥା ଆଇକନିକ୍ ବ୍ରାଣ୍ଡ ଅଭିଯାନ 'ଦି କଲ ଅଫ ଦି ବ୍ଲୁ' (ସିଓବି)କୁ ଭୁବନେଶ୍ୱରର ସମ୍ପୋନୀ ମଲ୍‌ର ପାର୍କିଂ ଏରିଆରେ ପ୍ରଦର୍ଶିତ କରାଯାଇଛି। ଏପରିକି ଏହାର ଏକ ବ୍ୟବସ୍ଥିତ ଚମତ୍କାରୀ ସପ୍ତାହନ୍ତ କାର୍ଯ୍ୟକ୍ରମକୁ ସମ୍ପୋନି ମଲ୍‌ର ପାର୍କିଂ ଏରିଆରେ ପରିବେଷଣ କରାଯାଇଛି। ଏହି ପରିବେଶଟି ଉତ୍ସାହିତ ତଥା ଏହାକୁ ଭଲ ପାଉଥିବା ୭୦୦ ଆଗ୍ରହୀ ବାଇକ୍ ଚାଳକମାନଙ୍କ ପାଇଁ ଏକାଠି ହେବାର ଏକ ଚମତ୍କାରୀତା ସୃଷ୍ଟି କରିବା ସହିତ ୟାମାହାର ପ୍ରିମିୟମ ଦୁଇଚକିଆ ଯାନ ଯାହାକି ଆଡ୍ରେନାଲାଇନ-ଇନ୍ଧନ ଦ୍ୱାରା ପରିଚାଳିତ ଏଭଳି ଏକ ପୃଥିବୀକୁ ନେଇ ସମସ୍ତଙ୍କ ମଧ୍ୟରେ ରୋମାଞ୍ଚକର ପରିସ୍ଥିତି ସୃଷ୍ଟି କରିଛି। କାର୍ଯ୍ୟକ୍ରମଟି ସମସ୍ତଙ୍କୁ ବାନ୍ଧି ରଖିବା ଭଳି ଅଭିଜ୍ଞତା ପ୍ରଦାନ କରିବା ସହିତ ୟାମାହାର ନିଜସ୍ୱ ଜ୍ଞାନକୌଶଳ ପରିଚାଳିତ ଅନନ୍ୟ ଦକ୍ଷତା ଏବଂ ଆଧୁନିକ ସୁରକ୍ଷା ତଥା ବିଶେଷତ୍ୱ ଜରିଆରେ ଏଭଳି ଏକ ବିବିଧ ଉତ୍ପାଦନ ସମ୍ଭାରକୁ ପ୍ରଦାନ କରିଛି। ଗୋଟିଏ ପଟେ ଉତ୍ସାହିବ୍ୟକ୍ତିବିଶେଷମାନଙ୍କୁ ଯାନର ପରୀକ୍ଷା କାର୍ଯ୍ୟକ୍ରମ ଯଥା ଜିମଖାନା ପରିଚାଳନା ସହିତ ଉଡ଼େନ୍‌ପ୍ଲାଙ୍କ ଆହ୍ୱାନ ଉପରେ ଏକ ସ୍ଥିର ସନ୍ତୁଳିତ ପ୍ରଦର୍ଶିତ କରିବା ସହିତ ଅନ୍ୟପଟେ ବିଶେଷଜ୍ଞ ଉପଦେଷ୍ଟାଙ୍କ ସହାୟତାରେ ସମ୍ପୂର୍ଣ୍ଣ ଆଧୁନିକ ଜ୍ଞାନକୌଶଳତାର ସଂଜ୍ଞାକୁ ବୁଝାଇବା ପାଇଁ ସେମାନେ ଉଦ୍ୟମ ଜାରି ରଖିଥିଲେ। ଏଭଳି ଏକ ଉନ୍ନତମାନର ମଞ୍ଚ ଯଥାର୍ଥରେ ଦୃଢ଼ କାମର ଡେରି ଭାବନାକୁ ଉଜ୍ଜୀବିତ କରିବା ସହିତ ସମ୍ମିଳିତ ଭାବରେ ମୋଟରସାଇକେଲର ଚାଳନାକୁ ଉତ୍ସାହୀ ବ୍ୟକ୍ତିମାନଙ୍କ ମଧ୍ୟରେ ଶେୟାର କରିବା ସହିତ ୟାମାହାର ରୋମାଞ୍ଚକର ଚାଳନାକୁ ଆହୁରି ଅଧିକ ଆକର୍ଷଣୀୟ କରିପାରିଥିଲେ।




ୟାମାହାର 'ଦି କଲ ଅଫ ଦି ବ୍ଲୁ' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବାଇକର୍ସମାନେ ଉପସ୍ଥିତ ଅଛନ୍ତି।

# କଂଗ୍ରେସ ବିଧାୟକଙ୍କ ନିଲମ୍ବନ ନେଇ ତେଜିଲା ରାଜନୀତି

ଭୁବନେଶ୍ୱର, ୨୫।୩(ସୁନିତ୍ ମିଶ୍ର)

■ ବାଚସ୍ପତିଙ୍କ ପାଖରେ ଅନ୍ୟ କିଛି ଉପାୟ ନ ଥିଲା: ଜୟନାରାୟଣ
■ ସରକାରଙ୍କ ଅପାରଗତା ପାଇଁ ଏପରି ହୋଇଛି: ଅରୁଣ
■ କଂଗ୍ରେସକୁ ଡରି ଏମିତି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ସରକାର: ତାରା
■ ଜନପ୍ରତିନିଧିଙ୍କୁ ସମ୍ମାନ ନ ଦେବା ଏକଚ୍ଛତ୍ରବାଦ: ସିପିଆଇ

କଂଗ୍ରେସର ୧୨ ଜଣ ସଦସ୍ୟଙ୍କୁ ବାଚସ୍ପତି ମଙ୍ଗଳବାର ୭ଟି କାର୍ଯ୍ୟଦିବସ ଲାଗି ଗୃହରୁ ନିଲମ୍ବନ କରିବା ପରେ ଏହାକୁ ନେଇ ରାଜନୀତି ତେଜିଛି। କଂଗ୍ରେସ ନେତା ଓ କର୍ମୀମାନେ ଏକାଠି ହୋଇ ଜୋରଦାର ପ୍ରତିବାଦ କରିବା ଆରମ୍ଭ କରିଦେଇଛନ୍ତି। ଏପରିକି କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକମାନେ ଦଳୀୟ ବିଧାୟକଙ୍କୁ ସମର୍ଥନ ଜଣାଇ ବିଧାନସଭା ବାହାରେ ହଙ୍ଗାମା କରିଛନ୍ତି। ଅନ୍ୟପଟେ କଂଗ୍ରେସର ଏପରି ଆଚରଣକୁ ଭାଜପା ନିନ୍ଦା କରିଥିବା ବେଳେ ଶାସକ ଦଳ ଉପରେ ବର୍ଷିଛନ୍ତି ବିରୋଧୀ।

ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, କଂଗ୍ରେସ ସଦସ୍ୟମାନେ ଦୀର୍ଘଦିନ ହେଲା ଯେଉଁ ଆଚରଣ କଲେ ଏଥିରେ ବିଧାନସଭା କାର୍ଯ୍ୟରେ ବାଧା ସୃଷ୍ଟି ହେଲା। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବାଚସ୍ପତି ବାଧ୍ୟ ହୋଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ଯୁକ୍ତିଯୁକ୍ତ। ବିଧାନସଭାରେ କ'ଣ ଦାବି ରଖାଯାଇପାରେ, ତାହା ବିଧିବିଧାନରେ ଥିବା କଥା। ସେମାନେ ମହିଳା ନିର୍ଯାତନା ନେଇ ଗୃହ କମିଟି କରିବାକୁ ଦାବି କଲେ । ସେମାନେ ସେହି ଦାବିକରି ବାରମ୍ବାର ଗୃହ କାର୍ଯ୍ୟରେ ବାଧା ସୃଷ୍ଟିକଲେ। ତେଣୁ ବାଚସ୍ପତିଙ୍କ ପାଖରେ ଅନ୍ୟ ଉପାୟ ନ ଥିଲା ବୋଲି ଜୟନାରାୟଣ କହିଛନ୍ତି।

ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ଦୀର୍ଘଦିନ ଧରି ଏଠି ବିଧାନସଭା ଚାଲୁ ନାହିଁ। ସେଠି ଘଣ୍ଟ, ଘଣ୍ଟି, ତୁରି, କାହାଳି ବାଜୁଛି। ଯଦି କଂଗ୍ରେସ ସଦସ୍ୟମାନଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ବର୍ତ୍ତମାନ ନେଲେ ଆଗୁଆ କାହିଁକି ନେଇପାରୁ ନ ଥିଲେ। ଯଦି ସରକାର କହିବେ ବାଧ୍ୟହୋଇ ନିଷ୍ପତ୍ତି ନେଲୁ, ତେବେ ଏତେଦିନ କାହିଁକି ଲାଗିଲା। କଂଗ୍ରେସର ଦାବିକୁ ମାନିଯାଇଥାଆନ୍ତେ। ଏପଟେ ଗୃହ କମିଟି କଲେ ନାହିଁ, ସେପଟେ ବିଧାନସଭାର ପୂରା ସମୟ ଧୋଇଗଲା। ସରକାରଙ୍କ ଅପାରଗତା ଯୋଗୁ ଏଭଳି ହୋଇଛି। ଯେହେତୁ କର୍ଣ୍ଣାଟକରେ କଂଗ୍ରେସ ସରକାରରେ ରହିଛି ଏବଂ ସେଠାରେ ଭାଜପାର ୫୦ ଜଣ ସଦସ୍ୟଙ୍କୁ ୬ ମାସ ପାଇଁ ବହିଷ୍କାର କରାଯାଇଛି, ତେଣୁ ଏଠାରେ ତା'ର ପ୍ରତିଫଳନ ଦେବାକୁ ଏଭଳି କରିଛନ୍ତି। ଓଡ଼ିଶା ବିଧାନସଭାରେ ଆଲୋଚନା ହେବା ଦରକାର। ତେଣୁ ଭାଜପା ସରକାର ନିଜର ଅପାରଗତାପଣିଆକୁ ପ୍ରମାଣ କରୁଛନ୍ତି। ବିଜେଡି ଶାସନ ସମୟରେ ଏଭଳି କାର୍ଯ୍ୟାନୁଷ୍ଠାନ ହେଉ ନ ଥିଲା। ଏବେ ଭାଜପା ସରକାରରେ ବିରୋଧୀଙ୍କୁ ଆଲୋଚନାରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳୁନାହିଁ। ଯଦି କଂଗ୍ରେସ ମହିଳା କଥା କହୁଛି, ଗୃହ କମିଟି କରିବାରେ ଅସୁବିଧା କ'ଣ ରହିଛି ବୋଲି ଅରୁଣ କହିଛନ୍ତି।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ସମ୍ପୂର୍ଣ୍ଣ ଭାବେ କଂଗ୍ରେସକୁ ଡରି ଏପରି ନିଲମ୍ବନ କରାଯାଇଛି। କଂଗ୍ରେସର ସଂଖ୍ୟା କମ୍ ଥିଲେ ମଧ୍ୟ ସ୍ୱର ବହୁ ଜୋର୍ ରହିଛି, ସେଥିଲାଗି ଏଭଳି କାର୍ଯ୍ୟାନୁଷ୍ଠାନ। ଏହା ଗଣତନ୍ତ୍ରକୁ ହତ୍ୟା, ବିଧାନସଭାର ଇତିହାସରେ ଏହା କେବେ ନ ଥିଲା। ଭାଜପା ଏବଂ ମୋହନ ମାଝୀଙ୍କ ସରକାର ଯେଉଁ ଇତିହାସ ଲେଖିଛନ୍ତି ସେଥିରେ ଏହା ଲିପିବଦ୍ଧ ହୋଇରହିବ। ଏ ଅନ୍ୟାୟକୁ କଂଗ୍ରେସ ବରଦାସ୍ତ କରିବ ନାହିଁ। ନିଲମ୍ବିତ କଲେ ବି ଆମେ ଡରିବୁ ନାହିଁ ବରଂ ଲଢ଼ିବୁ। ଭାଜପା ବିରୋଧୀ ଦଳରେ ଥିଲାବେଳେ ଯାହା କରୁଥିଲା ସେତେବେଳେ କ'ଣ ସବୁ ଶୋଭନୀୟ ଥିଲା । ସେମାନେ ବି ବିରୋଧୀ ଦଳରେ ଥିବାବେଳେ ଡାଲି, ଜୋତା ଆଦି ବାଚସ୍ପତିଙ୍କ ଉପରକୁ ଫିଙ୍ଗୁଥିଲେ। କଂଗ୍ରେସ ତା'ର ଆଭିମୁଖ୍ୟ ନେଇ ଲଢ଼ିବ। ୨୭ରେ ବିଧାନସଭା ଘେରାଉ ହେବାକୁ ଥିବାରୁ ରାଜ୍ୟ ସରକାର ଡରି ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବୋଲି ସେ କହିଛନ୍ତି।

ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ କହିଛନ୍ତି, ବିଧାନସଭା ମଧ୍ୟରେ ସୁରକ୍ଷା କର୍ମୀ ଓ ଭାଜପା ବିଧାୟକମାନେ ମିଳିତ ଭାବେ କଂଗ୍ରେସ ବିଧାୟକମାନଙ୍କୁ ଆକ୍ରମଣ କରିବା ଦୁର୍ଭାଗ୍ୟଜନକ। ୧୨ ଜଣ ବିଧାୟକଙ୍କୁ ଗୃହରୁ ନିଲମ୍ବନ କରାଯାଇ ଗଣତନ୍ତ୍ରକୁ ହତ୍ୟା କରାଯାଇଛି। ଭାଜପା ସରକାର ଲୋକ ପ୍ରତିନିଧିମାନଙ୍କୁ ସମ୍ମାନ ନ ଦେବା ଏକଚ୍ଛତ୍ରବାଦ ବୋଲି ସେ କହିଛନ୍ତି।



ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା, ନରସିଂହ ମିଶ୍ର, ନିରଞ୍ଜନ ପଟ୍ଟନାୟକ, ଶରତ ରାଉତ ଏବଂ ପିସିସି ସଭାପତି ଭକ୍ତଚରଣ ଦାସ ରାଜ୍ୟ ସରକାରଙ୍କ ନିଷ୍ପତ୍ତିର ପ୍ରତିବାଦ କରି ବିଧାନସଭା ଆଡ଼କୁ ଯାଉଛନ୍ତି।

# ସର୍ବଦଳୀୟ ବୈଠକ ନିଷ୍ଫଳ, ଧାରଣାରେ ବିରୋଧୀ

ଭୁବନେଶ୍ୱର,୨୫।୩(ରବିନାରାୟଣ ଜେନା)



ବିଧାନସଭା ମୁଖ୍ୟ ପ୍ରବେଶ ଦ୍ୱାରରେ ମଙ୍ଗଳବାର ବିଜେଡି ବିଧାୟକମାନେ ଧାରଣା ଦେଇଛନ୍ତି।

ଗୋଟିଏପଟେ କଂଗ୍ରେସର ଘଣ୍ଟ, କରତାଳି ମାଡ଼ ଓ ଅନ୍ୟପଟେ ବିଜେଡି ନାରାବାଜିରେ ମଙ୍ଗଳବାର କମ୍ପିଥିଲା ବିଧାନସଭା। ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ କଂଗ୍ରେସ ସଦସ୍ୟମାନେ ଗୃହରେ କମ୍ପମାନ କରିଥିବାବେଳେ ପ୍ରମୁଖ ବିରୋଧୀ ବିଜେଡି ସଦସ୍ୟଙ୍କ ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସଂଖ୍ୟାନୁପାତିକ ସଂରକ୍ଷଣ ଏବଂ ଜାତିଭିତ୍ତିକ ଜନଗଣନା ଦାବିରେ ଗୃହ ଏକପ୍ରକାର ଅଚଳାବସ୍ଥାକୁ ଚାଲିଯାଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ବିରୋଧୀ କିଛି ଶୁଣିବା ଅବସ୍ଥାରେ ନ ଥିଲେ। ବାଚସ୍ପତି ସୁରମା ପାଢ଼ୀ ବାରମ୍ବାର ସଦସ୍ୟଙ୍କୁ ନିଜ ଆସନକୁ ଫେରିବାକୁ ଅନୁରୋଧ କରିଥିଲେ ହେଁ ସେମାନେ କର୍ଣ୍ଣପାତ କରି ନ ଥିଲେ। ପରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ହେଲେ ତାହା ନିଷ୍ଫଳ ହୋଇଥିଲା। ବାରମ୍ବାର ହଟ୍ଟଗୋଳ ଲାଗି ରହିବାରୁ ବାଚସ୍ପତି ୪ଟି ପର୍ଯ୍ୟାୟରେ ଗୃହକୁ ୪ଟା ପର୍ଯ୍ୟନ୍ତ ମୁଲତବୀ କରିଦେଲେ। ଫଳରେ ପ୍ରଶ୍ନକାଳ ଓ ଶୂନ୍ୟକାଳ ଧୋଇଯାଇଥିଲା।

ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ ଓ ନାରାବାଜି କରିଥିଲେ। କଂଗ୍ରେସର ବରିଷ୍ଠ ସଦସ୍ୟ ତାରାପ୍ରସାଦ ବାହିନୀପତି ଘଣ୍ଟ ମାଡ଼କରି ଗୃହକୁ ହୁଲସ୍ଥୂଲ କରିଦେଇଥିଲେ। ଏଥିସହ କଂଗ୍ରେସର ଅନ୍ୟ ସଦସ୍ୟମାନେ କରତାଳି ଓ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ସେହିପରି ବିଜେଡି ସଂରକ୍ଷଣ ପ୍ରସଙ୍ଗରେ ପ୍ଲାକାର୍ଡ ଧରି ପ୍ରବଳ ସ୍ଲୋଗାନ ଦେଇଥିଲା। ଫଳରେ ଗୋଟିଏ ମିନିଟ୍ ମଧ୍ୟ ଗୃହ ସୁରୁଖୁରୁରେ ଚାଲିବା ସମ୍ଭବପର ହୋଇପାରି ନ ଥିଲା।

ଗୃହ ବାହାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଥିଲେ, ମା'ମାନଙ୍କ ସୁରକ୍ଷା ପାଇଁ କଂଗ୍ରେସ ଗୃହ କମିଟି ଦାବିକରି ଆସୁଛି। ସରକାର ନିଦାବିସ୍ଥ ସାଜିଛନ୍ତି। ସେଥିପାଇଁ ଆମେ ବିଧାନସଭା ଗୃହ ତଥା ପବିତ୍ର ମନ୍ଦିରରେ ଘଣ୍ଟମାଡ଼ କରୁଛୁ। ଭାବୁଛୁ ସରକାର ଟିକେ ଚେତିବେ, ହେଲେ ତାଙ୍କର ନାରୀଙ୍କ ପ୍ରତି ଟିକିଏ ବି ସମ୍ମାନ ନାହିଁ। ଯେପର୍ଯ୍ୟନ୍ତ ସେମାନେ ଗୃହ କମିଟି ଗଠନ ପାଇଁ ରୁଲିଂ ଦେଇନାହାନ୍ତି ସେପର୍ଯ୍ୟନ୍ତ କଂଗ୍ରେସ ପ୍ରତିବାଦ କରିବ ବୋଲି କାଡ଼ାମ କହିଥିଲେ।

ବିଜେଡି ସଦସ୍ୟ ଅରୁଣ କୁମାର ସାହୁ କହିଛନ୍ତି, ଭାଜପା ପାଖରେ କୌଣସି ପ୍ରଶ୍ନର ଉତ୍ତର ନାହିଁ। ଯେତେବେଳେ ବିରୋଧୀ ଦଳ ଲୋକଙ୍କ ସ୍ୱରକୁ ଶାଣିତ କରୁଛି, ସେତେବେଳେ ସେମାନେ କହୁଛନ୍ତି ବିରୋଧୀ ଗୃହ ଚଳାଇ ଦେଉନାହାନ୍ତି। ହେଲେ ଗୃହ ଚଳାଇବା ଦାୟିତ୍ୱ ସରକାରଙ୍କର। ସରକାର କିଛି ନ ଶୁଣିବାରୁ ଆମେ ଆନ୍ଦୋଳନ କରି ଗେଟ୍ ଆଗରେ ବସିଲୁ। ସରକାର ନ ଶୁଣିଲେ ବିରୋଧୀ କାହିଁକି ଗୃହକୁ ଯିବେ? ଯେବେ ଜମ୍ମୁ-କଶ୍ମୀର ଏସ୍‌ଟିଏସ୍‌ସି/ଓବିସି ସଂରକ୍ଷଣକୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କଲେ, ଓଡ଼ିଶାରେ କିଛି ନ କରି ଶିଶୁ ସରକାର ହୋଇ ରହିବ କି ବୋଲି ସାହୁ ପ୍ରଶ୍ନ କରିଥିଲେ।

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ବିରୋଧୀ ସଦସ୍ୟମାନେ ଗୃହ ଭିତରେ ଦୁଃଶାସନ ଓ ଦୁର୍ଯ୍ୟୋଧନ ଭଳି ହେଉଛନ୍ତି। ବାଚସ୍ପତିଙ୍କୁ ଗୃହ ଚଳାଇବାକୁ ଦେଉନାହାନ୍ତି। ଏହାଦ୍ୱାରା ଅନ୍ୟ ସଦସ୍ୟମାନେ ସେମାନଙ୍କ ଅଞ୍ଚଳର ସମସ୍ୟା ଉତ୍ଥାପନ କରିପାରୁନାହାନ୍ତି। ବିରୋଧୀମାନେ ବିରୋଧ କରିବାକୁ ମନା ନାହିଁ, ହେଲେ ସେମାନଙ୍କ ଆଚରଣ ଓ ଉଚ୍ଚାରଣ ସୀମା ଟପିଯାଉଛି।

# ନାରୀ ସୁରକ୍ଷା ନେଇ ସରକାର ସ୍ୱତନ୍ତ୍ର ଆଇନ ଆଣନ୍ତୁ: ସୁପ୍ରିୟା

ଭୁବନେଶ୍ୱର, ୨୫।୩(ସୁନିତ୍ ମିଶ୍ର)



ସୁପ୍ରିୟା ଶ୍ରୀନେତ୍

ଓଡ଼ିଶାରେ ମହିଳା ଏବଂ ବିଶେଷ କରି ଛାତ୍ରୀମାନେ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ ବୋଲି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ମୁଖପାତ୍ର ସୁପ୍ରିୟା ଶ୍ରୀନେତ୍ କହିଛନ୍ତି। କଂଗ୍ରେସ ଭବନ ଠାରେ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୁପ୍ରିୟା କହିଛନ୍ତି, ମହିଳା ଅସଦାଚରଣ, ବର୍ବରତା, ବଳାତ୍କାର ଓ ଗଣବଳାତ୍କାର ବର୍ତ୍ତମାନ ସାରା ରାଜ୍ୟରେ ସବୁ ଜିଲାରେ ବଢ଼ିଚାଲିଛି। ଡବଲ ଇଞ୍ଜିନ ସରକାରର ପ୍ରଥମ ୫୦ ଦିନରେ ୧୧ ଜଣ ମହିଳାଙ୍କୁ ଗଣବଳାତ୍କାର କରାଯାଇ ହତ୍ୟା କରାଯାଇଥିଲା। କିନ୍ତୁ ଏହାକୁ ରୋକିବା ପରିବର୍ତ୍ତେ ଭାଜପା ସରକାରର ପ୍ରଥମ ୮ ମାସରେ ଏହି ସଂଖ୍ୟା ୧୧ରୁ ବଢ଼ି ୫୪ ଅତିକ୍ରମ କରିଛି । ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସ ବିଧାୟକମାନେ ବିଧାନସଭା ଭିତରେ ଓ ବାହାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ଏବଂ ଆବଶ୍ୟକ ପଡ଼ିଲେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରନ୍ତୁ ବୋଲି ଶ୍ରୀନେତ୍ ଦାବି କରିଛନ୍ତି।

ନାରୀ ନିର୍ଯାତନା କ୍ଷେତ୍ରରେ ଓଡ଼ିଶା ବର୍ତ୍ତମାନ ଦେଶର ୪ର୍ଥ ସ୍ଥାନରେ ରହିଛି। ଏହା କଂଗ୍ରେସର ହିସାବ ନୁହେଁ, ଏହା ଭାଜପା ସରକାର ଦେଇଥିବା ତଥ୍ୟ ଆଧାରରେ କହୁଛୁ। ସରକାର ଦେଇଥିବା ସୂଚନା ଅନୁସାରେ ପାଖାପାଖି ୪୪ ହଜାର ମହିଳା ନିଖୋଜ। କଂଗ୍ରେସ ସଦସ୍ୟମାନେ ବିଧାନସଭା ଭିତରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଯେଉଁ ମୁଲତବୀ ପ୍ରସ୍ତାବ ଆଣିଥିଲେ, ସେ ନେଇ ସ୍ୱିତନ୍ତ୍ର ଭାବେ ଗୃହରେ ଆଲୋଚନା ହେଉ ଏବଂ ଖୋଦ୍ ମୁଖ୍ୟମନ୍ତ୍ରୀ ଏ ଘଟଣାର ବିବୃତ୍ତି ରଖନ୍ତୁ। ଏଥିପାଇଁ ଗୃହ କମିଟି ଗଠନ କରାଯାଉ। ପ୍ରତିବାଦରେ ସରକାରୀ ଦଳର ମନ୍ତ୍ରୀ ତଥା ବିଧାୟକ ଏ ସ୍ପର୍ଶକାତର ଘଟଣାକୁ ଗୁରୁତ୍ୱର ସହ ବିଚାର କରିବା ପରିବର୍ତ୍ତେ କଂଗ୍ରେସ ବିଧାୟକମାନଙ୍କୁ ଅଶାଳୀନ ଭାଷାରେ ଗାଲିଗୁଲଜ କରିବା ସହିତ ତାଙ୍କ ପ୍ରତି ମରଣାନ୍ତକ ଆକ୍ରମଣ କରିଛନ୍ତି । ଏହା ନିନ୍ଦନୀୟ ବୋଲି ସୁପ୍ରିୟା କହିଛନ୍ତି।

## ଖେଳ ଖବର

# ଓଡ଼ିଶା ରନରଅପ୍, ରାମଦାସ ଶ୍ରେଷ୍ଠ




ରନରଅପ୍ ଓଡ଼ିଶା ଦଳର ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୨୫।୩(ତପନ ସ୍ୱାଇଁ)

**ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟ୍‌ବଲ**

ମଧ୍ୟପ୍ରଦେଶର ଗ୍ୱାଲିଠାରେ ଅନୁଷ୍ଠିତ ପ୍ରଥମ ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ରନରଅପ୍ ହୋଇଛି। ବ୍ଲୁ ଆଇ ଅନୁଷ୍ଠାନ ପକ୍ଷରୁ ମନୋନୀତ ଓଡ଼ିଶା ଖେଳାଳିମାନେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ରାମଦାସ ମୁର୍ମୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୨-୦ରେ ହରିୟାଣାକୁ ହରାଇଥିବାବେଳେ କେରଳ ନିକଟରୁ ୦-୧ରେ ହାରିଯାଇଥିଲା। ତୃତୀୟ ତଥା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀକୁ ୩-୧ରେ ହରାଇ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ଓଡ଼ିଶା ୩-୧ ଗୋଲରେ ଉତ୍ତରାଖଣ୍ଡକୁ ହରାଇ ଥିଲେ ହେଁ ଫାଇନାଲରେ କେରଳ ନିକଟରୁ ୧-୨ ଗୋଲରେ ହାରି ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। କେବଳ କେରଳ ବିପକ୍ଷ ମ୍ୟାଚ୍‌କୁ ଛାଡ଼ିଦେଲେ ପୂରା ପ୍ରତିଯୋଗିତାରେ ଓଡ଼ିଶା ପ୍ରଭାବୀ ପ୍ରଦର୍ଶନ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ସମେତ ମଧ୍ୟପ୍ରଦେଶ, ଦିଲ୍ଲୀ, ଉତ୍ତରାଖଣ୍ଡ, କେରଳ, ପଶ୍ଚିମବଙ୍ଗ, ହରିୟାଣା ଓ ତାମିଲନାଡୁ ଆଦି ଭାରତର ୮ଟି ରାଜ୍ୟ ଦଳ ଅଂଶଗ୍ରହଣ କରିଥିଲେ। ରାମଦାସ ମୁର୍ମୁ (ଅଧିନାୟକ), ଶରତ ରଞ୍ଜନ ସିଂ, ବୈଦ୍ୟନାଥ ହାଁସଦା, ବାଲିଆ କିସ୍କୁ, ଗୁରୁଭା ମୁର୍ମୁ, ହିକିମ ମୁର୍ମୁ ଓ ଆକାଶ ପଡ଼ିଆମୀ(ଗୋଲ୍‌କିପର) ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ତ୍ରିଲୋଚନ ବେଉରା କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ।

# ଶୁଟ୍‌ଆଉଟ୍‌ରେ ଓଡ଼ିଶା ବିଜୟୀ

ରାଞ୍ଚି, ୨୫।୩(ପି.ଟି.): ଜାତୀୟ ମହିଳା ହକି ଲିଗ୍‌ରେ ମଙ୍ଗଳବାର ଓଡ଼ିଶା, ମହାରାଷ୍ଟ୍ର ଓ ବେଙ୍ଗଲ ସେମାନଙ୍କ ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି। ଓଡ଼ିଶା ଓ ମିଜୋରାମ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ବରାବର ରହିବାରୁ ଶୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଓଡ଼ିଶା ୨-୦ରେ ବିଜୟୀ ହୋଇଥିଲା। ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଓଡ଼ିଶା ତରଫରୁ ସଞ୍ଜନା କିରୋ ୫ମ ଏବଂ ମିଜୋରାମ ପକ୍ଷରୁ ୫୫ତମ ମିନିଟରେ ଲାଲ୍‌ଟ ଲାନ୍‌ଛୁଙ୍ଗି ଗୋଲ ଦେଇଥିଲେ। ଶୁଟ୍ ଆଉଟ୍‌ରେ ଗୋଲ୍‌କିପର ନାମ୍ରସି ଜାରିକା ମିଜୋରାମର ସମସ୍ତ ୪ ପ୍ରଚେଷ୍ଟାକୁ ପଣ୍ଡ କରି ଦେଇଥିଲେ।

# ପ୍ରଣତି ନାୟକଙ୍କୁ ଭବ୍ୟ ସ୍ୱାଗତ

ଭୁବନେଶ୍ୱର, ୨୫।୩(ତପନ ସ୍ୱାଇଁ)

**ଏଫ୍‌ଆଇଜି ଆପାରାଟସ୍ ବିଶ୍ୱକପ୍‌ର ଭଲ୍ଟରେ ଜିତିଥିଲେ ବ୍ରୋଞ୍ଜ୍**



ପ୍ରଣତି ନାୟକଙ୍କୁ ସ୍ୱାଗତ କରାଯାଉଛି।

ତୁର୍କୀର ଆଣ୍ଟାଲ୍ୟାଠାରେ ଅନୁଷ୍ଠିତ ଏଫ୍‌ଆଇଜି ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ବିଜୟିନୀ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରର ପ୍ରଣତି ନାୟକ ମଙ୍ଗଳବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏଠାରେ ପହଞ୍ଚିବାପରେ ରାଜ୍ୟ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ଏଚ୍‌ପିସି ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଭାରତୀୟ ଜିମ୍ନାଷ୍ଟ ପ୍ରଣତି ୧୩.୪୧୭ ପଏଣ୍ଟ ସ୍କୋର୍ ସହ ବ୍ରୋଞ୍ଜ ପଦକ ଜିତିଥିଲେ। ଏଫ୍‌ଆଇଜି ଆପାରାଟସ୍ ବିଶ୍ୱକପ୍ ୨୦୨୫ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ ହାଇପରଫର୍ମାନ୍ସ ସେଣ୍ଟର(ଏଚ୍‌ପିସି)ର ୪ ଜିମ୍ନାଷ୍ଟ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସିନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ (ଏମ୍‌ଏଜି) ବର୍ଗରେ ତପନ ମହାନ୍ତି ଓ ତପେଶ୍ୱରନାଥ ଦାସ ପ୍ରତିନିଧିତ୍ୱ କରିଥିବା ବେଳେ ସିନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ (ଡବ୍ଲ୍ୟୁଏଜି) ବର୍ଗରେ ପ୍ରଣତି ନାୟକ ଓ କରିସ୍ମା ରାଜପୁତ ଅଂଶଗ୍ରହଣ କରିଥିଲେ।

# ଇଣ୍ଡିଆନ ୟୁନିଭର୍ସିଟି ଆର୍ଚେରୀ ଚୟନ ଟ୍ରାଏଲ ଆରମ୍ଭ

ଭୁବନେଶ୍ୱର, ୨୫।୩ (ତପନ ସ୍ୱାଇଁ)

**ଏଫ୍‌ଆଇଏସ୍‌ୟୁ ୱାର୍ଲ୍ଡ ଗେମ୍ସ**

ଜର୍ମାନୀର ରିନେ-ରୁହରଠାରେ ହେବାକୁଥିବା ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ(ଏଫ୍‌ଆଇଏସ୍‌ୟୁ) ୱାର୍ଲ୍ଡ ଗେମ୍ସ ପାଇଁ ଇଣ୍ଡିଆନ ୟୁନିଭର୍ସିଟିର ଆର୍ଚେରୀ ଟ୍ରାଏଲ ମଙ୍ଗଳବାର କିଟ୍ ପରିସରରେ ଆରମ୍ଭ ହୋଇଛି। ଆସୋସିଏସନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍(ଏଆଇୟୁ) ଅନୁମୋଦନକ୍ରମେ ଉଭୟ ମହିଳା ଓ ପୁରୁଷ ବିଭାଗରେ ଏହି ଟ୍ରାଏଲ କିଟ୍ ଓ କିସ୍ ଆର୍ଚେରୀ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଏହା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତର ୧୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରୁ ୩୦୦ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଆର୍ଚର ଏହି ଟ୍ରାଏଲରେ ଅଂଶଗ୍ରହଣ କରିଛନ୍ତି। ଏଥିରୁ ମନୋନୀତ ଆର୍ଚରମାନେ ଆସନ୍ତା ଜୁଲାଇ ୧୬ରୁ ୨୭ ପର୍ଯ୍ୟନ୍ତ ଜର୍ମାନୀରେ ହେବାକୁଥିବା ଏଫ୍‌ଆଇଏସ୍‌ୟୁ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ-୨୦୨୫ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଅଲିମ୍ପିଆନ୍ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ରାହୁଲ ବାନାର୍ଜୀ, ଏସିଆଡ୍ ଆର୍ଚର ତଥା କୋଚ୍ ରାଜେଶ ହାଁସ୍‌ଦା, ଜାତୀୟ ଆର୍ଚେରୀ କୋଚ୍ ସୁରିନ୍ଦର ସିଂ ରାଣ୍ଡୱା, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ଜଣେ ପ୍ରତିନିଧି ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଚୟନ ପ୍ୟାନେଲର ସଦସ୍ୟ ରହିଛନ୍ତି। ଆର୍ଚେରୀ ପରେ ଆସନ୍ତା ଏପ୍ରିଲରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଭଲିବଲ, ଆଥଲେଟିକ୍ସ, ଲନ୍ ଟେନିସ୍‌ରେ ମଧ୍ୟ ଚୟନ ଟ୍ରାଏଲ୍ ହେବ। ଟ୍ରାଏଲ୍ ପରେ କିଟ୍ ପରିସରରେ ଏକ ମାସବ୍ୟାପୀ କୋଚିଂ କ୍ୟାମ୍ପ ଅନୁଷ୍ଠିତ ହେବ। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଅଂଶଗ୍ରହଣ ପାଇଁ ପ୍ରତିଭାସମ୍ପନ୍ନ ଆଥଲେଟ୍‌ଙ୍କୁ ଚୟନ କରିବା ଉପରେ ପ୍ୟାନେଲ ଗୁରୁତ୍ୱାରୋପ କରୁଛି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଟ୍ରାଏଲରେ ଯୋଗଦେଇଥିବା ଆର୍ଚରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଇଣ୍ଡିଆନ ୟୁନିଭର୍ସିଟିର ଆର୍ଚେରୀ ଟ୍ରାଏଲ୍ ଅବସରରେ ପ୍ରତିଯୋଗୀମାନେ।

# ଭାରତୀୟଙ୍କୁ ସଶ୍ରମ କାରାଦଣ୍ଡ

କଲମ୍ବୋ, ୨୫।୩(ପି.ଟି.)

**କ୍ରିକେଟ ମ୍ୟାଚ୍ ଫିକ୍ସିଂ**

୨୦୨୪ରେ ଏକ ମ୍ୟାଚ୍ ଫିକ୍ସିଂ ମାମଲାରେ ଶ୍ରୀଲଙ୍କାର ମାଟେଲସ୍ଥିତ ହାଇକୋର୍ଟ ଜଣେ ଭାରତୀୟଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। କାଣ୍ଡିଠାରେ ଖେଳାଯାଇଥିବା ଲିଜେଣ୍ଡ ଲିଗ୍ ଟି୨୦ ଟୁର୍ଣ୍ଣାମେଣ୍ଟର ମ୍ୟାଚଗୁଡ଼ିକ ଫିକ୍ସ କରିବା ଲାଗି ପ୍ରସ୍ତାବ ଦେଇଥିବା ଶ୍ରୀଲଙ୍କା ଚୟନ କମିଟି ଚେୟାରମ୍ୟାନ୍ ଉପୁଲ ଥରଙ୍ଗାଙ୍କ ଅଭିଯୋଗକୁ ଭିତ୍ତିକରି କୋର୍ଟ ଯୋଗୀ ପଟେଲ ନାମକ ଖେଳାଳିଙ୍କୁ ଦଣ୍ଡିତ କରିଛନ୍ତି। ମ୍ୟାଚ୍ ଫିକ୍ସିଂ ମାମଲାରେ ପଟେଲଙ୍କୁ ଗତବର୍ଷ ମାର୍ଚ୍ଚରେ ଗିରଫ କରାଯାଇଥିଲା ଏବଂ କଠୋର ସର୍ତ୍ତାବଳୀରେ ତାଙ୍କୁ ଜାମିନ ଦିଆଯାଇଥିଲା। କୋର୍ଟ ତାଙ୍କୁ ଦେଶ ଛାଡ଼ି ଯିବାକୁ ବାରଣ କରିଥିଲେ ମଧ୍ୟ ସେ ତାହାକୁ ଅମାନ୍ୟ କରିଥିଲେ। ସେ ଦେଶ ଛାଡ଼ି ଯିବାପରେ ତାଙ୍କ ଓକିଲମାନେ କୋର୍ଟରେ କହିଥିଲେ ଯେ, ପଟେଲଙ୍କ ଜୀବନପ୍ରତି ବିପଦ ଥିବାରୁ ସେ ଦେଶ ଛାଡ଼ି ଚାଲିଯାଇଛନ୍ତି। ଫଳତଃ ତାଙ୍କୁ ଗିରଫ କରିବା ପାଇଁ ଏକ ଇଣ୍ଟରପୋଲ୍ ୱାରେଣ୍ଟ ଜାରି କରିବା ଲାଗି କୋର୍ଟ ପୋଲିସ ସିଆଇଡିକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଶ୍ରୀଲଙ୍କା ସରକାର ୨୦୧୯ରେ କ୍ରୀଡ଼ା ସମ୍ପର୍କିତ ଏକ ଦୁର୍ନୀତି ଆଇନ ପ୍ରଚଳନ କରିଛି। ଏଥିରେ ଦୋଷୀଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଏବଂ ୫,୫୦,୦୦୦ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଅଭିଯୁକ୍ତଙ୍କୁ ଆହୁରି ମଧ୍ୟ ୮୫ ନିୟୁତ ଶ୍ରୀଲଙ୍କା ଟଙ୍କା ଜରିମାନା କରାଯାଇଛି।

**ଜୁନ୍‌ରୁ ୟୁପିଆଇ, ଏଟିଏମ୍‌ରେ ଇପିଏଫ୍ ଉଠାଣ**

ନୂଆଦିଲ୍ଲୀ,୨୫।୩: କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍ଓ) ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ଜରିଆରେ ପ୍ରୋଭିଡେଣ୍ଟ ଫଣ୍ଡ ଟଙ୍କା ଉଠାଇବାକୁ ଏକ ବୈପ୍ଳବିକ ବ୍ୟବସ୍ଥା ଆଣିବାକୁ ଯାଉଛି। ନ୍ୟାସନାଲ ପେମେଣ୍ଟସ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଏଥିପାଇଁ କରିଥିବା ସୁପାରିସ୍‌କୁ ଶ୍ରମ ମନ୍ତ୍ରଣାଳୟ ଅନୁମୋଦନ କରିଛି। ଆସନ୍ତା ମେ' କିମ୍ବା ଜୁନ୍ ସୁଦ୍ଧା ପିଏଫ୍ ସଦସ୍ୟମାନେ ୟୁପିଆଇ ଯୋଗେ ଏବଂ ଏଟିଏମ୍‌ରୁ ପ୍ରୋଭିଡେଣ୍ଟ ଫଣ୍ଡ ଜମା ଅର୍ଥ ଉଠାଇପାରିବେ ବୋଲି ଶ୍ରମ ମନ୍ତ୍ରଣାଳୟ ସଚିବ ସୁମିତା ଦଉରା ଗଣମାଧ୍ୟମକୁ କହିଛନ୍ତି। ଅଟୋମେଟେଡ୍ ସିଷ୍ଟମ ଜରିଆରେ ଥରକରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉଠାଇହେବ କିମ୍ବା ସଦସ୍ୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇପାରିବ। ପିଏଫ୍ ସଦସ୍ୟମାନେ ଏଣିକି ଗୃହ ନିର୍ମାଣ, ଶିକ୍ଷା, ବିବାହ ଓ ଚିକିତ୍ସା ପାଇଁ ସହଜରେ ପ୍ରୋଭିଡେଣ୍ଟ ଫଣ୍ଡରୁ ଟଙ୍କା ଉଠାଇପାରିବେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସୀମାପାର ସହଯୋଗ ପାଇଁ ଭାରତ-ଚାଇନା ଆଲୋଚନା

**ନୂଆଦିଲ୍ଲୀ,୨୫।୩**

ଅନ୍ତର୍ଦେଶୀୟ ନଦୀ ଏବଂ କୈଳାସ-ମାନସରୋବର ତୀର୍ଥଯାତ୍ରା ସମେତ ସୀମାପାର ସହଯୋଗ ପୁନର୍ବାର ଆରମ୍ଭ କରିବାକୁ ବେଜିଂରେ ଭାରତ ଓ ଚାଇନା ମଧ୍ୟରେ ମଙ୍ଗଳବାର ଆଲୋଚନା ହୋଇଛି। ଭାରତ-ଚାଇନା ସୀମା ବ୍ୟାପାର ନେଇ ଅନୁଷ୍ଠିତ ୱର୍କିଂ ମେକାନିଜମ୍ ଫର୍ କନ୍‌ସଲ୍ଟେଶନ ଆଣ୍ଡ କୋ-ଅପରେଶନ(ଡବ୍ଲ୍ୟୁଏମ୍‌ସିସି)ର ୩୩ତମ ବୈଠକରେ ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ୱାଭାବିକ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଗତବର୍ଷ ଅକ୍ଟୋବରରେ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି) ଅନ୍ତର୍ଗତ ଲଦାଖ ସେକ୍ଟରରୁ ସାମରିକ ଅଚଳାବସ୍ଥା ଦୂର ପାଇଁ ଦୁଇ ଦେଶ ମଧ୍ୟରେ ବୁଝାମଣା ହୋଇଥିଲା। ବୈଶ୍ୱିକ ସ୍ଥିରତା ଓ ବିକାଶ ପାଇଁ ଭାରତ-ଚାଇନା ସହଯୋଗ ଜରୁରୀ ବୋଲି ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ଗତ ଡିସେମ୍ବରରେ ସୀମା ପ୍ରଶ୍ନକୁ ନେଇ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ଆଲୋଚନାରେ ନିଆଯାଇଥିବା ପ୍ରସ୍ତାବ ସମ୍ପର୍କରେ ମଙ୍ଗଳବାର ବୈଠକରେ ଆଲୋଚନା ହୋଇଛି।

**ଦ୍ୱିତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା**



**ତନଭିଷା (ରାନୀ)**
ରସୁଲଗଡ଼, ଭୁବନେଶ୍ୱର
ତା ୨୬ ମାର୍ଚ୍ଚ, ୨୦୨୫
ଶୁଭେଚ୍ଛା ସହ- ଜେଜେ: ଗଦାଧର ରାଉତରାୟ, ଜେଜେମା': ସୁଲଚନା ରାଉତରାୟ, ବାପା: ପ୍ରଶାନ୍ତ ରାଉତରାୟ, ମାଆ: ରେଣୁବାଳା ରାଉତରାୟ, ବଡ଼ବାପା: ପ୍ରକାଶ ରାଉତରାୟ, ବଡ଼ମାଆ: ସୋନାଲି ରାଉତରାୟ, ଭାଇ: ପ୍ରିୟାଂଶୁ, ସାଇପ୍ରିୟ
ଧ-୩୪୧୮

# Classified Everyday
**0674-2580101, 9692975378**




## MATRIMONIAL

### BRIDE WANTED

Handsome Brahmin Boy 1987, 5'7" B.Tech Serving Engineer, Hyderabad. "SUNASANSAR". 9937512659. D-75251

Brahmin Boy 1980 5'7" Ph.d. Serving Lecturer. Govt College, "SUNASANSAR". 9937512659. D-76252



## AUTOMOBILE SALE

Tata Magic OD02 AZ 6002 new condition 25800 KMS 1st Owner No finance for sale 9040413717, 9861122959. D-3339



## REAL ESTATE SALE

**1792sqft. plot inside a gated community near Physiotherapy Hospital at Olatapur, side of Phulanakhara-Niali Highway for sale. 7008071631.** D-3416

**Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226.** D-3125

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

**44 Dcml. (1920sqft.) Gharabadi boundary wall plot SALE at Bhaktamadhu Nagar, near ITER College, Jagamara. Price 95 lakh, negotiable. Only Genuine Buyer call for details: 9438220432/ 8144658008.** D-3412

## LEASE

Warehouse for LEASE 43000sqft. at Hanspal, Bhubaneswar. Contact: 7205809501, 9861096613. D-3400




Full body massage by Odia therapist in homely atmosphere. 9556498382. D-75373

All types hair cutting, body massage by smart lady room services available. Contact: 7077240328. D-71396

**Relax, Refresh your body, mind at Saikrupa Spa with best therapies. 7848011468.** D-3288

Newly open Jyoti SPA positively health benefits (Expert therapist). 8458067955. D-76904

**Newly opened spa in puri. Professional body massage available. 9861984834.** D-3394

## LOST

I, Sri Gourmohan Maharana, S/o- Late Krushna Mohan Maharana, At.- Olandajsahi, Barabati, Balasore declare that one sale deed bearing No.-5475, dtd. 20.12.1982 has been lost at Katchery Premises, PS- Town (PS No-215), Khata No.-19, Plot No.-139, A0.04dec. out of A0.26⁹/₁₀ and grand out of A1.39dec. It is for public advertisement. D-3410

I, Panchanan Sahu, S/o- Shyam Sundar Sahu, R/o: Village- Dengapadar, P.O.- Baghiabahal, P.S.-Manamunda, Dist.- Boudh declare that I have lost the Registered sale deed bearing Regd. No.337/1999 on the way on dated 13.03.2025 while I was coming from Kantamal to Rundimahul. Inspite of my thorough search I could not traced out the same. D-3417

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

The name of 'Mishika', D/o- Manas Ranjan Sahoo, F144, Cosmopolis, Aiginia, Bhubaneswar- 751019, Odisha, has been changed to 'Mishika Sahoo' as declared by Manas Ranjan Sahoo, sworn in before Mrs. Laxmi T., Executive Magistrate, Bhubaneswar, vide affidavit No.- CF No.-145/24.03.2025 w.e.f. 24.03.2025. The revised name 'Mishika Sahoo' will appear in all the identity proof(s) and personal documents henceforth. D-3420

By virtue of an affidavit sworn before Notary Public, Bhubaneswar, dated 20th Feb. 2025, I, Yojana Pradhan, Wife of- Abhimanyu Rout, resident of Basantapedi Pratapsasan (CT), P.S.- Balianta, Dist.- Khorda-752100 declare that I have changed my name from Jojana Rout to Yojana Pradhan. Henceforth, I shall be known as Yojana Pradhan for all purposes.
Yojana Pradhan D-3405

By virtue of an affidavit sworn before the Executive Magistrate, Bhubaneswar, dated 25.03.2025, I, Sibasis Sahoo, S/o- Bhramarbar Sahoo, Address: At/P.O.- Tulanga, Via- Tiran Tulanga, P.S.- Tirtol, Dist.- Jagatsinghpur, Odisha, PIN-754138 declare that I have changed my name from Sibashish Sahoo to Sibasis Sahoo. Henceforth, I shall be known as Sibasis Sahoo for all purposes.
Sibasis Sahoo D-3404

By virtue of an affidavit sworn before affidavit No.-374, Executive Magistrate, Chhendipada, dated 19.03.2025, I, Prativa Sahu, Address: W/o- Gyanedra Kumar Sahoo, At- Kampasala Jungle, P.O.- Kampasala, P.S.- Chhendipada, Dist.- Angul (Odisha), PIN-759130 declare that I have changed my name from Prativa Sahoo to Prativa Sahu. Henceforth, I shall be known as Prativa Sahu for all purposes. D-3401

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit (Sl. No.- 3192, dated 17.03.2025) before the Notary Public, Sambalpur, I have changed my name from Gobinda Prasad Agrawal to Gobind Prasad Agrawal. Henceforth, I shall be known as Gobind Prasad Agrawal, S/o- Harisankar Agrawal, resident of At-Kansaripada, Golebazar, Sambalpur-768001, Odisha for all future purposes.
Gobind Prasad Agrawal D-3414

I, Jyotsna Baghel, D/o- Balkrushna Baghel, R/o- At- Sagarpali, P.O./P.S.- Deogaon, Dist.- Balangir, Odisha, PIN- 767029 declare by this affidavit No.-77, dated 25.03.2025 that I have changed my former name from Anjali Baghel to Jyotsna Baghel. Henceforth, I shall be known as Jyotsna Baghel for all future purposes. D-3408

I, Gouri Sandha, D/o- Parame Sandha, R/o- At- Rengali, P.O.- Uparjhar, Via- Jarasingh, P.S.- Deogaon, Dist.- Balangir, Odisha, PIN- 767067 declare by this affidavit No.-1303, dated 30.01.2025 that I have changed my former name from Gauri Sandha to Gouri Sandha. Henceforth, I shall be known as Gouri Sandha for all future purposes. D-3409

By virtue of an affidavit sworn before Notary, Bhubaneswar, dtd. 21.03.2025 vide affidavit No.- 72AA869317, I, Smt. Nirmala Patnaik, Wife of Sri Ajaya Prasad Pattanaik, resident of Plot- 303, Ekamra Road, Unit-6, Ganganagar, Bhubaneswar declare that my husband's name wrongly mentioned in Passport bearing No.- AA523270, Ajay Prasad Pattanaik instead of his full and original name Ajaya Prasad Pattanaik. Now onwards Ajaya Prasad Pattanaik and Ajay Prasad Pattanaik is one and same person. Henceforth he will be known as Ajaya Prasad Pattanaik for all purposes. D-3419

By virtue of an affidavit (No.- 295, dated 24.03.2025) sworn before the Executive Magistrate, Deogarh, I, Chari Suhula, W/o- Late Jagadish Suhula, R/o: Village- Sankarapur, P.O.- Nuadihi, P.S.- Kundheigola, Dist.- Deogarh, PIN-768108 declare that I have changed my minor daughter's name from Jaymini Suhula to Jaimini Suhula. Henceforth she shall be known as Jaimini Suhula for all future purposes. D-3415

## LEGAL NOTICE

Letter No.- 375, Date- 21.03.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ ( ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ ।

ଓ.ଏସ୍.ଏସ୍. ୪୨୩/୨୦୨୪

ଶ୍ରୀ ଅରୁଣ କୁମାର ରଥ ....ବାଦୀ

ବନାମ

ଭାଗ୍ୟଧର ସ୍ୱାଇଁ ଏବଂ ଅନ୍ୟମାନେ ......ପ୍ରତିବାଦୀମାନେ

ନୋଟିସ ଅଣ୍ଡର ଅର୍ଡର ୫, ରୁଲ୍-୨୦, ସି.ପି.ସି. ମୁତାବକ

ପ୍ରାପ୍ତେଷୁ ,

୧. ଭାଗ୍ୟଧର ସ୍ୱାଇଁ, ପି- ବୁଲା ସ୍ୱାଇଁ, ୨. ବାବାଜୀ ଚେମ୍ପି, ପି- ଶ୍ୟାମ ଚେମ୍ପି, ୩. ବେଣୁଧର ବେହେରା, ୪. ବଂଶୀଧର ବେହେରା, ପି- ଧଡ଼ି ବେହେରା, ୫. ସୁକଦେବ ପାଣ୍ଡ୍ୟା, ପି- ପରମାନନ୍ଦ ପାଣ୍ଡ୍ୟା, ୬. ପାଇଛା ଦେଇ, ସ୍ୱା- ବୀରବର ବେହେରା, ୭. ସୁମନ୍ତ ମାର୍ଥା, ପି- ଚିତ୍ତରଞ୍ଜନ ମାର୍ଥା, ସମସ୍ତଙ୍କର ଠିକଣା: ସା- ଜୁଝାଗଡ଼, ପୋ- ଦାରୁଠେଙ୍ଗ, ଥା- ଚନ୍ଦକା, ଜି- ଖୋର୍ଦ୍ଧା, ଓଡ଼ିଶା, ୮. ସୁଧାଂଶୁ ପ୍ରଭା ମହାନ୍ତି, ସ୍ୱା- ହରିଶ ଚନ୍ଦ୍ର ମହାନ୍ତି, ଠିକଣା: ସା- ସାହାପୁର, ଥା- ମାହାଙ୍ଗା, ଜି- କଟକ, ଓଡ଼ିଶା ।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ, ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୩।୦୫।୨୦୨୫ରିଖ, ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ସମ୍ପତ୍ତି ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ.- ୪୦, ମୌଜା-ଭୁଆଶୁଣୀ, ହାଲ୍ ଖାତା- ୯୦୩, ହାଲ୍ ପ୍ଲଟ୍- ୧୪୧୭, ରକବା- ଏ୦.୧୧୫ ଡିସିମିଲ ସ୍ୱଧରୁ ଏ.୦.୧୦୦ଡି. ଯାହାର ସାବକ ଖାତା ନଂ.- ୧୬୦, ସାବକ ପ୍ଲଟ୍ ନଂ.- ୨୮୩, ଏରିଆ- ଏ୧.୭୮୮ଡିସିମିଲ ସ୍ୱଧରୁ ଏ.୦.୧୦୦ଡି. ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା: ୧୯।୦୩।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./-କୋର୍ଟ ଅଫିସର
ଧ-୭୫୮୩୯

Letter No.-476, Dt.- 13.03.2025

ମାନ୍ୟବର ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ OAS (SS) ଅତିରିକ୍ତ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱର ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜି- ଖୋର୍ଦ୍ଧା, ଓଡ଼ିଶା ।

ଓ.ଏସ୍.ଏସ୍. କେସ୍ ନଂ.-୧୨୪୫/୨୦୨୩

ବାସନ୍ତିଲତା ସୁନ୍ଦରରାୟ, ବୟସ ୪୬ବର୍ଷ, ସ୍ୱା- ପ୍ରସନ୍ନ କୁମାର ପରିଡ଼ା, ସା- ଗାଇଗୁଆ, ପୋ- କୋରା, ଥାନା- କେନ୍ଦ୍ରାପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ା .....ବାଦୀ

ବନାମ

ଧୋବେଇ ସାହୁ ଓଗେର .....ପ୍ରତିବାଦୀମାନେ

ନୋଟିସ ଅଣ୍ଡର ଅର୍ଡର-୫, ରୁଲ୍-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,

ଧୋବେଇ ସାହୁ (ମୃତ), ଶୋଭା ସାହୁ, ପି- ଲକ୍ଷ୍ମଣ ସାହୁ, ଆରତ ସାହୁ, ପି- ମାଧବ ସାହୁ, ରଙ୍ଗ ସାହୁ, ବେଙ୍ଗ ସାହୁ, ଲତା ସାହୁ, ପି- କୁଳମଣି ସାହୁ, କୁମ ସାହୁ, ସ୍ୱା- କୁଳମଣି ସାହୁ, ଧୂଳି ସାହୁ, ଶଶୀ ସାହୁ, ଗୁଣ୍ଡୁଚି ସାହୁ, ପି- ଯୋଗୀ ସାହୁ, ତଇ ସାହୁ, ସ୍ୱା- ଦ୍ୱିଜବର ସାହୁ, ଭାଗ୍ୟଧର ସାହୁ, ପି- ହାଡୁ ସାହୁ, ସା- ଗାଡ଼କଣ, ପୋ- ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା- ମଞ୍ଚେଶ୍ୱର, ଜି- ଖୋର୍ଦ୍ଧା। ରବି ସାହୁ, ପି- ଦିଜବର ସାହୁ।

ସମ୍ପତ୍ତି ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଥାନା ନଂ.-୨୫, ମୌଜା- ଗାଡ଼କଣ, ହାଲ୍ ଖାତା- ୨୮୮୨, ହାଲ୍ ପ୍ଲଟ୍- ୨୯୧୨, ରକବା- ଏ୦.୦୩୪ ଡିସିମିଲ, ଯାହାର ସାବକ ଖାତା- ୪୯୮, ସାବକ ପ୍ଲଟ୍ ୩୧୦, ରକବା- ଏ୦.୧୧୦ଡିସିମିଲ।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇଦିଆଯାଉଅଛି ଯେ ଉପରଲିଖିତ ଓ.ଏସ୍.ଏସ୍. କେସର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା.୨୮।୦୪।୨୦୨୫ରିଖ ଦିବା ଘ. ୧୧.୩୦ ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ କିମ୍ବା ତାଙ୍କ ଉତ୍ତରାଧିକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ତା୧୩।୦୩।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର୍
D-75840


# ବିବାଦୀୟ ବଳାତ୍କାର ରାୟ: ସୁପ୍ରିମକୋର୍ଟରେ ଶୁଣାଣି ଆଜି

**ନୂଆଦିଲ୍ଲୀ,୨୫।୩**

ଗତ ମାର୍ଚ୍ଚ ୧୭ରେ ବଳାତ୍କାରକୁ ନେଇ ଆଲ୍ଲାହାବାଦ ହାଇକୋର୍ଟ ଦେଇଥିବା ବିବାଦୀୟ ରାୟକୁ ମଙ୍ଗଳବାର ସୁପ୍ରିମକୋର୍ଟ ନିଜ ଆଡୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ବୁଧବାର ଜଷ୍ଟିସ୍ ବି.ଆର୍ ଗଭାଇ ଏବଂ ଜଷ୍ଟିସ୍ ଏ.ଜି. ମସିହଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ନାବାଳିକାଙ୍କ ସ୍ତନକୁ ଧରିବା ଏବଂ ପାଇଜାମା ଡୋରି ଖୋଲିବା ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ନୁହେଁ ବୋଲି ଆଲ୍ଲାହାବାଦ ହାଇକୋର୍ଟ ଏକ ମାମଲାର ଶୁଣାଣି କରି କହିଥିଲେ। ହାଇକୋର୍ଟଙ୍କ ଏହି ରାୟକୁ ନେଇ ବହୁ ବିବାଦ ହୋଇଥିଲା। ବଳାତ୍କାର ଅଭିଯୋଗର ପରିଭାଷାକୁ ନେଇ ଆଲ୍ଲାହାବାଦ ହାଇକୋର୍ଟଙ୍କ ଉକ୍ତ ରାୟକୁ ଅନେକ ଆଇନ ବିଶେଷଜ୍ଞ ସମାଲୋଚନା କରିଥିଲେ। ହାଇକୋର୍ଟଙ୍କ ଏହି ବିବାଦୀୟ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ସେଥିରେ ହସ୍ତକ୍ଷେପ କରିବାକୁ ସୋମବାର ମନା କରିଥିବାବେଳେ ମଙ୍ଗଳବାର ନିଜ ଆଡୁ ମାମଲାକୁ ଗ୍ରହଣ କରିଛନ୍ତି।

# ତାମିଲ ଅଭିନେତା ମନୋଜ ଭାରତୀରାଜାଙ୍କ ପରଲୋକ



**ଚେନ୍ନାଇ,୨୫।୩**

ତାମିଲ ଅଭିନେତା ତଥା ନିର୍ଦ୍ଦେଶକ ମନୋଜ ଭାରତୀରାଜା(୪୮) ଙ୍କର ମଙ୍ଗଳବାର ଚେନ୍ନାଇର ଚେଟ୍‌ପେଟ୍‌ସ୍ଥିତ ନିଜ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। କିଛିଦିନ ତଳେ ତାଙ୍କର ହାର୍ଟ ବାଇପାସ୍ ସର୍ଜରି ହୋଇଥିଲା। ୧୯୯୯ରେ ରିଲିଜ୍ ହୋଇଥିବା 'ତାଜମହଲ' ଫିଲ୍ମରେ ସେ ତାଙ୍କ ଅଭିନୟ କ୍ୟାରିୟରର ଡେବ୍ୟୁ କରିଥିଲେ। ୨୦୦୬ ନଭେମ୍ବର ୧୯ରେ ମନୋଜ ତାମିଲ ଅଭିନେତ୍ରୀ ନନ୍ଦନାଙ୍କୁ ବିବାହ କରିଥିଲେ। ତାଙ୍କ ମୃତ୍ୟୁକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍‌ଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକଟ କରିଛନ୍ତି। ମନୋଜ ହେଉଛନ୍ତି ଖ୍ୟାତନାମା ଫିଲ୍ମ ନିର୍ମାତା ତଥା ଅଭିନେତା ଭାରତୀରାଜାଙ୍କ ପୁଅ।

**ମନେ ପଡ଼ନ୍ତି**

ପ୍ରଥମ ମାସ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ପ୍ରେମଲତା ଦାଶ**
ସ୍ଥାନ- ମଳିପଡ଼ା, ଭୁବନେଶ୍ୱର
ତିରୋଧାନ: ୨୫।୦୨।୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ। ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆପଣଙ୍କ ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶ୍ରଦ୍ଧାସୁମନ ସହ- ଟିପା, ବୁଲୁ, ଟୁଲୁ, ମାମି, ବୋହୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୧୫୯୮



# ଖରାଟିଆ ଗେଣ୍ଡୁଫୁଲ ଚାଷ

ପୂର୍ବରୁ ଖରାଟିଆ ଗେଣ୍ଡୁଫୁଲ ତଳି ପକାଇ ନ ଥିଲେ ଏବେ ତଳି ପକାନ୍ତୁ। ଅଧିକ ଅମଳକ୍ଷମ କମଳା ରଙ୍ଗ ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡ଼ିକୁ ଧାଡ଼ି ୫ ସେ.ମି. ବ୍ୟବଧାନରେ ବିହନକୁ ୧ ସେ.ମି. ଗଭୀରରେ ବୁଣନ୍ତୁ। ଅତ୍ୟଧିକ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ତଳିଘରାରେ ନଡ଼ା ଘୋଡ଼ାଇ ଦିଅନ୍ତୁ। ଏକରକୁ ୩୫୦ରୁ ୪୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ। ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରିରେ ଲଗାନ୍ତୁ। ଜମିକୁ ଭଲଭାବେ ଗୁଣ୍ଡକରି ଏକର ପ୍ରତି ୧୦ ଟନ୍ ଶଢ଼ା ଗୋବରଖତ ମିଶାଇ ଦିଅନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ, ୮୦ କି.ଗ୍ରା. ଫସ୍‌ଫରସ୍ ଓ ୮୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରନ୍ତୁ ଏବଂ ୧୬ କି.ଗ୍ରା. ଯବକ୍ଷାରଜାନ ୧ମାସ ପରେ କୋଡ଼ାଖୁସା କରି ଘାସ ବାଛି ପ୍ରୟୋଗ କରନ୍ତୁ। ତଳି ବଦଳରେ ଏକର ପ୍ରତି ୪୦,୦୦୦ କଟିଂସ ଦରକାର ହୋଇଥାଏ। ଧାଡ଼ିକୁ ଧାଡ଼ି ୩୦ ଓ ଗଛକୁ ଗଛ ୨୦-୨୦ ସେ.ମି. ବ୍ୟବଧାନରେ ରୁଅନ୍ତୁ। ତଳି ରୋଇବାର ୪୦ ଦିନ ପରେ ଅଗଡାଳଗୁଡିକୁ ଭାଙ୍ଗି ଦିଅନ୍ତୁ।

# ଜୈବିକ ପଦ୍ଧତିରେ ବନ୍ଧାକୋବି ଚାଷ

''ବନ୍ଧାକୋବି ଚାରା ରୋଇବାର ୪୦-୫୦ଦିନ ପୂର୍ବରୁ ନିର୍ଦ୍ଧାରିତ ଜମିରେ ଏକର ପ୍ରତି ୧୦୦ କି.ଗ୍ରା. ନିମ, ସୋରିଷ କିମ୍ବା କରଞ୍ଜ ପିଡ଼ିଆ, ୧୨୦ କି.ଗ୍ରା. ରକ୍ ଫସ୍‌ଫେଟ୍ ଏବଂ ୪୦ କି.ଗ୍ରା. କାଠ ପାଉଁଶ ପକାଇ ହଳ କରିଦିଅନ୍ତୁ। ଏପରି ହଳ କରନ୍ତୁ ଯେ, ଯେମିତି ଏଗୁଡ଼ିକ ଭଲ ଭାବରେ ମାଟିରେ ମିଶିଯିବ। ତା'ପରେ ଏକର ପ୍ରତି ୨୦ କି.ଗ୍ରା. ଛଣି ମଞ୍ଜି ବୁଣନ୍ତୁ। ଅମ୍ଳୀୟ ମାଟିରେ ଏକର ପ୍ରତି ୨୦୦ କି.ଗ୍ରା. କାଗଜକଳ ମଇଳା ପ୍ରୟୋଗ କରନ୍ତୁ। ରୋପଣ ପାଇଁ ଜମି ପ୍ରସ୍ତୁତି ସମୟରେ ଛଣି ଫସଲ ଶଢ଼ା କମ୍ପୋଷ୍ଟକୁ ମାଟିରେ ମିଶାଇ ପଟାଳିକରି କିସମ ଓ ସମୟ ଅନୁସାରେ ନିର୍ଦ୍ଦିଷ୍ଟ ଦୂରତାରେ ବନ୍ଧାକୋବି ବିହନ ଲଗାନ୍ତୁ।''

ଆଜିର ଦିନରେ ଚାଷୀଭାଇମାନେ ଜୈବିକ ପଦ୍ଧତିକୁ ଆପଣେଇ ନେଇଛନ୍ତି। କେବଳ ସେତିକି ନୁହେଁ, ରାସାୟନିକ ସାର ପଦ୍ଧତିକୁ ଭୁଲିବାକୁ ଚାହୁଁଛନ୍ତି। କାରଣ ସାରା ବିଶ୍ୱରେ ପ୍ରଦୂଷଣର ମାତ୍ରା ବଢ଼ି ବଢ଼ି ଚାଲିଛି। ଆମ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ତେଣୁ ଆମ ରାଜ୍ୟରେ ପ୍ରାୟ ୭୦-୭୫ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରକରନ୍ତି। ଏପରିକି ପରିବାଚାଷକୁ ବିଶେଷ ଧ୍ୟାନ ଦେଇଥାଆନ୍ତି। ଧାନ, ମୁଗ, ବିରି, କୋଳଥ, ମାଣ୍ଡିଆ ଏବଂ ଗହମଠାରୁ ପନିପରିବା ମଧ୍ୟରେ ବନ୍ଧାକୋବି ଏକ ଲାଭଜନକ ଫସଲ। ଏହା ମୁଖ୍ୟତଃ ଶୀତଋତୁରେ ଚାଷ କରାଯାଉଛି। ହେଲେ ଆଜିକାଲି ଗରମ ସହଣୀ କିସମଗୁଡ଼ିକ ଚାଷ ଅନ୍ୟ ସମୟରେ ମଧ୍ୟ କରାଯାଇପାରିବ। ସାଧାରଣତଃ ବନ୍ଧାକୋବିକୁ ଭଜା, ତରକାରି, ସାଲାଡ, ଛେଞ୍ଚୁଡା, ସୁପ୍, ଭେଜ୍ ମୋମୋ, ଭେଜ୍ ଚାଉମିନ୍ ପାଇଁ ବ୍ୟବହାର କରାଯାଇଥାଏ।



**ଜଳବାୟୁ**

ବନ୍ଧାକୋବି ଚାଷ ପାଇଁ ଆର୍ଦ୍ର ଓ ଥଣ୍ଡା ଜଳବାୟୁ ଦରକାର ହୋଇଥାଏ। ଅଧିକ ଶୁଷ୍କ ଓ ଗରମ ପାଗରେ ବନ୍ଧାକୋବି ଭଲ ବାନ୍ଧେ ନାହିଁ। ତା'ସହ ଏହାର ବାସ୍ନା ମଧ୍ୟ କମି କମି ଯାଏ।

**ମୃତ୍ତିକା**

ବନ୍ଧାକୋବି ଚାଷ କରୁଥିଲେ ପ୍ରଥମେ ମୃତ୍ତିକା ପ୍ରତି ଧ୍ୟାନଦେବା ଦରକାର। ନିଗିଡ଼ା, ଉର୍ବର, ଦୋରସା ମାଟି ଏହି ଚାଷ ପାଇଁ ଭଲ। ମାଟିର ପିଏଚ୍ ୫.୫-୬.୫ ହେବା ଆବଶ୍ୟକ। ବାରମ୍ବାର ଗୋଟିଏ ଜମିରେ କୋବି ଫସଲ ନ କରି ଡାଲିଜାତୀୟ ଫସଲ ଚକ୍ରରେ ଗ୍ରହଣ କରନ୍ତୁ। ରାସାୟନିକ କ୍ଷେତଠାରୁ ୨୫-୫୦ ଫୁଟ ଦୂରରେ ଜୈବିକ କୋବି ଚାଷ କରନ୍ତୁ।

**କିସମ**

ଅଧିକ ଅମଳ ପାଇଁ ବନ୍ଧାକୋବିର ଉନ୍ନତ କିମସ ଚୟନ କରନ୍ତୁ। ଏହାର ଉନ୍ନତ କିସମ ମଧ୍ୟରେ ରହିଛି-ଗୋଲ୍‌ଡେନ୍ ଏକ୍ସ, ପ୍ରାଇଡ୍ ଅଫ୍ ଇଣ୍ଡିଆ, ପୁଷା ଏବଂ ଡ୍ରମ ହେଡ୍। ଅନ୍ୟପକ୍ଷରେ ସଙ୍କର ଜାତୀୟ ବନ୍ଧାକୋବି କିସମ ମଧ୍ୟରେ ଅଛି-ଗ୍ରୀନ୍ ଗୋଲ୍‌ଡ, ସଙ୍ଗମ, କ୍ରାନ୍ତି, ସୁଜାତା, ଗ୍ରୀନ୍ ଏକ୍ସପ୍ରେସ୍ ଏବଂ ବିଜୟ। ବିଶେଷଭାବରେ ରୋଗ ନିରୋଧକ ଜୈବିକ କ୍ଷେତରୁ ଉତ୍ପାଦିତ ବିହନ ବ୍ୟବହାର କରନ୍ତୁ। ବିହନ ଲଗାଇବା ପୂର୍ବରୁ ରାସାୟନିକ ଫିମ୍ପିନାଶକ ଦ୍ୱାରା ସେଗୁଡ଼ିକୁ ବିଶୋଧନ କରନ୍ତୁ ନାହିଁ।

**ଚାରା ପ୍ରସ୍ତୁତି**

ପ୍ରଥମେ ମାଟିକୁ ସୂର୍ଯ୍ୟକିରଣ ବିଶୋଧନ ପଲିଥିନ୍‌ରେ ଘୋଡ଼ାଇଦିଆଯାଏ। ବନ୍ଧାକୋବି ଲଗାଇବାର ୩୦-୪୦ ଦିନ ପୂର୍ବରୁ ୪୦-୫୦ ବର୍ଗମିଟର ତଳିଘରା ପ୍ରସ୍ତୁତ କରନ୍ତୁ। ଏହାର ବର୍ଗମିଟର ପ୍ରତି ୩ କି.ଗ୍ରା. ଜିଆଖତ କିମ୍ବା ଶଢ଼ା କମ୍ପୋଷ୍ଟ ଏବଂ ୨୫୦ ଗ୍ରାମ ନିମ ପିଡ଼ିଆ ମିଶାନ୍ତୁ। ୧୦ ଗ୍ରାମ ଟ୍ରାଇକୋଡର୍ମା ଭିତ୍ତିକୁ କମ୍ପୋଷ୍ଟ ସହିତ ମିଶାଇ ପକାନ୍ତୁ। ଏହାଦ୍ୱାରା ମୂଳଶଢ଼ା ରୋଗ ହୋଇ ନ ଥାଏ।

**ଲଗାଇବା ପ୍ରଣାଳୀ**

ବନ୍ଧାକୋବି ଚାରା ରୋଇବାର ୪୦-୫୦ଦିନ ପୂର୍ବରୁ ନିର୍ଦ୍ଧାରିତ ଜମିରେ ଏକର ପ୍ରତି ୧୦୦ କି.ଗ୍ରା. ନିମ, ସୋରିଷ କିମ୍ବା କରଞ୍ଜ ପିଡ଼ିଆ, ୧୨୦ କି.ଗ୍ରା. ରକ୍ ଫସ୍‌ଫେଟ୍ ଏବଂ ୪୦ କି.ଗ୍ରା. କାଠ ପାଉଁଶ ପକାଇ ହଳ କରିଦିଅନ୍ତୁ। ଏପରି ହଳ କରନ୍ତୁ ଯେ, ଯେମିତି ଏଗୁଡ଼ିକ ଭଲ ଭାବରେ ମାଟିରେ ମିଶିଯିବ। ତା'ପରେ ଏକର ପ୍ରତି ୨୦ କି.ଗ୍ରା. ଛଣି ମଞ୍ଜି ବୁଣନ୍ତୁ। ଅମ୍ଳୀୟ ମାଟିରେ ଏକର ପ୍ରତି ୨୦୦ କି.ଗ୍ରା. କାଗଜକଳ ମଇଳା ପ୍ରୟୋଗ କରନ୍ତୁ। ରୋପଣ ପାଇଁ ଜମି ପ୍ରସ୍ତୁତି ସମୟରେ ଛଣି ଫସଲ ଶଢ଼ା କମ୍ପୋଷ୍ଟକୁ ମାଟିରେ ମିଶାଇ ପଟାଳିକରି କିସମ ଓ ସମୟ ଅନୁସାରେ ନିର୍ଦ୍ଦିଷ୍ଟ ଦୂରତାରେ ବନ୍ଧାକୋବି ବିହନ ଲଗାନ୍ତୁ। ସଅଳ କିସମ ପାଇଁ ୪୪-୬୦x୩୦ ସେ.ମି., ମଧ୍ୟମ କିସମ ପାଇଁ ୬୦x୪୫ ସେ.ମି. ଏବଂ ବିଳମ୍ବ କିସମ ପାଇଁ ୬୦-୭୫x୪୫-୬୦ସେ.ମି. ବ୍ୟବଧାନ ରହିବା ଦରକାର। ଲଗାଇବା ପୂର୍ବରୁ ଚାରାର ମୂଳକୁ ଟ୍ରାଇକୋଡର୍ମା ଭିରିଡି ଦ୍ୱାରା ବିଶୋଧନ କରିବା ଦରକର।

**ଖତସାର ପରିଚାଳନା**

ବନ୍ଧାକୋବି ଚାଷ ପାଇଁ ଜମି ପ୍ରସ୍ତୁତ କରିବା ସମୟରେ ଖତସାର ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। ଏହି ସମୟରେ ଏକର ପ୍ରତି ୬-୮ ଟନ୍ ଶଢ଼ା କମ୍ପୋଷ୍ଟ ଏବଂ ୧୨୦ କି.ଗ୍ରା. ରକ୍ ଫସ୍‌ଫେଟ୍ ପ୍ରୟୋଗ କରାଯାଏ। ନିମ ପିଡ଼ିଆ ୧-୬ କୁଇଣ୍ଟାଲ ପ୍ରୟୋଗ କରନ୍ତୁ। ଆବେଟୋବେକ୍ଟର ଏବଂ ଫସ୍‌ପୋକଲ୍‌ଚର ଚାରା ବିଶୋଧନକରି ନ ଥିଲେ ମାଟିରେ ଏକର ପ୍ରତି ୩ କି.ଗ୍ରା. ଲେଖାଏ ଦିଆଯିବା ଉଚିତ। ପ୍ରଥମ ଏବଂ ଦ୍ୱିତୀୟ କୋଡ଼ାଖୋସା ସମୟରେ ଏକର ପ୍ରତି ୧ଟନ୍ ଜିଆଖତ ଏବଂ ୨ କୁଇଣ୍ଟାଲ ଷ୍ଟେରାମିଲ ୨ ଥରରେ ପ୍ରୟୋଗ କରାଯାଏ। ବିହନ ଲଗାଇବାର ୧୫-୨୦ ଏବଂ ୨୫-୩୦ ଦିନରେ କୋଡ଼ାଖୁସାକରି ଅନାବନା ଗଛ ବାଛି ଦେଇ ହୁଡ଼ା ଟେକାଯାଏ। ଛାଦିକରଣ କଲେ ଅମଳ ବଢ଼ିଥାଏ। ମାଟିରେ ବତର ଦେଖି ଓ ପାଗ ଦେଖି ଜଳସେଚନ କରାଯାଏ।

**ରୋଗପୋକ ପରିଚାଳନା**

ବନ୍ଧାକୋବିରେ ମୂଳଶଢ଼ା ରୋଗ ଦମନ ପାଇଁ ବିହନ ଓ ତଳି ଘରାକୁ ଟ୍ରାଇକୋଡର୍ମା ଭିରିଡି ଦ୍ୱାରା ବିଶୋଧନ କରାଯାଏ। ତଳିଘରା ମାଟିକୁ ପ୍ରତିବର୍ଷ ବଦଳାନ୍ତୁ। ବନ୍ଧାକୋବିରେ କଳାପଚା ଦାଗ ଦେଖାଦେଲେ ବିହନ ବୁଣିବା ପୂର୍ବରୁ ୫୦ ଡିଗ୍ରୀ ସେଲ୍‌ସିୟସ ଉପରେ ୩୦ ମିନିଟ୍ ରଖାଯାଏ। ଠିକିରିପିଠିଆ ପୋକ, କରଡ଼ି ମାଛି, ପତ୍ରଜାଲ ପୋକ, ବରପୋକ ଏବଂ କାଣ୍ଡବିନ୍ଧା ପୋକ ଦମନ ପାଇଁ ଅଧିକ ପତ୍ର ଥିବା ଦୁଇ ଧାଡ଼ି ସୋରିଷ (ମିଟର ପ୍ରତି ୫୦-୬୦ ଗଛ) ଲଗାନ୍ତୁ ଏବଂ ୨୫ ଧାଡ଼ି କୋବି ମିଶ୍ରିତ ଫସଲ ଚାଷ କରନ୍ତୁ। ଜମିର ଆରମ୍ଭ ଏବଂ ଶେଷରେ ସୋରିଷ ଧାଡ଼ି ଲଗାଯାଏ। ଚାରା ଲଗାଇବାର ୧୪ ଏବଂ ୨୮ ଦିନରେ ନିମରୁ ପ୍ରସ୍ତୁତ କୀଟନାଶକ (ଏନ୍ଏସ୍‌କେଇ ୫ ପ୍ରତିଶତ) କୋବିରେ ସ୍ପ୍ରେ କରାଯାଏ। ଆବଶ୍ୟକସ୍ଥଳେ ୧୦-୧୫ ଦିନ ବ୍ୟବଧାନରେ ଆଉ ୨ ଥର ଏହି ସିଞ୍ଚନ କରାଯାଏ। ଠିକିରିପିଠିଆ, କାଣ୍ଡବିନ୍ଧା ଏବଂ ଶୁଁବାଳୁଆ କୀଟମାନଙ୍କୁ ପରିଚାଳନା କରିବା ପାଇଁ ବାସିଲମ୍, ଥୁରିନବିନେନସିସ୍ (ଏକର ପ୍ରତି ୪୦ ଗ୍ରାମ) ସ୍ପ୍ରେ କରାଯାଏ।

**ଅମଳ**

ପୂର୍ଣ୍ଣ ଆକାରରେ ଏବଂ ଟାଣ ଥିବା ଅବସ୍ଥାରେ ୬୦-୧୨୦ ଦିନ ମଧ୍ୟରେ ବନ୍ଧାକୋବି ଅମଳ କରାଯାଏ। ଏକର ପ୍ରତି ୮୦-୧୦୦ କୁଇଣ୍ଟାଲ ବନ୍ଧାକୋବି ଅମଳ କରାଯାଇପାରିବ।

-ଡ. ମାନସ ରଞ୍ଜନ ପଟ୍ଟନାୟକ, ପ୍ରିନ୍ସିପାଲ, ଆଗ୍ରୋ ପଲିଟେକ୍‌ନିକ ସେଣ୍ଟର, ଓୟୁଏଟି, ବୌଦ୍ଧ
ମୋ : ୯୪୩୯୬୩୮୦୦୪
-ଦିଲୀପ କୁମାର ସାହୁ, ଅଧ୍ୟାପକ, ଆଗ୍ରୋ ପଲିଟେକ୍‌ନିକ ସେଣ୍ଟର, ଓୟୁଏଟି, ବୌଦ୍ଧ



# ରଜନୀଗନ୍ଧାରେ ସାର ପ୍ରୟୋଗ

ଆଗରୁ ଲଗାଯାଇଥିବା ରଜନୀଗନ୍ଧା ୩୦ଦିନର ହୋଇଯାଇଥିଲେ ଏକର ପ୍ରତି ୮୫କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ରଜନୀଗନ୍ଧା ନ ଲଗାଇଥିଲେ ଏହା ମେ ମାସ ପର୍ଯ୍ୟନ୍ତ ଲଗାଇପାରିବେ। କୋଲକାତା ସିଙ୍ଗଲ,ଶ୍ରୀଙ୍ଗାର,କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନୀ(ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୧୭୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ସବୁତକ ଫସ୍‌ଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ। କନ୍ଦାଗୁଡିକ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ ଡିଗ୍ରୀ ସେଲସିଅସ୍‌ରେ ରହିଥିବା କନ୍ଦାଗୁଡ଼ିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କି.ଗ୍ରା. ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

## ଅଳ୍ପରେ



**ରାଶି :** ଜମି ପ୍ରସ୍ତୁତକରି ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନରେ ବୁଣନ୍ତୁ। ବୁଣିବା ବେଳକୁ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରନ୍ତୁ। ଅନୁମୋଦିତ କିସମଗୁଡିକହେଲା-କନକ,ଉଷା,ଉମା,ଅମ୍ରିତ୍,ପ୍ରାଚୀ,ନିର୍ମଳା,ସ୍ମାରକଓଶୁଭ୍ରା।

**କପା :** କପାଚାଷ ପାଇଁ ଜମିକୁ ୮-୧୦ ଓଡ଼ ଗଭୀର ଚାଷକରି ମଇଦେଇ ମାଟିକୁ ଭଲରେ ଗୁଣ୍ଡ କରିଦିଅନ୍ତୁ। ହେକ୍ଟର ପ୍ରତି ଉନ୍ନତ କିସମ (ଏମ୍‌ସିୟୁ-୫) ବିହନ ବା ସଙ୍କର ଜାତୀୟ (ସବିତା, ସୂର୍ଯ୍ୟ) ୨.୦-୨.୫ କି.ଗ୍ରା. ଧାଡ଼ିକୁ ଧାଡ଼ି ୯୦ ସେ.ମି. ଏବଂ ମଞ୍ଜିକୁ ମଞ୍ଜି ୬୦ ସେ.ମି. ବ୍ୟବଧାନ ରଖି ଓ ୪-୫ ସେ.ମି. ଗଭୀରରେ ଦୁଇଟି ଲେଖାଏଁ ମଞ୍ଜି ପୋତନ୍ତୁ। ସଘନ କପାଚାଷ ପଦ୍ଧତି ପାଇଁ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ବିହନକୁ ୬୦x୧୦ ସେ.ମି. ବ୍ୟବଧାନରେ ବୁଣାଯାଏ।



**ନଳିତା:** ନଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ। ଫସଲ ଗଜା ହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉଥରେ କୋଡ଼ାଖୁସା ଓ ଘାସ ବଛା କରି ଗଛ ପତଳାକରି ଦିଅନ୍ତୁ ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ। ଏହି ସମୟରେ ହେକ୍ଟର ପ୍ରତି ୨୦-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ। ଜୁନ୍ ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ। ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ।

# ହଳଦୀ ଲଗାଇବା ପୂର୍ବରୁ...



ରୋମା, ସୁରମା, ରଙ୍ଗ, ରଶ୍ମି ନାମରେ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଏକ ଏକର ଜମି ପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର। ଏହି ଖଣ୍ଡଗୁଡ଼ିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡଚାଷକରି ୧ ମିଟର ଓସାର ,୧୫ସେ.ମି. ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା. ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ୍) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡ଼ି ଗୋବରଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ ,୧୨କି.ଗ୍ରା. ଫସ୍‌ଫରସ,୩୬କି.ଗ୍ରା. ପଟାସ ୩ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସ୍‌ଫେଟ୍ ଓ ଅଧା ମ୍ୟୁରିଏଟ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।

# ଢିପଜମିରେ ଡାଲି ଜାତୀୟ ଫସଲ ଚାଷ

ଜମି ପ୍ରସ୍ତୁତକରି ନିଗିଡ଼ା ଢିପଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫-୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫-୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ। ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ। ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ। ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ।

# ସବୁଜ ଗୋଖାଦ୍ୟ ଫସଲ

ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ। ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ , ୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।



# ପ୍ରାଣୀଙ୍କୁ ଅଂଶୁଘାତ ଓ ପ୍ରତିକାର

(ଶେଷ ଭାଗ)

## ଅଂଶୁଘାତ ଦୂରୀକରଣ ପାଇଁ କେତେକ ଆଶୁ ପଦକ୍ଷେପ



ସମସ୍ତ ପଶୁପକ୍ଷୀଙ୍କୁ ଉତ୍ତମ ବାୟୁ ଚଳାଚଳ କରୁଥିବା ଗୃହରେ ରଖନ୍ତୁ। ଗୃହକୁ ଦିନବେଳା ଛାଇ ପରିବେଶରେ ରଖିବାକୁ ପଦକ୍ଷେପ ନିଅନ୍ତୁ। ଦିନବେଳା ଗୋରୁଙ୍କୁ ଗଛ ଛାଇମୂଳେ ରଖନ୍ତୁ। ଘରର ସମସ୍ତ ଦ୍ୱାର ଓ ଝରକା ଖୋଲା ରଖନ୍ତୁ। ପଶୁପକ୍ଷୀଙ୍କୁ ରଖାଯାଇଥିବା ପ୍ରତ୍ୟେକ ଘରେ ସିଲିଂ ପଙ୍ଖାର ବ୍ୟବସ୍ଥା କରନ୍ତୁ। ଗୋରୁଙ୍କୁ (ସଙ୍କର ଜାତୀୟ) ଦିନକୁ ଥରେ କିମ୍ବା ଦୁଇଥର ବରଫ ଥଣ୍ଡା ପାଣିରେ ଗାଧୋଇ ଦିଅନ୍ତୁ। କୁକୁରର ଦେହ ଏବଂ ଅଙ୍ଗ ପ୍ରତ୍ୟଙ୍ଗକୁ ବରଫ ପାଣିରେ ବୁଡ଼ାଇ ରଖନ୍ତୁ। ଅଂଶୁଘାତରେ ଆକ୍ରାନ୍ତ ପ୍ରାଣୀମାନଙ୍କ ଶରୀର ଚର୍ମର ଉପରିଭାଗରେ ବରଫ ଖଣ୍ଡରେ ଘଷନ୍ତୁ କିମ୍ବା କପଡ଼ା ଭିଜା ବରଫ ଥଣ୍ଡାପାଣିରେ ଶରୀରକୁ ପୋଛିଆଣନ୍ତୁ। ପ୍ରାଣୀମାନଙ୍କୁ ବରଫ ଖଣ୍ଡ ଚାଟିବାକୁ ଦିଅନ୍ତୁ। ପରିଷ୍କାର ଥଣ୍ଡା ପିଇବା ପାଣି ଯଥେଷ୍ଟ ପରିମାଣରେ ପିଇବାକୁ ଦିଅନ୍ତୁ। ଘରର ଛପର ଉପରେ କଞ୍ଚା ନଡ଼ିଆ ବାଉଁଙ୍ଗା, ଜାମୁଡ଼ାଳ, ଛଣ ବା ନଡ଼ା ଆଦି ପକାଇ ଘୋଡ଼ାଇ ରଖନ୍ତୁ। ଆଗାମୀ ବର୍ଷ ପାଇଁ ବର୍ଷାଦିନର ପ୍ରାରମ୍ଭରେ ଛାଇ ପ୍ରଦାନ କରୁଥିବା ଗଛ ଯଥା - ନଡ଼ିଆ, ଦେବଦାରୁ, ସୁବାବୁଲ, ଅଗସ୍ତି, କୃଷ୍ଣଚୂଡ଼ା ଆଦି ଧାଡ଼ିକରି ଲଗାନ୍ତୁ। ଘରର ଦ୍ୱାର ଓ ଝରକାର ବାହାରେ ଦିନବେଳା ଓଦା ଅଖା ବା ବେଣାମୁଡ଼ା ଚେରର ପରଦା ଟାଙ୍ଗନ୍ତୁ ଏବଂ ଖରା କମିଲେ ଏହାକୁ ଉପରକୁ ଟେକନ୍ତୁ।

## ଅଂଶୁଘାତର ଚିକିତ୍ସା

ମୁଣ୍ଡର ଉପରିଭାଗରେ ଥଣ୍ଡା ପାଣି ଢାଳିବା ସହ ବରଫ ଥଣ୍ଡା ପାଣି ଭିଜା କପଡ଼ାରେ ସମ୍ପୂର୍ଣ୍ଣ ଶରୀରକୁ ପୋଛିଆଣନ୍ତୁ। କେତେକ ପ୍ରାଣୀଙ୍କ ଶରୀରକୁ ଥଣ୍ଡା ପାଣିରେ ବୁଡ଼ାଇ ରଖିଲେ ମଧ୍ୟ ପ୍ରାଣୀ ଆରୋଗ୍ୟ ଲାଭକରେ। ବରଫ ଥଣ୍ଡା ନର୍ମାଲ ସାଲାଇନ୍ କିମ୍ବା ୫% ଡେକ୍ସଟ୍ରୋଜ୍ ସାଲାଇନ୍ ଜଳଶୁଷ୍କତା ପ୍ରାଣୀମାନଙ୍କୁ ଦିଆଯାଏ। ଆସ୍‌ପିରିନ୍, ସାଲିସିଲେଟ୍ କିମ୍ବା ପାରାସିଟାମଲ୍ ଇଞ୍ଜେକସନ୍ ଶରୀରରେ ଉତ୍ତାପ କମାଇବା ପାଇଁ ଦିଆଯାଇଥାଏ। ଷ୍ଟିରଏଡ୍ ଇଞ୍ଜେକ୍‌ସନ୍ ସେରିବ୍ରାଲ୍ ଏଡିମୋ ଏବଂ ସକ୍‌ରୁ ରକ୍ଷା ପାଇବାପାଇଁ ଦିଆଯାଏ। ପ୍ରାଣୀମାନଙ୍କର ଅସ୍ଥିରତା ରୋକିବା ପାଇଁ ଟ୍ରାଙ୍କୁଲାଇଜର ଯଥା - ସିକିଲ୍, ଲାର୍ଗାକ୍ଟିଲ୍ ଇଞ୍ଜେକ୍‌ସନ୍ ଇତ୍ୟାଦିର ସାହାଯ୍ୟ ନିଆଯାଏ। ସୋଡିୟମ୍ ବେଞ୍ଜଏଟ୍ ଟ.୫-୧୦ ଗ୍ରାମ୍ ଚମଡ଼ା ତଳେ ଇଞ୍ଜେକ୍‌ସନ୍ ଆକାରରେ ଦିଆଯାଏ। ଅନ୍ୟାନ୍ୟ ଜୀବାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆଣ୍ଟିବାଓଟିକ୍ସ ଦିଆଯାଏ। ସମସ୍ତ ରୋମନ୍ଥନ ପ୍ରାଣୀମାନଙ୍କୁ ରାତ୍ରର ଥଣ୍ଡା ପ୍ରହରରେ ପୁଷ୍ଟିକର ସୁଷମ ଦାନା ଜାତୀୟ ଖାଦ୍ୟ ଖାଇବାକୁ ଦେବା ଉଚିତ ଏବଂ ଦିନରେ ସବୁଜ ଘାସ, ଆଜୋଲା, ନଡ଼ାକୁଟା ଆଣି ଦେବା ଦରକାର।

-ଡା. ବୀରକିଶୋର ପରିଡ଼ା
ମୋ : ୯୪୩୭୬୦୭୩୧୨

ଧରିତ୍ରୀ DHARITRI 51 Years

# ପଞ୍ଜାବ ୧୧ ରନରେ ବିଜୟୀ

**ଅହମଦାବାଦ, ୨୫।୩**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ୧୧ ରନରେ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରିଛି। ଅଧିନାୟକ ଶ୍ରେୟସ ଆୟରଙ୍କ ଅପରାଜିତ ୯୭ ରନ ସହାୟତାରେ ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୫ ଉଇକେଟ ହରାଇ ୨୪୩ ରନ କରିଥିଲା। ୨୪୪ ରନ ବିଜୟ ଲକ୍ଷ୍ୟରେ ଗୁଜରାଟ ଟାଇଟନ୍ସ ଲଢ଼େଇ କରିଥିଲେ ହେଁ ୨୦ ଓଭରରେ ୫ ଉଇକେଟ ହରାଇ ୨୩୨ ରନ କରିବାକୁ ସକ୍ଷମ ହୋଇଥିଲା।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଗୁଜରାଟ ଅଧିନାୟକ ଶୁବମନ ଗିଲ୍। ପ୍ରଭସିମରନ ସିଂ ଯଦିଓ ମାତ୍ର ୫ ରନ କରି ଆଉଟ ହୋଇଥିଲେ ତେବେ ଡେବ୍ୟୁ କରିଥିବା ଯୁବ ଓପନର ପ୍ରିୟାଂଶ ଆର୍ଯ୍ୟ ଓ ଅଧିନାୟକ ଶ୍ରେୟସ ଆୟର ବିସ୍ଫୋରକ ବ୍ୟାଟିଂ କରି ପଞ୍ଜାବର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଦ୍ୱିତୀୟ ଉଇକେଟରେ ଦୁହେଁ ମାତ୍ର ୨୧ ବଲ୍‌ରୁ ୫୧ ରନର ଭାଗୀଦାରି ଗଢ଼ିଥିଲେ। ଭଲ ଆରମ୍ଭ କରିଥିବା ଆର୍ଯ୍ୟ ୨୩ ବଲ୍‌ରୁ ୭ ଚୌକା ଓ ୨ ଛକା ସହାୟତାରେ ୪୭ ରନ କରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଆଜମତୁଲ୍ଲା ଓମାରଜାଇ ଆକ୍ରମଣାତ୍ମକ ବ୍ୟାଟିଂ ଉଦ୍ୟମ କରିଥିଲେ। ମାତ୍ର ୧୧ତମ ଓଭରର ୩ୟ ଓ ୪ର୍ଥ ବଲ୍‌ରେ ଯଥାକ୍ରମେ ଓମାରଜାଇ ଓ ଗ୍ଲେନ ମ୍ୟାକ୍ସୱେଲଙ୍କୁ ଆଉଟ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ ଆର. ସାଇ କିଶୋର। ଏହି ଅବସରରେ ଏକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଥିଲେ ମ୍ୟାକ୍ସି। ସେ ଆଇପିଏଲ୍‌ରେ ସର୍ବାଧିକ ୧୯ ଥର ଡକ୍ (୦)ରେ ଆଉଟ ହୋଇଥିଲେ। ରୋହିତ ଶର୍ମା ଓ ଦୀନେଶ କାର୍ତ୍ତିକ ୧୮ ଥର ଲେଖାଏ ଡକ୍‌ରେ ଆଉଟ ହୋଇ ଯୁଗ୍ମ ଦ୍ୱିତୀୟରେ ରହିଛନ୍ତି। ମାର୍କସ ଷ୍ଟୋଇନିସ ମଧ୍ୟ ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲେ ହେଁ ୧୫ ବଲ୍‌ରୁ ୨୦ ରନ କରି ସାଇ କିଶୋରଙ୍କ ତୃତୀୟ ଶିକାର ବନିଥିଲେ। ଅଧିନାୟକ ଆୟର କିନ୍ତୁ ପଞ୍ଜାବ ଇନିଂସ ସମ୍ଭାଳିବାକୁ ସଂକଳ୍ପବଦ୍ଧ ଥିଲେ। ଗୋଟିଏ ପଟରେ ଉଇକେଟ ପତନ ଘଟିଥିଲେ ମଧ୍ୟ ବିଚଳିତ ନ ହୋଇ ସେ ଦ୍ରୁତ ହାରରେ ରନ ସଂଗ୍ରହ କରି ଚାଲିଥିଲେ। ତାଙ୍କ ସହ ଶଶାଙ୍କ ସିଂ ଯୋଗଦେବାପରେ ପଞ୍ଜାବ ସ୍କୋର ଦ୍ରୁତ ହାରେ ବଢ଼ି ଯାଇଥିଲା। ଦୁହେଁ ଅସମାପ୍ତ ୬ଷ୍ଠ ଉଇକେଟରେ ମାତ୍ର ୨୮ ବଲ୍‌ରୁ ୮୧ ରନ ଯୋଗ କରିବାରୁ ପଞ୍ଜାବ ସ୍କୋର ୨୪୩ରେ ପହଞ୍ଚି ଯାଇଥିଲା। ଆୟର ୯୭ ରନରେ ଅପରାଜିତ ଥିବାବେଳେ ଶଶାଙ୍କ ସିଂ ଶେଷ ୭ଟି ବଲ୍ ଖେଳିଥିଲେ ମଧ୍ୟ ଆୟରଙ୍କୁ ଷ୍ଟ୍ରାଇକ୍ ଦେଇ ନ ଥିଲେ। ଫଳରେ ଅଧିନାୟକ ୩ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ସେ ୪୨ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୫ ଚୌକା ଓ ୯ ଛକା ମାରିଥିଲେ। ଶଶାଙ୍କ ୧୬ ବଲ୍‌ରୁ ୬ ଚୌକା ଓ ୨ ଛକା ସହାୟତାରେ ୪୪ ରନରେ ଅପରାଜିତ ରହିଥିଲେ। ଆର. ସାଇକିଶୋରଙ୍କୁ ଛାଡ଼ିଦେଲେ ଗୁଜରାଟର ଅନ୍ୟ ସମସ୍ତ ବୋଲର ମହଙ୍ଗା ରହିଥିଲେ। ସାଇକିଶୋର ୩ଟି ଏବଂ ରଶିଦ ଖାଁ ଓ କାଗିଶୋ ରାବାଡ଼ା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଗୁଜରାଟ ପାଇଁ ଅଧିନାୟକ ଗିଲ୍ ଓ ସାଇ ସୁଦର୍ଶନ ଭଲ ଆରମ୍ଭ କରିଥିଲେ। ଦୁହେଁ ୩୫ ବଲ୍‌ରୁ ୬୧ ରନ ଯୋଗ କରିବାପରେ ଗିଲ୍‌ଙ୍କୁ ଆଉଟ କରି ପଞ୍ଜାବକୁ ବ୍ରେକ୍ ଥ୍ରୁ ଦେଇଥିଲେ ଗ୍ଲେନ ମ୍ୟାକ୍ସୱେଲ। ଗିଲ୍ ୧୪ ବଲ୍‌ରୁ ୩୩ (୨ ଚୌକା, ୩ ଛକା) ରନ କରିଥିଲେ। ଏହାପରେ ସୁଦର୍ଶନ ଓ ଜୋସ ବଟଲର ଦ୍ୱିତୀୟ ଉଇକେଟରେ ମାତ୍ର ୪୦ ବଲ୍‌ରୁ ୮୪ ରନର ଭାଗୀଦାରି ଗଢ଼ିବାରୁ ଗୁଜରାଟ ବିଜୟ ପଥରେ ଅଗ୍ରସର ହୋଇଥିଲା। ମାତ୍ର ୧୩ତମ ଓଭରରେ ସୁଦର୍ଶନ (୪୧ ବଲ୍‌ରୁ ୭୪ ରନ, ୫ ଚୌକା, ୬ ଛକା) ଆଉଟ ହେବାରୁ ପଞ୍ଜାବ ଶିବିରରେ ଉତ୍ସାହ ଆସିଥିଲା। ଜୋସ ବଟଲର ଓ ଇମ୍ପାକ୍ଟ ପ୍ଲେୟର ଶେର୍ଫାନ ରଦରଫୋର୍ଡ କ୍ରିଜରେ ଥିଲେ ହେଁ ୧୬ ଓ ୧୭ତମ ଓଭରରେ ମ୍ୟାଚର ମୋମେଣ୍ଟମ ପଞ୍ଜାବ ଆଡ଼କୁ ଢଳିଥିଲା। ଏହି ଦୁଇ ଓଭରରେ ମାତ୍ର ୧୩ ରନ ସଂଗ୍ରହ ହୋଇଥିଲା। ଚାପ କ୍ରମଶଃ ବଢ଼ୁଥିବାବେଳେ ବଟଲର ବ୍ୟକ୍ତିଗତ ୫୪ (୩୩ ବଲ, ୪ ଚୌକା, ୨ ଛକା) ରନକରି ଆଉଟ ହୋଇଥିଲେ। ଏହାପରେ ରାହୁଲ ଟେୱାଟିଆ ୬ ଓ ରଦରଫୋର୍ଡ ୪୬ (୨୮ ବଲ, ୪ ଚୌକା, ୩ ଛକା) ରନରେ ପ୍ୟାଭିଲିୟନ ଫେରିବା ସହ ଗୁଜରାଟ ଆଶା ଶେଷ ହୋଇ ଯାଇଥିଲା। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ ୨ଟି ଏବଂ ଗ୍ଲେନ ମ୍ୟାକ୍ସୱେଲ ଓ ମାର୍କୋ ଜାନସେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଶ୍ରେୟସ ଆୟର।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୨୪୩/୫ (ଶ୍ରେୟସ ଆୟର-୯୭*, ପ୍ରିୟାଂଶ ଆର୍ଯ୍ୟ-୪୭, ଶଶାଙ୍କ ସିଂ-୪୪*, ରବିଚନ୍ଦ୍ରନ ସାଇ କିଶୋର-୩/୩୦, କାଗିଶୋ ରାବାଡ଼ା-୧/୪୧, ରଶିଦ ଖାଁ-୧/୪୮)। ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୩୨/୫ (ସାଇ ସୁଦର୍ଶନ-୭୪, ଜୋସ ବଟଲର-୫୪, ଶେର୍ଫାନ ରଦରଫୋର୍ଡ-୪୬, ଶୁବମନ ଗିଲ୍-୩୩, ଅର୍ଶଦୀପ ସିଂ-୨/୩୬, ଗ୍ଲେନ ମ୍ୟାକ୍ସୱେଲ-୧/୨୬, ମାର୍କୋ ଜାନସେନ-୧/୪୪)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ୍)
ରାଜସ୍ଥାନ
ବନାମ କୋଲ୍‌କାତା
ସ୍ଥାନ: ଗୁଆହାଟୀ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ

# ଭାରତ-ବାଂଲାଦେଶ ମ୍ୟାଚ୍ ଡ୍ର


ଭାରତ-ବାଂଲାଦେଶ ମଧ୍ୟରେ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର୍ସ ଫୁଟବଲ୍ ମ୍ୟାଚ୍।

**ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର୍ସ**

**ଶିଲଂ, ୨୫।୩ (ପି.ଟି.)**

ଭାରତ ଓ ବାଂଲାଦେଶ ମଧ୍ୟରେ ମଙ୍ଗଳବାର ଖେଳାଯାଇଥିବା ୨୦୨୭ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାଇଂ ରାଉଣ୍ଡ ମ୍ୟାଚ ଗୋଲ୍ ଶୂନ୍ୟ ଡ୍ର ଭାବେ ଶେଷ ହୋଇଛି। ଦୁଇ ଦଳ ପୁଣି ଥରେ ନଭେମ୍ବର ୧୮ରେ ପରସ୍ପରକୁ ଭେଟିବେ। ଭାରତ ଏହାର ପରବର୍ତ୍ତୀ କ୍ୱାଲିଫାଇଂ ମ୍ୟାଚ ଜୁନ୍ ୧୦ରେ କୋଲୁନ୍‌ଠାରେ ହଂକଂ ବିପକ୍ଷରେ ଖେଳିବ। ମାର୍ଚ୍ଚ ୧୯ରେ ମାଲଦ୍ୱୀପ ବିପକ୍ଷ ମ୍ୟାଚ ୩-୦ରେ ଜିତିଥିଲା। ଷ୍ଟାର ଷ୍ଟ୍ରାଇକର ସୁନିଲ ଛେତ୍ରୀ ଏହି ମ୍ୟାଚରେ ଅବସରରୁ ଫେରିବା ସହ ତାଙ୍କ ଅନ୍ତର୍ଜାତୀୟ ପ୍ରତ୍ୟାବର୍ତ୍ତନ କରିଥିଲେ। ମୁଖ୍ୟ କୋଚ୍ ମାନୋଲୋ ମାର୍କ୍ୱେଜଙ୍କ ଅଧୀନରେ ଭାରତର ଏହା ଥିଲା ପ୍ରଥମ ବିଜୟ। ୨୦୨୭ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାଇଂର ତୃତୀୟ ରାଉଣ୍ଡର ଗ୍ରୁପ୍ 'ସି'ରେ ଭାରତ ସହିତ ବାଂଲାଦେଶ, ହଂକଂ ଓ ସିଙ୍ଗାପୁର ସ୍ଥାନ ପାଇଛନ୍ତି। ଭାରତ ଏମାନଙ୍କ ମଧ୍ୟରେ ସର୍ବୋଚ୍ଚ ର୍‍ୟାଙ୍କିଙ୍ଗ ପ୍ରାପ୍ତ ଦେଶ। ମଙ୍ଗଳବାର ମ୍ୟାଚ ପ୍ରଥମାର୍ଦ୍ଧ ଖେଳରେ ବାଂଲାଦେଶ ଅଧିକ ଆକ୍ରମଣାତ୍ମକ ଖେଳିଥିଲା। ଭାରତ କିନ୍ତୁ ପରବର୍ତ୍ତୀ ୪୫ ମିନିଟ ଖେଳରେ ଚାପ ପକାଇ ଖେଳିଥିଲା। ସି' ଗ୍ରୁପ୍ ଶୀର୍ଷ ସ୍ଥାନ ଅଧିକାର କରିଥିବା ଦଳ ଯୋଗ୍ୟତା ହାସଲ କରିବ।

# ଦିନିକିଆ ସିରିଜ୍ କାର୍ଯ୍ୟସୂଚୀରେ ପରିବର୍ତ୍ତନ

**ମହିଳା ତ୍ରିରାଷ୍ଟ୍ରୀୟ**

**କଲମ୍ବୋ, ୨୫।୩ (ପି.ଟି.)**

ଭାରତ, ଦକ୍ଷିଣ ଆଫ୍ରିକା ଓ ଆୟୋଜକ ଶ୍ରୀଲଙ୍କାକୁ ନେଇ ହେବାକୁଥିବା ତ୍ରିରାଷ୍ଟ୍ରୀୟ ଦିନିକିଆ କ୍ରିକେଟ ସିରିଜ୍ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି। ଫଳତଃ ଭାରତ ଓ ଦକ୍ଷିଣ ଆଫ୍ରିକା ଏଣିକି ସେମାନଙ୍କ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ମେ' ୭ରେ ଖେଳିବେ। ସ୍ଥାନୀୟ ନିର୍ବାଚନ ମେ ୬ ତାରିଖରେ ହେବାକୁଥିବା ଶ୍ରୀଲଙ୍କା କ୍ରିକେଟ(ଏସ୍‌ଏଲ୍‌ସି) ମଙ୍ଗଳବାର କହିଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ମ୍ୟାଚ୍‌ଗୁଡ଼ିକ ମେ' ୧, ୪, ୬ ଓ ୮ରେ ଖେଳାଯିବାର ଥିଲା। ବର୍ତ୍ତମାନ ଏହା ମେ ୨, ୪, ୭ ଓ ୯ରେ ଖେଳାଯିବ। ଭାରତ ଓ ଦକ୍ଷିଣ ଆଫ୍ରିକା ମେ'୬ରେ ସେମାନଙ୍କ ମ୍ୟାଚ କଲମ୍ବୋସ୍ଥିତ ଆର୍. ପ୍ରେମାଦାସା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳିବାର କାର୍ଯ୍ୟକ୍ରମ ଥିଲା। ଦିନିକିଆ ସିରିଜ୍‌ରେ ଭାଗ ନେଉଥିବା ପ୍ରତ୍ୟେକ ଦଳ ୪ଟି ଲେଖାଏ ମ୍ୟାଚ ଖେଳିବେ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ଭାରତରେ ହେବାକୁଥିବା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ଶ୍ରୀଲଙ୍କା-ଭାରତ ମୁକାବିଲା ସହ ଟୁର୍ନାମେଣ୍ଟ ଏପ୍ରିଲ ୨୭ରେ ଆରମ୍ଭ ହେବ। ଫାଇନାଲ ମେ' ୧୧ରେ ଖେଳାଯିବ। ସମସ୍ତ ମ୍ୟାଚ୍ ଦିନରେ ହିଁ ଖେଳାଯିବ।







1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ